

ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 44 ISSUE-32 SUNDAY 26 JULY 2026 PAGE-12+4 ₹ 7.00 | PANIKOILI | ବର୍ଷ-୪୪ ସଂଖ୍ୟା-୩୨ ରବିବାର ୨୬ ଜୁଲାଇ ୨୦୨୬ ପୃଷ୍ଠା-୧୨+୪ ଟ.୭.୦୦ (ସିନ୍ଦୂରା ସହ)


# ମହଣମହଣ ସ୍ୱର୍ଣ୍ଣାଳଙ୍କାରରେ ଝଟକିଲେ ଦାରୁବ୍ରହ୍ମ

■ ପୁରୀ, ୨୫।୭ (ସମିସ): ସରି ସରି ଆସୁଛି ଶ୍ରୀଗୁଣ୍ଡିଚା ମହୋତ୍ସବ। ଦିନକ ପରେ ନୀଳକନ୍ଦରକୁ ବାହୁଡ଼ିଯିବେ ନୀଳାଦ୍ରିନାଥ। ଏହାର ଅବ୍ୟବହିତ ପୂର୍ବରୁ ଶନିବାର ସିଂହଦ୍ୱାର ସମ୍ମୁଖରେ ରଥାରୂଢ଼ ଦାରୁଦିଅଁଙ୍କର ଅନୁଷ୍ଠିତ ହୋଇଛି ସୁନାବେଶ। ମହଣ ମହଣ ସୁବର୍ଣ୍ଣ ଅଳଙ୍କାରରେ ଝଲସିଛନ୍ତି ବିଶ୍ୱନିୟନ୍ତା। ଦାରୁବିଗ୍ରହଙ୍କ ଦୁର୍ଲ୍ଲଭ ସୁନାବେଶ ବା ବଡ଼ତଢ଼ାଉ ବେଶ ଦର୍ଶନ କରିଛନ୍ତି ଅଗଣିତ ଭକ୍ତ। ପ୍ରାୟ ୧୦ ଲକ୍ଷରୁ ଅଧିକ ଶ୍ରଦ୍ଧାଳୁ ବିଶ୍ୱନିୟନ୍ତାଙ୍କ ଦିବ୍ୟ ବେଶ ଦର୍ଶନ କରି କୃତାର୍ଥ ହୋଇଛନ୍ତି। ରବିବାର ରଥ ଉପରେ ଠାକୁରଙ୍କ ଅଧରପଣା ନୀତି ସମ୍ପନ୍ନ ହେବ। ସେଥିଲାଗି ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ସୋମବାର ନୀଳାଦ୍ରି ବିଜେରେ ରତ୍ନସିଂହାସନକୁ ବିଜେ କରିବେ ଚତୁର୍ଦ୍ଧାବିଗ୍ରହ। ମଙ୍ଗଳବାରଠାରୁ ଭକ୍ତ ପାଇବେ ନୀଳାଚଳ ଅବଢ଼ା।

ଦୁଇଦିନ ପରେ ଘୋଷଯାତ୍ରା ପରିସମାପ୍ତି ଘଟିବ। ଦିନ ଯେତିକି ପାଖେଇ ଆସୁଛି ରଥାରୂଢ଼ ଠାକୁରଙ୍କ ଦର୍ଶନ କରିବା ଲାଗି ଭକ୍ତଙ୍କ ମଧ୍ୟରେ ସେତିକି ଉତ୍କଣ୍ଠା ବଢ଼ିବାରେ ଲାଗିଛି। ତେବେ ମହାପ୍ରଭୁଙ୍କ ସୁନାବେଶ ଦର୍ଶନ ଲାଗି ଶନିବାର ସକାଳୁ ପୁରୀକୁ ଭକ୍ତଙ୍କ ସୁଅ ଛୁଟିଥିଲା। ସଅଳ ନୀତିକାନ୍ତି ସାଙ୍ଗକୁ ପାଗ ବି ବେଶ୍ ଅନୁକୂଳ ରହିଥିଲା। ସକାଳୁ ଆକାଶ ଥିଲା ମୋଘାଛନ୍ନ। ମଝିରେ ଯଦିଓ ଝିପିଝିପି ବର୍ଷା ହେଉଥିଲା ତାହା କିନ୍ତୁ ବାଧକ ସାଜି ନ ଥିଲା। ତେଣୁ ଶ୍ରୀକ୍ଷେତ୍ରମୁହାଁ ହୋଇଥିଲେ ଶ୍ରଦ୍ଧାଳୁ। ହରିବୋଲ, ହୁଳହୁଳି ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ବଡ଼ଦାଣ୍ଡ। ପୂର୍ବାହ୍ଣ ପରଠାରୁ ବଡ଼ଦାଣ୍ଡରେ ଶ୍ରଦ୍ଧାଳୁଙ୍କ ଭିଡ଼ ବଢ଼ିଥିଲା। ଅନେକ ସୁନାବେଶ ପୂର୍ବରୁ ରଥାରୂଢ଼ ଠାକୁରଙ୍କୁ ଦର୍ଶନ କରି ଫେରିଥିଲେ।

**ଆଜି ରଥ ଉପରେ ଲାଗିହେବ ଅଧରପଣା**

ତେବେ ସୁନାବେଶ ଲାଗି ସକାଳୁ ବେଶ୍ ତତ୍ପର ହୋଇପଡ଼ିଥିଲେ ସେବାୟତ ଓ ଅଧିକାରୀ। ସକାଳ ୭ଟା ୫୫ରୁ ୮ଟା ୨୦ମଧ୍ୟରେ ତିନିରଥରେ ମଙ୍ଗଳ ଆଳତି ନୀତି ବଢ଼ିଥିଲା। ଏହାପରେ ଅନ୍ୟାନ୍ୟ ନୀତି ଚାଲିଥିଲା। ପୂର୍ବାହ୍ଣ ୧୦ଟା ୪୫ରେ ଗୋପାଳବଲ୍ଲଭ ଭୋଗ ବଢ଼ିଥିବାବେଳେ ମଧ୍ୟାହ୍ନ ୧୨ଟାରେ ସକାଳ ଧୂପ ସରିଥିଲା। ଅପରାହ୍ଣ ୧ଟା ୫୦ରୁ ୨ଟା ୩୦ ମଧ୍ୟରେ ମଧ୍ୟାହ୍ନ ଧୂପ ବଢ଼ିବା ପରେ ୪ଟା ୪୫ରୁ ୪ଟା ୫୫ ମଧ୍ୟରେ ମଇଲମ, ୪ଟା ୫୫ରୁ ୫ଟା ୦୫ ମଧ୍ୟରେ ଶାଢ଼ି, ଖଣ୍ଡୁଆ ଲାଗି ହୋଇ ସନ୍ଧ୍ୟା ଆଳତି ହୋଇଥିଲା। ଏହାପରେ ଠାକୁରଙ୍କ ସ୍ୱର୍ଣ୍ଣ ଅଳଙ୍କାର ରଥ ନିକଟକୁ ବିଜେ କରାଯାଇଥିଲା। ତିନିରଥରେ ଏକାଦଶୀ ସର୍ବାଙ୍ଗ ▶ପୃଷ୍ଠା-୭





# ନଇଁଲେ ସରକାର ଯୁବଶକ୍ତିର ବିଜୟ

## କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା; ସିଜେପି ଆନ୍ଦୋଳନ ପ୍ରତ୍ୟାହୃତ

■ ନୂଆଦିଲ୍ଲୀ, ୨୫।୭ (ଏଜେନ୍ସି): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ପ୍ରଦାନ ସହିତ କେନ୍ଦ୍ର ସରକାର କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ସମସ୍ତ ଦାବି ଗ୍ରହଣ କରିବା ପରେ ଯନ୍ତରମନ୍ତରରେ ଦୀର୍ଘ ୩୬ ଦିନ ଧରି ଚାଲିଥିବା ଆନ୍ଦୋଳନ ଆଜି ପ୍ରତ୍ୟାହାର ହୋଇଛି। ଆନ୍ଦୋଳନରେ ସାମିଲ ହୋଇଥିବା ସମସ୍ତ ସଂଗଠନ ଓ ବ୍ୟକ୍ତିଙ୍କ ବିରୋଧରେ ଏଫ୍‌ଆଇଆର୍ ପ୍ରତ୍ୟାହାର ଏବଂ ନିଟ୍ ପରୀକ୍ଷା ବିଭ୍ରାଟ ଯୋଗୁଁ ଆତ୍ମହତ୍ୟା କରିଥିବା ପରୀକ୍ଷାର୍ଥୀଙ୍କ ପରିବାରବର୍ଗଙ୍କୁ ଯଥେଷ୍ଟ କ୍ଷତିପୂରଣ ଦେବା

**ସବୁ ଦାବି ପୂରଣ ପାଇଁ ପ୍ରତିଶ୍ରୁତି**


ଲାଗି କେନ୍ଦ୍ର ସରକାର ରାଜି ହୋଇଛନ୍ତି। ଶିକ୍ଷାରେ ସଂସ୍କାର ଲାଗି ଆନ୍ଦୋଳନକାରୀ ଦେଇଥିବା ୫-ଦଫା ପ୍ରସ୍ତାବ ଉପରେ ବିଚାର କରିବା ଲାଗି ମଧ୍ୟ ସରକାର ରାଜି ହୋଇଛନ୍ତି। ଆଜି ଅନୁଷ୍ଠିତ ତୃତୀୟ ପର୍ଯ୍ୟାୟ ଆଲୋଚନା ବେଳେ ସରକାର ଏହି ସମସ୍ତ ସର୍ତ୍ତ ଓ ପୂରଣ କରିବାକୁ ରାଜି ହେବାପରେ ଆନ୍ଦୋଳନ ପ୍ରତ୍ୟାର କରିବାକୁ ଘୋଷଣା କରିଛି କକ୍ରୋଚ୍ ଜନତା ପାର୍ଟି। ଏହିସବୁ ପ୍ରତିଶ୍ରୁତି କାର୍ଯ୍ୟକାରୀ କରିବା ଲାଗି ସରକାରଙ୍କ ପାଇଁ ସମୟସୀମା ଧାର୍ଯ୍ୟ କରାଯାଇଛି। ସରକାର ଏ ଦିଗରେ ପଦକ୍ଷେପ ଗ୍ରହଣ କରିଛନ୍ତି କି ନାହିଁ ଏବଂ ଏହାର ଅଗ୍ରଗତି ସଂପର୍କରେ ସମୀକ୍ଷା ପାଇଁ ୪ ସପ୍ତାହ ପରେ ପୁଣି ସରକାର ଏବଂ କକ୍ରୋଚ୍ ପାର୍ଟି ମଧ୍ୟରେ ଆଲୋଚନା ହେବ ବୋଲି ସୂଚନା ଦିଆଯାଇଛି।

କେନ୍ଦ୍ର ସରକାର ଏବଂ କକ୍ରୋଚ୍ ପାର୍ଟି ପ୍ରତିନିଧି ଦଳ ମଧ୍ୟରେ ତିନିଟି ପର୍ଯ୍ୟାୟରେ ଆଲୋଚନା ପରେ ଆନ୍ଦୋଳନ ପ୍ରତ୍ୟାହାର କଥା ଘୋଷଣା କରାଯାଇଛି। ଆଜି ଏଠାରେ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ କକ୍ରୋଚ୍ ପାର୍ଟିର ମୁଖ୍ୟ ମୁଖପାତ୍ର ସୌରଭ ଦାସ କହିଲେ ଯେ ସଂଗଠନର ସମସ୍ତ ଦାବି ପୂରଣ କରିବାକୁ ସରକାର ▶ପୃଷ୍ଠା-୭




## ଜେନ୍-ଜୀଙ୍କୁ ନବୀନଙ୍କ ଶୁଭେଚ୍ଛା

■ ଭୁବନେଶ୍ୱର, ୨୫।୭ (ସମିସ): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରାଧାନଙ୍କ ଇସ୍ତଫା ପରେ ଯନ୍ତରମନ୍ତରରେ ଚାଲିଥିବା ଛାତ୍ର ଆନ୍ଦୋଳନର ବଡ଼ ବିଜୟ ହୋଇଛି। ଏହାକୁ ନେଇ ଜେନ-ଜୀଙ୍କୁ ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି। ନିଜ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ନବୀନ ଏକ ରିଲ୍‌ସରେ କହିଛନ୍ତି, ଜେନ୍-ଜୀଙ୍କ ପାଇଁ ମୁଁ ଗର୍ବିତ। ଯୁବପିଢ଼ି ହିଁ ଆମ ଗଣତନ୍ତ୍ରର ପ୍ରକୃତ ଶକ୍ତି। ଏହାସହ ନବୀନ ନିଜ ଏକ୍ସରେ ଉଲ୍ଲେଖ କରିଛନ୍ତି, ମୁଁ ଏହି ବିଜୟ ପାଇଁ ଭାରତର ଯୁବପିଢ଼ିଙ୍କୁ, ବିଶେଷକରି ଜେନ୍-ଜୀ ପିଢ଼ିକୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି। ଏକ



**ଜନତାଙ୍କ ଇଚ୍ଛାଠାରୁ କେହି ଊର୍ଦ୍ଧ୍ୱରେ ନୁହନ୍ତି**

ସଶକ୍ତ ଗଣତନ୍ତ୍ରର ମୂଳ ଆଧାର ହେଉଛି ଉତ୍ତରଦାୟିତ୍ୱ ଓ ଜନମତ ପ୍ରତି ସମ୍ବେଦନଶୀଳ ▶ପୃଷ୍ଠା-୭

## ଯୁବକଙ୍କ ଆକାଂକ୍ଷାକୁ ସମ୍ମାନ କରେ



■ ନୂଆଦିଲ୍ଲୀ, ୨୫।୭: ନିଟ୍ ପରୀକ୍ଷାରେ ବିଭ୍ରାଟ ଏବଂ କକ୍ରୋଚ୍ ଆନ୍ଦୋଳନ ପରିପ୍ରେକ୍ଷୀରେ କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଥିବା ଧର୍ମେନ୍ଦ୍ର ପ୍ରଧାନ ଆଜି ଏକ ବିବୃତି ଦେଇଛନ୍ତି। ସେ କହିଛନ୍ତି, ମୁଁ ଗତ ୪ ଦଶନ୍ଧିରୁ ଅଧିକ ସମୟ ଧରି ଛାତ୍ର, ଶିକ୍ଷକ ଏବଂ ଶିକ୍ଷା ସଂସ୍କାର ପାଇଁ ସମର୍ପିତ ରହିଛି। ମୁଁ ଦେଶର ଯୁବକମାନଙ୍କ ଆକାଂକ୍ଷା, ଭାବନା ଏବଂ ସେମାନଙ୍କର ନ୍ୟାୟସଙ୍ଗତ ଅପେକ୍ଷାଗୁଡ଼ିକର ଗଭୀର ସମ୍ମାନ କରେ। ନିଟ୍ ପ୍ରଶ୍ନପତ୍ର ଲିକ୍ ସଂପର୍କରେ ସେ କହିଛନ୍ତି ଯେ ଭାରତ ସରକାର ଏହାକୁ ତୁରନ୍ତ ସଂଜ୍ଞାନରେ ନେଇ ତଦନ୍ତ ▶ପୃଷ୍ଠା-୭

## ପ୍ରହ୍ଲାଦ ଯୋଶୀଙ୍କୁ ଶିକ୍ଷା ଦାୟିତ୍ୱ



■ ନୂଆଦିଲ୍ଲୀ, ୨୫।୭: ରାଷ୍ଟ୍ରପତି ଆଜି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫାକୁ ଗ୍ରହଣ କରିନେଇଛନ୍ତି। ତାଙ୍କ ସ୍ଥାନରେ ଅନ୍ୟତମ କେନ୍ଦ୍ର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ଶିକ୍ଷା ବିଭାଗର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସନ୍ଧ୍ୟାରେ ରାଷ୍ଟ୍ରପତି ଭବନ ପକ୍ଷରୁ ଜାରି ବିଜ୍ଞପ୍ତିରେ ଏହି ସୂଚନା ଦିଆଯାଇଛି। ଏବେ ଶ୍ରୀ ଯୋଶୀ ଖାଦ୍ୟ ଓ ଖାଉଟୀ ବ୍ୟାପାର ମନ୍ତ୍ରୀ ଅଛନ୍ତି। ପୂର୍ବରୁ ସେ କେନ୍ଦ୍ର ସରକାରରେ ସଂସଦୀୟ ବ୍ୟାପାର ସହିତ କୋଇଲା ଓ ଖଣି ମନ୍ତ୍ରୀ ଭାବେ କାର୍ଯ୍ୟ ତୁଲାଇଛନ୍ତି।

## ଧର୍ମେନ୍ଦ୍ରଙ୍କ ନିଷ୍ପତ୍ତି ଉଚ୍ଚ ନୀତିଆଦର୍ଶର ପରିଚୟ



■ ଭୁବନେଶ୍ୱର, ୨୫।୭ (ସମିସ): ଶିକ୍ଷାମନ୍ତ୍ରୀ ପଦବୀରୁ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ପରେ ମୁଖ୍ୟମନ୍ତ୍ରୀ ମହୋନ ଚରଣ ମାଝୀଙ୍କୁ ତାଙ୍କୁ ପ୍ରଶଂସା କରିଛନ୍ତି। ବୃହତ୍ତର ସାମାଜିକ ହିତ ଓ ନୈତିକ ମୂଲ୍ୟବୋଧକୁ ପ୍ରାଥମିକତା ଦେଇ ପଦବୀରୁ ଇସ୍ତଫା ଦେବା ପାଇଁ ସେ ଗ୍ରହଣ କରିଥିବା ନିଷ୍ପତ୍ତି ତାଙ୍କ ଉଚ୍ଚ ନୀତିଆଦର୍ଶର ପରିଚାୟକ ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ନିଜ ଏକ୍ସରେ ଉଲ୍ଲେଖ କରିଛନ୍ତି ଯେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଭାବେ ଧର୍ମେନ୍ଦ୍ର ପ୍ରଧାନ 'ଜାତୀୟ ଶିକ୍ଷା ନୀତି' ଭଳି ଐତିହାସିକ ନୀତି କାର୍ଯ୍ୟକାରୀ କରି ଦେଶର କୋଟି କୋଟି ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ସୁଦୃଢ଼ କରିବା ପାଇଁ ଶିକ୍ଷାରେ ଅନେକ ଗୁରୁତ୍ୱପୂର୍ଣ୍ଣ ସଂସ୍କାର ଆଣିଛନ୍ତି।

**ପୁଣି ଲଘୁଚାପ, ଦୁଇ ଦିନରେ ଆହୁରି ଘନୀଭୂତ**

## ସାରା ରାଜ୍ୟରେ ୩ ଦିନ ପ୍ରବଳ ବର୍ଷା

■ ଭୁବନେଶ୍ୱର, ୨୫।୭ (ସମିସ): ରାଜ୍ୟରେ ପୁଣି ଗୋଟିଏ ପର୍ଯ୍ୟାୟ ବର୍ଷା ଆରମ୍ଭ ହୋଇଛି। ଜୁଲାଇ ମାସରେ ଏହା ତୃତୀୟ ପର୍ଯ୍ୟାୟ ବର୍ଷା ହୋଇଥିବା ବେଳେ ଏହି ବର୍ଷା ଆଗାମୀ ୩ ଦିନ ପର୍ଯ୍ୟନ୍ତ ଜାରି ରହିବାର ସମ୍ଭାବନା ରହିଛି। କାରଣ ବଙ୍ଗୋପସାଗରରେ ପୁଣି ଏକ ଲଘୁଚାପ ସୃଷ୍ଟି ହେବା ଯୋଗୁଁ ମୌସୁମୀ ଏବେ ସମ୍ପୂର୍ଣ୍ଣ ସକ୍ରିୟ ରହିଛି। ଏହି ଲଘୁଚାପଟି ଆଗକୁ ଆହୁରି ଘନୀଭୂତ ହେବାର ମଧ୍ୟ ସମ୍ଭାବନା ରହିଛି। ତେଣୁ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ରାଜ୍ୟର ବ୍ୟାପକ ଅଞ୍ଚଳରେ ବର୍ଷା ସହ ଅନେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା କରାଯାଇଛି।

**ଫୁଲିବ ଉତ୍ତର ଓଡ଼ିଶାର ନଦୀସମୂହ**

ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ଆଜି ସକାଳ ୫ଟା ୩୦ରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ତତ୍‌ସଂଲଗ୍ନ ପଶ୍ଚିମବଙ୍ଗ-ଓଡିଶା ଉପକୂଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହାସହିତ ବର୍ତ୍ତମାନ ଆରବ ସାଗରରେ ମଧ୍ୟ ଏକ ଲଘୁଚାପ ରହିଛି। ଏହାପ୍ରଭାବରେ ବଙ୍ଗୋପସାଗରରେ ରହିଥିବା ଲଘୁଚାପ କ୍ଷେତ୍ର ଆଗାମୀ ୨-୩ ଦିନ ଯାଏଁ ସମାନ ଅଞ୍ଚଳରେ ବିଚରଣ କରିବ। ତେଣୁ ଏହା ଆହୁରି ଘନୀଭୂତ ହେବାର ସମ୍ଭାବନା ଥିବାରୁ ରାଜ୍ୟରେ ପ୍ରବଳ ବର୍ଷା ଆଶଙ୍କା ରହିଛି। ଏହି ଲଘୁଚାପ ପ୍ରଭାବରେ ଶୁକ୍ରବାର ରାତିଠାରୁ ରାଜ୍ୟର ଅନେକ ସ୍ଥାନରେ ▶ପୃଷ୍ଠା-୭

**ଶିକ୍ଷକ ନିଯୁକ୍ତି ଦୁର୍ନୀତି**

## ଅଯୋଗ୍ୟଙ୍କୁ ଯୋଗ୍ୟ କରିବାକୁ ବିଭାଗ ତତ୍ପର


■ ଭୁବନେଶ୍ୱର, ୨୫।୭ (ବିଶ୍ୱଜିତ ଗାଇଗରିଆ): ରାଜ୍ୟର ସମସ୍ତ ବିଇଡି କଲେଜରେ ଅଯୋଗ୍ୟ ପ୍ରାର୍ଥୀଙ୍କୁ ଅଧ୍ୟାପକ ଭାବେ ନିଯୁକ୍ତି ଘଟଣାରେ ବାଜିଛି ଏନ୍‌ସିଟିଇ ଛାଟ। ଚଳିତମାସ ଶେଷ ସୁଦ୍ଧା ଅଧ୍ୟାପକଙ୍କ ଶିକ୍ଷାଗତ ଯୋଗ୍ୟତା ରିପୋର୍ଟ ଦାଖଲ କରିବାକୁ ଏନ୍‌ସିଟିଇ ତାଗିଦ କରିବା ପରେ ରାଜ୍ୟ ସରକାରଙ୍କ ନିଦ ହଜିଯାଇଛି। ଫଳରେ ଅଯୋଗ୍ୟଙ୍କୁ ଯୋଗ୍ୟ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି।

**ଯୋଗ୍ୟତା ନ ଥାଇ ନିଯୁକ୍ତିକୁ ସରକାରଙ୍କ ପରୋକ୍ଷ ସ୍ୱୀକାର**

**କାର୍ଯ୍ୟାନୁଷ୍ଠାନ ବଦଳରେ ଏମ୍‌ଇଡି ପଢ଼ାଇବ ଉଚ୍ଚଶିକ୍ଷା ବିଭାଗ**

**ଅନିୟମିତତାର ମାଷ୍ଟରମାଇଣ୍ଡଙ୍କୁ କିଏ ଓ କାହିଁକି ଦେଉଛି ସୁରକ୍ଷା?**

ଏମ୍‌ଇଡି ଯୋଗ୍ୟତା ନ ଥାଇ ଚାକିରି ପାଇଥିବା ଅଧ୍ୟାପକଙ୍କ ଶିକ୍ଷାଗତ ଯୋଗ୍ୟତା ବଢ଼ାଇବା ଆଳରେ ସେମାନଙ୍କୁ ଯୋଗ୍ୟ କରିବା ପାଇଁ ଏମ୍‌ଇଡି ପଢ଼ିବାକୁ ଇଚ୍ଛାପତ୍ର ମାଗିଛି। ଅର୍ଥାତ୍



ଅଯୋଗ୍ୟଙ୍କୁ ନିଯୁକ୍ତି ଦିଆଯାଇଥିବା ସରକାର ସ୍ୱୀକାର କରିବା ସହ ନିଯୁକ୍ତି ଦୁର୍ନୀତି ଉପରେ ପରଦା ଢାଙ୍କିବାକୁ ପ୍ରୟାସ ଆରମ୍ଭ କରିଛନ୍ତି।

ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ଅଯୋଗ୍ୟ ଅଧ୍ୟାପକଙ୍କୁ ଯୋଗ୍ୟ କରିବା ପାଇଁ ଗତ ୨୧ ତାରିଖରେ ଏକ ତଞ୍ଚକତା ପୂର୍ଣ୍ଣ ଚିଠି କରାଯାଇଛି। ଯେଉଁ ଅଧ୍ୟାପକମାନଙ୍କ ପାଖରେ ଏମ୍‌ଇଡି ଯୋଗ୍ୟତା ନାହିଁ, ସେମାନଙ୍କୁ ଦୁଇ ବର୍ଷିଆ ଏମ୍‌ଇଡି ପାଠ୍ୟକ୍ରମରେ ଅଧ୍ୟୟନ ପାଇଁ ଏହି ଇଚ୍ଛାପତ୍ର ଦେବାକୁ କୁହାଯାଇଛି। ଅର୍ଥାତ୍ ଏମ୍‌ଇଡି ଯୋଗ୍ୟତା ନ ଥାଇ ମଧ୍ୟ ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯାଇଥିବା ଉଚ୍ଚଶିକ୍ଷା ବିଭାଗ ପରୋକ୍ଷରେ ସ୍ୱୀକାର କରିଛି। ସେହି ସମାନ ଚିଠିରେ ଆହୁରି ଉଲ୍ଲେଖ ରହିଛି ▶ପୃଷ୍ଠା-୭





# ପୂରଣ ହେଲା ସବୁ ଦାବି
# ଉତ୍ସବରେ ଉଚ୍ଛୁଳିଲା ଯନ୍ତର-ମନ୍ତର

ନୂଆଦିଲ୍ଲୀ, ୨୫।୭(ଏଜେନ୍ସି): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଏବଂ ସରକାରଙ୍କ ସହ ସଫଳ ଆଲୋଚନା ପରେ କକ୍ରୋଚ୍ ଜନତା ପାର୍ଟି (ସିଜେପି) ନିଜର ଦୀର୍ଘଦିନିଆ ଅନ୍ଦୋଳନ ପ୍ରତ୍ୟାହୃତ କରିବାକୁ ଘୋଷଣା କରିଛି। ଦଳର ଜାତୀୟ ମୁଖପାତ୍ର ଆଶୁତୋଷ ରଙ୍କା ଯନ୍ତର ମନ୍ତରଠାରେ ଆନ୍ଦୋଳନରତ ଛାତ୍ରଛାତ୍ରୀ ଓ ସମର୍ଥକମାନଙ୍କୁ ଆବେଦନ କରିଛନ୍ତି ଯେ ଦଳର ସମସ୍ତ ମୁଖ୍ୟ ଦାବିକୁ ସରକାର ଗ୍ରହଣ କରିନେଇଥିବାରୁ ସମସ୍ତେ ଶାନ୍ତିପୂର୍ଣ୍ଣ ଭାବେ ନିଜ

■ ୩୬ ଦିନର ଆନ୍ଦୋଳନ ଶେଷ
■ ଶାନ୍ତିପୂର୍ଣ୍ଣ ଭାବେ ଘରକୁ ଫେରିଯିବାକୁ ଅପିଲ

ନିଜ ଘରକୁ ଫେରିଯାଆନ୍ତୁ। ସାମ୍ବାଦିକ ସମ୍ମିଳନୀ ଓ ଯନ୍ତର ମନ୍ତର ମଞ୍ଚରୁ ସୂଚନା ଦେଇ ଆଶୁତୋଷ ରଙ୍କା କହିଛନ୍ତି ଯେ, 'ଆମର ମୁଖ୍ୟ ଦାବିଗୁଡ଼ିକୁ ସରକାର ସ୍ୱୀକାର କରିଛନ୍ତି। ଶିକ୍ଷାମନ୍ତ୍ରୀ ନୈତିକ ଦାୟିତ୍ୱ ନେଇ ଇସ୍ତଫା ଦେଇସାରିଛନ୍ତି, ଆନ୍ଦୋଳନକାରୀ ଛାତ୍ରମାନଙ୍କ ଉପରେ କୌଣସି ପୁଲିସ ମାମଲା (ଏଫ୍ଆଇଆର) କରାଯିବ ନାହିଁ ବୋଲି ଲିଖିତ ପ୍ରତିଶ୍ରୁତି ମିଳିଛି, ଏବଂ ପରୀକ୍ଷା ପ୍ରଣାଳୀର ସଂସ୍କାର ପାଇଁ ସଂସଦରେ ଆଲୋଚନା ହେବ। ତେଣୁ ଆମେ ସମସ୍ତ ଆନ୍ଦୋଳନକାରୀଙ୍କୁ ଅନୁରୋଧ କରୁଛୁ ଯେ ସେମାନେ ଶାନ୍ତିଶୃଙ୍ଖଳା ରକ୍ଷା କରି ନିଜ ଘରକୁ ଫେରିଯାଆନ୍ତୁ। ପାର୍ଟିର ଆଗାମୀ କାର୍ଯ୍ୟପନ୍ଥା ଓ ରଣନୀତି ସମ୍ପର୍କରେ ପରବର୍ତ୍ତୀ ସମୟରେ ଜଣାଇ ଦିଆଯିବ।' ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଏବଂ ସିଜେପି ମୁଖପାତ୍ରଙ୍କ ଏହି ଘୋଷଣା ପରେ ଯନ୍ତର ମନ୍ତର ପ୍ରତିବାଦ ସ୍ଥଳରେ ଖୁସିର ଲହରୀ ଖେଳିଯାଇଛି। ଉପସ୍ଥିତ ହଜାର ହଜାର ଛାତ୍ରଛାତ୍ରୀ ଜାତୀୟ ପତାକା ଉଡ଼ାଇ 'ଗଣତନ୍ତ୍ରର ବିଜୟ' ବୋଲି ନାରାବାଜି କରିବା ସହ ଉତ୍ସବ ପାଳନ କରିଛନ୍ତି। ସିଜେପି ପ୍ରତିଷ୍ଠାତା ଅଭିଜିତ୍ ଦୀପକେ ଏବଂ ଅନ୍ୟ ନେତାମାନେ ମଧ୍ୟ ଏହି ବିଜୟକୁ ଦେଶର ଯୁବଶକ୍ତିର ବିଜୟ ବୋଲି ଅଭିହିତ କରିଛନ୍ତି। ଏହି ଆନ୍ଦୋଳନ ତଥା ବିକ୍ଷୋଭର ପ୍ରମୁଖ ସଫଳତାଗୁଡ଼ିକ ହେଲା, ପରୀକ୍ଷା ଅନିୟମିତତାର ନୈତିକ ଦାୟିତ୍ୱ ନେଇ ଧର୍ମେନ୍ଦ୍ର ପ୍ରଧାନଙ୍କ ପଦତ୍ୟାଗ, ଶାନ୍ତିପୂର୍ଣ୍ଣ ଅନ୍ଦୋଳନରତ ଛାତ୍ରଛାତ୍ରୀମାନଙ୍କ ବିରୋଧରେ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ସରକାରୀ ପ୍ରତିଶ୍ରୁତି। କେନ୍ଦ୍ରୀୟ ପରୀକ୍ଷାଗୁଡ଼ିକରେ କଡ଼ା ନିୟମ ଏବଂ ସ୍ୱଚ୍ଛତା ଆଣିବା ପାଇଁ ସଂସଦରେ ନୂଆ ବିଲ୍ ଆଗତ କରିବାକୁ ପ୍ରତିଶ୍ରୁତି। ୨୬ ଦିନର ଆମରଣ ଅନଶନ ପରେ ସାମାଜିକ କର୍ମୀ ସୋନମ୍ ୱାଙ୍ଗଚୁକ୍ ନିଜର ଆନ୍ଦୋଳନ ସମାପ୍ତ କରିଛନ୍ତି। ସିଜେପି ଦଳ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ ବର୍ତ୍ତମାନ ପାଇଁ ଧାରଣା ସ୍ଥଳ ଖାଲି କରାଯାଉଥିଲେ ହେଁ, ସରକାର ଦେଇଥିବା ପ୍ରତିଶ୍ରୁତିଗୁଡ଼ିକ କେତେ ଦ୍ରୁତ ଗତିରେ କାର୍ଯ୍ୟକାରୀ ହେଉଛି ତାହା ଉପରେ ଦଳ କଡ଼ା ନଜର ରଖିବ।

## ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ପାଇଁ ୫-ଦଫା ଚାର୍ଟର

ନୂଆଦିଲ୍ଲୀ, ୨୫।୭(ଏଜେନ୍ସି): ନିଟ୍-ୟୁଜି ୨୦୨୬ ପ୍ରଶ୍ନପତ୍ର ଲିକ୍ ବିବାଦକୁ କେନ୍ଦ୍ର କରି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୈତିକ ଦାୟିତ୍ୱ ନେଇ ଇସ୍ତଫା ଦେଇଛନ୍ତି। ତେବେ କେବଳ ମନ୍ତ୍ରୀ ବଦଳିଲେ ସମସ୍ୟାର ସମାଧାନ ହେବ ନାହିଁ। ପରୀକ୍ଷା ବ୍ୟବସ୍ଥାରେ ବିଶ୍ୱାସ ଫେରାଇବା ପାଇଁ ବ୍ୟାପକ ସଂସ୍କାର ଆବଶ୍ୟକ ବୋଲି ବିଶେଷଜ୍ଞ ଓ ଛାତ୍ରଛାତ୍ରୀଙ୍କ ମତ। ପରୀକ୍ଷା ବ୍ୟବସ୍ଥାରେ ଆବଶ୍ୟକ ହେଉଥିବା ୫ଟି ପ୍ରମୁଖ ସଂସ୍କାର ପାଇଁ କକ୍ରୋଚ୍ ପାର୍ଟି ଦେଇଥିବା ପ୍ରସ୍ତାବ।

**୧. ନ୍ୟାସନାଲ୍ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)ର ପୁନର୍ଗଠନ:** ପ୍ରଶ୍ନପତ୍ର ଲିକ୍ ଓ ପରୀକ୍ଷା ପରିଚାଳନା ତ୍ରୁଟିକୁ ନେଇ ଏନ୍‌ଟିଏର କାର୍ଯ୍ୟପ୍ରଣାଳୀ ଉପରେ ପ୍ରଶ୍ନ ଉଠିଛି। ସଂସ୍କାର ପୂର୍ଣ୍ଣ ପୁନର୍ଗଠନ କିମ୍ବା ବ୍ୟାପକ ସୁଧାର ପାଇଁ ପ୍ରସ୍ତାବ।

**୨. ପ୍ରଶ୍ନପତ୍ର ବିତରଣ ବ୍ୟବସ୍ଥାକୁ ସୁରକ୍ଷିତ କରିବା:** ପ୍ରଶ୍ନପତ୍ର ପ୍ରସ୍ତୁତି, ମୁଦ୍ରଣ, ପରିବହନ ଓ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବା ପର୍ଯ୍ୟନ୍ତ ସମଗ୍ର ପ୍ରକ୍ରିୟାକୁ ଅତ୍ୟାଧୁନିକ ବ୍ୟବସ୍ଥା ଅଧୀନରେ ଆଣିବା ଜରୁରୀ।

**୩. ସ୍ୱଚ୍ଛ ଓ ଦ୍ରୁତ ମୂଲ୍ୟାଙ୍କନ ପ୍ରଣାଳୀ:** ସିବିଏସଇର ଅନ୍‌ସ୍କ୍ରିନ୍ ମୂଲ୍ୟାଙ୍କନକୁ ନେଇ ସୃଷ୍ଟି ହୋଇଥିବା ବିବାଦ ପରେ ମୂଲ୍ୟାଙ୍କନ ଓ ପୁନଃମୂଲ୍ୟାଙ୍କନ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଓ ଉତ୍ତରଦାୟୀ କରିବା।



**୪. ଉଚ୍ଚସ୍ତରୀୟ ସ୍ୱାଧୀନ ନିରୀକ୍ଷଣ କମିଟି:** ଅବସରପ୍ରାପ୍ତ ବିଚାରପତି, ସାଇବର ସୁରକ୍ଷା ବିଶେଷଜ୍ଞ ଓ ଫରେନ୍ସିକ୍ ବିଶେଷଜ୍ଞଙ୍କୁ ନେଇ ଏକ ସ୍ଥାୟୀ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇ ସମ୍ବେଦନଶୀଳ ପରୀକ୍ଷାଗୁଡ଼ିକର ତଦାରଖ କରିବାକୁ ପ୍ରସ୍ତାବ ଦିଆଯାଉଛି।

**୫. କେବଳ ପରୀକ୍ଷା ନୁହେଁ, ରୋଜଗାର ଉପରେ ମଧ୍ୟ ଗୁରୁତ୍ୱ:** ପ୍ରଶ୍ନପତ୍ର ଲିକ୍ ଘଟଣା ପଛରେ ଥିବା ବଡ଼ ସମସ୍ୟା ହେଉଛି ଚାକିରିର ଅଭାବ। ତେଣୁ ପରୀକ୍ଷା ସଂସ୍କାର ସହ ଯୁବକଯୁବତୀଙ୍କ ପାଇଁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ଉପରେ ସରକାରଙ୍କୁ ଗୁରୁତ୍ୱ ଦେବାକୁ ପଡ଼ିବ।

ନିଟ୍-ୟୁଜି ୨୦୨୬ ପ୍ରଶ୍ନପତ୍ର ଲିକ୍ ପରେ ଦେଶବ୍ୟାପୀ ବିରୋଧ ଆରମ୍ଭ ହୋଇଥିଲା। ପରେ ସିବିଏସଇର ଅନ୍‌ସ୍କ୍ରିନ୍ ମୂଲ୍ୟାଙ୍କନକୁ ନେଇ ମଧ୍ୟ ଛାତ୍ରଛାତ୍ରୀଙ୍କ ଅସନ୍ତୋଷ ବଢ଼ିଥିଲା। ଏହା ପରେ ବିଭିନ୍ନ ଛାତ୍ର ସଂଗଠନ ଓ କକ୍ରୋଚ୍ ଜନତା ପାର୍ଟି (ସିଜେପି) ଯନ୍ତର-ମନ୍ତରରେ ଦୀର୍ଘ ଆନ୍ଦୋଳନ ଆରମ୍ଭ କରିଥିଲେ। ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ପରେ ନୂଆ ଶିକ୍ଷା ନେତୃତ୍ୱ ସାମ୍ନାରେ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହେଉଛି ପରୀକ୍ଷା ବ୍ୟବସ୍ଥାରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଓ ଛାତ୍ରଛାତ୍ରୀଙ୍କ ବିଶ୍ୱାସକୁ ପୁଣିଥରେ ସ୍ଥାପନ କରିବା। ପରବର୍ତ୍ତୀ ଦିନରେ ସରକାର କେଉଁ ସଂସ୍କାର କାର୍ଯ୍ୟକାରୀ କରୁଛନ୍ତି, ତାହା ଉପରେ ଦେଶର ଲକ୍ଷଲକ୍ଷ ପରୀକ୍ଷାର୍ଥୀଙ୍କ ନଜର ରହିଛି।

## ଘଟଣାକ୍ରମ

**୩ ମେ ୨୦୨୬ :** ସାରା ଦେଶରେ ନିଟ୍-ୟୁଜି ୨୦୨୬ ପରୀକ୍ଷା। ଏଥିରେ ପ୍ରାୟ ୨୨ ଲକ୍ଷ ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣ

**୧୨ ମେ:** ପ୍ରଶ୍ନପତ୍ର ଲିକ୍ ଅଭିଯୋଗ ପରେ ପରୀକ୍ଷା ବାତିଲଣା

**୧୫ ମେ:** ଭାରତର ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଥିଲେ, ବେକାର ଯୁବକମାନେ 'କକ୍ରୋଚ' ପରି

**୧୬ ମେ:** ଅଭିଜିତ ଦୀପକଙ୍କ ଦ୍ୱାରା 'କକ୍ରୋଚ୍ ଜନତା ପାର୍ଟି' ନାମରେ ସୋସିଆଲ ମିଡିଆ ଆନ୍ଦୋଳନ ଆରମ୍ଭ

**୬ ଜୁନ୍:** 'କକ୍ରୋଚ' ପକ୍ଷରୁ ଦିଲ୍ଲୀର ଯନ୍ତରମନ୍ତରରେ ବିକ୍ଷୋଭ ପ୍ରଦର୍ଶନ

**୨୦ ଜୁନ୍:** ଯନ୍ତର-ମନ୍ତରରେ କକ୍ରୋଚ ପାର୍ଟିର ଦ୍ୱିତୀୟ ବିକ୍ଷୋଭ

**୨୧ ଜୁନ୍:** ଶାନ୍ତି ଶୃଙ୍ଖଳା ସହ ନିଟ୍ ପୁନଃ ପରୀକ୍ଷା ଶେଷ। ପରୀକ୍ଷା ଦେଲେ ୨୦ ଲକ୍ଷ ଶିକ୍ଷାର୍ଥୀ।

**୨୮ ଜୁନ୍:** କକ୍ରୋଚ ଆନ୍ଦୋଳନକୁ ସମର୍ଥନ କରି ସୋନମ ୱାଙ୍ଗଚୁକ୍‌ଙ୍କ ଅନଶନ

**୧୬ ଜୁଲାଇ:** ନିଟ୍ ପୁନଃ ପରୀକ୍ଷାଫଳ ପ୍ରକାଶିତ। ୧୧.୨ ଲକ୍ଷ ପରୀକ୍ଷାର୍ଥୀଙ୍କୁ ସଫଳତା।

**୨୦ ଜୁଲାଇ:** କକ୍ରୋଚ ଆହ୍ୱାନରେ ହଜାର ହଜାର ଛାତ୍ରଛାତ୍ରୀଙ୍କ ସଂସଦ ଅଭିଯାନ। ପ୍ରଦର୍ଶନକାରୀଙ୍କ ଉପରେ ବର୍ବରତାପୂର୍ଣ୍ଣ ଲାଠି ମାଡ଼ ଓ ଲୁହବୁହା ଗ୍ୟାସ ପ୍ରୟୋଗ।

**୨୧ ଜୁଲାଇ:** ପ୍ରଧାନମନ୍ତ୍ରୀ ଆବାସ ବାହାରେ ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଓ ଅଖିଳେଶ ଯାଦବଙ୍କ ବିକ୍ଷୋଭ ଓ ଧାରଣା।

**୨୧/୨୨ ଜୁଲାଇ:** ସଂସଦର ମୌସୁମୀ ଅଧିବେଶନରେ ବିରୋଧୀ ଉଠାଇଲେ ନିଟ୍ ପ୍ରଶ୍ନପତ୍ର ଲିକ୍, ଲାଠିଚାର୍ଜ ଓ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ପ୍ରସଙ୍ଗ।

**୨୩ ଜୁଲାଇ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପେପର ଲିକ୍ ମାମଲାର ଶୀଘ୍ର ବିଚାର ପାଇଁ ଫାଷ୍ଟ-ଟ୍ରାକ୍ କୋର୍ଟ ଗଠନ କରିବାର ଘୋଷଣା କରିଥିଲେ।

**୨୩ ଜୁଲାଇ:** ସୋନମ ୱାଙ୍ଗଚୁକ୍‌ଙ୍କ ଅନଶନ ଭଙ୍ଗ। ଶିକ୍ଷା ସଚିବ ଭିନିତ ଯୋଶୀଙ୍କୁ ଦାୟିତ୍ୱରୁ ହଟାଗଲା।

**୨୩ ଜୁଲାଇ:** ମଧ୍ୟରାତିରେ ସାମାଜିକ ଗଣମାଧ୍ୟମରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଉଦବୋଧନ

**୨୪ ଜୁଲାଇ:** ଫାଷ୍ଟଟ୍ରାକ୍ କୋର୍ଟରେ ବିଚାରପତି ନିଯୁକ୍ତ, ପ୍ରଶ୍ନପତ୍ର ଲିକ୍ ପାଇଁ ୧୦ ବର୍ଷ ଜେଲ ଓ ୧୦ କୋଟି ଜରିମାନା ବ୍ୟବସ୍ଥା ଧାର୍ଯ୍ୟ

**୨୪ ଜୁଲାଇ:** ସରକାରଙ୍କ ସହ 'କକ୍ରୋଚ' ପ୍ରତିନିଧିଙ୍କ ଆଲୋଚନା। ଏନ୍‌ଟିଏର ୪୭ ଅଧିକରୀଙ୍କୁ ହଟାଗଲା।

**୨୫ ଜୁଲାଇ:** କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା

**୨୫ ଜୁଲାଇ:** ଆନ୍ଦୋଳନରୁ ଓହରିଲା ସିଜେପି



## ଗୋଟିଏ ପୋଷ୍ଟ, ୬ଟି ଶବ୍ଦ ୩୭ ଦିନର ଆନ୍ଦୋଳନ କେନ୍ଦ୍ର ମନ୍ତ୍ରୀଙ୍କ ଇସ୍ତଫା

ନୂଆଦିଲ୍ଲୀ, ୨୫।୭(ଏଜେନ୍ସି): ଏକ ବ୍ୟଙ୍ଗାତ୍ମକ ୬ ଶବ୍ଦ ସମ୍ବଳିତ ସାମାଜିକ ଗଣମାଧ୍ୟମ ପୋଷ୍ଟ ଭାରତୀୟ ରାଜନୀତିରେ ଘୂର୍ଣ୍ଣିଝଡ଼ ସୃଷ୍ଟି କରିଛି। ଅଭିଜିତ ଦୀପକେଙ୍କ ନେତୃତ୍ୱରେ ଗଠିତ 'କକ୍ରୋଚ୍ ଜନତା ପାର୍ଟି' (ସିଜେପି)ର ୩୭ ଦିନର ଅନଶନ ପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଏହି ଘଟଣା ଗତ ମେ ୧୬ରେ ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟରୁ ତୀବ୍ର ହୋଇଥିଲା। ବେକାର ଯୁବକମାନଙ୍କୁ 'ଅସରପା' (କକ୍ରୋଚ୍) ସହ ତୁଳନା କରାଯାଇଥିବା ଦେଶର ମୁଖ୍ୟ ବିଚାରପତିଙ୍କ ଏକ ବିବାଦୀୟ ମନ୍ତବ୍ୟର ଦୀପକେ ପ୍ରତିକ୍ରିୟା ରଖିଥିଲେ। 'ସବୁ ଅସରପା ଏକାଠି ହେଲେ କଣ ହେବ' ବୋଲି ସେ ପ୍ରଶ୍ନ କରିଥିଲେ। ପରେ ଏହି ଅନ୍‌ଲାଇନ୍ କଟାକ୍ଷ ବିଜୁଳି ବେଗରେ ଦେଶବ୍ୟାପୀ ଛାତ୍ର ଆନ୍ଦୋଳନର ରୂପ ନେଇଥିଲା। ଦୀପକେ ଏକ ୱେବସାଇଟ୍ ଗଠନ କରି 'ଅଳସୁଆ ଏବଂ ବେକାରମାନଙ୍କ ସ୍ୱର' ବୋଲି ସ୍ଲୋଗାନ ଦେଇଥିଲେ। ତାଙ୍କ ଦ୍ୱାରା ଗଠିତ ସିଜେପି ଦଳ ସାମାଜିକ ଗଣମାଧ୍ୟମରେ ରାତାରାତି ଭାଇରାଲ ହୋଇଥିଲା। ନିଟ୍-ୟୁଜି ପେପର ଲିକ୍ ଏବଂ ବେକାରୀ ସମସ୍ୟାକୁ ନେଇ ଯୁବପିଢ଼ିଙ୍କ ମଧ୍ୟରେ ଥିବା ଅସନ୍ତୋଷ ଏହାକୁ ହାୱା ଦେଇଥିଲା। ଏହି ଅନ୍‌ଲାଇନ୍ ଆନ୍ଦୋଳନ ସାମାଜିକ ଗଣମାଧ୍ୟମରେ ବିଜେପି ଏବଂ କଂଗ୍ରେସଠାରୁ ମଧ୍ୟ ଅଧିକ ଲୋକପ୍ରିୟ ହୋଇଥିଲା। ଜୁନ୍ ୬ରେ ଦୀପକେ ଆମେରିକାରୁ ଫେରି ଦିଲ୍ଲୀର ଯନ୍ତରମନ୍ତରଠାରେ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଦୀର୍ଘ ୩୭ ଦିନର ଆନ୍ଦୋଳନ, ପୁଲିସ ସହ ସଂଘର୍ଷ ଏବଂ ବଢ଼ୁଥିବା ଜନସାଧାରଣଙ୍କ ଚାପ ଫଳରେ ଶେଷରେ ସରକାର ନଇଁବାକୁ ବାଧ ହୋଇଥିଲେ। ଶନିବାର ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ପରେ, ସିଜେପି ପକ୍ଷରୁ ସେମାନଙ୍କର ପ୍ରତିବାଦ ପ୍ରତ୍ୟାହାର କରାଯାଇଛି। ସରକାର ଛାତ୍ରମଛାତ୍ରୀଙ୍କର ଅନେକ ପ୍ରମୁଖ ଦାବି ପୂରଣ କରିବାକୁ ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଘଟଣାକୁ ଭାରତୀୟ ଗଣତନ୍ତ୍ରରେ ଡିଜିଟାଲ୍ ସଚେତନତା ଏବଂ ଯୁବଶକ୍ତିର ଏକ ଅସାଧାରଣ ଉଦାହରଣ ଭାବେ ଗ୍ରହଣ କରାଯାଉଛି।

## ପ୍ରଚଣ୍ଡ ଗହଳି ଯୋଗୁଁ ଯନ୍ତରମନ୍ତରରେ ସଂକ୍ରମଣ

ନୂଆଦିଲ୍ଲୀ, ୨୫।୭(ଏଜେନ୍ସି): ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ୍ ପ୍ରତିବାଦରେ ଦିଲ୍ଲୀର ଯନ୍ତରମନ୍ତରଠାରେ ଚାଲିଥିବା 'କକ୍ରୋଚ୍ ଜନତା ପାର୍ଟି'ର ଆନ୍ଦୋଳନ ସ୍ଥଳରେ ଏବେ ସ୍ୱାସ୍ଥ୍ୟ ସଙ୍କଟ ଦେଖାଦେଇଥିଲା। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ, ଅତ୍ୟାଧିକ ଆର୍ଦ୍ରତା ଏବଂ ପ୍ରବଳ ଗହଳି ଯୋଗୁଁ ଅନେକ ଆନ୍ଦୋଳନକାରୀ ଭୂତାଣୁଜନିତ ସଂକ୍ରମଣ, ଜ୍ୱର, ଗଳା ବ୍ୟଥା ଏବଂ ନିର୍ଜଳନାର ଶିକାର ହେଉଥିଲେ।

■ ଅସୁସ୍ଥ ହେଲେ ଆନ୍ଦୋଳନକାରୀ ଛାତ୍ରଛାତ୍ରୀ
■ ଟାଇଫଏଡ୍‌ରେ ଆକ୍ରାନ୍ତ ଅଭିଜିତ୍



ଖୋଲା ଆକାଶ ତଳେ ଶୋଇବା ଏବଂ ନିୟମିତ ଖାଦ୍ୟପେୟର ଅଭାବ ଯୋଗୁଁ ବିଶେଷକରି ବୃଦ୍ଧବୃଦ୍ଧା ଓ ଯୁବବର୍ଗ ଅସୁସ୍ଥ ହୋଇପଡୁଥିଲେ। ଆନ୍ଦୋଳନ ସ୍ଥଳରେ ସ୍ୱେଚ୍ଛାସେବୀ ଡାକ୍ତରମାନଙ୍କ ଟିମ୍ ଶିବିର ପକାଇ ମାଗଣାରେ ଔଷଧ, ଓଆରଏସ୍ ଏବଂ ପ୍ରାଥମିକ ଚିକିତ୍ସା ଯୋଗାଇ ଦେଉଥିଲେ। ଏହା ବ୍ୟତୀତ ପୁଲିସର ଲାଠିଚାଳନା ଏବଂ ଠେଲାପେଲା ସମୟରେ ଆହାତ ହୋଇଥିବା ଲୋକଙ୍କୁ ମଧ୍ୟ ଜରୁରୀ ସେବା ଦିଆଯାଇଥିଲା। ଡାକ୍ତରମାନେ ଗହଳି ଯୋଗୁଁ ସଂକ୍ରମଣ ଆହୁରି ବୃଦ୍ଧି ପାଇବାର ଆଶଙ୍କା ପ୍ରକାଶ କରିଥିଲେ। କକ୍ରୋଚ୍ ଜନତା ପାର୍ଟିର ସଂସ୍ଥାପକ ଅଭିଜିତ୍ ଦୀପକେ ଟାଇଫଏଡ୍ ରୋଗରେ ଆକ୍ରାନ୍ତ ହୋଇଥିବା ସତ୍ତ୍ୱେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରେ ଚାଲିଥିବା ଦେଶବ୍ୟାପୀ ଆନ୍ଦୋଳନକୁ ଜାରି ରଖିବାକୁ ଦୃଢ଼ ସଂକଳ୍ପ ପ୍ରକାଶ କରିଥିଲେ। ସୋସିଆଲ ମିଡିଆରେ ଏକ ଭିଡିଓ ସନ୍ଦେଶ ଜାରି କରି ଦୀପକେ କହିଛନ୍ତି ଯେ ବିଗତ କିଛି ଦିନ ହେବ ସେ ଅସୁସ୍ଥ ଥିଲେ ଏବଂ ତାଙ୍କର ଡାକ୍ତରୀ ପରୀକ୍ଷା ରିପୋର୍ଟରୁ ଟାଇଫଏଡ୍ ଚିହ୍ନଟ ହୋଇଛି। ବର୍ତ୍ତମାନ ସେ ଚିକିତ୍ସିତ ହେଉଛନ୍ତି ଏବଂ ପ୍ରତିଦିନ ସକାଳେ ଔଷଧ ସେବନ ଓ ସାଲାଇନ୍ ଗ୍ରହଣ କରୁଛନ୍ତି। ଏପରି ସ୍ୱାସ୍ଥ୍ୟାବସ୍ଥା ସତ୍ତ୍ୱେ, ଦେଶସାରା ଶାନ୍ତିପୂର୍ଣ୍ଣ ଭାବେ ପ୍ରତିବାଦ କରୁଥିବା ଆନ୍ଦୋଳନକାରୀଙ୍କୁ ସେ କୃତଜ୍ଞତା ଜଣାଇବା ସହ ସେମାନଙ୍କର ଏହି ନିରବଚ୍ଛିନ୍ନ ସଂଗ୍ରାମ ଦ୍ୱାରା ଦାବି ପୂରଣ ହେବ ବୋଲି ଆଶା ପ୍ରକାଶ କରିଥିଲେ।

## ଖାଦ୍ୟ ଅଟକାଇଲା ଦିଲ୍ଲୀ ପୁଲିସ

ନୂଆଦିଲ୍ଲୀ, ୨୫।୭(ଏଜେନ୍ସି): ଯନ୍ତରମନ୍ତରରେ ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କୁ ଖାଦ୍ୟ ଯୋଗାଣରେ ଦିଲ୍ଲୀ ପୁଲିସ ବାଧା ସୃଷ୍ଟି କରୁଥିବା ନେଇ 'କକ୍ରୋଚ୍ ଜନତା ପାର୍ଟି' ଅଭିଯୋଗ ଆଣିବା ପରେ ନୂଆ ବିବାଦ ଦେଖାଦେଇଥିଲା। ଦଳର ପ୍ରବକ୍ତା ଆଶୁତୋଷ ରଙ୍କା ସାମାଜିକ ଗଣମାଧ୍ୟମରେ ଏକ ବାର୍ତ୍ତା ସେୟାର କରି ଦିଲ୍ଲୀ ପୁଲିସ ପାଞ୍ଚ କିଲୋମିଟର ଦୂରରୁ ରାସ୍ତା ବନ୍ଦ କରି ଖାଦ୍ୟ ଏବଂ ଆନ୍ଦୋଳନକାରୀଙ୍କୁ ଅଟକାଉଥିବା ଦାବି କରିଥିଲେ। ବିଭିନ୍ନ ଅନଲାଇନ୍ ଖାଦ୍ୟ ଯୋଗାଣକାରୀ ସଂସ୍ଥା ଉପରେ କଟକଣା ଲଗାଯାଇଥିବା ଚର୍ଚ୍ଚା ହେବା ପରେ ଆନ୍ଦୋଳନକାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ତେବେ ଦିଲ୍ଲୀ ପୁଲିସ ଏହାକୁ ସମ୍ପୂର୍ଣ୍ଣ ମିଥ୍ୟା, ଭିତ୍ତିହୀନ ଏବଂ ଭ୍ରମାତ୍ମକ ବୋଲି ସ୍ପଷ୍ଟ କରିଛି। ସାଧାରଣ ନାଗରିକ ଓ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ କେବଳ ଯାତାୟାତ ସମ୍ବନ୍ଧୀୟ ସୂଚନା ଦିଆଯାଇଛି ଏବଂ କୌଣସି ଖାଦ୍ୟ ଯୋଗାଣ ଉପରେ କଟକଣା ଲଗାଯାଇ ନାହିଁ ବୋଲି ପୁଲିସ ସ୍ପଷ୍ଟୀକରଣ ଦେଇଛି। ଗୁଜବରେ ବିଶ୍ୱାସ ନକରିବାକୁ ପୁଲିସ ସାଧାରଣ ଜନତାଙ୍କୁ ଅନୁରୋଧ କରିଥିବା ବେଳେ ପ୍ରତିବାଦ ସ୍ଥଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।

## ତରଳୁଛି ବରଫ, ସୃଷ୍ଟି ହେବ ୫୦ ହଜାରରୁ ଅଧିକ ନୂଆ ହ୍ରଦ

ନୂଆଦିଲ୍ଲୀ, ୨୫।୭(ଏଜେନ୍ସି): ଜଳବାୟୁ ପରିବର୍ତ୍ତନ ଯୋଗୁଁ ବିଶ୍ୱସାରା ବରଫର ଚାଦର ଓ ହିମବାହ (ଗ୍ଲେସିଅର୍) ତରଳିବାରେ ଲାଗିଛି। ବର୍ତ୍ତମାନ ବୈଜ୍ଞାନିକମାନେ ଏକ ଆଶଙ୍କାଜନକ ଚିତ୍ର ସାମ୍ନାକୁ ଆଣିଛନ୍ତି। ବରଫ ତଳେ ଲୁଚି ରହିଥିବା ଭୂମିର ଅନୁଧ୍ୟାନ କରି ଗବେଷକମାନେ ଦାବି କରିଛନ୍ତି ଯେ ହିମବାହଗୁଡ଼ିକ ତରଳିବା ପରେ ପୃଥିବୀ ପୃଷ୍ଠରେ ୫୬, ୦୦୦ରୁ ଅଧିକ ନୂଆ ହ୍ରଦ ସୃଷ୍ଟି ହୋଇପାରେ। ଏହା ଏସିଆ, ଆଣ୍ଡିଜ୍, ଆଲାସ୍କା ଏବଂ ଆର୍କଟିକ୍ ଅଞ୍ଚଳରେ ପ୍ରଳୟଙ୍କରୀ ବନ୍ୟାର ଆଶଙ୍କାକୁ ବହୁଗୁଣିତ କରିଦେବ। ସ୍ୱିଡେନ୍, ଆମେରିକା, ସୁଇଜରଲ୍ୟାଣ୍ଡ ଏବଂ ନରୱେର ପ୍ରମୁଖ ଗବେଷଣା ଅନୁଷ୍ଠାନଗୁଡ଼ିକର ବୈଜ୍ଞାନିକମାନେ ଆଣ୍ଟାର୍କଟିକା ଏବଂ ଗ୍ରୀନଲ୍ୟାଣ୍ଡକୁ ଛାଡ଼ି ବିଶ୍ୱର ଅନ୍ୟ ସମସ୍ତ ହିମବାହ ତଳେ ଥିବା ଭୂତଳ ଗଠନର ଏକ ତ୍ରିମାତ୍ରିକ ମାନଚିତ୍ର ପ୍ରସ୍ତୁତ କରିଛନ୍ତି। ଏଆଇ ଏବଂ ସ୍ୱତନ୍ତ୍ର ଗାଣିତିକ ମଡେଲ ସାହାଯ୍ୟରେ ସମ୍ପାଦିତ ଏହି ଅଧ୍ୟୟନରୁ ଜଣାପଡ଼ିଛି ଯେ ବରଫ ଅପସାରିତ ହେବା ପରେ ତଳେ ଥିବା ପ୍ରାକୃତିକ ଗାତ, ଉପତ୍ୟକା ଓ ବେସିନ୍‌ଗୁଡ଼ିକରେ ଜଳ ଜମା ହୋଇ ନୂଆ ହ୍ରଦ ଗଠନ ହେବ। 'ନେଚର କମ୍ୟୁନିକେସନ୍ସ' ପତ୍ରିକାରେ ପ୍ରକାଶିତ ଏହି ରିପୋର୍ଟ ଅନୁସାରେ, ଭବିଷ୍ୟତରେ ପ୍ରାୟ ୫୬, ୬୫୯ଟି ନୂଆ ହ୍ରଦ ସୃଷ୍ଟି ହୋଇପାରେ। ଏହି ହ୍ରଦଗୁଡ଼ିକ ସମୁଦାୟ ୪୦, ୬୪୭ ବର୍ଗ କିଲୋମିଟର ଅଞ୍ଚଳ ବ୍ୟାପି ରହିବ ଏବଂ ଏଥିରେ ୩, ୧୩୮ ଘନ କିଲୋମିଟର ଜଳ ଗଚ୍ଛିତ ହୋଇ ରହିପାରିବ। ଏହି ଜଳର ପରିମାଣ ସମୁଦ୍ର ପତ୍ତନକୁ ୭ ମିଲିମିଟର ଯାଏଁ ବଢ଼ାଇବା ପାଇଁ ଯଥେଷ୍ଟ, ଯାହା ଅସ୍ଥାୟୀ ଭାବେ ଏହି ହ୍ରଦଗୁଡ଼ିକରେ ଜମା ହୋଇ ରହିବ। ହିମାଳୟ, କାରାକୋରମ୍,

■ ବିପଦରେ ଏସିଆ ଓ ଆଣ୍ଡିଜ୍ ଅଞ୍ଚଳ
■ ୧.୫ କୋଟି ଲୋକଙ୍କ ଜୀବନ ପ୍ରତି ବିପଦ



ହିନ୍ଦୁକୁଶ, ପାମିର ଏବଂ ତିଏନ୍ ସାନ୍ ଭଳି ଉଚ୍ଚ ଏସୀୟ ପାର୍ବତ୍ୟ ଅଞ୍ଚଳରେ ଏହି ବିପଦ ସବୁଠାରୁ ଅଧିକ। ହିମବାହର ସମ୍ମୁଖ ଭାଗରେ ବଡ଼ ବଡ଼ ଗାତ ରହିଥିବାରୁ ଏଠାରେ ସୃଷ୍ଟି ହେବାକୁ ଥିବା ହ୍ରଦଗୁଡ଼ିକ ନିକଟସ୍ଥ ଜନବସତି, ରାସ୍ତାଘାଟ, କୃଷି କ୍ଷେତ୍ର ଓ ଜଳବିଦ୍ୟୁତ୍ ପ୍ରକଳ୍ପ ପାଇଁ ବଡ଼ ବିପଦ ସୃଷ୍ଟି କରିବ। ଏହି ହ୍ରଦଗୁଡ଼ିକ କୂଳ ଭାଙ୍ଗି ହଠାତ୍ ପ୍ରବଳ ବନ୍ୟା (ହିମବାହ ହ୍ରଦ ବିସ୍ଫୋରଣ ବନ୍ୟା) ସୃଷ୍ଟି କରିବାର ପ୍ରତ୍ୟକ୍ଷ ସମ୍ଭାବନା ରହିଛି। ଅନ୍ୟ ଏକ ଗବେଷଣା ଅନୁସାରେ, ବିଶ୍ୱସାରା ପ୍ରାୟ ୧.୫ କୋଟି (୧୫ ମିଲିଅନ୍) ଲୋକ ଏହିପରି ହଠାତ୍ ଆସୁଥିବା ହିମବାହ ହ୍ରଦ ବନ୍ୟାର ସମ୍ମୁଖୀନ ହୋଇପାରନ୍ତି। ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି, ଏହି ବିପଦପୂର୍ଣ୍ଣ ଜନସଂଖ୍ୟାର ଅଧାରୁ ଅଧିକ ଭାଗ କେବଳ ଭାରତ, ପାକିସ୍ତାନ, ଚୀନ୍ ଏବଂ ପେରୁ ଏହି ଚାରୋଟି ଦେଶରେ ବାସ କରନ୍ତି। ଯଦିଓ ଏହି ହ୍ରଦଗୁଡ଼ିକ ପ୍ରଳୟଙ୍କରୀ ବନ୍ୟାର ଆଶଙ୍କା ବଢ଼ାଉଛନ୍ତି, ତଥାପି ଏହାର ଏକ ସକାରାତ୍ମକ ଦିଗ ମଧ୍ୟ ରହିଛି। ଶୁଷ୍କ ଦିନଗୁଡ଼ିକରେ ଏଗୁଡ଼ିକ ମିଠା ପାଣିର ପ୍ରାକୃତିକ ଭଣ୍ଡାର ଭାବେ କାର୍ଯ୍ୟ କରିପାରିବେ।

## ବ୍ରିଟେନ୍ ମନ୍ତ୍ରିମଣ୍ଡଳରେ ୩ ଭାରତୀୟ ସାଂସଦଙ୍କୁ ମିଳିଲା ଗୁରୁତ୍ୱପୂର୍ଣ୍ଣ ପଦବୀ

ଲଣ୍ଡନ, ୨୫।୭(ଏଜେନ୍ସି): ବ୍ରିଟେନର ନୂତନ ମନ୍ତ୍ରିମଣ୍ଡଳ ଅଦଳବଦଳରେ ଭାରତୀୟ ବଂଶୋଦ୍ଭବ ନେତାମାନେ ବଡ଼ ସଫଳତା ହାସଲ କରିଛନ୍ତି। ପ୍ରଧାନମନ୍ତ୍ରୀ ଏଣ୍ଡି ବର୍ନହାମ୍‌ଙ୍କ ନୂଆ ସରକାରରେ ଲେବର ପାର୍ଟିର ତିନି ଜଣ ଭାରତୀୟ ବଂଶୋଦ୍ଭବ ସାଂସଦଙ୍କୁ ପ୍ରମୁଖ ସରକାରୀ ପଦପଦବୀରେ ନିଯୁକ୍ତି ଦିଆଯାଇଛି। ଏହି ନୂତନ ଅଦଳବଦଳରେ କନିଷ୍କ ନାରାୟଣଙ୍କୁ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ମନ୍ତ୍ରୀ ଭାବେ ମନ୍ତ୍ରିମଣ୍ଡଳରେ ସାମିଲ କରାଯାଇଥିବା ବେଳେ ସତବୀର କୌର ଏବଂ ହରପ୍ରୀତ ଉପ୍ପଲଙ୍କୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କରାଯାଇଛି। ବିହାରର ମୁଜଫରପୁରରେ ଜନ୍ମିତ କନିଷ୍କ ୧୨ ବର୍ଷ ବୟସରେ ୱେଲ୍ସକୁ ସ୍ଥାନାନ୍ତରିତ ହୋଇଥିଲେ। ଅକ୍ସଫୋର୍ଡ ଏବଂ ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟରୁ ଶିକ୍ଷାଗ୍ରହଣ କରିଥିବା କନିଷ୍କଙ୍କୁ ନୂତନ ଭାବେ ସୃଷ୍ଟି ହୋଇଥିବା କୃତ୍ରିମ ବୁଦ୍ଧିମତ୍ତା ମନ୍ତ୍ରଣାଳୟର ଦାୟିତ୍ୱ ଦିଆଯାଇଛି। ପଞ୍ଜାବୀ ପରିବାରରୁ ଆସିଥିବା ସତବୀରଙ୍କୁ ଗୃହ ମନ୍ତ୍ରଣାଳୟ ଏବଂ ନଗର ଉନ୍ନୟନ ମନ୍ତ୍ରଣାଳୟ ଅଧୀନରେ ସମାନତା, ମହିଳା ଓ ବାଳିକା ସୁରକ୍ଷା ପାଇଁ ରାଷ୍ଟ୍ରମନ୍ତ୍ରୀ ଦାୟିତ୍ୱ ମିଳିଛି। ସଂସଦୀୟ କାର୍ଯ୍ୟର ସୁପରିଚାଳନା ଏବଂ ଭୋଟ୍ ସମୟରେ ଦଳୀୟ ଶୃଙ୍ଖଳା ରକ୍ଷା କରିବା ପାଇଁ ହରପ୍ରୀତଙ୍କୁ ସହକାରୀ ସଂସଦୀୟ ସଚେତକ (ଆସିଷ୍ଟାଣ୍ଟ ୱିପ୍) ଭାବେ ନିଯୁକ୍ତ କରାଯାଇଛି।

## ବ୍ରେକ୍ ଫେଲ୍: ଘାଟିରୁ ସ୍କୁଟି ଓଲଟି ୩ ମୃତ

ଗୁଣୁପୁର,୨୫।୭ (ସମିସ): ରାୟଗଡ଼ା ଜିଲ୍ଲା ଗୁଣୁପୁର ସହରର ଶେଫାଳି ପାହାଡ଼ରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ୩ ଜଣଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ପ୍ରସିଦ୍ଧ ନୃତ୍ୟଗୁରୁ ସସ୍ମିତା ପଣ୍ଡା ଓ ସଂସ୍କୃତି ମନ୍ତ୍ରଣାଳୟର ସଂସ୍କୃତି ମନ୍ତ୍ରାଳୟର ଅଡିଟର ଶମ୍ଭୁନାଥ ଦାସ (୫୫) ଓ କଲିକତା ଅଞ୍ଚଳର ଶୁକୁମାର ଭୁଆଁ ରହିଛନ୍ତି। ସେମାନେ ପାହାଡ଼ ଉପରେ ଥିବା ରାମେଶ୍ୱର ଶୈବପୀଠ ବୁଲି ଫେରୁଥିବା ବେଳେ ସ୍କୁଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସ୍କୁଟିରେ ୩ ଜଣ ବସିଥିବା ବେଳେ ବ୍ରେକ୍‌ଫେଲ୍ ହେବାରୁ ଏକ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇ ଯାଇଥିଲା। ତିନି ଜଣଙ୍କୁ ଡାକ୍ତରଖାନାରେ ମୃତ ଘୋଷଣା କରାଯାଇଛି। ଏହି ଘଟଣା ପରେ ଗୁଣୁପୁର ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ସୂଚନା ଅନୁସାରେ ଗୋଟିଏ ସ୍କୁଟିରେ ନୃତ୍ୟଗୁରୁ ସସ୍ମିତା ପଣ୍ଡା, ଶମ୍ଭୁନାଥ ଓ ସୁକୁମାର ଶେଫାଳି ପାହାଡକୁ ଯାଇଥିଲେ। ସେଠାରେ ଶୈବପୀଠ ବୁଲା ବୁଲି କରି ରାତି ପ୍ରାୟ ସାଢେ ୮ଟା ବେଳେ ପାହାଡ଼ ତଳକୁ ଫେରୁଥିବା ସମୟରେ ଗଡ଼ାଣିଆ ଘାଟି ରାସ୍ତାରେ ସ୍କୁଟିର ହଠାତ୍ ବ୍ରେକ୍ ଫେଲ୍ ହୋଇଯାଇଥିଲା। ଫଳରେ ଚାଳକ ସସ୍ମିତା ଗାଡିକୁ ନିୟନ୍ତ୍ରଣ କରିପାରିନଥିଲେ। ସ୍କୁଟିଟି ଦ୍ରୁତଗତିରେ ଆସି ପାହାଡ଼ ତଳେ ମୃତ୍ତିକା ସଂରକ୍ଷଣ ବିଭାଗର ସମ୍ମୁଖରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟରେ ଧକ୍କା ହୋଇଥିଲା। ଦୁର୍ଘଟଣା ପରେ ତିନିଜଣ ରାସ୍ତା କଡ଼ରେ ଗୁରୁତର ଅବସ୍ଥାରେ ପଡି ରହିଥିଲେ। ଖବର ପାଇ ଗୁଣୁପୁର ଦମକଳ ବାହିନୀ ଓ ୧୦୮ ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଗୁଣୁପୁର ଉପଖଣ୍ଡସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ସ୍ୱାସ୍ଥ୍ୟକେନ୍ଦ୍ରରେ ହିଁ ଅଡିଟର ଶମ୍ଭୁନାଥଙ୍କ ମୃତ୍ୟୁ ଘଟିଥିଲା। ଉଚ୍ଚ ଚିକିତ୍ସା ପାଇଁ ନୃତ୍ୟଗୁରୁ ସସ୍ମିତାଙ୍କୁ ପାରଳାଖେମୁଣ୍ଡି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ପାରଳାଖେମୁଣ୍ଡି ମେଡିକାଲରେ ତାଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟ ଅଡିଟର ଶୁକୁମାର ଭୁଆଁଙ୍କୁ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଥିଲା। ଶନିବାର ଦିନ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟ ଘଟିଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ, ସସ୍ମିତା ପଣ୍ଡା ରାୟଗଡ଼, ଗୁଣୁପୁର ଓ ମୁନିଗୁଡ଼ାରେ ଭାରତୀୟ କଳା ଓ ସଂସ୍କୃତି ନୃତ୍ୟ ଗବେଷଣା କେନ୍ଦ୍ର ଖୋଲି ପିଲାଙ୍କୁ ନୃତ୍ୟ ଶିକ୍ଷା ପ୍ରଦାନ କରୁଥିଲେ। ଏହି ନୃତ୍ୟ ଗବେଷଣା କେନ୍ଦ୍ରର ଅଡିଟ୍ ପାଇଁ ସଂସ୍କୃତି ମନ୍ତ୍ରାଳୟ ପକ୍ଷରୁ ଦୁଇ ଅଧିକାରୀ ଆସିଥିଲେ। ମୃତ ଅଡିଟର ଶମ୍ଭୁନାଥଙ୍କ ଘର କେନ୍ଦ୍ରାପଡା ଜିଲ୍ଲା ରାଜକନିକା ଅଞ୍ଚଳରେ ଏବଂ ସସ୍ମିତାଙ୍କ ଘର ଭଦ୍ରକ ଅଞ୍ଚଳରେ ବୋଲି ଜଣାପଡିଛି।ସସ୍ମିତା ଗୁଣୁପୁର ଅଞ୍ଚଳରେ ଭଡ଼ା ଘରେ ରହି ପିଲାଙ୍କୁ ନୃତ୍ୟ ଶିକ୍ଷାଦାନ କରୁଥିଲେ। ସେ ଗୁଣୁପୁର କେନ୍ଦ୍ରୀୟ ବିଦ୍ୟାଳୟରେ ଠିକା ନୃତ୍ୟ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଥିଲେ। ତାଙ୍କ ବିୟୋଗରେ ଆଜି କେନ୍ଦ୍ରୀୟ ବିଦ୍ୟାଳୟ ପକ୍ଷରୁ ଛୁଟି ଘୋଷଣା କରାଯାଇଥିଲା। ଦୁର୍ଘଟଣାସ୍ଥଳରେ ପୁଲିସ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସ୍କୁଟିକୁ ପୁଲିସ ଜବତ କରିବା ସହ ମୃତକ ଶମ୍ଭୁନାଥଙ୍କ ଶବ ବ୍ୟବଚ୍ଛେଦ ଗୁଣୁପୁର ଉପଖଣ୍ଡସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ କରି ପରିବାରକୁ ହସ୍ତାନ୍ତର କରିଛି। ସସ୍ମିତାଙ୍କ ମୃତଦେହକୁ ପାରଳାଖେମୁଣ୍ଡି ଠାରେ ବ୍ୟବଚ୍ଛେଦ କରାଇଥିବା ବେଳେ ସୁକୁମାରଙ୍କର ଶବ ବ୍ୟବଚ୍ଛେଦ ଭୁବନେଶ୍ୱରରେ ହେବ ବୋଲି ଜଣାପଡିଛି। ଏହି ଦୁର୍ଘଟଣା ଖବର ପ୍ରସାରିତ ହେବା ପରେ ଗୁଣୁପୁର ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ଆଜି ଅଧରପଣା ନୀତି



### ଅଧରପଣା ନୀତି ନିର୍ଘଣ୍ଟ

| | |
|---|---|
| ତିନିରଥରେ ମଙ୍ଗଳ ଆଳତି | ସକାଳ ୬ରୁ ୬ଟା ୩୦ |
| ମଇଲମ-ତଡ଼ପଲାଗି | ସକାଳ ୭ଟା |
| ଅବକାଶ | ସକାଳ ୮ଟା |
| ବେଶ ଶେଷ | ସକାଳ ୯ଟା |
| ଗୋପଳବଲ୍ଲଭ | ପୂର୍ବାହ୍ଣ ୧୦ରୁ ୧୦ଟା ୩୦ |
| ସକାଳଧୂପ | ପୂର୍ବାହ୍ଣ ୧୧ଟା ୩୦ରୁ ମଧ୍ୟାହ୍ନ ୧୨ଟା ୩୦ |
| ମଇଲମ | ଅପରାହ୍ଣ ୧ଟା |
| ମହାସ୍ନାନ ଓ ସର୍ବାଙ୍ଗ | ଅପରାହ୍ଣ ୧ଟା ୩୦ |
| ବେଶ ଶେଷ | ଅପରାହ୍ଣ ୨ଟା |
| ମଧ୍ୟାହ୍ନ ଧୂପ | ଅପରାହ୍ଣ ୩ଟା ୩୦ରୁ ୪ଟା ୩୦ |
| ତିନିରଥରେ ଅଧରପଣା ନୀତି ଶେଷ | ରାତି ୮ଟା |
| ମହାସ୍ନାନ ଶେଷ | ରାତି ୯ଟା |
| ମଇଲମ ଓ ବେଶ | ରାତି ୧୦ଟା |
| ସନ୍ଧ୍ୟା ଆଳତି | ରାତି ୧୦ଟା ୩୦ |
| ସନ୍ଧ୍ୟାଧୂପ | ରାତି ୧୧ଟାରୁ ୧୨ଟା |
| ମଇଲମ ଓ ଚନ୍ଦନଲାଗି | ରାତି ୧୨ଟା ୩୦ |
| ବଡ଼ସିଂହାର ବେଶ | ରାତି ୧ଟା |
| ବଡ଼ସିଂହାର ଭୋଗ | ରାତି ୧ଟା ୩୦ |
| ରାତ୍ର ପହୁଡ଼ | ରାତି ୨ଟା |

### ବାହୁଡ଼ାରେ ପୁଣି ଜଣେ ଭକ୍ତଙ୍କ ମୃତ୍ୟୁ

## ଗଭୀର ଉଦ୍‌ବେଗ ପ୍ରକାଶ କଲେ ନବୀନ

ଭୁବନେଶ୍ୱର,୨୫।୭ (ସମିସ): ପୁରୀ ବାହୁଡ଼ା ଯାତ୍ରାରେ ହୋଇଥିବା ଦଳଚକଟା ଓ ଏଥିପାଇଁ ଜଣ ଭକ୍ତଙ୍କ ମୃତ୍ୟୁ ଘଟଣାକୁ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହି ଘଟଣା ପରେ କ୍ରମାଗତ ଭାବେ ରଥଯାତ୍ରା ସମୟରେ ଉପୁଜୁଥିବା ଅଘଟଣ ପାଇଁ ସେ ରାଜ୍ୟ ସରକାରଙ୍କ କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନ ଉଠାଇବା ସହ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ଶନିବାର ନବୀନ ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ଲେଖିଛନ୍ତି, ମହାପ୍ରଭୁଙ୍କ ବାହୁଡା ଯାତ୍ରାରେ ଦଳାଚକଟା ଯୋଗୁଁ ଜଣେ ଶ୍ରଦ୍ଧାଳୁଙ୍କ ପ୍ରାଣହାନୀ ଓ ଅନେକ ଆହତ ହୋଇଥିବା ବିଷୟ ଜାଣି ମୁଁ ଅତ୍ୟନ୍ତ ଦୁଃଖିତ ଓ ମର୍ମାହତ। ମୃତକଙ୍କ ପରିବାର ସଦସ୍ୟଙ୍କୁ ନବୀନ ଗଭୀର ସମବେଦନା ଜଣାଇବା ସହ ଆହତଙ୍କ ଆଶୁଆରୋଗ୍ୟ କାମନା କରିଛନ୍ତି। ତେବେ ରଥଯାତ୍ରା ସମୟରେ ବାରମ୍ବାର ଏଭଳି ଅଘଟଣ ଘଟୁଛି କ'ଣ ପାଇଁ? ସରକାର ଏତେ ଖାମଖିଆଲି ଭାବେ କ'ଣ ପାଇଁ କାମ



କରୁଛନ୍ତି? ମହାପ୍ରଭୁଙ୍କ ନବଦିନାତ୍ମକ ଯାତ୍ରାକୁ ସୁରୁଖୁରୁରେ ସମାପନ କରିବାକୁ ସରକାର ଆଦୌ ଗୁରୁତ୍ୱର ସହ ଗ୍ରହଣ ନକରିବା ଅତ୍ୟନ୍ତ ଚିନ୍ତାଜନକ ବୋଲି ନବୀନ ଉଲ୍ଲେଖ କରିଛନ୍ତି।


ନବୀନ କହିଛନ୍ତି, ଅନୁଭବ ହେଉଛି ଅତୀତର ତ୍ରୁଟିରୁ ଶିଖିବାର ମନୋବୃତ୍ତି ଏହି ସରକାରର ନାହିଁ। ଗୋଟିଏ ପରେ ଗୋଟିଏ ଅଘଟଣ ପ୍ରତିବର୍ଷ ରଥଯାତ୍ରା ସମୟରେ ଘଟୁଛି, ଲୋକଙ୍କ ଜୀବନ ଯାଉଛି, ରାଜ୍ୟ ବଦନାମ ହେଉଛି। କିନ୍ତୁ ସରକାରଙ୍କ କାର୍ଯ୍ୟଶୈଳୀରେ କୌଣସି ପରିବର୍ତ୍ତନ ଦେଖାଯାଉନାହିଁ। ଭୁଲରୁ ଶିଖିବା ପରିବର୍ତ୍ତେ ସବୁକିଛି କାମଚଳା ନୀତିରେ କରାଗଲା ଭଳି ଅନୁଭବ ହେଉଛି। ଆଉ କେତେ ଅଘଟଣ ପରେ ସରକାର ସଚେତନ ହେବେ ବୋଲି ନବୀନ ପ୍ରଶ୍ନ କରିଛନ୍ତି। ପ୍ରତି ବର୍ଷ ଏପରି ଘଟୁଥିବା ବେଳେ ସରକାର ଏଥିରୁ କିଛି ନଶିଖିବା ଆହୁରି ଦୁର୍ଭାଗ୍ୟଜନକ। ସୁନାବେଶ ଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ଘୋଷଯାତ୍ରାର ଦେବନୀତି କିଭଳି ବିନା କୌଣସି ବିଭ୍ରାଟରେ ଶେଷ ହେବ ସରକାର ସେଥିପ୍ରତି ବିଶେଷ ଯତ୍ନବାନ ହୁଅନ୍ତୁ। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁ ଅକାଳରେ ପ୍ରାଣ ନହରାନ୍ତୁ ବୋଲି ନବୀନ କହିଛନ୍ତି।

## ତିନିରଥରେ ଭାଙ୍ଗାହେବ ୯ ଅଧରହାଣ୍ଡି

ପୁରୀ,୨୫।୭ (ସମିସ): ସିଂହଦ୍ୱାର ସମ୍ମୁଖରେ ଦଣ୍ଡାୟମାନ ତିନିରଥ ଉପରେ ରବିବାର ଅଧରପଣା ନୀତି ସମ୍ପନ୍ନ ହେବ। ଏହି ନୀତି ପାଇଁ ସ୍ୱତନ୍ତ୍ର ହାଣ୍ଡି ପ୍ରସ୍ତୁତ ହୋଇଛି। ତାହାକୁ ଅଧର ହାଣ୍ଡି କୁହାଯାଏ। ଏହି ହାଣ୍ଡିରେ ପଣା ପ୍ରସ୍ତୁତ ହୋଇ ଦାରୁବିଗ୍ରହଙ୍କ ପାଖରେ ଲାଗି ହେବ। ପ୍ରତି ଠାକୁରଙ୍କ ପାଖରେ ୩ ହାଣ୍ଡି ଲେଖାଏଁ ପଣା ଭୋଗ ହେବ। ଦାରୁବିଗ୍ରହଙ୍କ ନିକଟରେ ପଣା ଭୋଗ ପରେ ଏହି ପଣାହାଣ୍ଡିକୁ ଭାଙ୍ଗି ଦିଆଯିବାର ବିଧି ରହିଛି। ପଣା ହାଣ୍ଡି ଭାଙ୍ଗିବା ପରେ ପଣା ସବୁ ରଥ ତଳକୁ ବୋହିଯାଏ। ତାହାକୁ ଦେବଦେବୀ, ଭୂତପ୍ରେତ, କିନ୍ନର ଓ ରାକ୍ଷସମାନେ ପାଇଥା'ନ୍ତି ବୋଲି ବିଶ୍ୱାସ ରହିଛି। ରଥରେ ଠାକୁରଙ୍କ ମଧ୍ୟାହ୍ନ ଧୂପ ନୀତି ବଢ଼ିବା ପରେ ଅଧରପଣା ନୀତି ଅନୁଷ୍ଠିତ ହେବ। ଏହି ନୀତିକୁ ଶୃଙ୍ଖଳିତ କରିବା ଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସେବାୟତଙ୍କ ସହ ଆଲୋଚନା କରାଯାଇଛି। ଏଥିସହ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ହୋଇଛି।







# ଭାଲୁଖାଇ ଜଗନ୍ନାଥ ମନ୍ଦିରରେ ଠାକୁରଙ୍କ ସୁନାବେଶ

ଧର୍ମଶାଳା,୨୫।୭ (ସମିସ):

ଧର୍ମଶାଳା ବ୍ଲକ ଭାଲୁଖାଇସ୍ଥିତ ଜଗନ୍ନାଥ ମନ୍ଦିରରେ ଠାକୁରଙ୍କ ସୁନାବେଶ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ମନ୍ଦିରରୁ ଠାକୁର ୯ ଦିନ ଲାଗି ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାଇ ଗତକାଲି ବାହୁଡାରେ ମନ୍ଦିରକୁ ଫେରିଛନ୍ତି। ଆଜି ରଥାରୁଢ଼ ଠାକୁରଙ୍କୁ ସୁନାବେଶ କରାଯାଇଛି। ଆଜି ଅପରାହ୍ନରେ ଠାକୁରଙ୍କ ନିତିକାନ୍ତି ପୂଜା ସରିବା ପରେ ବ୍ରାହ୍ମଣମାନେ ରଥାରୁଢ଼ ଠାକୁରଙ୍କୁ ସୁନାବେଶ କରାଇଥିଲେ। ଠାକୁରଙ୍କ ସୁନାବେଶ ସରିବା ପରେ ଭକ୍ତମାନଙ୍କ ଦର୍ଶନ ନିମନ୍ତେ ଛଡାଯାଇଥିଲା। ଠାକୁରଙ୍କୁ ସୁନାବେଶରେ ଦର୍ଶନ ଲାଗି ହଜାର ହଜାର ସଂଖ୍ୟାରେ ଭକ୍ତମାଙ୍କ ଭିଡ଼ ଜମିଥିଲା। ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ ଲାଗି ମନ୍ଦିର କମିଟି ଓ ପୁଲିସ ପକ୍ଷରୁ ବ୍ୟାପକ ବ୍ୟାବସ୍ଥା ଗ୍ରହଣ କରାଯାଇଥିଲା। ଏହି ଅବସରରେ ଭାଲୁଖାଇ ମନ୍ଦିର କମିଟି ପକ୍ଷରୁ ଶ୍ରଦ୍ଧାଳୁମାନଙ୍କ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବା ବେଳେ ଆଜି ଭଜନ ଗାୟକ ବସନ୍ତ ପାତ୍ର ଓ ତାଙ୍କ ସାଥୀମାନଙ୍କ ଦ୍ୱାରା ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମନ୍ଦିର ପରିସରରେ ହଜାର ହଜାର ସଂଖ୍ୟାରେ ଭକ୍ତମାନେ ଠାକୁରଙ୍କ ସୁନାବେଶ ଦେଖିବା ସହିତ ବସନ୍ତ ପାତ୍ରଙ୍କ ଦ୍ୱାରା ପରିବେଶିତ ଭଜନ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ମନ୍ଦିରରେ ଅନୁଷ୍ଠିତ ଠାକୁରଙ୍କ ସମସ୍ତ କାର୍ଯ୍ୟକୁ ମନ୍ଦିର କମିଟିର କାର୍ଯ୍ୟକାରୀ ସଭାପତି ଇଂ.କଳ୍ପତରୁ ସାହୁ, ଉପସଭାପତି ପ୍ରଭୁଦତ୍ତ ଜେନା, ସମ୍ପାଦକ ମନୋଜ କୁମାର ରଣା, କୋଷାଧ୍ୟକ୍ଷ ଅଭୟ କୁମାର ରାଉତ, ସହ ସମ୍ପାଦକ ଜ୍ଞାନେନ୍ଦ୍ର ରାଉତ, ରାଜେଶ କୁମାର ପାଳ, ଜିତେନ୍ଦ୍ର ରାଉତ, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, କେଲୁଚରଣ ନାୟକ, ପ୍ରଶନ୍ନ କୁମାର ବରାଳ, ପ୍ରଫୁଲ୍ଲ ଶର, ସୁନିଲ ରାଉତରାୟ, ଜିତେନ୍ଦ୍ର ସାମଲ, ସବ୍ୟସାଚୀ ବେହେରା, ଅଶୋକ କୁମାର ଜେନା ପ୍ରମୁଖ ପରିଚାଳନାରେ ସହାୟତା କରୁଥିବା ବେଳେ ମୁନସୀ ମେଲଣ କମିଟି ତରଫରୁ ସଭାପତି ଚିନ୍ମୟୀ ସାହୁ, କାର୍ଯ୍ୟକାରୀ ସଭାପତି ଜଳଧର ମହାନ୍ତି, ସହ ସମ୍ପାଦକ ପ୍ରବୋଧ ପାତ୍ର, କୋଷାଧ୍ୟକ୍ଷ ମନୋଜ ରାଉଳ, ଅଶୋକ ସାହୁ, ସୂର୍ଯ୍ୟକାନ୍ତ ରାଉତ ପ୍ରମୁଖ ସଦସ୍ୟମାନେ ମନ୍ଦିରରେ ଉପସ୍ଥିତ ରହିଥିଲେ।



## ବାହୁଡ଼ା ରଥ ଟାଣିଲେ ଭକ୍ତ

ପ୍ରୀତିପୁର,୨୫।୭ (ସମିସ): ବିଞ୍ଝାରପୁର ବ୍ଲକର ପ୍ରୀତିପୁର ପଞ୍ଚାୟତର ଶାନ୍ତିପଡା ଗ୍ରାମରେ ଶ୍ରୀଶ୍ରୀ ବାସୁଦେବ (ଶ୍ରୀଜଗନ୍ନାଥ) ମହାପ୍ରଭୁ ବାହୁଡା ରଥରେ ମନ୍ଦିରକୁ ବାହୁଡିଛନ୍ତି। ଶାନ୍ତିପଡାରେ ରଥଟାଣିବା ପାଇଁ ଆଖପାଖର ପ୍ରାୟ ୧୦ଟି ମୌଜାରୁ ଲୋକମାନେ ରୁଣ୍ଡିଭୂତ ହୋଇଥିଲେ। ରବୀନ୍ଦ୍ର ନାଥ ବେହେରା, ଲକ୍ଷ୍ମୀଧର ଦାସ, ମୁରଲୀଧର ଦାସ, ତରୁଣ ଚନ୍ଦ୍ର ଦାସ, ରବୀନ୍ଦ୍ର ବାରିକ୍, ରମଣୀ ରଞ୍ଜନ ଦାସ, ଉପେନ୍ଦ୍ର ବାରିକ୍, ସୁରେନ୍ଦ୍ର ବାରିକ୍, ପ୍ରକାଶ ଚନ୍ଦ୍ର ସାହୁ, ବିଦ୍ୟାଧର ନାଏକ, ଭୋଳାନାଥ ବାରିକ, ଯତୀନ୍ଦ୍ର ଦାସ, ରମାକାନ୍ତ ଦାଶ, ଉମାକାନ୍ତ ଦାଶ, କମଳ ଲୋଚନ ସାହୁ, ସୁଶାନ୍ତ ବାରିକ୍, ରତିକାନ୍ତ ବାରିକ୍, ଶ୍ରୀବନ୍ତ ବାରିକ୍, କୁଞ୍ଜ ବିହାରୀ ସାହୁ, ଗଜେନ୍ଦ୍ର ସାହୁ, ଲମ୍ବୋଦର ନାୟକ, ଦେବକାନ୍ତ ଖଟୁଆ ପ୍ରମୁଖ ରଥଟଣା କାର୍ଯ୍ୟର ପରିଚାଳନା କରିଥିଲେ।



## ଲିଙ୍ଗେଶ୍ୱର ଶିଶୁମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା

ପାଣିକୋଇଲ,୨୫।୭ (ସମିସ): କୋରେଇ ବ୍ଲକ ସ୍ଥିତ ମୂଳାପାଳ ପଞ୍ଚାୟତର ମୂଳାପାଳ ଠାରେ ଥିବା ବାବା ଲିଙ୍ଗେଶ୍ୱର ବିହାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଆଜି ୨୭ତମ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ବିଜ୍ଞାନ ମେଳାରେ ମୋଟ ୨୯୦ ଜଣ ପ୍ରତିଭାଗୀ ବିଜ୍ଞାନ, ଗଣିତ ସଂସ୍କୃତ ଜ୍ଞାନ ବିଭାଗରେ ଭାଗନେଇଥିଲେ। ପ୍ରଶ୍ନମଞ୍ଚରେ ୬୦ଜଣ, ପ୍ରକଳ୍ପରେ ୧୩୦ଜଣ, ପତ୍ରବାଚନରେ ୨୫ଜଣ, ପ୍ରୟୋଗରେ ୪୫ଜଣ, କଥାକଥନରେ ୧୨ଜଣ, ମୂର୍ତିକଳାରେ ୧୮ଜଣ ପ୍ରତିଭାଗୀ ଭାଗ ନେଇଥିଲେ। ଉଦ୍‌ଘାଟନୀ ସଭାରେ ଲିଙ୍ଗେଶ୍ୱର ଉନ୍ନୟନ କମିଟିର ସଭାପତି ବାସୁଦେବ ପରିଡା ମୁଖ୍ୟଅତିଥି ରୂପେ ଯୋଗଦେଇ ମେଳାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ଉନ୍ନୟନ କମିଟିର ବରିଷ୍ଠ ସଦସ୍ୟ ପ୍ରତାପ ଚନ୍ଦ୍ର ଧଳ, ମୁଖ୍ୟବକ୍ତା ଭାବେ ରସୁଲପୁର ସିଆର୍‌ସିସି ମଦନମୋହନ ବେହେରା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବୃନ୍ଦାବନ ସାହୁ, ସମ୍ପାଦକ ଦିଲ୍ଲିପ କୁମାର ଧଳ, ଯୁଗ୍ମ ସମ୍ପାଦକ ରାଜକିଶୋର ମଲ୍ଲିକ, ଉପସଭାପତି ଶଙ୍କର୍ଷଣ ପରିଡା ଓ କୋଷାଧ୍ୟକ୍ଷ କୈଳାସ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବିଜ୍ଞାନ ପ୍ରମୁଖ ଭାସ୍କର ଗୁରୁଜୀ, ସହ ପ୍ରମୁଖ ମାହେଶ୍ୱରୀ ଗୁରୁମା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର କୁମାରେ ତ୍ରିପାଠୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସହ ପ୍ରଧାନ ଆଚାର୍ଯ୍ୟ ଜଗନ୍ନାଥ ଗୁରୁଜୀ ଧନ୍ୟବାଦ ଅର୍ପଣ କରିଥିଲେ। ବିଚାରକ ଭାବେ ମାନସ ରଂଜନ ସାହୁ, ରଦ୍ଧିସୁନ୍ଦର ମିଶ୍ର, ବୀରସିଂହ ଟିୟୁ, ମାନସ ରଂଜନ ଶତପଥି ଓ ଶୈକ୍ଷିକ ସଦସ୍ୟ ବିଜୟ କୁମାର ଦାସ ଓ ବିଦ୍ୟାଳୟ ବିଦ୍ୟୁତ ପରିଷଦର ସଭାପତି କୈଳାସ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇଥିଲେ।

## ବଡ଼ଦେଉଳକୁ ବାହୁଡ଼ିଲେ ବଡ଼ଠାକୁର

କବାଟବନ୍ଧ,୨୫।୭ (ସମିସ): ବଡ଼ଦାଣ୍ଡରେ ଭକ୍ତ ମାନଙ୍କୁ ଦର୍ଶନ ଦେଇ ମହାପ୍ରଭୁ ବଡ଼ ଦେଉଳକୁ ଫେରିଛନ୍ତି। ଏହି ଅବସରରେ ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ବିଭିନ୍ନ ସ୍ଥାନରେ ବାହୁଡ଼ା ଯାତ୍ରା ରୀତିନୀତି ଅନୁସାରେ ସମ୍ପନ୍ନ ହୋଇଛି। ସ୍ଥାନୀୟ କବାଟବନ୍ଧ, ଚଉସଠିପଡ଼ା, ବଳରାମପୁର ତଳଗଡ଼, ଜେନାପୁର, ଐତିହାସିକ ପୀଠ ବଳରାମପୁର ଉପରଗଡ, ରାମପୁର, କଇଥା, ମୁରାଲୀପୁର, ଗଡ଼ମଧୁପୁର, ଆଦି ସ୍ଥାନରେ ଏହା ବହୁ ଆନନ୍ଦ ଉଲ୍ଲାସର ସହିତ ରୀତିନୀତି ଅନୁସାରେ ସମ୍ପନ୍ନ ହୋଇଛି। ମହାପ୍ରଭୁ ୯ ଦିନ ପରେ ମାଉସୀ ମା' ଘରୁ ବଡ଼ ଦେଉଳକୁ ଫେରିଛନ୍ତି। ଅପରାହ୍ନରେ ପହଣ୍ଡି ବିଜେ କରାଯାଇ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ରଥାରୂଢ଼ କରାଯାଇଥିଲା। ଭକ୍ତ ମାନେ ରଥ ଟାଣିଥିଲେ। ଐତିହାସିକ ପୀଠ ବଳରାମପୁର ଉପରଗଡ଼ରେ ପାହାଡ଼ ଉପରେ ଏହା ଏକ ସ୍ୱତନ୍ତ୍ର ଅନୁଭବ ହୁଏ। ଏହି ମନ୍ଦିର ୧୩୨୫ ସାଲରେ ନିର୍ମାଣ ହୋଇଥିଲା। ରାଜା ରାଜୁଡ଼ା ଶାସନ ଅମଳରୁ ସମୁଦ୍ର ପତ୍ତନ ଠାରୁ ପ୍ରାୟ ୫ ଶହ ଫୁଟ ପାହାଡ଼ ଉପରେ ଏହି ରଥଯାତ୍ରା ସେହି ଦିନ ଠାରୁ ଅନୁଷ୍ଠିତ ହୋଇ ଆସୁଛି। କବାଟବନ୍ଧରେ ବାହୁଡ଼ା ଯାତ୍ରାର ସମସ୍ତ ରୀତିନୀତି ସମ୍ପନ୍ନ କରାଯାଇ ପରଦିନ ରଥ ଟଣା ହୋଇଥିଲା।



## ସୁକିନ୍ଦାରେ ନିଆରା ବାସି ରଥଯାତ୍ରା

ସୁକିନ୍ଦା,୨୫।୭ (ସମିସ): ଯାଜପୁର ଜିଲ୍ଲାର ସର୍ବପୁରାତନ ଓ ସରକାରୀ ରଥଯାତ୍ରା ଭିତରେ ସୁକିନ୍ଦା ରଥଯାତ୍ରା ପ୍ରଥମ। ସମସ୍ତ ସ୍ଥାନରେ ହେଉଥିବା ରଥଯାତ୍ରା ଠାରୁ ଏଠିକାର ରଥଯାତ୍ରା ସମ୍ପୂର୍ଣ୍ଣ ନିଆରା। ଉଭୟ ଗୁଣ୍ଡିଚା ଓ ବାହୁଡା ଯାତ୍ରାରେ ଠାକୁରଙ୍କୁ ପହଣ୍ଡି କରି ରଥାରୂଢ଼ କରିବା ପରେ ରାଜା ସାହେବ ଭୁଦେବ ଭୂପତି ହରିଚନ୍ଦନ ମହାପାତ୍ର ଛେରାପହଁରା କରିଥାନ୍ତି। ପରେ ଗୋଟିଏ ଥର ରଥ ଟଣାଯାଇ ଥାଏ। ପରଦିନ ସମ୍ପୂର୍ଣ୍ଣ ରଥଟଣା ହୋଇଥାଏ। ଆବାହମାନ କାଳରୁ ଏହି ପ୍ରଥା ଚାଲି ଆସିଛି। ସେହି ପରମ୍ପରା ଅନୁଯାୟୀ ଚଳିତ ବର୍ଷ ସୁକିନ୍ଦାରେ ଶୁକ୍ରବାର ଥରେ ଓ ଶନିବାର ଦିନ ସମ୍ପୂର୍ଣ୍ଣ ରଥଟଣା ସମ୍ପର୍ଣ୍ଣ ହୋଇଛି। ସନ୍ଧ୍ୟାରେ ମନ୍ଦିର ସମ୍ମୁଖରେ ରଥ ପହଞ୍ଚିବା ପରେ ପ୍ରଭୁଙ୍କ ସନ୍ଧ୍ୟା ଆଳତି ଓ ପୂଜା ଆରମ୍ଭ ହୋଇଥିଲା। ରଥ ଉପରେ ସନ୍ଧ୍ୟା ଆଳତି ଦର୍ଶନ ପାଇଁ ହଜାର ହଜାର ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଛି। ବାହୁଡା ଯାତ୍ରାରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ପ୍ରମୁଖ ଭକ୍ତଙ୍କ ଭିଡ଼ ଭିତରେ ରଥ ଟାଣିଥିଲେ। ଆସନ୍ତା ସୋମବାର ସନ୍ଧ୍ୟାରେ ପ୍ରଭୁ ରତ୍ନବେଦୀକୁ ଫେରିବେ। ଯାତ୍ରାରେ ଭକ୍ତଙ୍କ ଭିଡ଼କୁ ଦେଖି ଓଡ଼ିଶା ମାଇନିଂ ୱାର୍କରସ ୟୁନିଅନ, ଚକାଡୋଳା ବ୍ୟବସାୟ ପ୍ରତିଷ୍ଠାନ, ଓଡ଼ିଶା ଡ୍ରାଇଭର ମହାସଂଘ, ସ୍ଥାନୀୟ ଯୁବକ ସଂଘ ପକ୍ଷରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବା ବେଳେ ଲାୟନ୍ସ କ୍ଲବ ପକ୍ଷରୁ ଶୁଖିଲା ଖାଦ୍ୟ, ପାନୀୟ ଜଳ ଓ ବିଭିନ୍ନ ଚାରା ବଣ୍ଟନ କରାଯାଇଛି।



## ଅପରିଷ୍କାର ବରୁଣେଶ୍ୱର ଶୈବକ୍ଷେତ୍ର

ବିଞ୍ଝାରପୁର,୨୫।୭ (ସମିସ): ଶ୍ରାବଣ ମାସ ଆରମ୍ଭ ହେବା ସହ ବିଭିନ୍ନ ଶୈବପୀଠରେ ଭକ୍ତଙ୍କ ସମାଗମ ବଢ଼ିଛି। ଯାଜପୁର ଜିଲ୍ଲାର ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଅରେଇ ପଞ୍ଚାୟତର ପ୍ରସିଦ୍ଧ ବାବା ବରୁଣେଶ୍ୱର ଶୈବ କ୍ଷେତ୍ରକୁ ମଧ୍ୟ ପ୍ରତିଦିନ ହଜାର ହଜାର ବୋଲବମ୍ ଭକ୍ତ ଜଳଲାଗି ପାଇଁ ଆସୁଛନ୍ତି। କିନ୍ତୁ ମନ୍ଦିର ପରିସରର ଅପରିଷ୍କାର ପରିବେଶକୁ ନେଇ ଭକ୍ତ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପୂର୍ବରୁ ମନ୍ଦିର ପରିସରରେ ଥିବା ପୋଖରୀରେ ଭକ୍ତମାନେ ହାତ ଓ ଗୋଡ଼ ଧୋଇ ମନ୍ଦିରକୁ ପ୍ରବେଶ କରୁଥିଲେ। ମାତ୍ର ବର୍ତ୍ତମାନ ପୋଖରୀ ସମେତ ସମଗ୍ର ମନ୍ଦିର ପରିସର ଅପରିଷ୍କାର ହୋଇପଡ଼ିଛି। ବିଭିନ୍ନ ସ୍ଥାନରେ ଅଇଁଠା ପତ୍ର, ପ୍ଲାଷ୍ଟିକ ବୋତଲ, ଗ୍ଲାସ ଓ ଅନ୍ୟାନ୍ୟ ବର୍ଜ୍ୟବସ୍ତୁ ପଡ଼ି ରହିଥିବାରୁ ପରିବେଶ ଦୂଷିତ ହେଉଛି। ପୂର୍ବତନ ସରପଞ୍ଚ ଦେବାନନ୍ଦ ମଲ୍ଲିକ ଏହି ଅପରିଷ୍କାର ପରିବେଶ ପାଇଁ ରୋଷେଇଆମାନଙ୍କୁ ଦାୟୀ କରିଥିବା ବେଳେ, ଗୋବିନ୍ଦ ଜେନା, କୁଳମଣି ମଲ୍ଲିକ, ଶ୍ରୀଧର ନାୟକ ଓ ପ୍ରଭାତ ବିଶ୍ୱାଳ ପଞ୍ଚାୟତ ପ୍ରଶାସନର ଅବହେଳାକୁ ଦାୟୀ କରିଛନ୍ତି। ଏ ସମ୍ପର୍କରେ ସରପଞ୍ଚ ସ୍ମୃତିସମୀକ୍ଷା ମଲ୍ଲିକ କହିଛନ୍ତି ଯେ, ବରୁଣେଶ୍ୱର କ୍ଷେତ୍ରକୁ ପରିଷ୍କାର ରଖିବା ପାଇଁ ପଞ୍ଚାୟତ ପକ୍ଷରୁ ସମସ୍ତ ପ୍ରୟାସ କରାଯାଉଛି। ତେବେ ବିବାହ ଓ ଅନ୍ୟାନ୍ୟ ଭୋଜିଭାତ କାର୍ଯ୍ୟକ୍ରମ ପରେ ବର୍ଜ୍ୟବସ୍ତୁ ଯଥାଯଥ ଭାବେ ପରିଚାଳନା ନ ହେବାରୁ ଏଭଳି ସମସ୍ୟା ସୃଷ୍ଟି ହେଉଛି। ଏଥିପାଇଁ କଡ଼ା କଟକଣା ଲାଗୁ କରାଗଲେ କ୍ଷେତ୍ରର ସ୍ୱଚ୍ଛତା ବଜାୟ ରହିପାରିବ ବୋଲି ସେ କହିଛନ୍ତି। ଏହି ପ୍ରସିଦ୍ଧ ଶୈବପୀଠର ସ୍ୱଚ୍ଛତା ଓ ସୌନ୍ଦର୍ଯ୍ୟ ବଜାୟ ରଖିବା ପାଇଁ ବ୍ଲକ ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।



## ବାବା ଭୈରବାନନ୍ଦ ମହାବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି

ବଡଚଣା,୨୫।୭ (ସମିସ): ଚଣ୍ଡିଖୋଲ ସ୍ଥିତ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟର ୫୦ ବର୍ଷ ପୂର୍ତ୍ତି ଅବସରରେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂଘ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଛାତ୍ର ସଂଘ ସାଧାରଣ ସମ୍ପାଦକ ଆଇନଜୀବୀ ଦେବରାଜ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବଡଚଣା ବିଧାୟକ ଅମର କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ମହାବିଦ୍ୟାଳୟ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବା ସହ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଭବ୍ୟ ଢଙ୍ଗରେ ପାଳନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ବୈଠକରେ କଲେଜ ପରିଚାଳନା ସମିତିର ପ୍ରାକ୍ତନ ସଭାପତି ପ୍ରାଧ୍ୟାପକ ବିନାୟକ ପଣ୍ଡା, ପ୍ରାକ୍ତନ ସଭ୍ୟ ଡ. ପ୍ରିୟନାଥ ମହାପାତ୍ର ଓ ନିରଞ୍ଜନ ସେନାପତି, ପ୍ରାକ୍ତନ ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡା, ପ୍ରାଧ୍ୟାପକ ବସନ୍ତ କୁମାର ନାୟକ, ପ୍ରାଧ୍ୟାପକ ଡ. ଅଜୟ କୁମାର ଲେଙ୍କା, ପ୍ରାଧ୍ୟାପକ ଦୈତାରୀ ସାହୁ, ଉପଦେଷ୍ଟା ନିହାର ରଂଜନ ଦାସ ପଟ୍ଟନାୟକ, ପୁର୍ବତନ ଛାତ୍ର ସଂସଦ ସଭାପତି ବୈକୁଣ୍ଠ ବିହାରୀ ସାମନ୍ତରାୟ, ସାଧାରଣ ସମ୍ପାଦକ ମନ୍ମଥ ରାୟ, ଶକ୍ତିରଞ୍ଜନ ରାଉତ ଓ ପ୍ରମୋଦ କୁମାର ଜେନା, ପ୍ରଧ୍ୟାପକ ମଥୁରି ବେହେରା, ଅଧ୍ୟାପକ ବିଜୟ କେତନ ସାମଲ, ଶୁଶ୍ରୀ କାମିନୀ ନାୟକ, କ୍ଷମାନିଧି ସାହୁ, ମନୋରଞ୍ଜନ ସାହୁ, ମାନସ ରଞ୍ଜନ ବିଶ୍ୱାଳ, ତନ୍ମୟ ପୃଷ୍ଟି, ପବିତ୍ର ରାଉତ, ରଞ୍ଜନ ଦାସ, ଅନିଲ କୁମାର ଦାସ, ବ୍ଲକ ଅଧ୍ୟକ୍ଷା ମିନତୀ ସେନାପତି, ଉପାଧ୍ୟକ୍ଷ ବିଭାସ ଚନ୍ଦ୍ର ନନ୍ଦ, ଯାଜପୁର ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ ଓ ସଭ୍ୟ ଯଚିନ୍ଦ୍ର ପ୍ରସାଦ ନାୟକ, ପ୍ରଭାକର ଉଦଗାତା, ପ୍ରଶାନ୍ତ ବେହେରା, ହରିଶଙ୍କର ପଣ୍ଡା, ଆଇନଜୀବୀ ଦୀନବନ୍ଧୁ ନାୟକ, ଅଶୋକ କୁମାର ଜେନା ଓ ହେମନ୍ତ କୁମାର ମାହାଲା, ଗଙ୍ଗାଧର ସାମଲ, ନୀଳମଣି ରାଉତ, କିଶୋର ପଲାଇ, ଦେବ ରଞ୍ଜନ ସ୍ୱାଇଁ, ତନ୍ମୟ ପୃଷ୍ଟି, ରଞ୍ଜନ କୁମାର ରାଉତ, କଳ୍ପତରୁ ସାହୁ, ଜଗନ୍ନାଥ ମହାପାତ୍ର, ଶ୍ରୀତମ ପୃଷ୍ଟି ପ୍ରମୁଖ ଯୋଗଦେଇ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ସଫଳ ରୂପାୟନ କରିବା ପାଇଁ ମତାମତ ପ୍ରଦାନ କରିଥିଲେ। ସଂଘ ଉପ ସଭାପତି ଅଧ୍ୟାପକ ସଲିଳରାଜ ନନ୍ଦନ ମହାନ୍ତି ସ୍ୱାଗତ ଭାଷଣ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ସହ ସମ୍ପାଦକ ଡ. ଦିଲ୍ଲିପ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ପୂର୍ବତନ ମନ୍ତ୍ରୀ କଳ୍ପତରୁ ଦାସଙ୍କ ସ୍ମୃତିସଭା



ଧର୍ମଶାଳା,୨୫।୭ (ସମିସ): ଧର୍ମଶାଳା ବ୍ଲକ ନେଉଳପୁର ପଞ୍ଚାୟତ ଧର୍ମଶାଳା ଭବନ ପରିସରରେ ପୂର୍ବତନ ସାଂସଦ କଳ୍ପତରୁ ଦାସଙ୍କ ୧୧ତମ ଶ୍ରାଦ୍ଧବାର୍ଷିକୀ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଧର୍ମଶାଳା ବ୍ଲକ ବିଜେଡି ସଭାପତି ପ୍ରସନ୍ନ କୁମାର ରାଉତ ସଭାପତିତ୍ୱ କରିଥିଲେ। ଏହି ସଭାରେ ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, ଯାଜପୁର ବିଧାୟିକା ସୁଜାତା ସାହୁ, ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ପୂର୍ବତନ ମନ୍ତ୍ରୀ ତଥା ସୁକିନ୍ଦାର ପୂର୍ବତନ ବିଧାୟକ ଇଂ. ପ୍ରୀତିରଞ୍ଜନ ଘଡ଼େଇ, ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ, ବିଜେଡି ନେତା କ୍ୟାପଟେନ ରାଜନାରାୟଣ ମହାପାତ୍ର, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ନରେଶ ଚନ୍ଦ୍ର ମହାନ୍ତି, ବରିଷ୍ଠ ବିଜେଡି ନେତା ସନ୍ତୋଷ ଜେନା, ଅତିଥି ଭାବେ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧର୍ମଶାଳା ପୂର୍ବତନ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ବରିଷ୍ଠ ବିଜେଡି ନେତା ଉତ୍କଳମଣି ଦାସ, ଦୁଃଶାସନ ସାହୁ, ଅମରେନ୍ଦ୍ର ରାୟ, ରାଜକିଶୋର ମହାନ୍ତି, ସୁରେନ୍ଦ୍ର ପଣ୍ଡା, ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦାସଙ୍କ ସ୍ମୃତିଚାରଣ କରିଥିଲେ। ବରିଷ୍ଠ ବିଜେଡି ନେତା ଉତ୍ତମ କୁମାର ଦାସ ଧନ୍ୟବାଦ ଦେଇଥିଲା ବେଳେ ସ୍ୱର୍ଗତ ଦାସଙ୍କ ସାନ ପୁଅ ତଥା ଧର୍ମଶାଳା ବ୍ଲକର ପୂର୍ବତନ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ।

## ମୃତ ଶିକ୍ଷକଙ୍କ ପରିବାରକୁ ଭେଟିଲେ ପୂର୍ବତନ ସାଂସଦ

କୟାଁଗୋଲା,୨୫।୭ (ସମିସ): ଦଶରଥପୁର ବ୍ଲକ ପାଲଟପୁର ପଞ୍ଚାୟତ ବିନ୍ଧାନନ୍ଦିପୁର ଗ୍ରାମର ଶିକ୍ଷକ ଚକ୍ରଧର ବିଶ୍ୱାଳ (୬୧)ଙ୍କ ପରଲୋକ ହୋଇଯାଇଛି। ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ସ୍ୱର୍ଗତ ବିଶ୍ୱାଳ ଗାନ୍ଧିଜୀ ଉଚ୍ଚ ବିଦ୍ୟାଳୟ ପରେ ଗ୍ରୀନ୍‌ଲ୍ୟାଣ୍ଡ ପବ୍ଲିକ ସ୍କୁଲରେ ଶିକ୍ଷକତା କରୁଥିଲେ। ଖବର ପାଇ କଂଗ୍ରେସର ପୂର୍ବତନ ରାଜ୍ୟସଭା ସାଂସଦ ତଥା ଆଇଏନଟିୟୁସି ରାଜ୍ୟ ସଭାପତି ଡ. ରାମଚନ୍ଦ୍ର ଖୁଣ୍ଟିଆ ତାଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ସ୍ୱର୍ଗତ ବିଶ୍ୱାଳ ଜଣେ ପରପୋକାରୀ, ମିଷ୍ଟ ଭାଷୀ, ମେଳାପି, ଛାତ୍ର ବତ୍ସଳ ବ୍ୟକ୍ତି ଭାବେ ସମସ୍ତଙ୍କ ପ୍ରିୟ ହୋଇପାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇଏନଟିୟୁସି ରାଜ୍ୟ ଉପସଭାପତି ଭରତ ଚନ୍ଦ୍ର ପରିଡା, କଂଗ୍ରେସ ନେତା ସନ୍ତୋଷ ନନ୍ଦ, ଭାସ୍କର ମହାନ୍ତି, ପୂର୍ବତନ ବ୍ଲକ ସଭାପତି ଶ୍ୟାମସୁନ୍ଦର କର, ସରପଞ୍ଚ ଲିପିକା ମଲିକ, ଚନ୍ଦ୍ର ଶେଖର ସାହୁ, ଅନନ୍ତ କୁମାର ଜେନା, ସାଗର ରଞ୍ଜନ ପରିଡା, ମଦନ ମଲିକ, ରାଜୀବ ମଲିକ, ପ୍ରମୋଦ ରାଉତ, ସୌମ୍ୟ ରଞ୍ଜନ ବେହେରା, କୈଳାସ ବେହେରା, ଜ୍ୟୋତି ରଞ୍ଜନ ଜେନା, ଯୁବରାଜ ମଲିକ ପ୍ରମୁଖ ଉପସ୍ଥିତ ରହି ଶୋକ ପ୍ରକଟ କରିଥିଲେ।

## 'କବି କଣ୍ଠେ ଶ୍ରୀଜଗନ୍ନାଥ' କାର୍ଯ୍ୟକ୍ରମ

ସୁକିନ୍ଦା,୨୫।୭ (ସମିସ): ପବିତ୍ର ଘୋଷଯାତ୍ରା ଅବସରରେ ସୁକିନ୍ଦା ସାହିତ୍ୟ ସମାଜ ପକ୍ଷରୁ ସାରସ୍ୱତ ଭକ୍ତି ନୈବେଦ୍ୟ "କବି କଣ୍ଠେ ଶ୍ରୀଜଗନ୍ନାଥ' ଶୀର୍ଷକ ଏକ ଭବ୍ୟ ସାହିତ୍ୟ ଓ ଭକ୍ତିମୟ କାର୍ଯ୍ୟକ୍ରମ ସୁକିନ୍ଦା ସ୍ଥିତ ଭାରତୀୟ ବିଦ୍ୟା ନିକେତନ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ସାହିତ୍ୟ, ସଂସ୍କୃତି ଓ ଶ୍ରୀଜଗନ୍ନାଥ ଭକ୍ତିଭାବର ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ବିଶିଷ୍ଟ କବି, ସାହିତ୍ୟିକ, ଶିକ୍ଷକ, ବୁଦ୍ଧିଜୀବୀ, ସମାଜସେବୀ ଏବଂ ସାହିତ୍ୟପ୍ରେମୀ ମାନେ ଯୋଗଦେଇଥିଲେ। କବିମାନେ ନିଜ ନିଜ ସ୍ୱରଚିତ କବିତା, ଭଜନ ଓ ଭକ୍ତିମୟ ରଚନା ମାଧ୍ୟମରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମହିମା, ମାନବପ୍ରେମ, ସାମ୍ପ୍ରଦାୟିକ ସଦ୍ଭାବ ଏବଂ ଓଡ଼ିଆ ଅସ୍ମିତାର ବାର୍ତ୍ତା ପରିବେଷଣ କରିଥିଲେ। ସୁକିନ୍ଦା ସାହିତ୍ୟ ସମାଜର ଏହି ଅଭିନବ ପ୍ରୟାସ ଅଞ୍ଚଳର ସାହିତ୍ୟିକ ଓ ସାଂସ୍କୃତିକ ପରିବେଶକୁ ଅଧିକ ସମୃଦ୍ଧ କରିବା ସହ ଶ୍ରୀଜଗନ୍ନାଥ ପରମ୍ପରାର ପ୍ରଚାର ଓ ପ୍ରସାରରେ ଏକ ସଫଳ ପଦକ୍ଷେପ ବୋଲି ମତ ପ୍ରକାଶ ପାଇଥିଲା। ସାହିତ୍ୟ ସମାଜର ସଭାପତି କୁଳମଣି ଦତ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନାଇଜରର ପ୍ରାକ୍ତନ କୁଳସଚିବ ଡ. ଅଭୟ କୁମାର ନାୟକ ମୁଖ୍ୟଅତିଥି, ଡ. ଯୁଗଳ କିଶୋର ହୋତା ଓ ଦୀନବନ୍ଧୁ ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାଧ୍ୟାପକ ରାଜକିଶୋର ଆଚାରୀ ସ୍ୱାଗତ ଭାଷଣ, ଅଜୟ କୁମାର ଖୁଣ୍ଟିଆ ଅତିଥି ପରିଚୟ, ସୁକିନ୍ଦା ସାହିତ୍ୟ ସମାଜର ସମ୍ପାଦକ ହିମାଂଶୁ ଶେଖର ଦ୍ୱିବେଦୀ ସଂପାଦକୀୟ ବିବରଣୀ ପାଠ ଓ ମଞ୍ଚ ସଂଯୋଜନା କରିଥିବା ବେଳେ ଶିକ୍ଷକ ମନୋରଞ୍ଜନ ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ।



## ଗୋପବନ୍ଧୁ ସେବାସଂଘ ପକ୍ଷରୁ ଆମ୍ବଚାରା ବଣ୍ଟନ

ଧର୍ମଶାଳା,୨୫।୭ (ସମିସ): ପବିତ୍ର ବାହୁଡ଼ା ଯାତ୍ରା ଅବସରରେ ଧର୍ମଶାଳା ଗୋପବନ୍ଧୁ ସେବାସଂଘ ପକ୍ଷରୁ ଜାରକା ଛକ ଫ୍ଲାଏଓଭର ବ୍ରିଜ୍ ତଳେ ସମାଜ କଲ୍ୟାଣ ନିମନ୍ତେ ଉନ୍ନତମାନର ଆମ୍ବଚାରା ଜନସାଧାରଣଙ୍କୁ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରତିଷ୍ଠାତା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଅକ୍ଷୟ କୁମାର ଜେନା, ସଂଯୋଜନାରେ ସଭାପତି ଅବସରପ୍ରାପ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡା. ବିଜୟ କୁମାର ଶତପଥୀ, ସମ୍ପାଦକ ତଥା କ୍ରୀଡ଼ାବିତ୍ ଶିକ୍ଷାବିତ୍ ପ୍ରବୋଧ କୁମାର ପାତ୍ର, ସହ ସମ୍ପାଦକ ଶିକ୍ଷାବିତ୍ ଗଣେଶ୍ୱର ବେହେରା, କୋଷାଧ୍ୟକ୍ଷ ଧରଣୀଧର ଦାଶ, ଇନରହୁଇଲ କ୍ଲବ୍ ଜାରକା ପୂର୍ବତନ ସଭାନେତ୍ରୀ ମିନତୀ ସାହୁ, ଇନରହୁଇଲ କଲବର ପୂର୍ବତନ ସଭାନେତ୍ରୀ ତଥା ଶିକ୍ଷା ସଂଯୋଜିକା ମାଧୁରୀ ଶତପଥୀ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ କାଦମ୍ବିନୀ ମିଶ୍ର, ହରିହର ମିଶ୍ର, ଅବସରପ୍ରାପ୍ତ ଅଧ୍ୟକ୍ଷ ଅନନ୍ତ କିଶୋର ମହାନ୍ତି, ବଜ୍ରଗିରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଭାତ ଚନ୍ଦ୍ର ଚୋଲ୍, କୁଞ୍ଜବନ ବେହେରା, ବଟକୃଷ୍ଣ ସାହୁ, ସୁଶାନ୍ତ କୁମାର ସାହୁ, ସୁଦର୍ଶନ ନାୟକ ପ୍ରମୁଖ ଚାରା ବଣ୍ଟନରେ ସହାୟତା କରିଥିଲେ।




# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ପ୍ରସ୍ତୁତି ବୈଠକ

ଯାଜପୁର,୨୫।୭ (ସମିସ):

ଯାଜପୁର ଜିଲ୍ଲାରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଅଧୀନରେ ବ୍ଲକ ଓ ପୌରାଞ୍ଚଳସ୍ତରୀୟ ସାମର୍ଥ୍ୟ ଶିବିରଗୁଡ଼ିକର ସଫଳ ଆୟୋଜନ ନିମନ୍ତେ ଏକ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାର ପ୍ରଶାସନିକ ଭିତ୍ତିଭୂମି ପ୍ରସ୍ତୁତି ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରିବା ନେଇ ବ୍ୟାପକ ଆଲୋଚନା କରାଯାଇଛି। ଏହି ବୈଠକରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ପ୍ରକାଶ କରିଥିଲେ ଯେ, ଆସନ୍ତା ଅଗଷ୍ଟ ୧୯ ତାରିଖରୁ ସେପ୍ଟେମ୍ବର ୧୧ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ବ୍ଲକ ଏବଂ ପୌରାଞ୍ଚଳରେ ଏହି ସାମର୍ଥ୍ୟ ଶିବିରଗୁଡ଼ିକ ପରିଚାଳିତ ହେବ। ଶିବିର ଆରମ୍ଭ ହେବା ପୂର୍ବରୁ ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ପ୍ରଚାର ପ୍ରସାର କରାଯାଇ ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀଙ୍କୁ ସଠିକ୍ ସୂଚନା ପ୍ରଦାନ କରିବାକୁ ସେ ସମ୍ପୃକ୍ତ ଅଧିକାରୀମାନଙ୍କୁ ଦୃଢ଼ ନିର୍ଦ୍ଦେଶ ଦେଇଛନ୍ତି। ଭିନ୍ନକ୍ଷମ ବ୍ୟକ୍ତିମାନେ ଯେପରି ବିନା ଦ୍ୱିଧାରେ ଏବଂ ସହଜରେ ନିଜ ନିଜର ଆବଶ୍ୟକତା ଅନୁଯାୟୀ ସରକାରୀ ସୁବିଧା, ପଞ୍ଜୀକରଣ ଓ ଚିକିତ୍ସା ସେବା ପାଇପାରିବେ, ସେଥିପ୍ରତି ପ୍ରଶାସନିକ ସ୍ତରରେ ବିଶେଷ ଧ୍ୟାନ ଦିଆଯିବ।

ପ୍ରକାଶିତ ସୂଚୀ ଅନୁଯାୟୀ, ଅଗଷ୍ଟ ୧୯ରେ ବଡ଼ଚଣା ବ୍ଲକ୍ (ବଡ଼ଚଣା ମହିଳା ମହାବିଦ୍ୟାଳୟ), ଅଗଷ୍ଟ ୨୧ରେ ସୁକିନ୍ଦା ବ୍ଲକ୍ (ବ୍ଲକ ସଦର ମହକୁମା), ଅଗଷ୍ଟ ୨୫ରେ ବିଞ୍ଝାରପୁର ବ୍ଲକ୍ (ବାରୁଣୀ ହାଇସ୍କୁଲ, ଫତେପୁର), ଅଗଷ୍ଟ ୨୯ରେ ଧର୍ମଶାଳା ବ୍ଲକ୍ (ଧର୍ମଶାଳା ମହାବିଦ୍ୟାଳୟ, ଜାରକା), ସେପ୍ଟେମ୍ବର ୧ରେ ଦଶରଥପୁର ବ୍ଲକ୍ (ଦଶରଥପୁର ହାଇସ୍କୁଲ), ସେପ୍ଟେମ୍ବର ୨ରେ ଦାନଗଦି ବ୍ଲକ୍ (ବୁଢ଼ାରାଜା ହାଇସ୍କୁଲ), ସେପ୍ଟେମ୍ବର ୩ ରେ ରସୁଲପୁର (ବ୍ଲକ ସଦର ମହକୁମା), ସେପ୍ଟେମ୍ବର ୮ରେ କୋରେଇ ଓ ବ୍ୟାସନଗର ପୌରାଞ୍ଚଳ (କାହ୍ନୁଚରଣ ମହାବିଦ୍ୟାଳୟ, କୋରେଇ), ସେପ୍ଟେମ୍ବର ୯ରେ ବରୀ ବ୍ଲକ୍ (ଜିସି କଲେଜ, ବରୀ) ଏବଂ ସେପ୍ଟେମ୍ବର ୧୧ରେ ଯାଜପୁର ବ୍ଲକ ଓ ଯାଜପୁର ପୌରାଞ୍ଚଳ (ବ୍ଲକ ସଦର ମହକୁମା) ଠାରେ ଏହି ଶିବିରମାନ ଅନୁଷ୍ଠିତ ହେବ। ଉକ୍ତ ପ୍ରସ୍ତୁତି ବୈଠକରେ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପ୍ରଶାନ୍ତ କୁମାର ମାଝୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଜାନକୀ ହେମ୍ବ୍ରମ, ଜିଲ୍ଲାର ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ, ବ୍ଲକ୍ ଉନ୍ନୟନ ଅଧିକାରୀ, ଚିକିତ୍ସାଧିକାରୀ ଏବଂ ସାମାଜିକ ସୁରକ୍ଷା ଅଧିକାରୀମାନେ ଉପସ୍ଥିତ ଥିଲେ।



## ବିରଳ ପ୍ରଜାତିର ପ୍ରଜାପତି ଉଦ୍ଧାର




**ଯଖପୁରା,୨୫।୭(ସମିସ):** ଯଖପୁରା ଗ୍ରାମର ପୂର୍ବତନ ଶିକ୍ଷକ ଚନ୍ଦ୍ରକାନ୍ତ ଗଡ଼େଇଙ୍କ ଘର ଭିତରେ ଆଜି ଏକ ବିରଳ ପ୍ରଜାତିର ପ୍ରଜାପତି ଦେଖିବାକୁ ମିଳିଛି। ଆଶ୍ଚର୍ଯ୍ୟର ବିଷୟ ହେଉଛି, ପ୍ରଜାପତିଟିର ମୁଣ୍ଡ ଓ ପୃଷ୍ଠଭାଗରେ ଶ୍ରୀଜଗନ୍ନାଥଙ୍କ ଗୋଲାକାର ଆଖି, ମୁଖ ଓ ଶ୍ରୀମସ୍ତକର ପରି ସଦୃଶ ଅଲୌକିକ ଚିତ୍ର ସ୍ପଷ୍ଟ ବାରି ହୋଇପଡୁଛି। ସତେ ଯେମିତି ଶ୍ରୀଜଗନ୍ନାଥ ନିଜେ ଏହି ସୂକ୍ଷ୍ମ ରୂପରେ ଶିକ୍ଷକଙ୍କ ଘରେ ଆବିର୍ଭୂତ ହୋଇଛନ୍ତି। ବାହୁଡ଼ା ଦିନ ଭକ୍ତ ଚନ୍ଦ୍ରକାନ୍ତ ଗଡ଼େଇଙ୍କ ଘର ଚଟାଣରେ ପଡ଼ିଥିବା ସୋଫା ଉପରେ ଏହି ଦିବ୍ୟ ଆକୃତିର ପ୍ରଜାପତି ବିରାଜମାନ ହୋଇଥିଲେ। ଏହି ଖବର ପ୍ରଚାରିତ ହେବା କ୍ଷଣି ଯଖପୁରା ଏବଂ ଆଖପାଖ ଅଞ୍ଚଳରୁ ବହୁ ଲୋକ ଏହି ପ୍ରଜାପତିଙ୍କୁ ଦେଖିବାକୁ ଘରେ ଭିଡ଼ ଜମାଇଥିଲେ। ଏପରି ଲୋକମାନେ ଧୂପ, ଦୀପ, ମନ୍ତ୍ର ଉଚ୍ଚାରଣ ଏବଂ ଶ୍ରୀଜଗନ୍ନାଥଙ୍କ ଜୟଧ୍ୱନିରେ ପ୍ରଜାପତିଙ୍କୁ ପୂଜା କରିବା ଆରମ୍ଭ କରିଦେଇଥିଲେ।

## ଜଗନ୍ନାଥଙ୍କୁ ଦର୍ଶନ କଲେ ବିଧାୟକ



**ବନ୍ତ/ଆଗରପଡ଼ା,୨୫।୭(ସମିସ):** ପବିତ୍ର ବାହୁଡ଼ା ଯାତ୍ରା ଅବସରରେ ଆଗରପଡ଼ାସ୍ଥିତ ଜଗନ୍ନାଥ ମନ୍ଦିରକୁ ଆସି ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିବା ସହିତ ସୁପ୍ରିମ୍‌କୋର୍ଟ ଆଡ୍‌ଭୋକେଟ ତଥା ଠାକୁର ରାଜା ଜଗତ ମୋହନ ସିଂହଙ୍କ ସହ ମନ୍ଦିର ସମ୍ପର୍କରେ ଆଲୋଚନା କରିଥିଲେ ସ୍ଥାନୀୟ ବିଧାୟକ ସଞ୍ଜୀବ ମଲ୍ଲିକ। ଶ୍ରୀ ମଲ୍ଲିକଙ୍କ ସହ ଉପସ୍ଥିତ ଥିଲେ ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ପୁରୁଷଣ୍ଡ ସେବା ସମବାୟ ସମିତି ସଭାପତି ପ୍ରଶାନ୍ତ ଦାଶ, ବିଜେଡି ବ୍ଲକ୍ ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତି, ଯୁବ ସଭାପତି ସତ୍ୟସାଧନ ବେଜ, ସରପଞ୍ଚ ନିହାର ରଞ୍ଜନ ପଣ୍ଡା, ପ୍ରକାଶ ବିଶ୍ୱାଳ ପ୍ରମୁଖ।

## କଲେଜରେ ପୁନଶ୍ଚ ପୃଥିବୀ କାର୍ଯ୍ୟକ୍ରମ




**ବନ୍ତ/ଆଗରପଡ଼ା,୨୫।୭(ସମିସ):** ଆଗରପଡ଼ା କଲେଜ ପରିସରରେ ପୁନଶ୍ଚ ପୃଥିବୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ସଞ୍ଜୀବ ମଲ୍ଲିକ ଏଥିରେ ଯୋଗଦେଇ ବିଭିନ୍ନ ଚାରା ରୋପଣ କରିବା ସହ ସୁସ୍ଥ ଓ ନିରୋଗ ସମାଜ ଗଠନ ପାଇଁ ସମସ୍ତେ ବୃକ୍ଷ ରୋପଣ କରିବାକୁ ପରାମର୍ଶ ଦେଇଥିଲେ। ଆୟୋଜିତ ସଭାରେ ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ପୁରୁଷଣ୍ଡ ସେବା ସମବାୟ ସମିତି ସଭାପତି ପ୍ରଶାନ୍ତ ଦାଶ, ବିଜେଡି ବ୍ଲକ୍ ଯୁବ ସଭାପତି ସତ୍ୟସାଧନ ବେଜ, ବ୍ଲକ୍ ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତି, ସରପଞ୍ଚ ବିନୋଦିନୀ ମହାନ୍ତି, ସାମ୍ବାଦିକ ଡ. ହରିହର ନାୟକ, ଶିକ୍ଷାବିତ୍ କୈଳାସ ଧଳ, ସାହିତ୍ୟିକ ଜଇନୁଲ ଆବେଦିନ ପ୍ରମୁଖ ଯୋଗଦେଇଥିଲେ। କଲେଜର ପ୍ରାକ୍ତନ ଅଧ୍ୟକ୍ଷା ପ୍ରେମଲତା ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାକୁ ସାମ୍ବାଦିକ ଜିତେନ୍ଦ୍ର ଶତପଥୀ ପରିଚାଳନା କରିଥିଲେ।


## ପବିତ୍ର ବାହୁଡ଼ା ଯାତ୍ରାରେ ଶୁଖିଲା ଖାଦ୍ୟ ବଣ୍ଟନ

**ଅସୁରାଳି,୨୫।୭(ସମିସ):** ପବିତ୍ର ବାହୁଡ଼ା ଯାତ୍ରା ଅବସରରେ ଭଦ୍ରକ ଲାଙ୍ଗୁଡ଼ି ମୂକ-ବଧିର ବାଳିକା ଉଚ୍ଚ ବିଦ୍ୟାଳୟରେ ଅନ୍ତେବାସୀଙ୍କ ମଧ୍ୟରେ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ସ୍ୱର୍ଗତ ଗୀତାରାଣୀ ମହାନ୍ତି ଟ୍ରଷ୍ଟ ବୋର୍ଡ ତରଫରୁ ଏହି ମହତ୍ କାର୍ଯ୍ୟକ୍ରମର



ଆୟୋଜନ କରାଯାଇଥିଲା। ଏହି ସେବା କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ରବିନାରାୟଣ ଖିଲାର, ଟ୍ରଷ୍ଟ ବୋର୍ଡର ଆବାହକ ମାନସ ମହାନ୍ତି, ଧୂଷୁରୀ ପ୍ରେସ୍ ୟୁନିଅନ ସଭାପତି ସନ୍ତୋଷ କୁମାର ଦାସ, ସାମ୍ବାଦିକ ପ୍ରଦୀପ ବଳ, ସମାଜସେବୀ ଆଲୋକ କାନୁନ୍‌ଗୋ, ସାମ୍ବାଦିକ ମାନସ ପରିଡ଼ା, ସାହିତ୍ୟିକ ରମେଶ ସ୍ୱାଇଁଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଶିଶୁମାନଙ୍କୁ ଖାଦ୍ୟ ବଣ୍ଟନ କରିଥିଲେ। ଏଥିସହିତ ଅନୁଷ୍ଠାନର ସମସ୍ତ ଗୁରୁମା' ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## 'ଆନ୍ଦୋଳନ, ଧର୍ମଘଟ କେବେ ବିଫଳ ହୁଏ ନାହିଁ'



**ଭଦ୍ରକ,୨୫।୭(ସମିସ):** ଗତ ୨୭ ଦିନ ଦିଲ୍ଲୀ ଯନ୍ତର ମନ୍ତରରେ ଚାଲିଥିବା ଗଣତାନ୍ତ୍ରିକ ଆନ୍ଦୋଳନକୁ ସମର୍ଥନ କରି ସମସ୍ତ ରାଜ୍ୟରେ ସ୍ୱର ଉଠିଲା। ସେଥିପାଇଁ କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଇସ୍ତଫା ଦେବାକୁ ପଡ଼ିଲା। ଦେଶରେ ଗଣତନ୍ତ୍ର ଅଛି, ରହିବ। ଜନଗଣଙ୍କ କଥା କହିବାର ଅଧିକାର ରହିଛି, ରହିବ। ଆନ୍ଦୋଳନକୁ ସମର୍ଥନ କରିଥିବା ସମସ୍ତଙ୍କର ସହାୟତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଜଣାଉଛି ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି ବରିଷ୍ଠ ଆଇନଜୀବୀ ତଥା ସିପିଆଇ(ଏମ୍)ର ଭଦ୍ରକ ଜିଲ୍ଲା ସମ୍ପାଦକ ଦିବ୍ୟସିଂହ ନାୟକ।

## ଆକାଶଛୁଆଁ ପନିପରିବା ଦର

**ଦୋଳସାହି,୨୫।୭(ସମିସ):** ବିଗତ କିଛି ଦିନ ଧରି ଅନବରତ ବର୍ଷା ଫଳରେ ଧାନ ଚାଷ ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି ହୋଇଥିବାବେଳେ ପନିପରିବା ଚାଷ ପାଇଁ



ପ୍ରତିକୂଳ ପରିସ୍ଥିତି ସୃଷ୍ଟି ହୋଇଛି। ଯାହାଫଳରେ ପନିପରିବାର ଉତ୍ପାଦନ ଓ ଯୋଗାଣରେ ଅନ୍ତରାୟ ସୃଷ୍ଟି ହେଉଛି। ତେଣୁ ପନିପରିବା ଦର ଆକାଶଛୁଆଁ ହେଉଛି। କେବଳ ଆଳୁକୁ ଛାଡ଼ି ସମସ୍ତ ପନିପରିବା ଦର ଅହେତୁକ ବୃଦ୍ଧି ଘଟିଛି। ବାଇଗଣ ୮୦ ଟଙ୍କା, କଲରା ୮୦ ଟଙ୍କା, ପୋଟଳ ୭୦ ଟଙ୍କା, ଭେଣ୍ଡି ୭୦ ଟଙ୍କାରେ ପହଞ୍ଚିଛି। ଏହା ସାଧାରଣ ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି ହେଉଥିବା ଦେଖିବାକୁ ମିଳୁଛି।

## ସୁକିନ୍ଦା ସିଡିପିଓଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ସୁକିନ୍ଦା,୨୫।୭(ସମିସ):** ସୁକିନ୍ଦା ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ସୁଜାତା ମହାପାତ୍ରଙ୍କର ଅନୁଗୋଳ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଭାବେ ପଦୋନ୍ନତି ହୋଇ ବଦଳି ହୋଇଛି। ତେଣୁ ସୁକିନ୍ଦା ସ୍ଥିତ ପ୍ରକଳ୍ପ କାର୍ଯ୍ୟାଳୟ ପରିସରରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରକଳ୍ପ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ସୁପରଭାଇଜର, ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ଶ୍ରୀମତୀ ମହାପାତ୍ରଙ୍କୁ ପୁଷ୍ପଗୁଚ୍ଛ, ଉପଢ଼ୌକନ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ବିଦାୟ ସମୟରେ ସୁଜାତା ମହାପାତ୍ର ନିଜ ଅଭିଭାଷଣରେ ସୁକିନ୍ଦାରେ କାର୍ଯ୍ୟ କରିବାର ସ୍ମୃତିକୁ ସ୍ମରଣ କରିଥିଲେ।

### ଏସ୍‌ଆଇଆର୍ କାର୍ଯ୍ୟରେ ବ୍ୟସ୍ତ ତହସିଲ୍ କର୍ତ୍ତୃପକ୍ଷ

# ବିଳମ୍ବରେ ମିଳୁଛି ସାର୍ଟିଫିକେଟ; ବହୁ ଛାତ୍ରଛାତ୍ରୀ ଉଚ୍ଚଶିକ୍ଷାରୁ ବଞ୍ଚିତ

**ଧାମନଗର,୨୫।୭(ସମିସ)**



ଧାମନଗର ତହସିଲ୍ କର୍ତ୍ତୃପକ୍ଷଙ୍କ ଖାମଖିଆଲି ନୀତି ତଥା ଏସ୍‌ଆଇଆର୍ କାର୍ଯ୍ୟରେ ବ୍ୟସ୍ତ ଯୋଗୁଁ ଧାମନଗର ବ୍ଲକ୍ ଏବଂ ଏନ୍‌ଏସି ଅଞ୍ଚଳର ବହୁ ମେଧାବୀ ଛାତ୍ରଛାତ୍ରୀ ଉଚ୍ଚଶିକ୍ଷା ଗ୍ରହଣ ଏବଂ ଶିକ୍ଷିତ ବେକାରୀ ଯୁବକମାନେ ଚାକିରି ଆବେଦନରୁ ବଞ୍ଚିତ ହୋଇଛନ୍ତି। ଉଚ୍ଚଶିକ୍ଷାରେ ନାମଲେଖା ଏବଂ ଚାକିରି ଆବେଦନ ପାଇଁ ପିଲାମାନଙ୍କର ଆବଶ୍ୟକ ଥିବା ବିଭିନ୍ନ ସାର୍ଟିଫିକେଟ୍ ପ୍ରଦାନରେ ବିଳମ୍ବ ସହ ତହସିଲ୍ କର୍ତ୍ତୃପକ୍ଷଙ୍କ ଅହେତୁକ ମନୋଭାବ ଯୋଗୁଁ ଏପରି ଅବସ୍ଥା ସୃଷ୍ଟି ହୋଇଥିବା କୁହାଯାଇଛି। ଏହାକୁ ନେଇ ଅଭିଭାବକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହ ତହସିଲ୍ କାର୍ଯ୍ୟାଳୟର ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱ ସମ୍ପାଦନର ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଅଭିଯୋଗରୁ ପ୍ରକାଶ, ସମ୍ପ୍ରତି ଉଚ୍ଚଶିକ୍ଷା ନିମନ୍ତେ ଛାତ୍ରଛାତ୍ରୀମାନଙ୍କର ନାମଲେଖା ଚାଲିଥିବାବେଳେ ସେହି ଛାତ୍ରଛାତ୍ରୀମାନଙ୍କର ଏବଂ ଶିକ୍ଷିତ ବେକାରୀ ଯୁବକଯୁବତୀମାନେ ଚାକିରି ଆବେଦନ ପାଇଁ ସେମାନଙ୍କର ଜାତିଗତ, ବାସସ୍ଥାନ, ପରିବାରର ଆୟ ଆଦି ବିଭିନ୍ନ ପ୍ରକାର ପ୍ରମାଣପତ୍ର ଆବଶ୍ୟକ ଓ ଜରୁରୀ ହୋଇ ପଡ଼ିଛି। ଏ ସବୁ ସାର୍ଟିଫିକେଟ ଧାମନଗର ତହସିଲ୍ କାର୍ଯ୍ୟାଳୟରୁ ମିଳିବା ବ୍ୟବସ୍ଥା ଥିବାବେଳେ ଆବେଦନକାରୀ ତାହା ଠିକ୍ ସମୟରେ ପାଉନାହାନ୍ତି। ଏହି ସାର୍ଟିଫିକେଟ୍ କିପରି ଖୁବ୍ କମ୍ ସମୟରେ ମିଳିପାରିବ ସେ ନେଇ ସରକାର ଅନ୍‌ଲାଇନ୍ ବ୍ୟବସ୍ଥା କରିଛନ୍ତି। ଆବେଦନକାରୀ ବିଭିନ୍ନ ଜନସେବା କେନ୍ଦ୍ରରେ ସେହି ସାର୍ଟିଫିକେଟ୍ ପାଇବା ପାଇଁ ଆବେଦନ କରୁଛନ୍ତି। ହେଲେ ପିଲାଙ୍କ ଆବଶ୍ୟକବେଳେ ସେହି ସାର୍ଟିଫିକେଟ୍ ମିଳୁନାହିଁ। ବହୁ ସମୟରେ କୌଣସି କାରଣ ଦର୍ଶାଇ ଆବେଦନକୁ ରିଜେକ୍ଟ କରାଯାଉଛି। ସେହି ଆବେଦନକାରୀ ପୁଣି ଥରେ ଅନ୍‌ଲାଇନ୍‌ରେ ଆବେଦନ କରୁଥିବାବେଳେ ସେମାନଙ୍କୁ ତୁରନ୍ତ କିପରି ସାର୍ଟିଫିକେଟ୍ ମିଳିବ ସେଥିପ୍ରତି ଗୁରୁତ୍ୱ ଦିଆଯାଉନି। ଆବେଦନର ନିର୍ଦ୍ଧାରିତ ଶେଷ ଦିନରେ ସେମାନଙ୍କୁ ସାର୍ଟିଫିକେଟ୍ ଇସ୍ୟୁ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ଏହା ଦ୍ୱାରା ବହୁ ମେଧାବୀ ଗରିବ ଛାତ୍ରଛାତ୍ରୀ ଉଚ୍ଚଶିକ୍ଷାରେ ନାମଲେଖା ଏବଂ ଚାକିରି ଆବେଦନ କିମ୍ବା ଚାକିରି ସାକ୍ଷାତ୍‌କାରରୁ ବଞ୍ଚିତ ହେଉଛନ୍ତି। ତେବେ ଯେକୌଣସି କାର୍ଯ୍ୟ ପାଇଁ ଗଲାବେଳେ ତହସିଲ୍ କର୍ତ୍ତୃପକ୍ଷ ଏବଂ ରାଜସ୍ୱ ନିରୀକ୍ଷକ, ରାଜସ୍ୱ ପରିଦର୍ଶକ ଏସ୍‌ଆଇଆର୍ କାର୍ଯ୍ୟରେ ବ୍ୟସ୍ତ ଥିବାବେଳେ ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏବେ ଜନସାଧାରଣ ତହସିଲ୍ କାର୍ଯ୍ୟାଳୟରୁ ଯେକୌଣସି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଏବଂ ଛାତ୍ରଛାତ୍ରୀ ବିଭିନ୍ନ ସାର୍ଟିଫିକେଟ୍ ପାଇବା ପାଇଁ ତହସିଲ୍ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନିରାଶ ହେଉଛନ୍ତି। ତେବେ ବହୁ ମେଧାବୀ ଛାତ୍ରଛାତ୍ରୀ ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଥିବାବେଳେ ତାଙ୍କର ଭବିଷ୍ୟତ ଅନ୍ଧାର ଭିତରେ ଗତି କରୁଛି। ଏଥିପ୍ରତି ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଅଭିଭାବକ ମହଲରୁ ଦାବି କରିଛନ୍ତି। ମି ନଗରରେ ଠାକୁରଙ୍କ ସୁନାବେଶ

## ଦୁବକୋଣରେ ଗଠନ ହୋଇପାରୁନି ଏସ୍‌ଏମ୍‌ସି କମିଟି

**ମଙ୍ଗଳପୁର,୨୫।୭(ସମିସ):** ଦଶରଥପୁର ବ୍ଲକ କୟାଁ ପଞ୍ଚାୟତ ଦୁବକଣ ନୋଡାଲ ଉପ୍ରା ବିଦ୍ୟାଳୟର ଏସ୍‌ଏମ୍‌ସି କମିଟିର ଗଠନ ହୋଇପାରୁନି। ଏହି ବିଦ୍ୟାଳୟରେ ମୋଟ ୧୧୮ ଜଣ ଛାତ୍ର ଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ସେମାନଙ୍କ ମଧ୍ୟରେ ୯୪ ଜଣ ଅଭିଭାବକ ରହିଛନ୍ତି। ନିୟମ ଅନୁଯାଇ ସେମାନଙ୍କ ମଧ୍ୟରୁ ୫୦ ପ୍ରତିଶତ ବା ୪୭ ଜଣ ଅଭିଭାବକ ବୈଠକରେ ଯୋଗଦେଲେ ସେମାନଙ୍କ ମଧ୍ୟରୁ ୧୫ ଜଣ ସଭ୍ୟସଭ୍ୟା ଚୟନ କରାଯିବା କଥା। ମାତ୍ର ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିସୁନ ଟୁଡୁ ଇତି ମଧ୍ୟରେ ଦୁଇ ଦୁଇ ଥର ବୈଠକ ଡାକିଥିବା ବେଳେ ପ୍ରାୟ ୭୦ରୁ ଊର୍ଦ୍ଧ୍ୱ ଅଭିଭାବକ ବୈଠକରେ ଯୋଗଦେଇଥିଲେ ମଧ୍ୟ ସଭ୍ୟ ସଭ୍ୟା ଚୟନ ବା କମିଟି ଗଠନ ହୋଇନପାରିବାକୁ ନେଇ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସଭ୍ୟ ସଭ୍ୟା ଚୟନ ସମୟରେ ବିଦ୍ୟାଳୟ ଭିତରକୁ କିଛି ଅଣ ଅଭିଭାବକ ପଶି ହୋହାଲ୍ଲା କରିଥିଲେ। ଯାହାଫଳରେ ବୈଠକକୁ ଆସିଥିବା ମହିଳା ଅଭିଭାବକ ମାନେ ଭୟଭୀତ ହୋଇ ବୈଠକ ସ୍ଥାନ ଛାଡି ପଳାଇଥିଲେ। ସେହିପରି ବିଦ୍ୟାଳୟ ଗେଟ୍ ବାହାରେ କିଛି ଅଣ ଅଭିଭାବକ ହୋହାଲ୍ଲା କରିବା ଶହ ନିର୍ଦ୍ଦିଷ୍ଟ ଏକ ଗୋଷ୍ଠୀକୁ ସମର୍ଥନ ନ କଲେ ବିଦ୍ୟାଳୟ ଗେଟ୍ ବାହାରକୁ ବାହାରିଲେ ଅଭିଭାବକମାନଙ୍କୁ ମାଡ଼ ମାରିବା ପାଇଁ ଧମକ ଦେବା ଶହ ଖରାପ ଭାଷାରେ ଗାଳି ଗୁଲଜ କରିଥିବା ନେଇ ଅଭିଭାବକ ମହଲରେ ଅଭିଯୋଗ ହୋଇଛି। ବୈଠକ ଚାଲୁଥିବା ସମୟରେ ବିଦ୍ୟାଳୟ ଗେଟ୍ ସମ୍ମୁଖରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଅଣ ଅଭିଭାବକ ରୁଣ୍ଡ ହୋଇ ହୋହାଲ୍ଲା କରିବା ଫଳରେ ବିଦ୍ୟାଳୟ ଭିତରେ ଥିବା ଅଭିଭାବକ ମାନେ ଭୟଭୀତ ହେବା ଶହ ନିଜକୁ ଅସୁରକ୍ଷିତ ମଣୁଥିବା ନେଇ ଅଭିଯୋଗ କରିଛନ୍ତି। ଏ ବିଷୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିସୁନ ଟୁଡୁଙ୍କ ଶହ କିଛି ଅଭିଭାବକ ପୁଲିସ ସହାୟତା ନେଇ ବୈଠକ କରିବା ପାଇଁ କହିଥିଲେ ମଧ୍ୟ ପ୍ରଧାନ ଶିକ୍ଷକ ଦ୍ୱିତୀୟ ବୈଠକ ଦିନ ପୁଲିସ ସହାୟତା ନେଇନଥିବା ବେଳେ ବୈଠକ ବାତିଲ ହେବା ପରେ ଅଭିଭାବକମାନଙ୍କୁ ଗେଟ ବାହାରେ ଏକ ନିର୍ଦ୍ଦିଷ୍ଟ ଏକ ଗୋଷ୍ଠୀର କିଛି ଲୋକେ ଆକ୍ରମଣ କରିବା ପାଇଁ ପୂର୍ବ ପ୍ରସ୍ତୁତି ଅନୁଯାଇ ଯୋଜନା କରିଥିଲେ। ତେଣୁ ପୁନର୍ବାର ପ୍ରଧାନ ଶିକ୍ଷକ ଯେଉଁ ଦିନ ତୃତୀୟ ବୈଠକ ଡକାଇବେ ଉକ୍ତ ଦିନ ମଙ୍ଗଳପୁର ପୁଲିସ ସହାୟତା ନେଇ ବୈଠକ କରିବା ପାଇଁ ଅଭିଭାବକ ମହଲରେ ଦାବି ହୋଇଛି। ଯଦି ପ୍ରଧାନ ଶିକ୍ଷକ ବିନା ପୁଲିସ ସହାୟତାରେ ବୈଠକ କରନ୍ତି ତା'ହେଲେ ବୈଠକରେ କିଛି ଅପ୍ରୀତିକର ପରିସ୍ଥିତି ଘଟିଲେ ସେଥିପାଇଁ ପ୍ରଧାନ ଶିକ୍ଷକ ଦାୟୀ ରହିବେ ବୋଲି ଅଭିଭାବକ ସସ୍ମିତା ନାୟକ, ବାବୁରାମ ବାରିକ, ଅରକ୍ଷିତ ଯେନା, କୃଷ୍ଣ ଚନ୍ଦ୍ର ଯେନା, ଜୟପ୍ରକାଶ ନାୟକ, ବନିତା ଯେନା, କାର୍ତ୍ତିକ ଯେନା, ବବିତା ଯେନାଙ୍କ ସମେତ ଅଭିଭାବକ ମାନେ ଚେତାବନୀ ଦେଇଛନ୍ତି।

## କୋରୁଆରେ ମହାପ୍ରଭୁଙ୍କ ସୁନାବେଶ



**ଅସୁରାଳି,୨୫।୭(ସମିସ):** ଗୋବିନ୍ଦପୁର ପଞ୍ଚାୟତ କୋରୁଆ ଗାଁରେ ଚଳିତ ବର୍ଷ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ପବିତ୍ର ସୁନାବେଶ (ରାଜରାଜେଶ୍ୱର ବେଶ) ଶାସ୍ତ୍ରୀୟ ନୀତି ନିୟମ ଅନୁସାରେ ଅତ୍ୟନ୍ତ ଆଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମସ୍ଥିତ "ଶ୍ୟାମକ୍ଷେତ୍ରମଣି ନିବାସ' ପରିସରରେ ଆୟୋଜିତ ଏହି ଆଧ୍ୟାତ୍ମିକ ମହୋତ୍ସବ ସମଗ୍ର ଅଞ୍ଚଳରେ ଏକ ଭକ୍ତିପୂର୍ଣ୍ଣ ପରିବେଶ ସୃଷ୍ଟି କରିଛି। ସୁନାବେଶ ତିଥିରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସୁବର୍ଣ୍ଣ ଅଳଙ୍କାରରେ ସଜ୍ଜିତ କରାଯାଇ ଭକ୍ତମାନଙ୍କ ଦର୍ଶନ ପାଇଁ ରଥାରୂଢ଼ କରାଯାଇଥିଲା। ସୂଚନାଯୋଗ୍ୟ ଯେ, ଏହି ମହୋତ୍ସବ ପୂର୍ବରୁ ଦୀର୍ଘ ୧୭ ବର୍ଷ ଧରି ରାଜଧାନୀ ଭୁବନେଶ୍ୱରଠାରେ ସଫଳତାର ସହ ଅନୁଷ୍ଠିତ ହୋଇଆସୁଥିଲା। ତେବେ ୨୦୨୩ ମସିହାରୁ ଏହି ପରମ୍ପରା କୋରୁଆ ଗ୍ରାମକୁ ସ୍ଥାନାନ୍ତରିତ ହୋଇଛି। ସେବେଠାରୁ ପ୍ରତିବର୍ଷ ଶ୍ରୀଜୀଉମାନଙ୍କର ସମସ୍ତ ମାଙ୍ଗଳିକ ନୀତିକାନ୍ତି ଓ ରଥଯାତ୍ରା ବିଧିବିଧାନକୁ ଗ୍ରାମରେ ବେଶ୍ ଶୃଙ୍ଖଳିତ ଭାବେ ସମ୍ପନ୍ନ କରାଯାଉଛି। ଚଳିତ ବର୍ଷ ଏହି ଭବ୍ୟ ଯାତ୍ରାକୁ "ଶ୍ୟାମକ୍ଷେତ୍ରମଣି ନିବାସ'ର ସିଦ୍ଧାର୍ଥ ଶେଖର ନାଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ମାର୍ଗଦର୍ଶନରେ ସୁଚାରୁରୂପେ ପରିଚାଳନା କରାଯାଇଛି। ମହାପ୍ରଭୁଙ୍କର ଏହି ଦିବ୍ୟ ସୁନାବେଶ ରୂପ ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳର ବହୁ ସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା।

## ଭକ୍ତି ଓ ଆସ୍ଥା ନାମରେ ବଢ଼ିଚାଲିଛି ଗଞ୍ଜେଇ କାରବାର

**କୟାଁଗୋଲା, ୨୫।୦୭ (ସମିସ):** ପବିତ୍ର ଶ୍ରାବଣ ମାସରେ ଶିବାଳୟଗୁଡ଼ିକରେ ଭକ୍ତଙ୍କ ଭିଡ଼ ଜମୁଥିବା ବେଳେ କାଉଡ଼ିଆଙ୍କ ଚଳପ୍ରଚଳ ମଧ୍ୟ ବଢ଼ିଛି। ତେବେ ଏହି ଧାର୍ମିକ ପରିବେଶକୁ ଆଧାର କରି କେତେକ ଅସାମାଜିକ ବ୍ୟକ୍ତି ଗଞ୍ଜେଇ ଓ ଅନ୍ୟାନ୍ୟ ନିଶାଦ୍ରବ୍ୟର ବେପାର ବଢ଼ାଇଥିବା ଅଭିଯୋଗ ଉଠିଛି। ଏହାକୁ ରୋକିବାରେ ପୁଲିସ ଓ ଅବକାରୀ ବିଭାଗ ବିଫଳ ହୋଇଥିବା ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ଶ୍ରାବଣ ମାସରେ ଶିବଲିଙ୍ଗରେ ଜଳାଭିଷେକ କଲେ ପୁଣ୍ୟ ଲାଭ ହୁଏ ବୋଲି ବିଶ୍ୱାସ ରହିଛି। ଏହି ଆସ୍ଥାକୁ ନେଇ ଭଦ୍ରକ ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ ବାବା ଆଖଣ୍ଡଳମଣିଙ୍କ ଦର୍ଶନ ପାଇଁ ଯାଜପୁର ଜିଲ୍ଲାର ପୁଣ୍ୟ ବୈତରଣୀରୁ ଜଳଭାର ନେଇ ରାମବାଗ ଛକ, କଟିକାଟା, ଝୁମ୍ପୁରୀ, ବୋଉଲାଙ୍ଗ, ମଙ୍ଗଳପୁର, କୟାଁଗୋଲା ସମେତ ବିଭିନ୍ନ ଅଞ୍ଚଳ ଦେଇ ହଜାର ହଜାର କାଉଡ଼ିଆ ଯାତ୍ରା କରୁଛନ୍ତି। ସେହିପରି ବିଞ୍ଝାରପୁର ଅଞ୍ଚଳର କାଉଡ଼ିଆମାନେ ଛତ୍ରପଡା, ଚଷାଖଣ୍ଡ, ବିରିପଟା, ନାରୀଗାଁ, ଜାଫରପୁର ଆଦି ଛକ ଦେଇ ଜଳଭାର ବହନ କରି ଶିବାଳୟ ଅଭିମୁଖେ ଯାତ୍ରା କରୁଛନ୍ତି। ଅଭିଯୋଗ ଅନୁଯାୟୀ, କାଉଡ଼ିଆଙ୍କ ଯାତାୟାତ ରାସ୍ତା ଓ ବିଭିନ୍ନ ଛକରେ ଥିବା କେତେକ ପାନ ଓ ଛୋଟ ଦୋକାନରେ ୧୦ରୁ ୫୦ ଟଙ୍କା ପର୍ଯ୍ୟନ୍ତ ଦରରେ ଗଞ୍ଜେଇ ପୁଡ଼ିଆ ବିକ୍ରି ହେଉଛି। କେତେକ ସ୍ଥାନରେ ସିଗାରେଟ୍ ମଧ୍ୟରେ ଗଞ୍ଜେଇ ଭର୍ତ୍ତି କରି ବିକ୍ରି କରାଯାଉଥିବା ନେଇ ମଧ୍ୟ ସ୍ଥାନୀୟ ଲୋକ ଅଭିଯୋଗ କରୁଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ଦୁଇ ଦିନ ପୂର୍ବେ ମଙ୍ଗଳପୁର ପୁଲିସ ଚଢ଼ଉ କରି ମଙ୍ଗଳପୁର ବଜାରରୁ ୨୧ ଲିଟର ବିଦେଶୀ ମଦ ଜବତ କରିଥିଲା। ବର୍ତ୍ତମାନ ଶ୍ରାବଣ ମାସରେ ଗଞ୍ଜେଇର ଚାହିଦା ବଢ଼ିଥିବାରୁ ବିଭିନ୍ନ ସ୍ଥାନରେ ଏହାର ଅବାଧ ବିକ୍ରି ହେଉଥିବା ନେଇ ଅଭିଯୋଗ ବଢୁଛି। ଧାର୍ମିକ ଆସ୍ଥାର ଆଳରେ ଚାଲୁଥିବା ଏଭଳି ବେଆଇନ କାରବାର ଉପରେ ପୁଲିସ ଓ ଅବକାରୀ ବିଭାଗ ତୁରନ୍ତ କଡ଼ା ପଦକ୍ଷେପ ନେବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ସାଧାରଣ ଲୋକ ଦାବି କରିଛନ୍ତି। ଶ୍ରାବଣ ଭଳି ପବିତ୍ର ମାସରେ ଧାର୍ମିକ ଆସ୍ଥାର ଅପବ୍ୟବହାର କରି ନିଶା କାରବାରକୁ ପ୍ରୋତ୍ସାହନ ଦେଉଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର ଚଢ଼ଉ ସହ ନିୟମିତ ଯାଞ୍ଚ ଓ ନଜରଦାରି କରାଯିବାକୁ ସାଧାରଣରେ ଦାବି ହେଉଛି।

## ଧର୍ମେନ୍ଦ୍ରଙ୍କ ଇସ୍ତଫା ପରେ ବିଜୟ ଉତ୍ସବ

**ବଡ଼ଚଣା/ବ୍ୟାସନଗର/ଯାଜପୁର,୨୫।୭(ସମିସ):** କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ପରେ ବିଭିନ୍ନ ସ୍ଥାନରେ ବିଜୟ ଉତ୍ସବ ପାଳନ କରାଯାଇଛି। ସନ୍ଧ୍ୟାରେ ଚଣ୍ଡିଖୋଲ ଛକଠାରେ ବଡ଼ଚଣା ବିଜୁ ଯୁବ ଛାତ୍ର ଜନତା ଦଳ ତରଫରୁ ବିଜେଡି ନେତା କ୍ୟାପଟେନ ରାଜନାରାୟଣଙ୍କ ନିର୍ଦ୍ଦେଶ କ୍ରମେ ଯୁବ ସଭାପତି ପ୍ରଦୀପ୍ତ ମହାନ୍ତିଙ୍କ ନେତୃତ୍ୱରେ ସଞ୍ଜିବ ସାମଲ, ମନୋଜ ମହାଲା, ଜୟନ୍ତ ରାଉତ, ପ୍ରଶାନ୍ତ ସାହୁ, ଦେବୀ ପ୍ରସାଦ ନାଏକ, ଶ୍ରୀକାନ୍ତ ନାଏକ, ସତ୍ୟବ୍ରତ ସାମଲ, ତନ୍ମୟ ସିଂ, କମ୍ରଜ ଯମା ଖାଁ, ବିବେକ ରଞ୍ଜନ ସୁବୁଦ୍ଧି, ମାନସ ରଞ୍ଜନ ପଣ୍ଡା, ଜୟନ୍ତ ସ୍ୱାଇଁ ପ୍ରମୁଖ ଶହ ଶହ କର୍ମୀ ଯୋଗ ଦେଇ ଲୋକ ମାନଙ୍କ ମଧ୍ୟରେ ମିଷ୍ଟାନ୍ନ ବଣ୍ଟନ କରିବା ସହ ବାଣଫୁଟାଇ ବିଜୟ ଉତ୍ସବ ପାଳନ କରିଥିଲେ। ଧର୍ମେନ୍ଦ୍ରଙ୍କ ଇସ୍ତଫା ଛାତ୍ର ଓ ଯୁବକମାନଙ୍କ ଐତିହାସିକ ବିଜୟ ବୋଲି ଯାଜପୁର ଜିଲ୍ଲା ଓଡିଶା ଜନତା କଂଗ୍ରେସର ସଭାପତି ବିଦ୍ୟାଧର ମହାନ୍ତି କହିଛନ୍ତି। ଛାତ୍ର ମାନଙ୍କ ଦାବି ଅନୁସାରେ ମୃତଙ୍କ ଛାତ୍ରଛାତ୍ରୀଙ୍କୁ ଅନୁକମ୍ପା ରାଶି ତୁରନ୍ତ ଘୋଷଣା ଓ ନୂତନ ଶିକ୍ଷାନୀତି ୨୦୨୦ ସମ୍ପର୍କରେ ତୁରନ୍ତ ଏକ ସ୍ୱତନ୍ତ୍ର ଭାବେ ପାର୍ଲିଆମେଣ୍ଟ ଅଧିବେଶନରେ ଆଲୋଚନା କରି ସାର୍ବଜନୀନ ଶିକ୍ଷା ବ୍ୟବସ୍ଥା ପ୍ରଚଳନ କରାଯାଉ ବୋଲି ଶ୍ରୀ ମହାନ୍ତି ଦାବି କରିଛନ୍ତି। ସେହିପରି ଛାତ୍ରମାନଙ୍କ ଆନ୍ଦୋଳନ ଓ ଦାବି ନିକଟରେ କେନ୍ଦ୍ର ସରକାରଙ୍କୁ ମୁଣ୍ଡ ନୁଆଁଇବାକୁ ପଡିଛି ବୋଲି କଂଗ୍ରେସ କହିଛି। ରାହୁଲ ଗାନ୍ଧୀଙ୍କର ଛାତ୍ର ଆନ୍ଦୋଳନ ପ୍ରତି ସମର୍ଥନ ଯୋଗୁଁ କେନ୍ଦ୍ରମନ୍ତ୍ରୀ ବାଧ୍ୟ ହୋଇ ଇସ୍ତଫା ଦେଲେ ବୋଲି ବରିଷ୍ଠ କଂଗ୍ରେସ ନେତା ସନ୍ତୋଷ ନନ୍ଦ ମତବ୍ୟକ୍ତ କରିଛନ୍ତି। ଶନିବାର ଦିନ ଯାଜପୁର କଂଗ୍ରେସ ତରଫରୁ ଏକ ମଶାଲ ଶୋଭାଯାତ୍ରା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ନିକଟରୁ ବହାରି ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚି ବିଭିନ୍ନ ଦାବି କରିଥିଲେ। ଏହି ମଶାଲ ଶୋଭାଯାତ୍ରାରେ ଜିଲ୍ଲା କଂଗ୍ରେସ ସଭାପତି ମାଗୁଣି ଜେନା, ଉପସଭାପତି ବିଭୁତି ମହାପାତ୍ର, ସଂଗ୍ରାମ ସାହାଣୀ, ମହିଳା କଂଗ୍ରେସ ସଭାନେତ୍ରୀ ଆରତୀ ସ୍ୱାଇଁ, ବ୍ଲକ୍ ସଭାପତି ସଂଜୟ କୁମାର ରାଉତ ପ୍ରମୁଖ ସାମିଲ ହୋଇଥିଲେ।

## ସାମ୍ବାଦିକଙ୍କୁ ଘରୁ ଡାକି ଆକ୍ରମଣ



**ଧାମନଗର,୨୫।୭(ସମିସ):** ଧାମନଗର ଅଞ୍ଚଳର ଜଣେ କାର୍ଯ୍ୟରତ ସାମ୍ବାଦିକ ଅଜିତ୍ କୁମାର ରାଏଙ୍କୁ ଶନିବାର ବିଳମ୍ବିତ ରାତିରେ ଜଣେ ଅସାଧୁ ବ୍ୟକ୍ତି ଓ ସହଯୋଗୀ ଘରୁ ବାହାରକୁ ଡାକି ମରଣାନ୍ତକ ଆକ୍ରମଣ ସହିତ ସାମ୍ବାଦିକତା ବୃତ୍ତିକୁ ନେଇ ଗାଳିଗୁଲଜ କରିବା ସହ ମାଡ଼ମାରିଥିବା ଧୂଷୁରୀ ଥାନାରେ ଅଭିଯୋଗ ହୋଇଛି।

**ସ୍ତ୍ରୀ ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ମାଡ଼ମାରି ଲୁଟ୍ ଅଭିଯୋଗ**

ସୂଚନା ଅନୁଯାୟୀ ସେ ବାହାରକୁ ଆସିବା ପରେ ତାଙ୍କୁ ସାମ୍ବାଦିକତା ବୃତିକୁ ନେଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ମାରିବା ସମୟରେ ତାଙ୍କ ସ୍ତ୍ରୀ ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ମାଡ଼ମାରି ତାଙ୍କ ବେକରୁ ସୁନାଚେନ୍ ଛିଣ୍ଡାଇ ନେଇଥିବା ସାମ୍ବାଦିକ ଅଜିତ୍ ରାଏ ଲିଖିତ ଅଭିଯୋଗ କରିଛନ୍ତି। ଖବର ପ୍ରସାରିତ ହେବା ପରେ ବିଭିନ୍ନ ସାମ୍ବାଦିକ ସଂଗଠନର କର୍ମକର୍ତ୍ତା ଧୂଷୁରୀ ଥାନାରେ ପହଞ୍ଚିଥିଲେ। ସେଠାରେ ଧାମନଗର ଏସ୍‌ଡିପିଓ ବିଷ୍ଣୁ ଚାରଣ ବାରିକ ଓ ଧୂଷୁରୀ ଥାନା ଆଇଆଇସି ସୁଦର୍ଶନ ବାଗେଙ୍କ ସହ ବରିଷ୍ଠ ସାମ୍ବାଦିକ ଦୀପ୍ତିରଞ୍ଜନ ନାୟକ, ସନ୍ତୋଷ ସାହୁ, ସୁଶାନ୍ତ ରାଉତ, ସେକ୍ ଜାଫର ଅଲ୍ଲୀ, ପ୍ରଦୀପ ମହାପାତ୍ର, ସଞ୍ଜୀବ ମହାନ୍ତି, ସିଦ୍ଧାର୍ଥ ମିଶ୍ର, କାଳନ୍ଦୀ ବେହେରା, ଅନ୍ତର୍ଯ୍ୟାମୀ ଦାସ, ଅଜିତ୍ ରାଏ, ଇପ୍ସିତା ହୋତା ପ୍ରମୁଖ ସାମ୍ବାଦିକମାନେ ଉପସ୍ଥିତ ରହି ସାମ୍ବାଦିକ ଓ ପୁଲିସ ପ୍ରଶାସନ ମଧ୍ୟରେ ସମନ୍ୱୟ ରଖି ଜନସାଧାରଣଙ୍କ ସମସ୍ୟା ଓ ଅଞ୍ଚଳର ବିଭିନ୍ନ ଘଟଣାକୁ ନେଇ ଆଲୋଚନା ହୋଇଥିଲା। ଜଣେ ସାମ୍ବାଦିକଙ୍କ ଉପରେ ଏଭଳି ଆକ୍ରମଣ ଘଟଣାକୁ ନିନ୍ଦା କରିବା ସହ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଥିବାବେଳେ ଏହାର ତଦନ୍ତ କରି ଦୋଷୀଙ୍କ ବିରୋଧରେ ଆଇନଗତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ବିଭିନ୍ନ ସାମ୍ବାଦିକ ସଂଗଠନ ପକ୍ଷରୁ ଦାବି କରାଯାଇଛି।

## ଗୁଳ୍ମଲତାରେ ପରିପୂର୍ଣ୍ଣ ପାନୀୟ ଜଳ ଯୋଗାଣ ଗୃହ

**ବାରିକପୁର,୨୫।୭(ସମିସ)**




ଭଣ୍ଡାରିପୋଖରୀ ବ୍ଲକ୍ ଅଞ୍ଚଳରେ ନିର୍ମିତ ହୋଇଥିବା ଗ୍ରାମ୍ୟ ଜଳଯୋଗାଣ ପ୍ରକଳ୍ପର ପମ୍ପ୍ ଗୃହଗୁଡ଼ିକ ଏବେ ଗୁଳ୍ମଲତାରେ ପରିପୂର୍ଣ୍ଣ ହୋଇଯାଇଛି। ବାହାରୁ ଦେଖିଲେ ଭୂତକୋଠି ଭଳି ଲାଗୁଛି।

ପ୍ରାପ୍ତ ସୂଚନା ମୁତାବକ, ଜିଲ୍ଲା ଜଳ ଯୋଗାଣ ବିଭାଗ ପକ୍ଷରୁ ଗ୍ରାମାଞ୍ଚଳମାନଙ୍କରେ ପର୍ଯ୍ୟାୟ କ୍ରମେ ଅଗଭୀର ନଳକୂଅ ବା ବୋର୍‌ୱେଲ୍ ଖନନ ହୋଇଥିଲା। ପ୍ରକଳ୍ପଟି ପ୍ରାୟ ୪୦ରୁ ୫୦ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଥିଲା। ବୋର୍‌ୱେଲ୍ ଖନନ ହେବା ପରେ ସେଠାରେ ପମ୍ପ୍ ଗୃହ ନିର୍ମାଣ, ବିଦ୍ୟୁତ୍ ସଂଯୋଗ ଓ ପାଚେରି ନିର୍ମାଣ ମଧ୍ୟ ହୋଇଥିଲା। ଏହାଛଡ଼ା ପ୍ରକଳ୍ପ ସଂଲଗ୍ନ ଗାଁଗୁଡ଼ିକରେ ଟ୍ୟାପ୍ ନିର୍ମାଣ ସହିତ ଜଳଯୋଗାଣ ପାଇଁ ପାଇପ୍ ସଂଯୋଗ ହୋଇଥିଲା। ପରିତାପର ବିଷୟ ଏତେସବୁ କାର୍ଯ୍ୟ ହେବା ସତ୍ତ୍ୱେ ଏହାଦ୍ୱାରା ଲୋକମାନେ ପାଣିପାଇ ନ ଥିଲେ। ପ୍ରକଳ୍ପ ନିର୍ମାଣର କିଛି ଦିନ ପରେ ପରିଚାଳନାଗତ ତ୍ରୁଟି ଯୋଗୁଁ କେଉଁଠି ମାଟି ତଳେ ପଡ଼ିଥିବା ପାଇପ୍ ଫାଟିଗଲାଣି ତ ପୁଣି କେଉଁଠି ପାଣି ଟ୍ୟାପ୍ ଭାଙ୍ଗି ନଷ୍ଟ ହୋଇଗଲା। ଏପରିକି ନିର୍ମିତ ପମ୍ପ୍ ଗୃହ ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ପାଲଟିଛି। ଯଦିଓ ହାତଗଣତି କେତେକ ସ୍ଥାନରେ କିଛି ଗୃହ ମରାମତି ହୋଇଛି କିନ୍ତୁ ସେଥିରେ ପାଣି ଯୋଗାଣ ହେଉନାହିଁ। ଏପଟେ ଲୋକେ ପାଣି ନ ପାଇଲେ ମଧ୍ୟ ବିଦ୍ୟୁତ୍ ଦେୟ ବାବଦକୁ ପଞ୍ଚାୟତଠାରୁ ଲକ୍ଷାଧିକ ଟଙ୍କା ଆଦାୟ ହେଉଛି। ଆଜିସୁଦ୍ଧା ଲୋକେ ବାଡ଼ି ଘରରେ ଥିବା କ୍ଷୁଦ୍ର ନଳକୂଅ ଉପରେ ଭରସା କରୁଛନ୍ତି। ଏହାଛଡ଼ା ଜଳଯୋଗାଣର ଅନ୍ୟ ମାଧ୍ୟମ ମେଗା ପ୍ରକଳ୍ପ ଓ ବିଭିନ୍ନ ସ୍ଥାନରେ ନିର୍ମିତ ଉଚ୍ଚ କ୍ଷମତା ସମ୍ପନ୍ନ ପାଣି ଟାଙ୍କି ମଧ୍ୟ ଦିଗ ହରାଇଥିବା ଜଣାପଡ଼ିଛି। ବ୍ଲକ୍‌ର ଷୋଳମପୁର, ପାଟ୍ଟଲି, ରଣଜିତ୍, ନପଙ୍ଗ, ରାମଚନ୍ଦ୍ରପୁର, ତେସିଙ୍ଗା, ବିଷ୍ଣୁପୁର, ବାଲିପୋଖରୀ, ନିର୍ଗୁଣ୍ଡି, ନାଆମୀ, ବନ୍ଧାଳ, ମଢ଼ିଆଳୀ, ଝୁଟଣା ପ୍ରମୁଖ ପଞ୍ଚାୟତରେ ନିର୍ମାଣାଧୀନ ପ୍ରକଳ୍ପଗୁଡ଼ିକର ଅବସ୍ଥା ସମାନ ରହିଛି। ସରକାରଙ୍କ ଗ୍ରାମ୍ୟ ଜଳଯୋଗାଣ ପ୍ରକଳ୍ପ ବ୍ୟବସ୍ଥା କେବଳ ଠିକାଦାର ତୋଷଣ ଓ ବିଭାଗୀୟ କାଗଜପତ୍ର ମଧ୍ୟରେ ସୀମିତ ରହିଛି। ପ୍ରଶାସନିକ ଅପାରଗତା ଯୋଗୁଁ ଜନସାଧାରଣ ଜଳଯୋଗାଣ ପ୍ରକଳ୍ପରୁ କାଣିଚାଏ ଲାଭ ପାଉନାହାନ୍ତି।

## ଚୋରା ବେପାରୀ ସକ୍ରୀୟ; ନିରବଦ୍ରଷ୍ଟା ପ୍ରଶାସନ

**ଦୋଳସାହି,୨୫।୭(ସମିସ):** ସରକାରଙ୍କ ପକ୍ଷରୁ ଖୋଲାଯାଇଥିବା ସରକାରୀ ବିଦେଶୀ ଓ ଦେଶୀ ମଦ ଦୋକାନରେ ଧାର୍ଯ୍ୟ ଦରଠାରୁ ଅଧିକ ଦରରେ ମଦ ବିକ୍ରି କରିବା ବେଆଇନ ବୋଲି କାଗଜପତ୍ରରେ ସୀମିତ ଥିବା ସାଧାରଣରେ ଆଲୋଚନା ହେଉଛି। ସୂଚନାଯୋଗ୍ୟ, ତିହିଡ଼ି ଥାନା ଅଞ୍ଚଳରେ ଦିବାଲୋକରେ ଜନଗହଳିପୂର୍ଣ୍ଣ ସ୍ଥାନ ଦେଇ ଚୋରା ସରକାରୀ ଓ ବେସରକାରୀ ମଦ ବେପାରୀ କାରବାର କରୁଥିବା ସାଧାରଣରେ ଆଲୋଚନା ହେଉଥିଲାବେଳେ ବେସରକାରୀ ଚୋରା ମଦ ବେପାରୀମାନେ ଚଢ଼ା ଦରରେ ବିକ୍ରି କରି ମାଲାମାଲ୍ ହେଉଥିବା ଦେଖିବାକୁ ମିଳୁଛି। ଏହି ଚୋରା ମଦ ବେପାରୀଙ୍କଠାରୁ କିଛି ସରକାରୀ କର୍ମଚାରୀ ହାତଗୁଞ୍ଜା ନେଉଥିବା ନେଇ ଏହି ଚୋରା ମଦ ବେପାରୀମାନେ ଖୁଲମ୍‌ଖୁଲା ବେପାର କରୁଥିବା ସାଧାରଣରେ ଅଭିଯୋଗ ହେଉଛି। ସେହିପରି ସରକାରୀ ମଦ ଦୋକାନରେ ଦୀର୍ଘ ବର୍ଷ ଧରି ସରକାରଙ୍କ ଧାର୍ଯ୍ୟ ଦରଠାରୁ ଅଧିକ ଟଙ୍କାରେ ବିକ୍ରି ହେଉଥିଲାବେଳେ ପ୍ରଶାସନ ନିରବଦ୍ରଷ୍ଟା ସାଜିବାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଜିଲ୍ଲା ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।



# ଖୁଡ଼ୀ



ମୂଳ ହିନ୍ଦୀ : ସିୟାରାମଶରଣ ଗୁପ୍ତ
ଅନୁସୃଜନ : ଶ୍ରୁତକୀର୍ତ୍ତି ତ୍ରିପାଠୀ

ସେଦିନ ବଡ଼ି ଭୋରରୁ ଶ୍ୟାମୁର ଯେତେବେଳେ ନିଦ ଭାଙ୍ଗିଲା, ସେ ଦେଖିଲା ଘରସାରା ହାହାକାର ଛାଇଯାଇଛି । ତାର ଖୁଡ଼ୀ ଉମା ଗୋଟିଏ କମ୍ବଳ ଉପରେ ତଳୁ ଉପର ଯାଏଁ ଗୋଟିଏ କପଡ଼ା ଘୋଡ଼ି ହୋଇ ଭୂଇଁ ଉପରେ ଶୋଇଛନ୍ତି, ଆଉ ଘରର ବାକି ସବୁ ସଦସ୍ୟ ତାଙ୍କୁ ଘେରି ବଡ଼ କରୁଣ ସ୍ୱରରେ କାନ୍ଦୁଛନ୍ତି ।

ଲୋକମାନେ ଯେତେବେଳେ ଉମାଙ୍କୁ ଶ୍ମଶାନକୁ ନେବା ପାଇଁ ଉଠାଇବାକୁ ଲାଗିଲେ ଶ୍ୟାମୁ ବହୁତ ଉପଦ୍ରବ ସୃଷ୍ଟି କଲା । ଲୋକଙ୍କ ହାତରୁ ଛଡ଼େଇ ହୋଇ ସେ ଯାଇ ଉମାଙ୍କ ଉପରେ ପଡ଼ିଗଲା । କହିଲା, "ଖୁଡ଼ୀ ଶୋଇଛନ୍ତି, ତାଙ୍କୁ ଏମିତିଉଠେଇ ନେଇ କୁଆଡ଼େ ଯାଉଛ ? ମୁଁ ଯିବାକୁ ଦେବି ନାହିଁ"

ଲୋକମାନେ ବହୁତ କଷ୍ଟରେ ତାକୁ ଅଲଗା କଲେ । ଖୁଡ଼ୀର ଅଗ୍ନି- ସଂସ୍କାରରେ ବି ସେ ଯୋଗ ଦେଇ ପାରିଲା ନାହିଁ । ଜଣେ ପରିଚାରିକା ଭଗବାନଙ୍କ ନାମ ନେଇ ତାକୁ ଘରେ ସମ୍ଭାଳି ରଖିଥିଲା ।

ଯଦିଓ ବୁଦ୍ଧିମାନ ଗୁରୁଜନମାନେ ତାକୁ ବିଶ୍ୱାସ ଦେଲେ ଯେ ତା'ର ଖୁଡ଼ୀ ତାଙ୍କ ମାଆ ଘରକୁ ଯାଇଛନ୍ତି, କିନ୍ତୁ ଅସତ୍ୟର ଆବରଣ ତଳେ ସତ୍ୟ ବହୁତ ସମୟ ଯାଏଁ ଲୁଚି ରହିପାରିଲା ନାହିଁ । ଆଖପାଖରେ ଥିବା ଅନ୍ୟ ଅବୋଧ ବାଳକମାନଙ୍କ ମୁହଁରୁ ତାହା ପ୍ରକଟିତ ହୋଇଗଲା । ଏହି କଥାଟି ତା'ଠାରୁ ଲୁଚି ରହିଲା ନାହିଁ ଯେ, ଖୁଡ଼ୀ ଆଉ କେଉଁଠିକି ନୁହେଁ ଉପରେ ଥିବା ଭଗବାନଙ୍କ ପାଖକୁ ଚାଲିଯାଇଛନ୍ତି । ଖୁଡ଼ୀଙ୍କ ପାଇଁ ଅନେକ ଦିନ କ୍ରମାଗତ ଭାବରେ କାନ୍ଦିବା ପରେ ତା'ର କାନ୍ଦିବା କ୍ରମଶଃ ଶାନ୍ତ ହୋଇଗଲା, କିନ୍ତୁ ତା' ଅନ୍ତରର ଶୋକ ଶାନ୍ତ ହୋଇ ନ ଥିଲା । ବର୍ଷା ପରେ ଦିନେ-ଦୁଇଦିନ ଭିତରେ ପୃଥିବୀପୃଷ୍ଠରେ ଆଉ ଜଳ ଦୃଷ୍ଟିଗୋଚର ହୁଏ ନାହିଁ ସତ; କିନ୍ତୁ ଭୂଇଁ ତଳର ଆର୍ଦ୍ରତା ଅନେକ ଦିନ ପର୍ଯ୍ୟନ୍ତ ସେମିତି ରହିଥାଏ, ଠିକ୍ ସେହିପରି ତା' ଅନ୍ତରରେ ଶୋକର ଛାୟା ଘର କରି ସାରିଥିଲା । ସେ ପ୍ରାୟ ଏକୁଟିଆ ବସି, ଉଦାସ ମନନେଇ ଆକାଶ ଆଡ଼କୁ ଚାହିଁ ରହୁଥିଲା ।

ଦିନେ ସେ ଆକାଶରେ ଗୋଟିଏ ଗୁଡ଼ି ଉଡୁଥିବାର ଦେଖିଲା । କେଜାଣି କଣ ଭାବି ତା' ହୃଦୟ ହଠାତ୍ ଖୁସିରେ ନାଚି ଉଠିଲା । ବିଶ୍ୱେଶ୍ୱରଙ୍କ ପାଖକୁ ଯାଇ ସେ କହିଲା, "କକା ମୋ ପାଇଁ ଗୁଡ଼ି ମଗେଇ ଦିଅ ।"

ପତ୍ନୀଙ୍କ ମୃତ୍ୟୁ ପରଠୁ ବିଶ୍ୱେଶ୍ୱର ଅନ୍ୟମନସ୍କ ରହୁଥିଲେ ।

-"ହଉ, ମଗେଇଦେବି ।" କହି ସେ ଉଦାସ ଭାବରେ ଅନ୍ୟ କେଉଁଠିକି ଚାଲିଗଲେ ।

ଶ୍ୟାମୁ ଗୁଡ଼ି ପାଇଁ ଅତ୍ୟନ୍ତ ଉତ୍କଣ୍ଠାର ସହ ଅପେକ୍ଷା କରିଥିଲା । ସେ ନିଜର ଇଚ୍ଛାକୁ କୌଣସି ପ୍ରକାରେ ରୋକି ପାରିଲା ନାହିଁ । ଗୋଟିଏ କଣ୍ଟାରେ ବିଶ୍ୱେଶ୍ୱରଙ୍କ କୋର୍ଟ ଟଙ୍ଗା ହୋଇଥିଲା । ସେ ଟିକେ ଏପଟ-ସେପଟ ଅନେଇବା ପରେ ଷ୍ଟୁଲ୍‌କୁ ଟାଣି ଆଣି ତା' ଉପରେ ଛିଡ଼ା ହୋଇ କୋର୍ଟର ପକେଟ ଦୁଇଟିକୁ ଅଣ୍ଡାଳି ପକେଇଲା । ସେଥିରୁ ଗୋଟିଏ ଚାରଣି (ପଚିଶ ପଇସା ) ଆବିଷ୍କାର କରି ଯଥାଶୀଘ୍ର ସେ ସେଠାରୁ ଦଉଡ଼ି ପଳେଇଲା ।

ଶୁଖିଆ ଦାସୀର ପୁଅ ଭୋଲା, ଶ୍ୟାମୁର ସମବୟସ୍କ ବନ୍ଧୁ ଥିଲା । ଶ୍ୟାମୁ ତାକୁ ଚାରଣିଟି ଦେଇ କହିଲା – "ତୋର ଦିଦିକୁ କହି ଚୁପଚାପ୍ ଗୋଟିଏ ଗୁଡ଼ି ଏବଂ ଡୋର ମଗେଇ ଦେବୁ । ଦେଖ, ଏକଦମ ଲୁଚେଇକି ଆଣିବୁ, ଯେମିତି କେହି ଜାଣି ନ ପାରିବେ ।"

ଗୁଡ଼ି ଆସିଲା । ଗୋଟିଏ ଅନ୍ଧାରିଆ କୋଠରିରେ ସେଥିରେ ଡୋର ବନ୍ଧାହେଲା । ଶ୍ୟାମୁ ଧୀରେ କହିଲା, "ଭୋଲା, କାହାକୁ କହିବୁନି ଯଦି ଗୋଟିଏ କଥା କହିବି ।"

ଭୋଲା ମୁଣ୍ଡ ହଲାଇ କହିଲା, "ନା, କାହାକୁ କିଛି କହିବି ନାହିଁ ।"

ଶ୍ୟାମୁ ରହସ୍ୟ ଖୋଲିଲା । କହିଲା, "ମୁଁ ଏଇ ଗୁଡ଼ିକୁ ଉପରକୁ ଭଗବାନଙ୍କ ପାଖକୁ ପଠେଇବି । ଏହି ଡୋରକୁ ଧରି ଖୁଡ଼ୀ ତଳକୁ ଆସିବେ । ମୁଁ ଲେଖି ଜାଣିନି, ନ ହେଲେ ଯା ଉପରେ ତାଙ୍କର ନାଁ ଲେଖିଦେଇଥାନ୍ତି ।"

ଭୋଲା ଶ୍ୟାମୁଠାରୁ ବେଶି ଚାଲାକ୍ ଥିଲା । ସେ କହିଲା, "ବଢ଼ିଆ କଥାଟିଏ ଭାବିଛୁ, ହେଲେ ଗୋଟିଏ ସମସ୍ୟା ଅଛି । ଏହି ଡୋରଟି ଖୁବ ପତଳା । ଯାକୁ ଧରି ଖୁଡ଼ୀ ଓହ୍ଲେଇ ପାରିବେ ନାହିଁ । ଏହା ଛିଣ୍ଡିଯିବାର ଡର ଅଛି । ଗୁଡ଼ିରେ ଯଦି ମୋଟା ଦଉଡ଼ି ବନ୍ଧା ହେବ, ତେବେ ସବୁ ଠିକ୍ ହୋଇଯିବ ।"

ଶ୍ୟାମୁ ଗମ୍ଭୀର ହୋଇଗଲା ! କାରଣ ଏହି କଥାଟି ଲକ୍ଷେ ଟଙ୍କା ଭଳି ଗୁରୁତ୍ୱପୂର୍ଣ୍ଣ ବୋଲି ସେ ଅନୁଭବ କଲା । କିନ୍ତୁ ସମସ୍ୟା ଏହା ଥିଲା ଯେ ମୋଟା ଦଉଡ଼ି କେମିତି ମଗାଯାଇ ପାରିବ । ପାଖରେ ତ ପଇସା ନାହିଁ ଆଉ ଘରର ଲୋକ ଯେଉଁମାନେ ତା'ର ଖୁଡ଼ୀକୁ ନିର୍ଦ୍ଦୟ ଭାବରେ ନିଆଁରେ ପୋଡ଼ିଦେଇ ଆସିଲେ, ସେମାନେ ତାକୁ ଏହି କାମ ପାଇଁ କିଛି ଦେବେ ହିଁ ନାହିଁ । ସେଦିନ ଶ୍ୟାମୁକୁ ଚିନ୍ତାରେ ବହୁତ ରାତି ପର୍ଯ୍ୟନ୍ତ ନିଦ ହେଲା ନାହିଁ ।

ପ୍ରଥମ ଦିନ କରିଥିବା ଉପାୟ ଭଳି ଦ୍ୱିତୀୟ ଦିନ ବି ସେ ବିଶ୍ୱେଶ୍ୱରଙ୍କ କୋର୍ଟ ପକେଟରୁ ଟଙ୍କାଟିଏ ବାହାର କରିନେଲା । ନେଇ କି ଭୋଲାକୁ ଦେଇ କହିଲା – "ଦେଖ ଭୋଲା, କାହାକୁ କିଛି ଯେମିତି ଜଣା ନ ପଡ଼େ । ଭଲ ଭଲ ଦୁଇଟି ଦଉଡ଼ି ମଗେଇ ଦେ । ଗୋଟିଏ ଦଉଡ଼ି ଛୋଟ ପଡ଼ିବ । ଜବାହିର ଭାଇଙ୍କଠାରୁ କାଗଜରେ ମୁଁ 'ଖୁଡ଼ୀ' ଲେଖାଇ ଆଣିବି । ନାଁର ଚିଟ୍ ରହିଲେ ଗୁଡ଼ି ଠିକ୍ ତାଙ୍କ ପାଖକୁ ହିଁ ପହଞ୍ଚିବ ।"

ଦୁଇଘଣ୍ଟା ପରେ ପ୍ରଫୁଲ୍ଲ ମନରେ ଶ୍ୟାମୁ ଓ ଭୋଲା ଅନ୍ଧାର କୋଠରିରେ ବସି ଗୁଡ଼ିରେ ଦଉଡ଼ି ବାନ୍ଧିବାକୁ ଲାଗିଲେ । ଅକସ୍ମାତ୍ ଶୁଭ କାର୍ଯ୍ୟରେ ବିଘ୍ନ ଉପୁଜେଇବା ପାଇଁ ଉଗ୍ରରୂପ ଧାରଣ କରି ବିଶ୍ୱେଶ୍ୱର ସେଇ କୋଠରିରେ ପ୍ରବେଶ କଲେ । ଭୋଲା ଓ ଶ୍ୟାମୁକୁ ଧମକେଇ କହିଲେ – "ତୁମେ ମୋ କୋର୍ଟରୁ ପଇସା ବାହାର କରିଛ ?"

ଭୋଲା ଭୟଭୀତ ହୋଇ ଗୋଟିଏ ଧମକରେ ହିଁ ଗୁପ୍ତଚର ପାଲଟିଗଲା । କହିଲା – "ଶ୍ୟାମୁ ଭାଇ ଦଉଡ଼ି ଓ ଗୁଡ଼ି କିଣିବା ପାଇଁ ବାହାର କରିଥିଲେ ।"

ବିଶ୍ୱେଶ୍ୱର ଶ୍ୟାମୁକୁ ଦୁଇ ଚଟକଣା ମାରି କହିଲେ, "ଚୋରି ଶିଖିକି ଜେଲ୍ ଯିବୁ ? ହଉ, ଆଜି ତୋତେ ଭଲଭାବରେ ପାନେ ଦଉଛି ।" ଏହା କହି ସେ ପୁଣି ଶ୍ୟାମୁକୁ ଚଟକଣା ମାରିଲେ ଓ କାନମୋଡ଼ି ଗୁଡ଼ିକୁ ଚିରିଦେଲେ । ତା' ପରେ ଦଉଡ଼ି ଦୁଇଟି ଆଡ଼କୁ ଦେଖି ପଚାରିଲେ – "ଯାକୁ କିଏ ମଗେଇଲା ?"

ଭୋଲା କହିଲା - "ଭାଇ ମଗେଇଥିଲେ । କହୁଥିଲେ, ଏଥିରେ ଗୁଡ଼ିକୁ ଉଡ଼େଇ ଖୁଡ଼ୀଙ୍କୁ ଭଗବାନଙ୍କ ପାଖରୁ ତଳକୁ ଓହ୍ଲାଇ ଆଣିବେ ।"

ବିଶ୍ୱେଶ୍ୱର ଘଡ଼ିଏ ପାଇଁ ବୁଦ୍ଧିହୀନ ହୋଇ ସେଇଠି ଛିଡ଼ା ହୋଇ ରହିଗଲେ । ଚିରି ଯାଇଥିବା ଗୁଡ଼ିକୁ ତଳୁ ଉଠେଇ ଦେଖିଲେ । ସେଥିରେ ଲାଗିଥିବା ଖଣ୍ଡେ କାଗଜ ଉପରେ ଲେଖା ହୋଇଥିଲା- 'ଖୁଡ଼ୀ' । ■

ଭୁବନେଶ୍ୱର
ମୋ: ୬୩୭୦୫୧୬୪୭୮

## ପୁସ୍ତକ ପରିଚୟ

### ଛୋଟ ପକେଟ୍‌ର ଜହ୍ନ

ବିରଜା ରାଉତରାୟ




ଟାଇମ୍ ପାସ
ବରମୁଣ୍ଡା, ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୧୯୫ ଟଙ୍କା

ସ୍ୱପ୍ନ ମଣିଷକୁ ଭାବାବିଷ୍ଟ କରେ । ବଞ୍ଚିବା ପାଇଁ ପ୍ରେରଣା ଦିଏ । ଲକ୍ଷ୍ୟ ପଥରେ ପହଞ୍ଚିବାକୁ ଉତ୍ସାହିତ କରେ । ଜୀବନର ନାନା ଘଟଣା, ଦୁର୍ଘଟଣା, ଦୁଃଖ, ଅସହାୟତା, ଯନ୍ତ୍ରଣା ଭିତରେ ମଧ୍ୟ ବଞ୍ଚିବାକୁ ସ୍ୱପ୍ନ ଦେଖୁଥିବା ମଣିଷଙ୍କ କଥାକୁ ନେଇ ରଚିତ ବିରଜା ରାଉତରାୟଙ୍କ 'ଛୋଟ ପକେଟ୍‌ର ଜହ୍ନ' ପୁସ୍ତକର ଗପଗୁଡ଼ିକ । ଏହି ପୁସ୍ତକରେ ମୋଟ ପନ୍ଦରଟି ଗପ ସଂକଳିତ ହୋଇଛି । 'ଛୋଟ ପକେଟ୍‌ର ଜହ୍ନ', 'ବାଦଲ ସେପଟ ତାରା', 'ଢେଉ', 'ସୁଇଟିର ଓଡ଼ିଆ ଶିକ୍ଷା', 'ପ୍ରତୀକ', 'ସୁଉକି ହାର', 'କଥାକୁହା ଠିକଣା', 'ପାଉଁଜି', 'ନିରବତାର ଭାଷା' ଆଦି ଗପ ମନଛୁଆଁ ହୋଇଛି । 'ଛାଇ' ଗପର କାହାଣୀ, ଚରିତ୍ର ଚିତ୍ରଣ ବେଶ୍ ହୃଦୟସ୍ପର୍ଶୀ ହୋଇଛି । ଶରିଆର ମୂକ ଓ ବଧିର ଝିଅ ହାଉଁଆ । ଯିଏ ବାପା ପାଖରେ ଛାଇ ପରି ରହିଥାଏ । ଜଣେ ବାପା ଓ ଝିଅର ଅନାବିଳ ଆତ୍ମିକ ସଂପର୍କର ମାର୍ମିକ ଚିତ୍ର ଏହି ଗପରେ ପ୍ରତିଫଳିତ ହୋଇଛି । ପ୍ରତିଟି ଗପର ମୌଳିକ ଆବେଦନ, କାହାଣୀରେ ନୂତନତ୍ୱ ଓ ସାବଲୀଳ ଭାଷା ଗପଗୁଡ଼ିକକୁ ଅଧିକ ଆକର୍ଷଣୀୟ କରିଛି । ଏହି ପୁସ୍ତକର ଗପଗୁଡ଼ିକ ପାଠକଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

### ସମାଜ ସଂସାର ସଂସ୍କୃତି

ସୁଧାଂଶୁ ଶେଖର ଦ୍ୱିବେଦୀ




ପ୍ରଥମ ବହି
କଟକ-୭୫୪୦୨୩
ପ୍ରଥମ ପ୍ରକାଶ: ୨୦୨୬
ମୂଲ୍ୟ: ୧୫୫ ଟଙ୍କା

ସମାଜର ବିଧି ବଡ଼ ବିଚିତ୍ର । ସାମାଜିକ ସମ୍ବନ୍ଧରେ ଆବଦ୍ଧ ମଣିଷ । ସମାଜରୁ ସେ ଶିକ୍ଷା ଲାଭ କରେ ସଂସ୍କାର । ସଂସାରରୁ ମଣିଷ ସଂସ୍କୃତି ସଂପନ୍ନ ହୋଇଥାଏ । ମଣିଷ ଓ ସମାଜର ଏଭଳି ବିଭିନ୍ନ ପ୍ରସଙ୍ଗକୁ ନେଇ ଚରିତ ହୋଇଛି ସୁଧାଂଶୁ ଶେଖର ଦ୍ୱିବେଦୀଙ୍କ 'ସମାଜ ସଂସାର ସଂସ୍କୃତି' ପୁସ୍ତକ । ଏହି ପ୍ରବନ୍ଧ ପୁସ୍ତକରେ ମଣିଷର ଚିନ୍ତାଧାରା, ପ୍ରେମ, ଆଧ୍ୟାତ୍ମିକ, ମାନବୀୟ ସଂପର୍କ ଆଦି ବିଭିନ୍ନ ସଂପର୍କରେ ଆଲୋଚନା କରାଯାଇଛି । 'ସଂସ୍କାର', 'ସଂସାର', 'ମମତା', 'ଧର୍ମ', 'ପ୍ରେମ', 'ସମାଜ', 'ଯୋଗ', 'ଶିକ୍ଷା', 'ସଂସ୍କୃତି', 'ଭଗବାନ', 'ଜ୍ଞାନ', 'ବୁଦ୍ଧି', 'କର୍ମ', 'ଶାନ୍ତି', 'ପରିବାର', 'ବିଚାରଧାରା', 'ପ୍ରଶଂସା', 'ସମ୍ମାନ', 'ମର୍ଯ୍ୟାଦା', 'ବାଣୀ', 'ପରୋପକାର' ଆଦି ପ୍ରବନ୍ଧ ଉଚ୍ଚକୋଟୀର ଓ ଚିନ୍ତନଶୀଳ ହୋଇଛି । ପ୍ରତିଟି ପ୍ରବନ୍ଧରେ ରହିଛି ଜୀବନକୁ ଶୃଙ୍ଖଳିତ, ପରିମାର୍ଜିତ, ପ୍ରେମପୂର୍ଣ୍ଣ କରିବା ପାଇଁ ଏକ ସୂକ୍ଷ୍ମ ସାମାଜିକ ବାର୍ତ୍ତା । ପ୍ରବନ୍ଧଗୁଡ଼ିକ ଛୋଟ ଛୋଟ ହେଲେ ମଧ୍ୟ ଏହାର ଭାବ, ତାତ୍ତ୍ୱିକ ଅର୍ଥ ବେଶ୍ ଗୁରୁତ୍ୱପୂର୍ଣ୍ଣ । 'ସମାଜ ସଂସାର ସଂସ୍କୃତି'ର ପ୍ରବନ୍ଧଗୁଡ଼ିକ ପାଠକମାନଙ୍କୁ ପ୍ରେରଣା ଦେବ ବୋଲି ଆଶା କରାଯାଏ । ■

### ଶାନ୍ତିପଥ

କୈଳାସ ଚନ୍ଦ୍ର ବେହେରା



କମଳିନୀ ବେହେରା
ତେମଳା, ଫକୀରପୁର
କେନ୍ଦୁଝର- ୭୫୮୦୨୨
ପ୍ରଥମ ପ୍ରକାଶ : ୨୦୨୫
ମୂଲ୍ୟ: ୧୮୦ ଟଙ୍କା

ଦୁଃଖ, ଯନ୍ତ୍ରଣାରେ ପରିପୂର୍ଣ୍ଣ ଜୀବନ । ତଥାପି ଜୀବନର ସ୍ୱାଦ ଅଲଗା । ଦୁଃଖ, ଯନ୍ତ୍ରଣା, ମାନସିକ ଚାପରୁ ଟିକିଏ ମୁକ୍ତି ପାଇଁ ମଣିଷ ଖୋଜେ ଶାନ୍ତିର ପଥ । ଏଭଳି କିଛି ସାମାଜିକ ବାସ୍ତବତା, ବିଭୁପ୍ରେମର ନିଚ୍ଛକ ପ୍ରତିଫଳନ ହୋଇଛି କୈଳାସ ଚନ୍ଦ୍ର ବେହେରାଙ୍କ 'ଶାନ୍ତିପଥ' ପୁସ୍ତକର କବିତାଗୁଡ଼ିକରେ । ଏଥିରେ ସଂକଳିତ 'ମାଗିବିନି କିଛି ଆଉ', 'ଗୁରୁ ବନ୍ଦନା', 'ଶାନ୍ତିପଥ', 'ଚିନ୍ତା ଓ ଚେତନା', 'ଚାରିଯୁଗେ ଚାରିଧାମ', ' ଗୁରୁ ଶିଷ୍ୟ ପରମ୍ପରା', 'ସବୁଜ ସକାଳ', 'ଅସୁସ୍ଥ ପୃଥିବୀ', ହଜିଗଲ କିମ୍ବା ତରୁଣ ଅରୁଣ', 'ମନ', 'ସରିନି ସପନ', 'ଶ୍ରୀଗଣେଶ ବନ୍ଦନା', 'ବିବର୍ତ୍ତନ', 'ବକ୍ର ଦୃଷ୍ଟି', 'କରୁଣା ସାଗର କରହେ କରୁଣା' ଆଦି କବିତାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି । ଏହି ପୁସ୍ତକର ଅଧିକାଂଶ କବିତାରେ ଭକ୍ତିଭାବ, ଭଗବାନଙ୍କ ପ୍ରତି ସମର୍ପଣ, ଜଗତର ମଙ୍ଗଳ କାମନା ପାଇଁ ପ୍ରାର୍ଥନା କରାଯାଇଛି । କେତେକ କବିତାରେ ଜୀବନବୋଧ, ଦୁଃଖ, ଯନ୍ତ୍ରଣା, ପ୍ରେମପ୍ରତାରଣାରୁ ମୁକ୍ତିର ମାର୍ଗ ପ୍ରଦର୍ଶନ କରାଯାଇଛି । 'ଶାନ୍ତିପଥ'ର କବିତାଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

## ହଜାର ଆଖି

ଯେବେ ଘରୁ ବାହାରିଲି
କେତୋଟି ଆଖି
ଅନେକ ସମୟ ଧରି
ପିଛା କରୁଥିଲେ
ମୋ ସ୍ୟାଣ୍ଡେଲର ତଳିପାରେ
ଲାଖି ରହିଲେ
ଅନେକ ସମୟ ଧରି

କେହି ପ୍ରଶଂସାରେ ଦେଖିଲେ ତ
କେହି ବ୍ୟଙ୍ଗରେ
କେହି ଅଶ୍ଳୀଳତା ସହ
ତ କେହି ପ୍ରେମରେ

ଏହି ନିଘାମାନଙ୍କ ଭାଷା
ତାଙ୍କ ଆଡ଼କୁ ନ ଚାହିଁ ବି
ବୁଝି ପାରିଲି
ମୁଁ ପ୍ରେମ ପ୍ରତି କୃତଜ୍ଞ!!
ଯିଏ ମୋତେ ବଞ୍ଚାଇଲା । ■



## ଛାଡ଼ି ହୋଇଯାଇଥିବା ଦୃଶ୍ୟ

ମୂଳ ହିନ୍ଦୀ: ଅନୁରାଧା ଓସ
ଅନୁବାଦ : ଅଞ୍ଜୁମନ ଆରା

ଛାଡ଼ି ହୋଇଯାଇଥିବା ଦୃଶ୍ୟ
ବାକି ରହିଯାଇଥିବା କୌଣସି କଥା
ଅଧାଖିଆ ଗୁଣ୍ଡା
ଅସଂପୂର୍ଣ୍ଣ ଭେଟ
ପ୍ରାୟ ଆମ
ସ୍ମୃତି ପଟଳରେ
କମ୍ପିତ ଶିଖା ହୋଇ ଝଙ୍କୃତ ହୁଏ

ଆଜିକାଲି ଉଦାସ କରିବାର ଋତୁ
ସେହି ଉଜୁଡ଼ି ଯାଇଥିବା ଘର
ଭାଙ୍ଗି ଯାଇଥିବା ଖମ୍ବର ଆଶ୍ରୟରେ ଓ
ଫଟା ତମ୍ବୁ ଭିତରେ ଶୟନର ଅଭିନୟ
କରୁଥିବା ପିଲାମାନେ ଓ ଝିଅମାନେ
ଏସବୁ ପୃଥିବୀର ସବୁଠାରୁ ଉଦାସ କରିଦେଉଥିବା ଦୃଶ୍ୟମାନ

କିନ୍ତୁ ଏସବୁ ମଝିରେ
କୌଣସି ପକ୍ଷୀମାନଙ୍କର ଗାଉଥିବା ଗୀତ
ପୋଡ଼ି ଯାଇଥିବା ଧରଣୀ ଭିତରୁ
ପ୍ରସ୍ଫୁଟିତ କୌଣସି ଅଙ୍କୁର
ହାତ ଛଡ଼ା କରିବାକୁ ଦିଏ ନାହିଁ
ବରଂ ଆଖିକୁ ଆଶାର ଚମକ ଦିଏ । ■

ପ୍ରଫେସର ହିନ୍ଦୀ ବିଭାଗ
ରେଭେନ୍‌ସା ବିଶ୍ୱବିଦ୍ୟାଳୟ
କଟକ-୭୫୩୦୦୩
ମୋ: ୯୪୩୮ ୬୨୯୭୮୬

# ଜୀବନ ଓ ପ୍ରକୃତିର ବ୍ୟାଖ୍ୟାକାର ଥୋମାସ୍ ହାର୍ଡି



ବିଜୟକୁମାର ପାଢ଼ୀ

ଭିକ୍ଟୋରିଆନ୍ ଯୁଗର ବିଖ୍ୟାତ ଔପନ୍ୟାସିକ ତଥା ଆଧୁନିକ ଯୁଗର ବିଶିଷ୍ଟ କବି ଥୋମାସ୍ ହାର୍ଡି ପ୍ରକୃତି, ମଣିଷ ଜୀବନ ଓ ଚରିତ୍ରକୁ ନେଇ ଅନେକ କାଳଜୟୀ ସାହିତ୍ୟ ସୃଷ୍ଟି କରିଛନ୍ତି । ବିଶେଷକରି ଜୀବନକୁ ନେଇ ହାର୍ଡି ଜଣେ ଅତ୍ୟନ୍ତ ନୈରାଶ୍ୟବାଦୀ କହିଲେ ଅତ୍ୟୁକ୍ତି ହେବ ନାହିଁ । ସର୍ବଶକ୍ତିମାନ ଭାଗ୍ୟ ବା ଭଗବାନଙ୍କର ନିଷ୍ଠୁରତା, ମାନବର ନିଃସହାୟତା, ପାର୍ଥିବ ଜୀବନର ଅଳିକତା, ମୂଲ୍ୟହୀନତା, ଦୁଃଖ, ଦୈନ୍ୟ ଏବଂ ହତାଶବୋଧ ହାର୍ଡିଙ୍କର ପଦ୍ୟ ଏବଂ ଉପନ୍ୟାସଗୁଡ଼ିକରେ ସ୍ପଷ୍ଟ ଭାବରେ ପ୍ରତିଫଳିତ ହୋଇଛି । ଊନବିଂଶ ଶତାବ୍ଦୀରେ ବିଜ୍ଞାନର ଅଗ୍ରଗତି ତଥା ନୂତନ ଜ୍ଞାନ, କୌଶଳ ଏବଂ ଉଦ୍ଭାବନ ଦ୍ୱାରା ମଣିଷର ହୃଦୟରୁ ଧାର୍ମିକ ଭାବନା ଧୀରେ ଧୀରେ ଅପସରିଗଲା । ମାନବ ସମାଜର ହେତୁବାଦୀ ଚିନ୍ତାଧାରା ସାହିତ୍ୟପ୍ରାଣ ହାର୍ଡିଙ୍କ ମନରେ ଆଘାତ ଆଣିଥିଲା । ବିଶ୍ୱାସ ତଥା ଧର୍ମକୁ ଉପେକ୍ଷା କରୁଥିବା ଜୀବନ ଏକ ଶୁଷ୍କ, ନୀରସ ଏବଂ ଅର୍ଥହୀନ ଜୀବନ ବୋଲି ହାର୍ଡିଙ୍କର ଅଭିବ୍ୟକ୍ତି । ତାଙ୍କ ସାହିତ୍ୟର ଅନ୍ତସ୍ୱର ତାଙ୍କ ସମସାମୟିକ କବି ମାଥ୍ୟୁ ଆର୍‌ନୋଲ୍‌ଡଙ୍କର ବିଷାଦବୋଧ ତଥା ନୈରାଶ୍ୟବୋଧର ଏକ ସଂପ୍ରସାରଣ ବୋଲି ସମାଲୋଚକମାନଙ୍କର ମତ ।

୧୮୪୦ ମସିହା ଜୁନ୍‌ମାସ ୨ ତାରିଖରେ ଇଂଲଣ୍ଡର ଡୋରଚେଷ୍ଟର ନିକଟବର୍ତ୍ତୀ ଏକ କ୍ଷୁଦ୍ରଗ୍ରାମରେ ଜନ୍ମଗ୍ରହଣ କରିଥିବା ଥୋମାସ୍ ହାର୍ଡି ଉଭୟ କାବ୍ୟ ଏବଂ ଉପନ୍ୟାସ ଲେଖି ଅନେକ କାଳଜୟୀ ସୃଷ୍ଟି ରଚନା କରିଯାଇଛନ୍ତି । ବିଶେଷ କରି ତାଙ୍କର ଉପନ୍ୟାସଗୁଡ଼ିକ ତାଙ୍କ ଅମ୍ଳାନ କୃତିର ସ୍ୱାକ୍ଷର । ଭିକ୍ଟୋରିଆନ୍ ଯୁଗର କବି ଟେନସନ୍ ବ୍ରାଉନିଙ୍ଗ ଓ ମାଥ୍ୟୁ ଆରନୋଲ୍‌ଡଙ୍କ ଭଳି କବିମାନଙ୍କର କବିତା ମଧ୍ୟରେ ହାର୍ଡିଙ୍କର କବିତା ଭିନ୍ନ ଏକ ସ୍ୱରର ବୋଲି ଆଲୋଚନା ହୁଏ । ଥୋମାସ୍ ୱେସେକ୍ସ ଇଲାକାର ଔପନ୍ୟାସିକ ବୋଲି ସାଧାରଣରେ ଚର୍ଚ୍ଚା ହୁଏ । ବାସ୍ତବରେ ୱେସେକ୍ସ ହେଉଛି ହାର୍ଡିଙ୍କର ଏକ କଳ୍ପନାର ରାଜ୍ୟ ଏବଂ ତାଙ୍କର ଅନେକ ଉପନ୍ୟାସଗୁଡ଼ିକ ୱେସେକ୍ସର ପୃଷ୍ଠଭୂମି ଉପରେ ପର୍ଯ୍ୟବସିତ । ୧୪ଟି ଉପନ୍ୟାସ, ୨ଟି ନାଟକ ଓ ପ୍ରାୟ ଏକ ହଜାର କବିତା ତାଙ୍କ ଅନବଦ୍ୟ ସାହିତ୍ୟ ସୃଷ୍ଟିର ସମ୍ଭାର ।

୧୮୭୧ ମସିହାରେ ପ୍ରକାଶିତ "ଡେସ୍‌ପରେଟ୍ ରେମେଡିଜ୍" ହାର୍ଡିଙ୍କର ପ୍ରଥମ ଉପନ୍ୟାସ, ଯାହା ଭାଗ୍ୟ, ଅବାଞ୍ଛିତ ଇଚ୍ଛା ଏବଂ ଅନ୍ଧକାର ଉତ୍ତେଜନା ଯୁକ୍ତ (Dark Melodrama) ବିଷୟବସ୍ତୁ ଉପରେ ପର୍ଯ୍ୟବସିତ । ରହସ୍ୟ ଏବଂ ଭୀତିପୂର୍ଣ୍ଣ ବାତାବରଣରେ ସଂପୂର୍ଣ୍ଣ କାହାଣୀଟି ଗତିଶୀଳ । ତାଙ୍କର ରଚିତ ଉପନ୍ୟାସଗୁଡ଼ିକ ହେଉଛି 'ପେୟାର ଅଫ୍ ବ୍ଲୁ ଆଇଜ୍', 'ଫାର୍ ଫ୍ରମ୍ ଦ ମ୍ୟାଡିଂ କ୍ରାଉଡ୍', 'ରିଟର୍ଣ୍ଣ ଅଫ୍ ଦ ନେଟିଭ୍', 'ଦ ମେୟର ଅଫ୍ କାଷ୍ଟର ବ୍ରିଜ୍', 'ଦ ଉଡ୍‌ଲ୍ୟାଣ୍ଡର୍ସ, ଟେସ୍ ଅଫ ଦି ଉରବର ଭାଇଲସ୍' ଏବଂ 'ଜୁଡ୍ ଦି ଅବସ୍କ୍ୟୁର' । 'ଫାର୍ ଫ୍ରମ୍ ଦ ସ୍ୟାଡିଂ କ୍ରାଉଡ୍' ଉପନ୍ୟାସରେ ହାର୍ଡି ସେ ସମୟର ମଣିଷର କାମନା, ବାସନା ପୃଥିବୀ ସହିତ ପ୍ରାକୃତିକ ପୃଥିବୀର ସଂଘର୍ଷ ଉପରେ ଆଲୋକପାତ କରିଛନ୍ତି । ଲିଙ୍ଗଗତ ବୈଷମ୍ୟ, କ୍ଷମତା, ବାସ୍ତବବାଦ ଆଦର୍ଶ ସହିତ ପ୍ରେମ, ପ୍ରତାରଣା ଏବଂ ବ୍ୟକ୍ତିଗତ ଜୀବନରେ ଭାଗ୍ୟର ଅନୁପ୍ରବେଶ ଭଳି ବିଷୟବସ୍ତୁକୁ ଉପନ୍ୟାସରେ ଉପସ୍ଥାପନ କରିଛନ୍ତି । ସେହିପରି 'ରିଟର୍ଣ୍ଣ ଅଫ୍ ଦ ନେଟିଭ୍'ରେ ଭାଗ୍ୟ ଏବଂ ବ୍ୟକ୍ତି ଜୀବନର ମୁକ୍ତଚିନ୍ତନ, ପ୍ରେମରେ ମାୟା, ପରମ୍ପରା ଏବଂ ଆଧୁନିକତା ଭିତିରେ ରହିଥିବା ଦ୍ୱନ୍ଦ୍ୱକୁ ଉପନ୍ୟାସର ଚରିତ୍ରମାନଙ୍କ ଦ୍ୱାରା ପ୍ରତିପାଦନ କରିଛନ୍ତି । ଉକ୍ତ ଉପନ୍ୟାସରେ ଭାଗ୍ୟ ଏବଂ ପ୍ରକୃତି ଉପରେ ମତପୋଷଣ କରିବାକୁ ଯାଇ ହାର୍ଡି କହିଛନ୍ତି – "ସମସ୍ୟାର ହାତ ଧରି ମଣିଷ ସମାଜ ଦୃଶ୍ୟପଟରେ ଆବିର୍ଭାବ ହୁଅନ୍ତି" - (Humanity appears upon the scene, hand in hand with trouble.)

ଗ୍ରୀକ୍ ଦାର୍ଶନିକ ହେରାକ୍ଲିଟସ୍ ଏବଂ ଇଂରାଜୀ ନାଟ୍ୟକାର ସେକ୍ସପିୟର ଉଭୟ ମଣିଷର ସାମର୍ଥ୍ୟ ମଣିଷର ଭାଗ୍ୟ ନିର୍ଣ୍ଣୟ କରେ ବୋଲି ମତପୋଷଣ କରୁଥିବାବେଳେ (Character is Destiny) ହାର୍ଡିଙ୍କ ବିଶ୍ୱାସ ଭାଗ୍ୟ ହିଁ ମଣିଷ ଚରିତ୍ର ଭାବରେ କାର୍ଯ୍ୟ କରେ । ମଣିଷର ଅନ୍ତର୍ନିହିତ ଅବଦମିତ ଇଚ୍ଛା, ସୁଯୋଗ, ସଂଯୋଗ ଏବଂ ଅନ୍ୟ ଏକ ବ୍ୟକ୍ତିର ଅନୁପ୍ରବେଶରେ ମଣିଷର ଭାଗ୍ୟ ନିର୍ଦ୍ଧାରିତ ହୁଏ ବୋଲି ହାର୍ଡିଙ୍କର ମତ । ମଣିଷ ଅନେକ ସମୟରେ ଦୁର୍ଭାଗ୍ୟକୁ ଜଟିଳ ପରିସ୍ଥିତି ଏବଂ ଅଜଣା ବାହ୍ୟ ଶକ୍ତି ମାଧ୍ୟମରେ ମଧ୍ୟ ଆମନ୍ତ୍ରଣ କରେ । ହାର୍ଡିଙ୍କର ବିଶ୍ୱାସ ମଣିଷର ପୃଥିବୀ ଅନେକ ସମୟରେ ଏକ ଅଦୃଷ୍ଟ, ଉଦାସୀନ ଏବଂ ଅବଦମତି ଶକ୍ତି, ଯାହା (Immanent will) ଭାବରେ ଅଭିହିତ ଦ୍ୱାରା ପରିଚାଳିତ ହୁଏ ଏବଂ ସେହି ସମୟରେ ମଣିଷର ନିଜ ଇଚ୍ଛା ଶକ୍ତି ଦୁର୍ବଳ ହୋଇଯାଏ । ୧୮୮୬ ମସିହାରେ ପ୍ରକାଶିତ 'ମେୟର ଅଫ୍ କାଷ୍ଟରବ୍ରିଜ୍' ଉପନ୍ୟାସଟି ଅବଚେତନ ଅବସ୍ଥାରେ ଏକ ନୀତିଭ୍ରଷ୍ଟ ମଣିଷର ଦୁଃଖପୂର୍ଣ୍ଣ ଉପସଂହାର ଉପରେ ପର୍ଯ୍ୟବେସିତ । ଉପନ୍ୟାସଟିର ନାୟକ ମାଇକେଲ୍ ହେଞ୍ଚାଡ୍‌ଙ୍କ ଜୀବନର ଉତ୍‌ଥାନ, ପତନ କେତେକାଂଶରେ ନିଜର ଦୋଷ, ଦୁର୍ବଳତାକୁ ଇଙ୍ଗିତ କରୁଛି ତ କେତେବେଳେ ଭାଗ୍ୟ ମଧ୍ୟ ଚରିତ୍ର ମାଧ୍ୟମରେ ହେଞ୍ଚାଡଙ୍କ ଜୀବନ ପରିଧି ଭିତରକୁ ପଶି ଆସିଛନ୍ତି । ନିଶାସକ୍ତ ଅବସ୍ଥାରେ ନିଜର ସ୍ତ୍ରୀକୁ ବିକ୍ରୟ କରି ନିଶାମୁକ୍ତ ଅବସ୍ଥାରେ ପଶ୍ଚାତାପ କରିଥିଲେ ମଧ୍ୟ ବି ଭାଗ୍ୟର କ୍ରୁର ଆକ୍ରମଣରୁ ରକ୍ଷା ପାଇ ପାରିନାହାନ୍ତି । ମଣିଷ ଜୀବନର ସୁଖ ବା ଖୁସି ଉପରେ ହାର୍ଡିଙ୍କର ମନ୍ତବ୍ୟ ଅତି ଚମତ୍କାର । 'ଜୁଡ୍ ଦ ଅବସ୍କ୍ୟୁର୍' ହାର୍ଡିଙ୍କର ଶେଷ ଉପନ୍ୟାସ । ଏହି ଉପନ୍ୟାସରେ ଭିକ୍ଟୋରିଆନ୍ ଯୁଗର ଶ୍ରେଣୀ ଅବରୋଧ, ତ୍ରୁଟିଯୁକ୍ତ ବିବାହ ପ୍ରଥା, କଠୋର ତଥା ରଢ଼ିବାଦୀ ଧର୍ମବିଶ୍ୱାସର ଦୁଃଖଦପୂର୍ଣ୍ଣ ଅଶ୍ଳୀଳ ପରିଣାମକୁ ଔପନ୍ୟାସିକ ପାଠକମାନଙ୍କୁ ଭେଟି ଦେଉଛନ୍ତି । ତାଙ୍କ ଦ୍ୱାରା ରଚିତ ଏକ ନାଟକ ହେଉଛି 'ଦି ଡାଇନାଷ୍ଟ୍ସ୍' ଯାହା ଐତିହାସିକ, ଦାର୍ଶନିକ ଏବଂ ଆଧ୍ୟାତ୍ମିକ ଭଳି ତଥ୍ୟ ଉପରେ ପର୍ଯ୍ୟବସିତ ଏକ ଫେଣ୍ଟାଫେଣ୍ଟି ବିଷୟବସ୍ତୁ । ସେହିପରି ତାଙ୍କ ଲିଖିତ ଅନେକ କବିତା ସଂକଳନ ମଧ୍ୟରେ 'ୱାସେକ୍ସ ପଏମସ୍', 'ପଏମସ୍ ଅଫ୍ ଦ ପାଷ୍ଟ ଆଣ୍ଡ ପ୍ରେଜେଣ୍ଟ', 'ମୋମେଣ୍ଟସ୍ ଅଫ୍ ଭିଜନ୍' ଏବଂ 'ଉଇଣ୍ଟର ଉଡ୍ସ୍' ଇତ୍ୟାଦି ସର୍ବାଦୃତ । ସେ ସେକ୍ସପିୟର୍, ସ୍କଟ୍ ଏବଂ ବୁନିୟନ୍ ଭଳି ସାହିତ୍ୟିକମାନଙ୍କ ସାହିତ୍ୟକୃତିରେ ପ୍ରଭାବିତ ଏବଂ ଅନେକାଂଶରେ ଅନୁପ୍ରାଣିତ । 'ଦ ଡାର୍କଲିଙ୍ଗ ଥ୍ରସ୍' କବିତାଟି କବିଙ୍କର ସର୍ବୋତ୍କୃଷ୍ଟ ଏବଂ କାଳଜୟୀ କୃତି । ରହସ୍ୟ ଏବଂ ରୋମାଞ୍ଚରେ ଭରା କବିତାର ପରିପାଟୀ । ଆଧ୍ୟାତ୍ମିକତାର ଅଧୋପତନରେ କବିପ୍ରାଣ ବିଳପି ଉଠିଛି ଉକ୍ତ କବିତାଟିରେ । ଦୁଃଖ, ଯନ୍ତ୍ରଣା ଓ ନୈରାଶ୍ୟବୋଧରେ କବି ଜର୍ଜରିତ ହୋଇପଡିଛନ୍ତି । ଶେଷରେ ଥ୍ରସ୍ ପକ୍ଷୀଟି କବିଙ୍କ ମନରେ ଭରି ଦେଇଛି ଆଶା, ଆଶ୍ୱାସନା ଏବଂ ବିଶ୍ୱାସ । ଏତଦ୍‌ବ୍ୟତୀତ ପୃଥିବୀର ସମସ୍ତ ନକରାତ୍ମକ ପରିସ୍ଥିତିରେ ଥ୍ରସ୍ ପକ୍ଷୀଟି ମଣିଷ ମନରେ ଆଶା ଓ ଭରସା ଆଣିଦେବ ବୋଲି କବିଙ୍କ ମନରେ ବିଶ୍ୱାସ ସୃଷ୍ଟି ହୋଇଛି ।

ସାହିତ୍ୟରେ ପ୍ରକୃତି, ଜୀବନ ଓ ଚରିତ୍ର ବ୍ୟାଖ୍ୟା କରିବାରେ ଥୋମାସ୍ ହାର୍ଡି ଜଣେ ଧୁରୀଣ ବିଦ୍ଧାଣି । ଯେଉଁ ସୂକ୍ଷ୍ମ ଦ୍ୱନ୍ଦ୍ୱଟିକୁ ନେଇ ସେ ସାହିତ୍ୟ ସର୍ଜନା କରିଯାଇଛନ୍ତି, ତାହାର ପରିଧି ଭିତରେ ପାଠକମାନେ ନିଜକୁ ଆବିଷ୍କାର କରନ୍ତି । ତାଙ୍କର କବିତାଗୁଡ଼ିକ ମାନବ ହୃଦୟର ଅନାବିଳ ଅଭିବ୍ୟକ୍ତି ହେଲେ ଉପନ୍ୟାସଗୁଡ଼ିକ ଅତ୍ୟନ୍ତ ସମାଜଧର୍ମୀ । ତାଙ୍କର ଚରିତ୍ରଗୁଡ଼ିକ ଡ୍ରଇଁ ରୁମ୍‌ର କୌଣସି କାଳ୍ପନିକ ଚରିତ୍ର ନୁହଁନ୍ତି, ବରଂ ଆମେ ଭେଟୁଥିବା, ଆମ ଚାରିପାଖରେ ବୁଲୁଥିବା ଚରିତ୍ର ଭଳି ଜୀବନ୍ତ ଏବଂ ଗତିଶୀଳ । ପୃଷ୍ଠଭୂମି, ଚରିତ୍ର ଚିତ୍ରଣ ଏବଂ ଜୀବନର ଆଭିମୁଖ୍ୟଗୁଡ଼ିକ ସଂପୂର୍ଣ୍ଣ ହାର୍ଡିଙ୍କ ନିଜସ୍ୱ ପରିକଳ୍ପନା । ଯାହା ସେ ଅନୁଭବ କରିଛନ୍ତି ତାହା ହିଁ ତାଙ୍କ ସାହିତ୍ୟକୃତିଗୁଡ଼ିକରେ ପ୍ରତିଫଳିତ ହୋଇଛି । ■

ଭୁବନେଶ୍ୱର
ମୋ: ୭୮ ୯୪୧୫୩୫୭୮

**ବାହୁଡ଼ାରେ ପୁଣି ଜଣେ ଶ୍ରଦ୍ଧାଳୁଙ୍କ ମୃତ୍ୟୁକୁ ନେଇ ବର୍ଷିଲା ବିଜେଡି**

# ରଥଯାତ୍ରା ପରିଚାଳନାରେ ସରକାର ସମ୍ପୂର୍ଣ୍ଣ ବିଫଳ

ଭୁବନେଶ୍ୱର,୨୫।୭ (ସମିସ): ଚଳିତବର୍ଷର ରଥଯାତ୍ରା ପରିଚାଳନାକୁ ନେଇ ରାଜ୍ୟ ବିଜେପି ସରକାରଙ୍କୁ କଡ଼ା ସମାଲୋଚନା କରିଛି ବିଜୁ ଜନତା ଦଳ। ଶନିବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା, ପୂର୍ବତନ ବିଧାୟକ ତଥା ପୁରୀ ଜିଲ୍ଲା ସଭାପତି ଉମାକାନ୍ତ ସାମନ୍ତରାୟ, ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ତୁଷାରକାନ୍ତି ବେହେରା ରଥଯାତ୍ରାରେ ଦଳାଚକଟାରେ ଶ୍ରଦ୍ଧାଳୁଙ୍କ ମୃତ୍ୟୁକୁ ନେଇ ବିଜେପି ସରକାର ଉପରେ ବର୍ଷିଛନ୍ତି। ଦଳ ପକ୍ଷରୁ କୁହାଯାଇଛି ଯେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପରିଚାଳନା କରିବାରେ ରାଜ୍ୟର ଡବଲ୍ ଇଞ୍ଜିନ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଚଳିତ ବର୍ଷ ରଥଯାତ୍ରା ସମୟରେ ଦଳାଚକଟାରେ ୩ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଥିବା ବେଳେ ବାହୁଡ଼ା ଯାତ୍ରାରେ ଦଳାଚକଟାରେ ଜଣେ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଛି।

ଶ୍ରୀ ଦାସବର୍ମା କହିଥିଲେ ଯେ, ରଥଯାତ୍ରାରେ ବାରମ୍ବାର ଅବ୍ୟବସ୍ଥା ଅଗଣିତ ଜଗନ୍ନାଥ ପ୍ରେମୀଙ୍କ ମନକୁ ଆଘାତ ଦେଇଛି। ଗତ ଜୁଲାଇ ୧୬ ତାରିଖରେ ମହାପ୍ରଭୁଙ୍କ ରଥଯାତ୍ରା ସମୟରେ ଦଳାଚକଟାରେ ୩ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଥିବା ବେଳେ ୩୫୦ରୁ ଉର୍ଦ୍ଧ୍ୱ ଆହତ ହୋଇଥିଲେ। ପୁଣି ବାହୁଡ଼ା ଯାତ୍ରାରେ ଦଳାଚକଟାରେ ଜଣେ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଥିବା ବେଳେ ୧୩୦ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ଏତେ ପରେ ବି ରାଜ୍ୟ ସରକାର ନିଜ ଭୁଲକୁ ସ୍ୱୀକାର କରୁନାହାଁନ୍ତି। ଦଳାଚକଟାରେ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ୱାସରୁଦ୍ଧ ହୋଇ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଥିବା ନେଇ ରାଜ୍ୟବାସୀଙ୍କୁ ମିଥ୍ୟା କହି ଭ୍ରମିତ କରୁଛନ୍ତି। ରଥଯାତ୍ରା ସମୟରେ ଦଳାଚକଟାରେ ମୃତ୍ୟୁକୁ ରାଜ୍ୟ ସରକାର ସ୍ୱୀକାର କରୁନଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ମୁଖା ଖୋଲିଦେଇଛି। ରଥଯାତ୍ରା ପରିଚାଳନା ନେଇ ଅତୀତର ତ୍ରୁଟିରୁ ରାଜ୍ୟ ସରକାର କିଛି ଶିକ୍ଷା ଗ୍ରହଣ କରିଲେ ନାହିଁ। ସରକାରଙ୍କ ଅବହେଳାରୁ ବାହୁଡା ଯାତ୍ରାରେ ପୁଣି ଦଳାଚକଟା ଘଟି ଜଣେ ଶ୍ରଦ୍ଧାଳୁଙ୍କ ଜୀବନ ଗଲା। ବଡ଼ଦାଣ୍ଡର ପରିମଳ ବ୍ୟବସ୍ଥା ଠିକ୍ ନ ଥିଲା। ବଗଲା ଧର୍ମଶାଳା ସମ୍ମୁଖରେ ଅଇଁଠା ଖଲି ପଡିଥିଲା। ମା' ସୁଭଦ୍ରାଙ୍କ ରଥ ଆସିବା ବେଳେ ଖଲି ମାଡ଼ି ଲୋକେ ତଳେ ପଡିଯିବାରୁ ଦଳାଚକଟା ଆରମ୍ଭ ହୋଇଥିଲା। ଏହା ବ୍ୟତୀତ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପୂର୍ବରୁ ମୃତ୍ୟୁର କାରଣ ନେଇ ରାଜ୍ୟ ସରକାର କିପରି ବିବୃତ୍ତି ପ୍ରଦାନ କରୁଛନ୍ତି ବୋଲି ବିଜେଡି ପ୍ରଶ୍ନ ଉଠାଇଛି। ମୃତ୍ୟୁକୁ ନେଇ ମିଛ କହିଥିବାରୁ ସ୍ୱାସ୍ଥ୍ୟମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ଶ୍ରୀ ଦାସବର୍ମା ଦାବି କରିଛନ୍ତି।

ଉମାକାନ୍ତ ସାମନ୍ତରାୟ କହିଥିଲେ ଯେ, ସ୍ୱାସ୍ଥ୍ୟମନ୍ତ୍ରୀ ଦଳାଚକଟାରେ ଶ୍ରଦ୍ଧାଳୁଙ୍କ ମୃତ୍ୟୁକୁ ଅସ୍ୱୀକାର କରି ମିଛ କହୁଛନ୍ତି। ସମସ୍ତ ଘଟଣାର ବିଚାର ବିଭାଗୀୟ ତଦନ୍ତ କରାଯାଉ ଏବଂ ନୈତିକତା ଦୃଷ୍ଟିରୁ ସ୍ୱାସ୍ଥ୍ୟମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ। ତୁଷାରକାନ୍ତି ବେହେରା କହିଥିଲେ ଯେ ୨୦୨୪ ମସିହା ରଥଯାତ୍ରାରେ ପହଣ୍ଡି ସମୟରେ ଚାରମାଳରୁ ବଡ଼ଠାକୁର ପ୍ରଭୁ ବଳଭଦ୍ର ପଡିଯିବା, ପୂର୍ବତନ ରାଜ୍ୟପାଳଙ୍କ ପୁଅ ଏଏସଓଙ୍କୁ ମାଡ଼ ମାରିବା, ୨୦୨୫ ରଥଯାତ୍ରାରେ ଶରଧାବାଲିରେ ଦଳାଚକଟା ଘଟି ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଆଦି ଘଟଣାର ତଦନ୍ତ ରିପୋର୍ଟ ସାର୍ବଜନୀନ ହୋଇ ନାହିଁ। ଚଳିତ ବର୍ଷ ରଥଯାତ୍ରାରେ ୩ ଜଣ ଓ ବାହୁଡ଼ା ଯାତ୍ରାରେ ଜଣେ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଛି। ତେଣୁ ସମସ୍ତ ଘଟଣାର ବିଚାର ବିଭାଗୀୟ ତଦନ୍ତ କରି ରିପୋର୍ଟ ସାର୍ବଜନୀନ କରାଯାଉ ବୋଲି ସେ ଦାବି କରିଛନ୍ତି।



- ଶ୍ରୀଜଗନ୍ନାଥଙ୍କ ଇଚ୍ଛା କହି ଖସିଯିବାକୁ ଅପଚେଷ୍ଟା
- ଦଳାଚକଟା ମୃତ୍ୟୁକୁ ଶ୍ୱାସରୁଦ୍ଧ କହିବା ନିନ୍ଦନୀୟ
- ସମସ୍ତ ଘଟଣାର ବିଚାରବିଭାଗୀୟ ତଦନ୍ତ ଦାବି

# ଦେଶର ଛାତ୍ରଛାତ୍ରୀ ଧର୍ମେନ୍ଦ୍ରଙ୍କୁ ବିଦା କଲେ: ଭକ୍ତ



- ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦଙ୍କୁ ବିଦା ନ କଲେ ଆନ୍ଦୋଳନ
- ଭୁବନେଶ୍ୱରରେ ଯନ୍ତରମନ୍ତର ପରିବେଶ ସୃଷ୍ଟି ହେବ

ଭୁବନେଶ୍ୱର,୨୫।୭ (ସମିସ): ଦେଶର ଛାତ୍ରସମାଜର ନ୍ୟାୟୋଚିତ ଆନ୍ଦୋଳନ, କଂଗ୍ରେସ ଦଳର ଦେଶବ୍ୟାପି ବିକ୍ଷୋଭ ଯୋଗୁଁ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ପ୍ରଦାନ ଗଣତନ୍ତ୍ରର ବିଜୟ। ତେବେ ଏହା ପ୍ରକୃତରେ ଇସ୍ତଫା ନୁହେଁ, ଦେଶର ଅଗଣିତ ଛାତ୍ରଛାତ୍ରୀଙ୍କ ଦ୍ୱାରା ତାଙ୍କର ବହିଷ୍କାର। ଏହା ଆରମ୍ଭ ମାତ୍ର। ଦେଶର ଶିକ୍ଷାବବ୍ୟବସ୍ଥାର ଗୈରୀକରଣ ନାମରେ ଦେଶର ଯୁବସମାଜର ଗରୀବକରଣ କରାଇ ମୋଦୀ ସରକାର ଯେଉଁ ପାପ କରିଛନ୍ତି, ତା'ର ପ୍ରାୟଶ୍ଚିତ ନ କଲେ ଦେଶର ଯୁବଛାତ୍ର ସମାଜ ତଥା କଂଗ୍ରେସ ଦଳ ଅଟକିବ ନାହିଁ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି।

ଶ୍ରୀ ଦାସ କହିଥିଲେ, ନିଟ୍-ପ୍ରଶ୍ନପତ୍ର ପ୍ରଘଟ ଯୋଗୁଁ ୨୪ ଜଣ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟାକୁ ନେଇ ଦେଶର ପ୍ରଧାନମନ୍ତ୍ରୀ ଅନୁତପ୍ତ ହୋଇନାହାନ୍ତି କି ଯନ୍ତରମନ୍ତରଠାରେ ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ଉପରେ ଦମନଲୀଳା କରିଥିବା ପୁଲିସ ଅଧିକାରୀ ଓ କର୍ମୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରିନାହାନ୍ତି। ଦେଶର ଶିକ୍ଷାବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ରୂପେ ଭୁଶୁଡ଼ାଇ ଦେଇଥିଲେ ମଧ୍ୟ ତା'ର ନିରାକରଣ ପାଇଁ କୌଣସି ପଦକ୍ଷେପ ନେଇନାହାନ୍ତି। ତେଣୁ କେବଳ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫାରେ କଂଗ୍ରେସ ଦଳର ଆନ୍ଦୋଳନ ବନ୍ଦ ହେବାର ପ୍ରଶ୍ନ ଉଠୁନାହିଁ ବୋଲି ସେ କହିଛନ୍ତି। ଅନ୍ୟ ପକ୍ଷରେ ଓଡ଼ିଶାର ସ୍କୁଲ୍ ପାଠ୍ୟପୁସ୍ତକରେ ୨୨ ଶହରୁ ଅଧିକ ଭୁଲ୍ କରି ରାଜ୍ୟର ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ସରକାର ଅନ୍ଧକାର ମଧ୍ୟକୁ ଠେଲିଦେଇଥିଲେ ହେଁ ଗଣଶିକ୍ଷାମନ୍ତ୍ରୀ ଇସ୍ତଫା ସୁଦ୍ଧା ଦେଇନାହାନ୍ତି। ଯେ ପର୍ଯ୍ୟନ୍ତ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଇସ୍ତଫା ଦେଇନାହାନ୍ତି ସେ ଯାଏ ରାଜ୍ୟରେ କଂଗ୍ରେସ ଆହୁରି ଜୋରଦାର ଆନ୍ଦୋଳନ କରିବ ବୋଲି ଶ୍ରୀ ଦାସ ସୂଚନା ଦେଇଛନ୍ତି। ଓଡ଼ିଶାରେ ସ୍କୁଲ ପାଠ୍ୟପୁସ୍ତକରେ ୨୨ ଶହରୁ ଅଧିକ ତ୍ରୁଟି ସତ୍ତ୍ୱେ ରାଜ୍ୟର ଯୁବଛାତ୍ର ସମାଜ ଭୁବନେଶ୍ୱରରେ ଏକ ଯନ୍ତରମନ୍ତର ପରି ପରିବେଶ ସୃଷ୍ଟି ନ କରିବା ଆଶ୍ଚର୍ଯ୍ୟଜନକ। ତେବେ ଆଶା, ବିଳମ୍ବରେ ହେଲେ ମଧ୍ୟ ରାଜ୍ୟର ଯୁବଛାତ୍ର ବର୍ଗ ତେଜିବେ। କଂଗ୍ରେସ ଦଳ କେବଳ ମନ୍ତ୍ରୀଙ୍କ ଇସ୍ତଫା ଦାବି ନୁହେଁ, ସମଗ୍ର ଶିକ୍ଷା ବ୍ୟବସ୍ଥାକୁ ସଂସ୍କାରିତ କରିବା ପାଇଁ ଆନ୍ଦୋଳନ କରିଚାଲିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

# ତିଖିରୀ ସରପଞ୍ଚ ଚାମେଲି ଓଝାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

- ୨୧ ୱାର୍ଡ ସଭ୍ୟଙ୍କ ଦସ୍ତଖତ ସହ ଆବେଦନ
- ୨୭ରେ କାଗଜପତ୍ର ଯାଞ୍ଚ, ପରେ ଭୋଟିଂ



କେନ୍ଦ୍ରାପଡ଼ା/ମହାକାଳପଡ଼ା,୨୫।୭ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ୍ ଅଧୀନ ତିଖିରୀ ପଞ୍ଚାୟତର ସରପଞ୍ଚ ଚାମେଲି ଓଝାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆସିଛି। ପଞ୍ଚାୟତର ୨୧ ଜଣ ୱାର୍ଡ ସଭ୍ୟ ଏ ସମ୍ପର୍କରେ ଉପଜିଲ୍ଲାପାଳଙ୍କୁ ଲିଖିତ ଭାବେ ଅବଗତ କରାଇଥିବା ଜଣାପଡ଼ିଛି। ଅନାସ୍ଥା ପତ୍ର ପାଇବା ପରେ ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ମହାକାଳପଡ଼ା ବ୍ଲକ ବିଡିଓଙ୍କୁ ପତ୍ର ଲେଖି ଆଇନ ଅନୁଯାୟୀ ପରବର୍ତ୍ତୀ ପ୍ରକ୍ରିୟା ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମ୍ପର୍କିତ ସରକାରୀ ପତ୍ର ସୋସିଆଲ ମିଡିଆରେ ମଧ୍ୟ ଭାଇରାଲ ହୋଇଥିବା ଚର୍ଚ୍ଚା ହେଉଛି।

ଅନାସ୍ଥା ପ୍ରସ୍ତାବରେ ଦସ୍ତଖତ କରିଥିବା ୱାର୍ଡ ସଭ୍ୟଙ୍କ ଆବେଦନ ଓ ଦସ୍ତଖତ ଯାଞ୍ଚ ଆସନ୍ତା ୨୭ ତାରିଖରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କରାଯିବ। ଯାଞ୍ଚ ପ୍ରକ୍ରିୟା ସମ୍ପନ୍ନ ହେବା ପରେ ଅନାସ୍ଥା ଭୋଟ ପାଇଁ ପ୍ରାୟ ୧୫ ଦିନର ସମୟ ଦିଆଯିବ ବୋଲି ଉପଜିଲ୍ଲାପାଳ ଅରୁଣ କୁମାର ନାୟକ କହିଛନ୍ତି। ଅନ୍ୟପକ୍ଷରେ ସରପଞ୍ଚ ଚାମେଲି ଓଝା ଅନାସ୍ଥା ପ୍ରସ୍ତାବ ପଛରେ ୱାର୍ଡ ସଭ୍ୟଙ୍କ ଉପରେ ଚାପ ଓ ଧମକ ଦିଆଯାଉଥିବା ଅଭିଯୋଗ କରିଛନ୍ତି। ଅନେକ ୱାର୍ଡ ସଭ୍ୟ ତାଙ୍କୁ ଫୋନ କରି କାନ୍ଦୁଥିବା ଓ ପ୍ରବଳ ଚାପରେ ରହିଥିବା ସେ କହିଛନ୍ତି। ନିଜେ ଅସୁରକ୍ଷିତ ଅନୁଭବ କରୁଥିବାବେଳେ ୱାର୍ଡ ସଭ୍ୟଙ୍କୁ ସୁରକ୍ଷା ଦେବା ସମ୍ଭବ ନୁହେଁ ବୋଲି ସେ ପ୍ରକାଶ କରିଛନ୍ତି। ତେବେ ଅନାସ୍ଥା ପ୍ରସ୍ତାବର ଅଭିଯୋଗ ଓ ସରପଞ୍ଚଙ୍କ ପାଲଟା ଅଭିଯୋଗକୁ ନେଇ ପଞ୍ଚାୟତ ରାଜନୀତି ସରଗରମ ହୋଇପଡ଼ିଛି। ବର୍ତ୍ତମାନ ସମସ୍ତଙ୍କ ନଜର ଜୁଲାଇ ୨୭ର ଯାଞ୍ଚ ଓ ପରବର୍ତ୍ତୀ ଅନାସ୍ଥା ଭୋଟ ପ୍ରକ୍ରିୟା ଉପରେ ରହିଛି।

# କ୍ଷେତ୍ରସ୍ତରରେ ସାର ଯୋଗାଣର ସ୍ଥିତି ଅନୁଧ୍ୟାନ କରିବ କଂଗ୍ରେସ

ଭୁବନେଶ୍ୱର,୨୫।୭ (ସମିସ): ସମ୍ପ୍ରତି ରାଜ୍ୟରେ ମୌସୁମୀ ସକ୍ରିୟ ଥିବା ହେତୁ ରୁଆ ବେଉଷଣ କାର୍ଯ୍ୟ ଅଗ୍ରଗତି କରିଚାଲିଛି। କିନ୍ତୁ ଠିକ୍ ସମୟରେ ଚାଷୀଙ୍କୁ ଆବଶ୍ୟକ ମୁତାବକ ସାର ମିଳୁନାହିଁ। ଫଳରେ ଚାଷୀ କଳାବଜାରୀର ଶିକାର ହେଉଛି। ସରକାର ଠିକଣା ଢ଼ଙ୍ଗରେ ଚାଷୀଙ୍କୁ ଯଥେଷ୍ଟ ସାର ଯୋଗାଇ ଦେଉଥିବା କହୁଥିବା ବେଳେ କ୍ଷେତ୍ରସ୍ତରରେ ଏହା ବାସ୍ତବ ସ୍ଥିତି ଭିନ୍ନ ରହିଛି ବୋଲି ରାଜ୍ୟ କଂଗ୍ରେସର ସମବାୟ ପ୍ରକୋଷ୍ଠ କହିଛି। ପ୍ରକୋଷ୍ଠ ମୁଖ୍ୟ ଅମୀୟ ପଟ୍ଟନାୟକ କହିଛନ୍ତି, ଚାଷ ତରତର ବଣିଜ ମଠ। ତେଣୁ ଏହି ସମୟରେ ଆବଶ୍ୟକ ପରିମାଣର ରାସାୟନିକ ସାର ଯଥା ୟୁରିଆ, ପଟାସ, ଗ୍ରୋମର ପ୍ରଭୃତି କମ୍ପ୍ଲେକ୍ସ ସାର ନିର୍ଦ୍ଧାରିତ ମୂଲ୍ୟ ଓ ସମୟରେ ଚାଷୀଙ୍କୁ ଯୋଗାଇ ଦିଆଯିବା ଦରକାର। ଏହାକୁ ଆଧାର କରି ପ୍ରଦେଶ କଂଗ୍ରେସ କମିଟି ସମବାୟ ପ୍ରକୋଷ୍ଠର ଅଧ୍ୟକ୍ଷଙ୍କ ସହିତ ଏକ ପ୍ରତିନିଧି ମଣ୍ଡଳୀ ଇତି ମଧ୍ୟରେ ନୟାଗଡ଼, ବୌଦ୍ଧ, ସୁବର୍ଣ୍ଣପୁର, ବଲାଙ୍ଗିର, କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲାକୁ ଗସ୍ତ କରିଛନ୍ତି। କ୍ଷେତ୍ରସ୍ତରରେ ଚାଷୀମାନଙ୍କ ଏହି ସମସ୍ୟା ବୁଝିବା ସହିତ ଜିଲ୍ଲା ଓ ରାଜ୍ୟ ପ୍ରଶାସନ ନିକଟରେ କଂଗ୍ରେସ ପକ୍ଷରୁ ଚାଷୀଙ୍କର ହକ୍ ପାଇଁ ଦାବି ଉପସ୍ଥାପନ କରିବ। ଏହି ଗସ୍ତ ସମୟରେ ଜିଲ୍ଲାସ୍ତରରେ ସମବାୟବିତ୍, କଂଗ୍ରେସ ନେତୃବୃନ୍ଦ, କର୍ମକର୍ତ୍ତା ଓ କର୍ମୀମାନଙ୍କ ସହିତ ଆଲୋଚନା କରାଯାଇ ସମବାୟ କ୍ଷେତ୍ରକୁ କିପରି ସୁଦୃଢ଼ ଓ ଏହାର ସୁପରିଚାଳନା, ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ଏବଂ ସମବାୟ ସମିତି ସଭ୍ୟ/ସଭ୍ୟାମାନଙ୍କର ଅଧିକାରକୁ ନେଇ ସାମଗ୍ରିକ ବିକାଶ ସମ୍ପର୍କରେ ବଳିଷ୍ଠ ପଦକ୍ଷେପ ନେବା ଦିଗରେ କଂଗ୍ରେସ ସଂଗ୍ରାମ ଜାରି ରଖିବ ବୋଲି ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ ଏକ ପ୍ରେସ ଇସ୍ତାହାରରେ କହିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମହଣମହଣ ସ୍ୱର୍ଣ୍ଣାଲଙ୍କାରରେ...

ବଢ଼ିବା ପରେ ଅପରାହ୍ନ ୫ଟା ୧୦ରୁ ସୁନାବେଶ ଆରମ୍ଭ ହୋଇଥିଲା। ଶ୍ରୀବିଗ୍ରହମାନଙ୍କୁ ସୁନା, ରୁପା ଆଦି ମୂଲ୍ୟବାନ ଧାତୁଖଚିତ ଅଳଙ୍କାରରେ ବେଶ କରିଥିଲେ ପୁଷ୍ପାଳକ ସେବକ। ସେମାନଙ୍କୁ ଅନ୍ୟ ସେବକ ସହଯୋଗ କରିଥିଲେ। ସନ୍ଧ୍ୟା ୬ଟା ୩୫ ସୁଦ୍ଧା ଠାକୁରମାନଙ୍କୁ ସୁନାବେଶରେ ସଜାଇବା ସମ୍ପୂର୍ଣ୍ଣ ହୋଇଥିଲା। ଶ୍ରୀବିଗ୍ରହମାନଙ୍କ ଶ୍ରୀମସ୍ତକରେ କିରୀଟ, ଗଳାରେ ମାଳା, ଓଡ଼ିଆଣୀ, କାନକୁଣ୍ଡଳ ଆଦି ଧାରଣ କରିଥିଲେ। ବଡ଼ଠାକୁର ଏବଂ ଶ୍ରୀଜଗନ୍ନାଥଙ୍କୁ ଶ୍ରୀହସ୍ତ, ଶ୍ରୀପୟର, ହଳମୂଷଳ, ଶଙ୍ଖ, ଚକ୍ର ଆଦି ଲାଗି କରାଯାଇଥିଲା। ସୁନାବେଶରେ ଥାଇ ରଥ ଉପରେ ହିଁ ଠାକୁରମାନଙ୍କ ସନ୍ଧ୍ୟା ଆଳତି ଓ ସନ୍ଧ୍ୟା ଧୂପ ବଢ଼ିଥିଲା। ରାତିରେ ସୁନାବେଶ ମଇଲମ ପରେ ରଥାରୂଢ଼ ଠାକୁରଙ୍କ ଅନ୍ୟାନ୍ୟ ନୀତି ବଢ଼ିଥିଲା।

ରତ୍ନସିଂହାସନରେ ସୁନାବେଶ ବେଳେ ଠାକୁର ରାହୁରେଖା ଏବଂ ରତ୍ନଖଚିତ ଚିତା ଧାରଣ କରିଥାʼନ୍ତି। କିନ୍ତୁ ରଥାରୂଢ଼ ଠାକୁରଙ୍କ ସୁନାବେଶର ବିଶେଷତ୍ୱ ହେଉଛି ଏହି ବେଶରେ ମହାପ୍ରଭୁ ରାହୁରେଖା ଏବଂ ରତ୍ନଖଚିତ ଚିତା ଧାରଣ କରି ନ ଥାʼନ୍ତି। ରଥାରୂଢ଼ ଠାକୁର ସୁନାବେଶରେ ସୋଲର ଚିତା ଧାରଣ କରିଥାʼନ୍ତି। ତେବେ ଦର୍ଶନ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ଲାଗି ପ୍ରଶାସନ ପକ୍ଷରୁ ସିଂହଦ୍ୱାର ରଥ ପାଖରୁ ମାର୍କେଟ ଛକ ପର୍ଯ୍ୟନ୍ତ ବ୍ୟାରିକେଡ୍ କରାଯାଇଥିଲା। ଭକ୍ତମାନେ ଏକମୁହାଁ ହୋଇ ସିଂହଦ୍ୱାର ଅଭିମୁଖେ ଚାଲିଥିଲେ। ବାମପାଶ୍ୱର୍ରେ ଦଣ୍ଡାୟମାନ ନନ୍ଦିଘୋଷ କଡ଼ ଦେଇ ଡାହାଣକୁ ବୁଲି ସମ୍ମୁଖ ଭାଗରୁ ରଥାରୂଢ଼ ଠାକୁରଙ୍କୁ ସୁନାବେଶ ଦର୍ଶନ କରିଥିଲେ। ତାଳଧ୍ୱଜ ରଥ ପାଶ୍ୱର୍ଦେଇ ପୁନଶ୍ଚ ବଡ଼ଦାଣ୍ଡକୁ ଆସି ନିଜ ନିଜ ଗନ୍ତବ୍ୟ ସ୍ଥଳକୁ ଫେରିଯାଉଥିଲେ। ହରିବୋଲ, ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ବଡ଼ଦାଣ୍ଡ।

### ଯୁବଶକ୍ତିର...

ରାଜି ହେବାପରେ ଆନ୍ଦୋଳନ ପ୍ରତ୍ୟାର କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ର ମନ୍ତ୍ରୀ ଜେପି ନଡ୍ଡା ଏବଂ ଜିତେନ୍ଦ୍ର ସିଂହ ଏବଂ ଅନ୍ୟତମ ମୁଖପାତ୍ର ଆଶୁତୋଷ ରଙ୍କା ମଧ୍ୟ ଉପସ୍ଥିତ ଥିଲେ। କକ୍ରୋଚ୍ ପାର୍ଟିର ତିନିଟି ମୁଖ୍ୟ ଦାବି ଥିଲା। ସେଗୁଡ଼ିକ ହେଲା ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା, ସମସ୍ତ ଆନ୍ଦୋଳନକାରୀ ଏବ ସଂଗଠକମାନଙ୍କ ବିରୋଧରେ ଏଫଆଇଆର ଏବଂ ଆଇନଗତ ପଦକ୍ଷେପ ପ୍ରତ୍ୟାହାର ଏବଂ ନିଟ୍ ପ୍ରଶ୍ନପତ୍ର ଲିକ୍ ଯୋଗୁଁ ଆତ୍ମହତ୍ୟା କରିଥିବା ଛାତ୍ରଛାତ୍ରୀଙ୍କ ପରିବାରକୁ ଏକ କୋଟି ଟଙ୍କା ଲେଖାଏଁ କ୍ଷତିପୂରଣ ପ୍ରଦାନ କରିବା। ଧର୍ମେନ୍ଦ୍ରଙ୍କ ଇସ୍ତଫା ସହ ସେମାନଙ୍କର ପ୍ରଥମ ଦାବି ପୂରଣ ହୋଇଛି। ଅନ୍ୟ ଦାବି ଓ ସର୍ତ୍ତ ମାନିବାକୁ ସରକାର ଲିଖିତ ପ୍ରତିଶ୍ରୁତି ଦେଇଛନ୍ତି। ମୁଖପାତ୍ର କହିଲେ ଯେ ଆନ୍ଦୋଳନ ଆରମ୍ଭ ହେବା ଦିନ ଠାରୁ ଆନ୍ଦୋଳନକାରୀଙ୍କ ବିରୋଧରେ ଦିଲ୍ଲୀ ଏବଂ ବିଜେପି ଓ ଏହାର ସହଯୋଗୀ ଶାସିତ ରାଜ୍ୟରେ ଯେତେ ଏଫଆଇଆର ହୋଇଛି, ତାହାକୁ ପ୍ରତ୍ୟାହାର କରିବେ ସରକାର। ଭବିଷ୍ୟତରେ ଏମାନଙ୍କ ବିରୋଧରେ ଏଫ୍ଆଇଆର କିମ୍ବା କୌଣସି ପଦକ୍ଷେପ ନେବେନାହିଁ ବୋଲି ସରକାର ପ୍ରତିଶ୍ରୁତି ଦେଇଛନ୍ତି।

ସୂଚନାଯୋଗ୍ୟ ଯେ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ନଦେବା ପର୍ଯ୍ୟନ୍ତ ସରକାରଙ୍କ ସହିତ ଆଲୋଚନା କରାଯିବ ନାହିଁ ବୋଲି କକ୍ରୋଚ୍ ପାର୍ଟି ଜିଦରେ ଅଟଳ ରହିବାରୁ ସରକାର ଅଡୁଆରେ ପଡ଼ିଯାଇଥିଲେ। ଶେଷରେ ଆଜି ଧର୍ମେନ୍ଦ୍ର କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ଇସ୍ତଫା ପ୍ରଦାନ କରିଥଲେ। ଇସ୍ତଫା ପ୍ରଦାନ କରି ସେ କହିଥିଲେ ଯେ ଦେଶର ବୃହତ ସ୍ୱାର୍ଥ ଦୃଷ୍ଟିରୁ ନିଟ ପରୀକ୍ଷା ବିଭ୍ରାଟ ପାଇଁ ନୈତିକ ଦାୟିତ୍ୱ ନେଇ ପଦତ୍ୟାଗ କରୁଛନ୍ତି। ଆନ୍ଦୋଳନ ଚଳାଇଥିବା ଯୁବ ଗୋଷ୍ଠୀର ପ୍ରଶଂସା କରି ସେ କହିଲେ ଯେ ଏମାନେ ହେଉଛନ୍ତି ଆମ ଦେଶର ଭବିଷ୍ୟତ। ଯନ୍ତରମନ୍ତ ଏବଂ ଦେଶର ଅନ୍ୟ ଭାଗରେ ଆନ୍ଦୋଳନ ଚଳାଇଥିବା ଯୁବ ଗୋଷ୍ଠୀକୁ କିଛି ଦେଶ-ବିରୋଧୀ ତତ୍ତ୍ୱ ପ୍ରଭାବିତ କରିବାକୁ ଚକ୍ରାନ୍ତ କରୁଛନ୍ତି। ଏଥିରୁ ସେମାନଙ୍କୁ ରକ୍ଷା କରିବା ଉ।।ଦେଶ୍ୟରେ ସେ କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଥିବା ଧର୍ମେନ୍ଦ୍ର କହିଥିଲେ। ଧର୍ମେନ୍ଦ୍ରଙ୍କ ଇସ୍ତଫା ପୂର୍ବରୁ ସରକାର ଗତ ୨୩ ତାରିଖ ବିଳମ୍ବିତ ରାତିରେ ଶିକ୍ଷା ସଚିବ ବିନୀତ ଯୋଶୀଙ୍କୁ ହଟାଇଦେଇଥିଲେ।

ଧର୍ମେନ୍ଦ୍ରଙ୍କ ଇସ୍ତଫା ପରେ କକ୍ରୋଚ୍ ପାର୍ଟି ପ୍ରତିନିଧି ଦଳ ସରକାରଙ୍କ ସହିତ ଆଲୋଚନା କରିବାକୁ ରାଜି ହୋଇଥିଲେ। ତେବେ ଏହି ଆଲୋଚନା ମନ୍ତ୍ରୀଙ୍କ ବାସଭବନରେ ନହୋଇ କନଷ୍ଟିଟ୍ୟୁସନ୍ କ୍ଲବରେ ହୋଇଥିଲା। ଆଲୋଚନା ପରେ ଆନ୍ଦୋଳନ ପ୍ରତ୍ୟାହାର କରିବାକୁ ଘୋଷଣା କରାଯାଇଥିଲା।

ଧର୍ମେନ୍ଦ୍ର ପ୍ରଧାନ ନିଜ ପଦବୀରୁ ଇସ୍ତଫା ଦେବାପରେ ଗୃହମନ୍ତ୍ରୀ ଅମିତ ଶାହ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ନରେନ୍ଦ୍ର ମୋଦି ସରକାରର ଇତିହାସରେ ଏକ ବିରଳ ଘଟଣା ଭାବେ ବିବେଚନା କରାଯାଉଛି। ୨୦୧୪ରେ ମୋଦି ସରକାର କ୍ଷମତାକୁ ଆସିବା ପରଠାରୁ ସାର୍ବଜନୀନ ଚାପ ଓ ଦେଶବ୍ୟାପୀ ବିରୋଧ ପରେ ପଦ ଛାଡ଼ିଥିବା ସେ କେବଳ ଦ୍ୱିତୀୟ କାର୍ଯ୍ୟରତ କେନ୍ଦ୍ରମନ୍ତ୍ରୀ। ଧର୍ମେନ୍ଦ୍ରଙ୍କ ପୂର୍ବରୁ ଏମ୍‌ଜେ ଆକବର ସାର୍ବଜନୀନ ଚାପ ମଧ୍ୟରେ ପଦ ଛାଡ଼ିଥିବା ଏକମାତ୍ର କେନ୍ଦ୍ରମନ୍ତ୍ରୀ ଥିଲେ। ୨୦୧୮ ରେ ବିଦେଶ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଥିବା ଏମ୍‌ଜେ ଆକବରଙ୍କ ବିରୋଧରେ ମି-ଟୁ ଅଭିଯାନ ସମୟରେ ଏକାଧିକ ମହିଳା ସାମ୍ବାଦିକ ଯୌନ ଉତ୍ପୀଡ଼ନର ଅଭିଯୋଗ ଆଣିଥିଲେ। ଏହାପରେ ସେ ଅକ୍ଟୋବର ୨୦୧୮ ରେ ମନ୍ତ୍ରୀପଦରୁ ଇସ୍ତଫା ଦେଇଥିଲେ ଏବଂ ଆଇନଗତ ଲଢେଇ ଲଢ଼ିବେ ବୋଲି କହିଥିଲେ।

### ଜେନ୍-ଜୀଙ୍କୁ...

ହେବା। ଜନତାଙ୍କ ଇଚ୍ଛାଠାରୁ କେହି ଉର୍ଦ୍ଧ୍ୱରେ ନୁହନ୍ତି। ଆମ ଦେଶର ଲୋକମାନଙ୍କର, ବିଶେଷକରି ଯୁବପିଢ଼ିଙ୍କର ସ୍ୱର ଶୁଣାଯିବା ଉଚିତ। ଭାରତର ଭବିଷ୍ୟତ ଯୁବଶକ୍ତିଙ୍କ ହାତରେ। ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ନବୀନ ଶୁଭେଚ୍ଛା ଜଣାଇଛନ୍ତି।

ସୂଚନା ଥାଉ କି ଦିଲ୍ଲୀ ଗସ୍ତ ଅବସରରେ ନବୀନ ନିଟ୍ ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗରେ ଦଳୀୟ ସାଂସଦଙ୍କ ସହିତ ଆଲୋଚନା କରିବା ସହ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥକୁ ସର୍ବାଧିକ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ୨୦ ତାରିଖରେ ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ଉପରେ ପୁଲିସର ମାତ୍ରାଧିକ ବଳପ୍ରୟୋଗ ପରେ ଦଳର ସାଂସଦମାନେ ହସ୍ପିଟାଲକୁ ଯାଇ ସେମାନଙ୍କୁ ଭେଟିଥିଲେ। ଏପରି ସ୍ଥିତିରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତାଙ୍କ ପଦତ୍ୟାଗ କରିବା ଉଚିତ ବୋଲି ନବୀନ କହିଥିଲେ।

### ଯୁବକଙ୍କ ଆକାଂକ୍ଷାକୁ...

ସିବିଆଇକୁ ସମର୍ପଣ କରିଥିଲେ ଏବଂ ପରୀକ୍ଷାକୁ ବାତିଲ କରି ପୁନଃ ପରୀକ୍ଷାର ତାରିଖ ଘୋଷଣା କରିଥିଲେ। ଆମର ମୁଖ୍ୟ ପ୍ରାଥମିକତା ଥିଲା ଯେ ୨୦ ଲକ୍ଷରୁ ଅଧିକ ଛାତ୍ରଙ୍କ ପରୀକ୍ଷା ସୁଚାରୁ ରୂପେ ଆୟୋଜିତ ହେଉ। ପ୍ରଥମ ଦିନରୁ ମୁଁ ଏହାର ଦାୟିତ୍ୱ ନେଇଥିଲି ଏବଂ ଏହି ପରିସ୍ଥିତିରୁ କେବେ ମୁହଁ ଫେରାଇ ନଥିଲି।। ୧୬ ଜୁଲାଇରେ ଘୋଷିତ ନିଟ୍-ୟୁଜିର ଫଳାଫଳ ସନ୍ତୋଷଜନକ ରହିଥିଲା, ଯେଉଁଥିରେ ଗରିବ ପରିବେଶରୁ ଆସିଥିବା ଅନେକ ମେଧାବୀ ଛାତ୍ରମାନେ ମଧ୍ୟ ସଫଳତା ପାଇଥିଲେ। ତଥାପି ଏହି ସମୟରେ ମଧ୍ୟ ଅନେକ ଛାତ୍ରଙ୍କୁ ଭ୍ରମରେ ପକାଇବା ପାଇଁ ଦାୟିତ୍ୱପୂର୍ଣ୍ଣ ପଦରେ ଥିବା ବ୍ୟକ୍ତିମାନେ ବାଧା ସୃଷ୍ଟି କରିବାକୁ ଚେଷ୍ଟା କରିଥିଲେ, ଯାହାଦ୍ୱାରା ମନ ଅତ୍ୟନ୍ତ ବ୍ୟଥିତ ହୋଇଥିଲା। ସେ ଆହୁରି କହିଛନ୍ତି, ମୁଁ ସର୍ବଦା ଆମ ପ୍ରଜାତନ୍ତ୍ରର ଶକ୍ତି ଉପରେ ଅତୁଟ ବିଶ୍ୱାସ ରଖିଥିବା ବ୍ୟକ୍ତି ଏବଂ ଯୁବକମାନଙ୍କ ଆକାଂକ୍ଷା, ସ୍ୱପ୍ନ ଏବଂ ଅପେକ୍ଷାଗୁଡ଼ିକର ଗଭୀର ସମ୍ମାନ କରି ଆସିଛି। ସେମାନେ କେବଳ ଭାରତର ଭବିଷ୍ୟତ ନୁହନ୍ତି, ବରଂ ଏକ ନୂତନ ଓ ବିକଶିତ ଭାରତର ବାହକ, ନିର୍ମାତା ଏବଂ ଭବିଷ୍ୟତର ଶିଳ୍ପକାର ମଧ୍ୟ ଅଟନ୍ତି। ଗତ ୧୦ ଦିନର ଘଟଣାକ୍ରମ ଦେଖି ମୋର ମନ ଦୁଃଖିତ। ଏହା ମୋ ପାଇଁ ବ୍ୟକ୍ତିଗତ ପ୍ରତିଷ୍ଠାର ବିଷୟ ନୁହେଁ। ଭାରତର ଯୁବଶକ୍ତି ହିଁ ଏହି ଦେଶର ପ୍ରକୃତ ଶକ୍ତି। ଯନ୍ତର-ମନ୍ତରରେ ଏବଂ ଦେଶରେ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଛି, ଏହି ପରିସ୍ଥିତିରୁ ରାଷ୍ଟ୍ରବିରୋଧୀ ଶକ୍ତିମାନେ ଲାଭ ନ ଉଠାନ୍ତୁ, ଦେଶର ଏକତା ବଜାୟ ରହୁ, ଭାରତର ଗୋଟିଏ ମଧ୍ୟ ବିଦ୍ୟାର୍ଥୀର ଭବିଷ୍ୟତ ଆଇନଗତ ଜଟିଳତାରେ ନ ଫସୁ — ଏହି କଥା ଚିନ୍ତା କରି ମୁଁ ମୋର ତ୍ୟାଗପତ୍ର ମାନ୍ୟବର ପ୍ରଧାନମନ୍ତ୍ରୀଙ୍କୁ ପଠାଇ ଦେଇଛି। ମୁଁ ଆଦରଣୀୟ ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନ, ବିଶ୍ୱାସ ଏବଂ ନିରନ୍ତର ସହଯୋଗ ପାଇଁ ହାର୍ଦ୍ଦିକ କୃତଜ୍ଞତା ପ୍ରକାଶ କରୁଛି। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ମୁଁ ଭବିଷ୍ୟତରେ ମଧ୍ୟ ଭାରତ ମାତା, ଓଡ଼ିଶାର ଜନତା ତଥା ଦେଶର ଯୁବକମାନଙ୍କ ଆକାଂକ୍ଷା ପୂରଣ ପାଇଁ ସମସ୍ତ ସମ୍ଭବ ଉପାୟରେ ନିଜକୁ ସମର୍ପିତ ରଖିବି ବୋଲି ସେ କହିଛନ୍ତି।

### ସାରା ରାଜ୍ୟରେ...

ପାଗରେ ପରିବର୍ତ୍ତନ ଆସିବା ସହ ବର୍ଷା ଜାରି ରହିଛି। ଉତ୍ତର ଉପକୂଳ ଓଡ଼ିଶାରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିଥିବା ବେଳେ ଭୁବନେଶ୍ୱରରେ ମଧ୍ୟ ଆଜି ଦିନ ତମାମ କୋହଲା ପାଗ ସାଙ୍ଗକୁ ତୁହାକୁ ତୁହା ବର୍ଷା ଅନୁଭୂତ ହେଉଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ରବିବାର କେନ୍ଦୁଝରରେ ଅତ୍ୟନ୍ତ ପ୍ରବଳ ଆଶଙ୍କା ରହିଛି। ଏଥିପାଇଁ ପାଣିପାଗ କେନ୍ଦ୍ର ଏହି ଜିଲ୍ଲାକୁ ରେଡ୍ ଆଲର୍ଟ ଜାରି କରିଛି। ଏହାସହିତ ଯାଜପୁର, କଟକ, ଢେଙ୍କାନାଳ, ଅନୁଗୁଳ, ଦେବଗଡ, ସମ୍ବଲପୁର, ଝାରସୁଗୁଡା, ସୁନ୍ଦରଗଡ, ମୟୂରଭଞ୍ଜ ଓ ବରଗଡ଼ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ଅରେଞ୍ଜ ଆଲର୍ଟ ଓ କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗିର, ସୋନପୁର, ବୌଦ୍ଧ, କନ୍ଧମାଳ, ନୟାଗଡ଼, ଖୋରଧା, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ ଓ ବାଲେଶ୍ୱରରେ ପ୍ରବଳ ବର୍ଷା ଆଶଙ୍କା କରି ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

ଅନ୍ୟପଟେ ଗତ ୩୬ ଘଣ୍ଟାରେ ରାଉରକେଲାରେ ସର୍ବାଧିକ ୮୦ ମିମି ବର୍ଷା ରେକର୍ଡ ହୋଇଛି। ଏହାସହିତ ଭୁବନେଶ୍ୱରରେ ୪୦, ବାରିପଦାରେ ୩୦, ଖୋରଧାରେ ୩୯, କେନ୍ଦୁଝରେ ୨୬ ଓ ଦେବଗଡ଼ରେ ୨୪ ମିମି ବର୍ଷା ରେକର୍ଡ ହୋଇଛି। ଲଗାଣ ବର୍ଷା କାରଣରୁ ମହାନଦୀ, ବ୍ରାହ୍ମଣୀ ଏବଂ ବୈତରଣୀ ଉପର ମୁଣ୍ଡରେ ଜଳସ୍ତର ବୃଦ୍ଧି ପାଇବ। ଏଥିପାଇଁ ତଳିଆ ଅଞ୍ଚଳରେ ବନ୍ୟାର ଆଶଙ୍କା ସୃଷ୍ଟି ହୋଇପାରେ ବୋଲି ଆକଳନ କରାଯାଉଛି। ଏହା ବ୍ୟତୀତ ଉତ୍ତର ଓଡ଼ିଶା ଉପକୂଳରେ ୪୦ରୁ ସର୍ବାଧିକ ୬୦ କିମି ବେଗରେ ପବନ ବହିବାର ସମ୍ଭାବନା ଥିବା ବେଳେ ସମୁଦ୍ର ଅଶାନ୍ତ ରହିବ। ତେଣୁ ଆସନ୍ତା ୨୭ ଅର୍ଥାତ୍ ୩ ଦିନ ଯାଏଁ ସମୁଦ୍ର ମଧ୍ୟକୁ ମତ୍ସ୍ୟଜୀବୀଙ୍କୁ ଯିବାକୁ ବାରଣ କରାଯାଇଛି।

### ଅଯୋଗ୍ୟଙ୍କୁ ଯୋଗ୍ୟ...

ଯେ, ଏନ୍‌ସିଟିଇ ନିୟମାବଳୀ ପାଳନ କରିବା ଉଦ୍ଦେଶ୍ୟରେ ଏପରି ପଦକ୍ଷେପ ନିଆଯାଉଛି। ତା'ହେଲେ ନିଯୁକ୍ତି ସମୟରେ କାହିଁକି ଏନ୍‌ସିଟିଇ ନିୟମକୁ ପାଳନ କରାଯାଇ ନ ଥିଲା। ଯଦି ଅଯୋଗ୍ୟଙ୍କୁ ନିଯୁକ୍ତି ଦିଆଯାଇଥିବା ସରକାର ସ୍ୱୀକାର କରୁଛନ୍ତି, ତା'ହେଲେ ଅଯୋଗ୍ୟ ଅଧ୍ୟାପକ ଓ ନିଯୁକ୍ତି ଅନିୟମିତତାର ମାଷ୍ଟରମାଇଣ୍ଡଙ୍କୁ ଏବେ କାହିଁକି ଘଣ୍ଟ ଘୋଡ଼ାଇବାକୁ ପ୍ରୟାସ କରୁଛନ୍ତି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି ଏହି ଅଧ୍ୟାପକମାନେ ଏମ୍‌ଇଡି ପଢ଼ିବାକୁ ଯିବା ପରେ ବିଇଡି କଲେଜରେ ଶିକ୍ଷାଦାନ ବଜାୟ ରଖିବାକୁ ଅତିଥି ଅଧ୍ୟାପକ ନିଯୁକ୍ତି କରିବାକୁ କୁହାଯାଇଛି। ଗୋଟିଏପଟେ ସରକାରୀ ତହବିଲ୍‌ରୁ ଦରମା ନେଇ ଅଯୋଗ୍ୟ ଅଧ୍ୟାପକମାନେ ପାଠ ପଢ଼ି ଯୋଗ୍ୟତା ଅର୍ଜନ କରିବେ ଏବଂ ଅନ୍ୟପଟେ ଅତିଥି ଅଧ୍ୟାପକ ନିଯୁକ୍ତ କରି ପୁଣି ସରକାରୀ ଟଙ୍କା ବ୍ୟୟ କରିବାକୁ ନେଇ ଶିକ୍ଷାବିତ୍‌ମାନେ ପ୍ରଶ୍ନ କରିଛନ୍ତି।

ପ୍ରକାଯୋଗ୍ୟ ଯେ ବିଇଡି କଲେଜରେ ଅଧ୍ୟାପକ ହେବା ପାଇଁ ଦୁଇଟି ସ୍ନାତକୋତ୍ତର ଡିଗ୍ରୀ ଅର୍ଥାତ୍ ଗୋଟିଏ ସ୍ନାତକୋତ୍ତର ଡିଗ୍ରୀ ସହିତ ଏମ୍‌ଇଡି କରିଥିବା ବାଧ୍ୟତାମୂଳକ ବୋଲି ଏନ୍‌ସିଟିଇ ପକ୍ଷରୁ ଆପେଣ୍ଡିକ୍ସ-୪ ଓ ୫ରେ ସ୍ପଷ୍ଟ ଉଲ୍ଲେଖ କରାଯାଇଛି। ହେଲେ ଏହାକୁ ଉଲଙ୍ଘନ କରାଯାଇ ଅର୍ଥାତ୍ ଏମ୍‌ଇଡି କରି ନ ଥିବା ପ୍ରାୟ ୧୬୦ରୁ ଅଧିକ ଜଣଙ୍କୁ ରାଜ୍ୟ ସରକାର ନିଯୁକ୍ତି ଦେଇଛନ୍ତି। ଏହାକୁ ନେଇ ଏନ୍‌ସିଟିଇ ନିକଟରେ ଅଭିଯୋଗ ହେବା ପରେ ୧୫ଟି କଲେଜକୁ ନୋଟିସ୍ କରିବା ସହ ସମସ୍ତ ଅଧ୍ୟାପକଙ୍କ ଶିକ୍ଷାଗତ ଯୋଗ୍ୟତା ମାଗିଛି ଏନ୍‌ସିଟିଇ। ହାତରେ ମାତ୍ର ଆଉ କିଛି ଦିନ ଥିବାବେଳେ ଏନ୍‌ସିଟିଇକୁ କʼଣ ଉତ୍ତର ଦିଆଯିବ ତାକୁ ନେଇ ଉଚ୍ଚ ଶିକ୍ଷା ବିଭାଗରେ ମାନସମନ୍ଥନ ଚାଲିଥିବାବେଳେ ଏବେ ଅଯୋଗ୍ୟ ଶିକ୍ଷକଙ୍କୁ ଯୋଗ୍ୟ କରିବାକୁ ବିଧିବଦ୍ଧ ପ୍ରକ୍ରିୟା ଆରମ୍ଭ ହେବା ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି।

# ମୟୂରଭଞ୍ଜ କୁଳିଅଣାରେ ବନ୍ଧୁକ ମୁନରେ ଲୁଟ୍

- ଗହଣା ବ୍ୟବସାୟୀଙ୍କୁ ଗୁଳି
- ଅଳ୍ପକେ ବର୍ତ୍ତିଲେ ବ୍ୟବସାୟୀ
- ଟଙ୍କା ଓ ସୁନା-ରୂପା ବ୍ୟାଗ୍ ନେଇ ଦୁର୍ବୃତ୍ତ ଫେରାର

ବାରିପଦା,୨୫।୭ (ସମିସ): ମୟୂରଭଞ୍ଜ କୁଳିଅଣାରେ ବନ୍ଧୁକ ମୁନରେ ଲୁଟ୍, ଗହଣା ବ୍ୟବସାୟୀଙ୍କୁ ଗୁଳିମାଡ଼, ଅଳ୍ପକେ ବର୍ତ୍ତିଲେ ବ୍ୟବସାୟୀ, ଟଙ୍କା ଓ ସୁନା-ରୂପା ବ୍ୟାଗ୍ ନେଇ ଦୁର୍ବୃତ୍ତ ଫେରାର। ମୟୂରଭଞ୍ଜ ଜିଲ୍ଲା କୁଳିଅଣା ଥାନା ଅନ୍ତର୍ଗତ ମାଙ୍କଡ଼ାହୁଡ଼ି ନିକଟରେ ଏକ ସଶସ୍ତ୍ର ଲୁଟପାଟ୍ ଘଟଣା ସାମ୍ନାକୁ ଆସିଛି। ବନ୍ଧୁକ ଦେଖାଇ ଗହଣା ବ୍ୟବସାୟୀଙ୍କୁ ଗୁଳିମାଡ଼ କରିବା ସହ ତାଙ୍କ ପାଖରୁ ନଗଦ ଟଙ୍କା ଓ ସୁନା-ରୂପା ଗହଣା ଭର୍ତ୍ତି ବ୍ୟାଗ୍ ଲୁଟି ନେଇଛନ୍ତି ଦୁର୍ବୃତ୍ତ। ଲୁଟ୍ ଶିକାର ହୋଇଥିବା ବ୍ୟବସାୟୀ 'ମାନସ ଜୁଏଲର୍ସ'ର ମାଲିକ ମାନସ ପାଇରାଙ୍କ କହିବା ଅନୁଯାୟୀ, ସେ କୁଳିଅଣା ଛକସ୍ଥିତ ଜିମ୍ ନିକଟରେ ଥିବା ନିଜ ଦୋକାନ ବନ୍ଦ କରି ସ୍କୁଟି ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ ମାଙ୍କଡ଼ାହୁଡ଼ି ନିକଟସ୍ଥ ଅନ୍ଧାରୀ ନିଛାଟିଆ ସ୍ଥାନରେ ଦୁଇଟି ପଲସର ବାଇକରେ ୪ ରୁ ୫ ଜଣ ଦୁର୍ବୃତ୍ତ ଆସି ତାଙ୍କ ସ୍କୁଟି ସାମ୍ନାରେ ଅଟକାଇଥିଲେ। ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ତାଙ୍କୁ ଲକ୍ଷ୍ୟ କରି ଦୁଇ ରାଉଣ୍ଡ ଗୁଳିମାଡ଼ କରିଥିଲେ। ତେବେ ଭାଗ୍ୟବଶତଃ ଗୁଳିଟି ତାଙ୍କ ଦେହରେ ବାଜି ନଥିବାରୁ ସେ ଅଳ୍ପକେ ବର୍ତ୍ତି ଯାଇଥିଲେ। ଏହାପରେ ଦୁର୍ବୃତ୍ତମାନେ ବନ୍ଧୁକ ମୁନରେ ତାଙ୍କ ପାଖରେ ଥିବା ବ୍ୟାଗ୍‌ଟିକୁ ଛଡ଼ାଇ ନେଇ ବାରିପଦା ପଟ ଦେଇ ଓଭରବ୍ରିଜ୍ ଉପରେ ସିଧା ଫେରାର ହୋଇଯାଇଥିଲେ। ଲୁଟ୍ ହୋଇଥିବା ବ୍ୟାଗ୍‌ରେ ପାଖାପାଖି ୫୦ ହଜାରରୁ ଅଧିକ ନଗଦ ଟଙ୍କା, ୭ କିଲୋରୁ ଅଧିକ ରୂପା ଏବଂ ପ୍ରାୟ ୪୦ ଗ୍ରାମ ସୁନା ଗହଣା ଥିଲା ବୋଲି ବ୍ୟବସାୟୀ ଜଣକ ପ୍ରକାଶ କରିଛନ୍ତି।


**LOST**

[illegible] 10801100751 [illegible] 10/06/2011 [illegible] 01/05/2026 [illegible] 9777779257 & 9114320991 [illegible]

**AFFIDAVIT**

By Virtue of an affidavit No-77AA 120828 dated 22-07-2026 shown before the Executive Magistrate, Champua, I Mouthili Giri W/o- Prasanna Kumar Giri residing Vill – Saraspoai ,Po- Raikala , PS- Ghagarbeda, Mayurbhanj, do hereby solemnly affirm and state that Maithili Giri & Mouthili Giri is same & one person on this above address. Henceforth, I shall be known as Maithili Giri for all purposes.

**NOTICE**

By virtue of an affidavit sworn before the Notary Public, Kataka dated 21.07.2026, I Nini Ojha, W/o Late Trilochan Maharana, permanent resident of At- Parisankhari Sahi, P.O.- Mangull, P.S.- Biridi, Dist- Jagatsinghpur, Odisha, Pin- 754111, have changed my name from Nini Ojha to Nini Maharana. Henceforth, I shall be known as Nini Maharana for all purposes.

Nini Maharana

**NOTICE**

By virtue of an affidavit sworn before the Notary Public, Kataka dated 22.07.2026, I Debasis Moharana, S/o Late Trilochan Moharana, permanent resident of At- Parisankhari Sahi, P.O.- Parbatipur, P.S.- Biridi, Dist- Jagatsinghpur, Odisha, Pin- 754111, have changed my name from Debasis Ojha to Debasis Moharana. Henceforth, I shall be known as Debasis Moharana for all purposes.

Debasis Moharana

**AFFIDAVIT**

I, PENKE SREENIVASA RAO, aged about 59 years, S/o- TATAB BAYI PENKE Resident of QTR NO-6225-A, PARADIP REFINERY TOWNSHIP, PARADIP GARH, JAGATSINGHPUR-754141, ODISHA, declared by this Affidavit No.860/2026 Dated 25.07.2026. That now onwards I shall Be Known as PENKE SRINIVASA RAO That for all future Purposes.

**AFFIDAVIT**

I, Arun Patro Allupati, S/o- Biswesar Patro Allupati, resident of Gundalavari Street, Near Hanuman Bazar, Berhampur, Ps- Town, Dist- Ganjam, Pin- 760002, Odisha declare by this affidavit No-632, date- 24/07/2026, that now onwards I shall be known as ARUN KUMAR PATRO ALLUPATI for all future purposes.

**CHANGE OF NAME**

I, SMT. MINATI PATRA, W/o Sri Mahendra Patra, Resident of Village/PO-Bariniput, PS- Jeypore Sadar, District-Koraput, Odisha, Pin764006, do hereby declare that my son's correct name is SUBHAM PATRA. In his Aadhaar card, his name was wrongly recorded as SUBHAMKAR PATRA. I have corrected my son's name, and henceforth, he shall be known as SUBHAM PATRA for all future purposes and sworn before the Executive Magistrate at Jeypore, District-Koraput, Odisha vide Affidavit No.675, Dated. 22.07.2026. SUBHAM PATRA and SUBHAMKAR PATRA both are same and identical person i.e. my son.

**CHATRAPUR MUNICIPALITY**

Letter No. 1701, Date: 14.07.2026

"e" Procurement Notice

Tender Reference No. – CTP – MUN-10/2026-27

Bid documents consisting of work estimated cost, cost of tender paper, EMD, time of completion, class of contractor and the set of terms and conditions of contract and other necessary documents can be seen on the Government website: www.tendersodisha.gov.in

1. Name of the Work: Civil work mentioned in DTCN
2. No. of Work: 02
3. Estimated Cost: Rs. 58.97 Lakhs to Rs. 217.26 Lakhs
4. Date & Time of Availability of Bid Document in the Portal: From 11:00 AM on 27.07.2026 to 5:00 PM on 17.08.2026
5. Last Date & Time for Receipt of Bids in the Portal: 17.08.2026 up to 5:00 PM
6. Bids Received Online Shall be Opened On: 18.08.2026 at 11:00 AM

Further details can be seen from the e-procurement portal: https://tendersodisha.gov.in

Executive Officer
Chatrapur Municipality

## ଭଦ୍ରକ ଜିଲ୍ଲାରେ ବଢୁଛି ସାପ କାମୁଡ଼ା ରୋଗୀ ଓ ମୃତକଙ୍କ ସଂଖ୍ୟା

# ୭ ବର୍ଷରେ ସର୍ପାଘାତରେ ୧୬, ୮୧୫ ଆକ୍ରାନ୍ତ; ୧୦୦ ମୃତ

ଭଦ୍ରକ, ୨୫।୭ (ଉମାକଲ୍ୟାଣ ମହାପାତ୍ର)

ଭଦ୍ରକ ଜିଲ୍ଲାରେ ବଢୁଛି ସାପ ଆତଙ୍କ। ପ୍ରତିବର୍ଷ ସାପ ଧରା ପଡୁଛନ୍ତି ମାଳମାଳ। ସାପ କାମୁଡ଼ା ରୋଗୀଙ୍କ ସଂଖ୍ୟା ମଧ୍ୟ ବଢୁଛି, ଆଉ ମୃତ୍ୟୁ ସଂଖ୍ୟା ମଧ୍ୟ ବଢୁଛି। ବନ୍ୟା ପୀଡ଼ିତ ଭଦ୍ରକ ଜିଲ୍ଲାରେ ମଧ ମାଟି ଘର ସଂଖ୍ୟା ବହୁ ଅଧିକ। ବର୍ଷା ଋତୁ ପୂର୍ବରୁ ସାପ ଏଣେତେଣେ ବିଚରଣ କରନ୍ତି। ଏହା ଦ୍ୱାରା ବନ୍ୟା ପାଣିରେ ମାଟିରେ ସନ୍ତସନ୍ତିଆ ସମୟରେ ଏମାନେ ରହନ୍ତି ଟିକିଏ ଅସୁବିଧା ହେଲେ ମଣିଷଙ୍କୁ କାମୁଡ଼ନ୍ତି। ଯାହା ଅନେକ ମୂଲ୍ୟବାନ ଜୀବନ ମଧ୍ୟ ଯାଉଛି। ଅନେକ ସମୟରେ କାମୁଡ଼ିଥିବା ସାପକୁ ଧରି ରୋଗୀ ମଧ୍ୟ ମେଡିକାଲକୁ ଚାଲି ଆସେ। ଭଦ୍ରକରେ ଅନେକ ସମୟରେ ସାପମାନଙ୍କ ଆତଙ୍କ ଦେଖାଯାଉଛି। ବିଶେଷ କରି ବନ୍ୟାଞ୍ଚଳମାନଙ୍କରେ ଥିବା ମାଟି ଘର ମାନଙ୍କରେ ବିଷଧର ସାପମାନେ ଛୁଆ ଜନ୍ମ କରିବା ସହ ବାସ କରୁଛନ୍ତି। ଜିଲ୍ଲାର ବନ୍ୟା ପ୍ରବଣ ଧାମନଗର, ଭଣ୍ଡାରିପୋଖରୀ, ଚାନ୍ଦବାଲି ଓ ତିହିଡ଼ି ବ୍ଲକରେ ପୁଳା ପୁଳା ବିଷଧର ସାପ ଏଠାରୁ ଉଦ୍ଧାର ହୋଇଛନ୍ତି। ଘରେ ସାପକୁ ଦେଖି ସାପ ଧରାଳିକୁ ଡାକି ଲୋକମାନେ ସାପ ଉଦ୍ଧାର କରନ୍ତି ଏହି ସାପ ମଧ୍ୟ ଅନେକ ସମୟରେ ବହୁ ମୂଲ୍ୟ ଜୀବନ ନେବା ସହ ବହୁ ଲୋକଙ୍କୁ କାମୁଡ଼ିଥିବା ନଜିର ଅଛି। ସୂଚନା ଅନୁସାରେ ୨୦୧୯ରୁ ୨୦୨୬ ମସିହା ମଧ୍ୟରେ ୧୬ହଜାର ୮୧୫ ଜଣଙ୍କୁ ସାପ କାମୁଡ଼ିଥିବାବେଳେ ମୃତକଙ୍କ ସଂଖ୍ୟା ୧୦୦ ଛୁଇଁଥିବା ଜଣାପଡ଼ିଛି।



ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ଜିଲ୍ଲାରେ ୨୦୧୯ରେ ୧୯୩୬ ଜଣଙ୍କୁ ସାପ କାମୁଡ଼ିଥିବା ବେଳେ ୨୧ ଜଣଙ୍କର ମୃତ୍ୟୁ ଘଟିଥିଲା। ସେହିଭଳି ୨୦୨୦ରେ ୧୯୮୬ ଜଣଙ୍କୁ ସାପ କାମୁଡ଼ିଥିବା ବେଳେ ୧୯ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨୦୨୧ରେ ୨୨୪୫ରୁ ୧୭ ଜଣଙ୍କର ମୃତ୍ୟୁ ଘଟିଥିଲା। ୨୦୨୨ରେ ୧୮୨୦ରୁ ୨୨ ଜଣଙ୍କର ମୃତ୍ୟୁ ଘଟିଥିଲା, ୨୦୨୩ରେ ୨୦୮୯ ଜଣଙ୍କୁ କାମୁଡ଼ିଥିବା ବେଳେ ୧୩ ଜଣଙ୍କର ମୃତ୍ୟୁ ହୋଇଥିଲା। ୨୦୨୪ରେ ୪୨୫୬ ଜଣଙ୍କୁ ସାପ କାମୁଡ଼ିଥିବା ବେଳେ ୪ ଜଣ ପ୍ରାଣ ହରାଇଛନ୍ତି। ୨୦୨୫ରେ ୪୪୬୧ରୁ ୪ ଜଣଙ୍କର ମୃତ୍ୟୁ ହୋଇଥିଲା। ଚଳିତ ୨୦୨୬ରେ ଜାନୁଆରୀରୁ ମେ' ମାସ ମଧ୍ୟରେ ୭୨୨ ଜଣଙ୍କୁ ସାପ କାମୁଡ଼ିଥିବାବେଳେ କାହାର ମୃତ୍ୟୁ ହୋଇ ନ ଥିବା ଜଣାଯାଇଛି। ସେହିଭଳି ଜୁନ୍ ମାସରେ ୫୦୦ ଜଣଙ୍କୁ କାମୁଡ଼ିଥିବା ଜଣାଯାଇଛି। ବିଶେଷ କରି ଜୁନ୍, ଜୁଲାଇ ଓ ଅଗଷ୍ଟ ମାସରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଦୈନିକ ସର୍ପାଘାତ ରୋଗୀ ଆସୁଥିବା ଜଣାଯାଇଛି। ସାପ ଧରାଳି ମାରସାହି ଆରିଫଙ୍କ କହିବା ଅନୁସାରେ, ପ୍ରତି ବର୍ଷ ଜୁନ୍‌ରୁ ଅଗଷ୍ଟ ମାସରେ ବହୁ ବିଷଧର ସାପ, ସାପ ଛୁଆ ଓ ଅଣ୍ଡା ଧରନ୍ତି। ଜୁନ୍ ଓ ଜୁଲାଇ ମାସରେ ୧୫୦ ନାଗ ସାପ ଓ ବିଷଧର ସହ ୭୦ରୁ ଅଧିକ ସାପ ଛୁଆ ଧରିଛନ୍ତି। ଗତ ବର୍ଷ ମଧ୍ୟ ସେ ୫୦୦ରୁ ଅଧିକ ସାପ ଓ ସାପ ଛୁଆ ଧରିଥିଲେ। ସେହିପରି ଜିଲ୍ଲାର ବାସୁଦେବପୁର ଓ ଚାନ୍ଦବାଲିରେ ମଧ୍ୟ ଅନେକ ବିଷଧର ସାପ ଧରାପଡ଼ିଥିବା ଜଣାଯାଇଛି।

ଭଦ୍ରକର ପାଣିପାଗ ଓ ମାଟି ସାପଙ୍କ ପାଇଁ ବେଶ୍ ଉପଯୋଗୀ। ତେଣୁ ଏଠାରେ ବଂଶ ବିସ୍ତାର କରିବା ତାଙ୍କ ପାଇଁ ଭଲ। ବନ୍ୟା ସହ ସନ୍ତସନ୍ତିଆ ଯୋଗୁଁ ଏଠାରେ ଏମାନଙ୍କ ସଂଖ୍ୟା ଅଧିକ। ସର୍ପାଘାତ ରୋଗୀଙ୍କ ଲାଗି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆବଶ୍ୟକ ସଂଖ୍ୟକ ଏଏସ୍ (ଆଣ୍ଟି ସ୍ନେକ୍ ଭେନମ୍) ମହଜୁଦ ରହିଥିବା ଡାକ୍ତରଖାନା ସୂତ୍ରରୁ କୁହାଯାଇଛି। ଅନେକ ସମୟରେ ସାପ କାମୁଡ଼ିଲେ ରୋଗୀମାନେ ଘରୋଇ ଉପଚାର କରି ଜୀବନକୁ ବିପଦକୁ ଠେଲି ଦେଉଛନ୍ତି। କିଛି କିଛି ସ୍ଥାନରେ ମଧ୍ୟ ଲୋକମାନେ ବିଳମ୍ବ ହୋଇ ସାପ ସହ ଡାକ୍ତରଖାନାରେ ପହଞ୍ଚୁଛନ୍ତି ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରମୋଦ ପ୍ରହରାଜ କହିଛନ୍ତି। ସାପ କାମୁଡ଼ା ଔଷଧ ପ୍ରତ୍ୟେକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମହଜୁଦ ରହିଥିବା ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ଜଣାଯାଇଛି। ତେଣୁ ଆବଶ୍ୟକତା ଅନୁଯାୟୀ ଚିକିତ୍ସା ମଧ୍ୟ କରାଯାଉଛି। ଲୋକମାନେ ସଚେତନ ହେଲେ ବିଷଧର ସାପମାନଙ୍କ ପାଖରୁ ରକ୍ଷା ମିଳିବ। ସଚେତନତା ଓ ଆବଶ୍ୟକ ପଦକ୍ଷେପ ନିଶ୍ଚିତ ଭାବରେ ବହୁ ମୂଲ୍ୟବାନ ଜୀବନ ବଞ୍ଚିପାରିବ ବୋଲି ବୁଦ୍ଧିଜୀବୀ ମହଲ ମତବ୍ୟକ୍ତ କରିଛନ୍ତି।

## ରାସ୍ତା ଉପରେ ବାଲି ଓ ଚିପ୍ସର କୃତ୍ରିମ ପାହାଡ଼

### ● ସଙ୍କୁଚିତ ହେଉଛି ରାସ୍ତା; ବଢୁଛି ଦୁର୍ଘଟଣାର ଆଶଙ୍କା

ଅସୁରାଳି, ୨୫।୭ (ସମିସ): ଆରଡ଼ି ଛକଠାରୁ ଆରଡ଼ି ସହିତ ଆଖପାଖ ଅଞ୍ଚଳର ବିଭିନ୍ନ ପ୍ରମୁଖ ରାସ୍ତାକଡ଼ରେ ବେଆଇନ ଭାବେ ବାଲି ଓ ଚିପ୍ସ ଗଦା କରି ରଖାଯାଉଥିବା ଦେଖିବାକୁ ମିଳୁଛି। ଧୂଷୁରୀ-ନଦୀଗାଁ ରାସ୍ତା, ମଙ୍ଗଳପୁର-ଝାଟିଆ ସାହି ରାସ୍ତା, ଧୂଷୁରୀ-ବମକୁରା ରାସ୍ତା, ଅସୁରାଳି-କାଶିମପୁର, ଧୂଷୁରୀ-ଖଡ଼ିମାରା ଏବଂ ମଙ୍ଗଳପୁର-ବେଲମାଛକ ଆଦି ଗୁରୁତ୍ୱପୂର୍ଣ୍ଣ ରାସ୍ତା ପାର୍ଶ୍ୱରେ ବାଲି ଓ ଚିପ୍ସ ଗଦା ହୋଇ କୃତ୍ରିମ ପାହାଡ଼ର ଭ୍ରମ ସୃଷ୍ଟି କରୁଛି।



ଏପରି ଅବ୍ୟବସ୍ଥା ଯୋଗୁଁ ସାଧାରଣରେ ବ୍ୟାପକ ଜନଅସନ୍ତୋଷ ପ୍ରକାଶ ପାଉଛି। ରାସ୍ତାର ଦୁଇପାର୍ଶ୍ୱରେ ନିୟମ ବହିର୍ଭୂତ ଭାବେ ବାଲି ଓ ଚିପ୍ସ ଗଦା ହୋଇ ରହିବା ଫଳରେ ମୁଖ୍ୟ ରାସ୍ତା ଅତ୍ୟନ୍ତ ଅଣଓସାରିଆ ଓ ସଙ୍କୁଚିତ ହୋଇପଡୁଛି। ପ୍ରତିଦିନ ଏହି ରାସ୍ତା ଦେଇ ଶହଶହ ବାଇକ୍, କାର୍, ଆମ୍ବୁଲାନ୍ସ ଏବଂ ଯାତ୍ରୀବାହୀ ବସ୍ ଯାତାୟାତ କରୁଥିବାବେଳେ ରାସ୍ତା ସଙ୍କୁଚିତ ହେବା ଯୋଗୁଁ ଓଭରଟେକ୍ କରିବା କିମ୍ବା ବିପରୀତ ପାର୍ଶ୍ୱରୁ ଆସୁଥିବା ଗାଡ଼ିକୁ ସାଇଡ୍ ଦେବା କଷ୍ଟକର ହୋଇପଡୁଛି। ଫଳରେ ପ୍ରତିମୁହୂର୍ତ୍ତରେ ଛୋଟବଡ଼ ଦୁର୍ଘଟଣା ଘଟୁଛି ଏବଂ ଧନଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି। ରାସ୍ତାକଡ଼ରେ ଏପରି କୃତ୍ରିମ ପାହାଡ଼ ସଦୃଶ ବାଲି ଓ ଚିପ୍ସ ଗଦା କରି ରଖାଯିବା ଦ୍ୱାରା କେବଳ ଯାତାୟାତ ବାଧାପ୍ରାପ୍ତ ହେଉନାହିଁ, ବରଂ ଧୂଳି ଉଡ଼ି ବାଟୋଇ ଓ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ସୃଷ୍ଟି କରୁଛି। ସୁରକ୍ଷିତ ଯାତାୟାତ ପାଇଁ ରାସ୍ତାପାର୍ଶ୍ୱରୁ ଏହି ବେଆଇନ ବାଲି ଓ ଚିପ୍ସ ଗଦାକୁ ତୁରନ୍ତ ହଟାଇବା ସହ ଏଥିପାଇଁ ଦାୟୀ ବ୍ୟକ୍ତିଙ୍କ ବିରୋଧରେ ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ବାସିନ୍ଦା ଓ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି। ପ୍ରଶାସନ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେଇ ଶୀଘ୍ର ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଦୁର୍ଘଟଣା ଆହୁରି ବୃଦ୍ଧି ପାଇବାର ଆଶଙ୍କା ରହିଛି।

## ଚାଷୀ ଓ ଶ୍ରମିକମାନଙ୍କୁ ଛତା ବାଣ୍ଟିଲା ତିହିଡ଼ି ଯୁବମଞ୍ଚ

ତିହିଡ଼ି, ୨୫।୭ (ସମିସ): ଖରା ଓ ବର୍ଷାକୁ ଖାତିର୍ ନ କରି କଠିନ ପରିଶ୍ରମ କରୁଥିବା ଅଞ୍ଚଳର ଆର୍ଥିକ ଅନଗ୍ରସର କୃଷକ ଓ ଶ୍ରମିକମାନଙ୍କ ପାଇଁ ସହାୟତାର ହାତ ବଢ଼ାଇଛି ଅଗ୍ରଣୀ ସାମାଜିକ ସଂଗଠନ ତିହିଡ଼ି ଯୁବମଞ୍ଚ। ତିହିଡ଼ି ସଙ୍ଗୀତ ମହାବିଦ୍ୟାଳୟ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଚାଷୀ ଏବଂ ଶ୍ରମଜୀବୀମାନଙ୍କୁ ସୁରକ୍ଷା ନିମନ୍ତେ ଛତା ବଣ୍ଟନ କରାଯାଇଛି।



ସଂଗଠନର ଉପଦେଷ୍ଟା ଶଶିକାନ୍ତ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବରେ ସମ୍ପାଦକ ନିରଞ୍ଜନ ବାରିକ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ପରିଚାଳନାରେ ଥିବାବେଳେ ବିଶିଷ୍ଟ ଶିକ୍ଷାବିତ୍ ସୋମନାଥ ପାଢ଼ୀ ମୁଖ୍ୟ ଅତିଥି, ସାମ୍ବାଦିକ ପ୍ରଭାତ ରାଉଳ, ସାଂସ୍କୃତିକ ସଂଯୋଜକ ତଥା ଆଇନଜୀବୀ ନୀଳମାଧବ ସେନାପତି, ଉପସଭାପତି ପ୍ରିୟବ୍ରତ ପାଢ଼ୀ ଏବଂ ସମାଜସେବୀ ମନୋଜ ସେନାପତି ପ୍ରମୁଖ ମଞ୍ଚାସୀନ ରହି ଚାଷୀ ଓ ଶ୍ରମିକମାନଙ୍କୁ ଉତ୍ସାହିତ କରିଥିଲେ। ସଂଗଠନର ସଭାପତି କୈଳାସ ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୋଟ୍ ୭୨ ଜଣ ଚାଷୀ ଓ ଶ୍ରମିକଙ୍କୁ ଛତା ପ୍ରଦାନ କରାଯାଇଥିଲା। ସଂଗଠନର ସଦସ୍ୟ ସୟଦ ରଫିକ୍, ସୌମ୍ୟ ଗୋପାଳ ନାୟକ, ସୁବ୍ରତ ଦାସ, ନୀଳାମ୍ବର ସେଠୀ ପ୍ରମୁଖ ଉପସ୍ଥିତ ରହି ସମଗ୍ର କାର୍ଯ୍ୟକ୍ରମକୁ ସଫଳ ଭାବେ ସମ୍ପାଦନ କରିଥିଲେ। ତିହିଡ଼ି ଯୁବମଞ୍ଚର ଏଭଳି ଜନକଲ୍ୟାଣମୂଳକ ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳରେ ବୁଦ୍ଧିଜୀବୀ ଓ ସାଧାରଣ ଜନତାଙ୍କ ପକ୍ଷରୁ ବେଶ୍ ପ୍ରଶଂସା କରାଯାଇଛି।

## ବିଦ୍ୟାଳୟରେ ପ୍ରବେଶ ଉତ୍ସବ

ବନ୍ତ/ଆଗରପଡ଼ା, ୨୫।୭ (ସମିସ): ବନ୍ତ ବ୍ଲକ ଅନ୍ତର୍ଗତ ପିଏମ୍‌ଶ୍ରୀ କାଦବରାଙ୍ଗ ସଂଯୁକ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଜଣାଇବା ଉଦ୍ଦେଶ୍ୟରେ ପ୍ରବେଶ ଉତ୍ସବ ଉତ୍ସାହ ଓ ଆନନ୍ଦର ସହିତ ପାଳନ କରାଯାଇଛି। ପ୍ରାରମ୍ଭରେ ଅତିଥି ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଦ୍ୱାଦଶ ଶ୍ରେଣୀର ଛାତ୍ରୀ ସୁନିତା ପଣ୍ଡା ଶ୍ଳୋକପାଠ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ବିମଳ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଅଧ୍ୟାପକ ନାରାୟଣ ଚନ୍ଦ୍ର ପୁରୀ, ଅଧ୍ୟାପକ ସ୍ୱପ୍ନାଲୋକ ସୂତାର, ଜ୍ୟୋତ୍ସ୍ନାରାଣୀ ପହି, ଅଭିଲିପ୍ସା ଷଣ୍ଢ, ଶିକ୍ଷକ ଅମୃତଲାଲ ମହାନ୍ତି, ଶିକ୍ଷୟିତ୍ରୀ ଅନୁରାଧା ପାଣିଗ୍ରାହୀ, ଲୋପାମୁଦ୍ରା ସ୍ୱାଇଁ, ଆଲୁମ୍‌ନି କମିଟି ସଭାପତି ସୁବଳକାନ୍ତ ପଣ୍ଡାଙ୍କ ସମେତ ଅଭିଭାବକ ଓ ବିଶିଷ୍ଟ ଅତିଥି ଉପସ୍ଥିତ ଥିଲେ। ନବାଗତ ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ, ଚନ୍ଦନ ଟିକା ଓ ମିଠା ପ୍ରଦାନ କରି ସ୍ୱାଗତ କରାଯାଇଥିଲା। ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ନିୟମିତ ପାଠପଢ଼ା, ଶୃଙ୍ଖଳା ଏବଂ ଉତ୍ତମ ଚରିତ୍ର ଗଠନ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଅଧ୍ୟାପକ ସରୋଜ କୁମାର ବେହେରା ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଶେଷରେ ବିଦ୍ୟାଳୟ ପକ୍ଷରୁ ସମସ୍ତ ଅତିଥି, ଅଭିଭାବକ ଓ ନବାଗତ ଛାତ୍ରଛାତ୍ରୀଙ୍କୁ ଧନ୍ୟବାଦ ଜଣାଯାଇଥିଲା।

## ନିଟ୍‌ରେ କୃତୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା

ବାରିକପୁର, ୨୫।୭ (ସମିସ): ଭଣ୍ଡାରିପୋଖରୀ ବ୍ଲକ ଦକ୍ଷିଣବାଡ଼ ପଞ୍ଚାୟତ ଉତ୍ତରବାଡ଼ ପାଳଦା ଗ୍ରାମର ପୂର୍ଣ୍ଣଚନ୍ଦ୍ର ସେଠୀ ଓ ଅପରାଜିତା ସେଠୀଙ୍କ ସୁପୁତ୍ର ଗୌତମ



ସର୍ବଭାରତୀୟ ନିଟ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ସେ ଜଣେ ମେଧାବୀ ଛାତ୍ର ଭାବେ ବେଶ୍ ଜଣାଶୁଣା ଥିବାବେଳେ ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ୯୩% ମାର୍କ ରଖିଥିଲେ। ଏହି ସଫଳତା ପାଇଁ ଯୁକ୍ତ ୨ ବିଜ୍ଞାନ କଲେଜ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହାଛଡ଼ା ସହପାଠୀ ଓ ବନ୍ଧୁ ପରିଜନଙ୍କଠାରୁ ଆରମ୍ଭ କରି ସମସ୍ତେ କୃତୀ ଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ନିଟ୍ ପରୀକ୍ଷାରେ ସେ ୫୬୫ ନମ୍ବର ହାସଲ କରିଛନ୍ତି। ତାଙ୍କର ଅନୁସୂଚିତ ଜାତି ବର୍ଗରେ ୬୫୮ ର୍‍ୟାଙ୍କ ଥିବାବେଳେ ସାଧାରଣ ବର୍ଗରେ ୨୬, ୨୬୨ ର୍‍ୟାଙ୍କ ରହିଛି। ଶିକ୍ଷାନୁଷ୍ଠାନର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, ପିତାମାତା ଓ ଭଗବାନଙ୍କ ଆଶୀର୍ବାଦ ଯୋଗୁଁ ସେ ସଫଳତା ପାଇଥିବା ନିଟ୍ କୃତୀ ଛାତ୍ର ଗୌତମ କହିଛନ୍ତି।

## ସରମରା-ଅଘିରାଗଡ଼ିଆ ମାଇନର କେନାଲ ରାସ୍ତା ଶୋଚନୀୟ

### ● ଖବର ପ୍ରକାଶ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ୍

ବନ୍ତ/ଆଗରପଡ଼ା, ୨୫।୭ (ସମିସ): ବନ୍ତ ବ୍ଲକ ସରମରା-ଅଘିରାଗଡ଼ଆ ମାଇନର କେନାଲ ରାସ୍ତା ଦୀର୍ଘ ଦିନ ଧରି ଶୋଚନୀୟ ହୋଇପଡ଼ିଛି। ଉକ୍ତ ସମସ୍ୟାକୁ ନେଇ ଗତ ବର୍ଷ ଫେବୃଆରୀ ମାସରେ ଦୈନିକ 'ସକାଳ'ରେ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶକୁ ଇତି ମଧ୍ୟରେ ଦେଢ଼ ବର୍ଷ ବିତିବାକୁ ବସିଥିଲେ ସୁଦ୍ଧା ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରିବା ସହିତ ଉକ୍ତ ରାସ୍ତା ଅବସ୍ଥା ଦିନକୁ ଦିନ ଆହୁରି ଖରାପ ହେବା ସହ ଗମନାଗମନରେ ଘୋର୍ ବ୍ୟାଘାତ ସୃଷ୍ଟି କରୁଛି। କେନାଲଟି ସୋସୋ ମାଇନର କେନାଲ ଜଗନ୍ନାଥପୁର ଗ୍ରାମ ନିକଟରୁ ବାହାରି ଅଘିରାଗଡ଼ିଆ, ବାଙ୍କତୀରା, ଭଗାରାମ, ଆପ୍ତିରା, ତୁମ୍ବାପଦୀ ଦେଇ ସରମରା ନିକଟରେ ସରୁସାଗର ନଦୀ ସହ ସଂଯୋଗ ହୋଇଛି।



ଉକ୍ତ କେନାଲ ବନ୍ଧକୁ ସ୍ଥାନୀୟ ଲୋକମାନେ ରାସ୍ତା ଭାବେ ବ୍ୟବହାର କରିଥା'ନ୍ତି। ଉକ୍ତ ଗ୍ରାମଗୁଡ଼ିକ ସହ ଗୋହିରା, ତୋଟାସାହି, ଦେବତାଗଡ଼ିଆ, ଟିଲୋ, ଏରଝାଟିଆ, ପାରାବନ୍ଧ ଆଦି ଗ୍ରାମର ଲୋକମାନେ ଆଗରପଡ଼ାକୁ ଯାଇଥା'ନ୍ତି। ଉକ୍ତ ରାସ୍ତାରେ ମୋରମ୍ ପକାଯାଇ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଖରାଦିନରେ ଉକ୍ତ ରାସ୍ତା ଦେଇ ଆଗରପଡ଼ା ଓ ବନ୍ତ ବ୍ଲକ ସଦର ମହକୁମାକୁ ଯାଇଥା'ନ୍ତି। ମାତ୍ର ଅସରାଏ ବର୍ଷା ହେଲେ ଏହି ରାସ୍ତାରେ ଯିବା କଷ୍ଟକର। ବର୍ଷା ଦିନରେ କୌଣସି ଗୁରୁତର ରୋଗୀ ମେଡିକାଲ ଯିବାକୁ ହେଲେ ବିଭିନ୍ନ ଗାଁ ଦେଇ ଯାତାୟାତ କରିଥା'ନ୍ତି। ରାସ୍ତା ସମସ୍ୟା ନେଇ ବିଭିନ୍ନ ସମୟରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ଫଳରେ ୩ ବର୍ଷ ତଳେ ବିଭାଗୀୟ ଅଧିକାରୀଙ୍କ କ୍ଷେତ୍ର ପରିଦର୍ଶନ ପରେ କେବଳ ମାଟି କାମ କରାଯାଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ଉକ୍ତ କେନାଲ ବନ୍ଧର ଉନ୍ନତୀକରଣ କାର୍ଯ୍ୟ କରାଯାଇନାହିଁ। ଉକ୍ତ ରାସ୍ତା ଏବେ ଯାତାୟାତ ଅନୁପଯୋଗୀ ହୋଇଛି।

## ଆନିକଟରେ କାଉଡ଼ିଆଙ୍କ ସମାଗମ

ବାରିକପୁର, ୨୫।୭ (ସମିସ): ପବିତ୍ର ଶ୍ରାବଣ ମାସର ୨ୟ ସୋମବାର ୨ଦିନ ପୂର୍ବରୁ ବିଭିନ୍ନ ନଦୀ ଘାଟରେ କାଉଡ଼ିଆ ଶ୍ରଦ୍ଧାଳୁମାନଙ୍କର ଭିଡ଼ ଦେଖିବାକୁ ମିଳିଛି। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକ ଆଖୁଆପଦା ବୈତରଣୀ ଆନିକଟଠାରେ ଶନିବାର ଶହସ୍ରାଧିକ କାଉଡ଼ିଆଙ୍କ ସମାଗମ ହୋଇଛି। ସକାଳୁ ବ୍ଲକର ମଞ୍ଜୁରୀରୋଡ୍, ନାଆମୀ, ପାଟୁଳି, ନଗୁଆଁ, ବୟାବନାପୁର, ରଣଜିତ, ଦକ୍ଷିଣବାଡ଼, ବାଲିପୋଖରୀ, ରାମଚନ୍ଦ୍ରପୁର, ନେରଡ଼ା, ତେସିଙ୍ଗା ପ୍ରମୁଖ ଅଞ୍ଚଳର କାଉଡ଼ିଆ ଭାଇଭଉଣୀମାନେ ନଦୀ ଘାଟରେ ଉପସ୍ଥିତ ଥିଲେ। ସେଠାରେ ପୂଜାର୍ଚ୍ଚନା ସାରିବା ପରେ ସମସ୍ତ କାଉଡ଼ିଆ କାନ୍ଧରେ ପାଣି ଭାର ରଖି ଶୈବ କ୍ଷେତ୍ରଗୁଡ଼ିକୁ ଯାତ୍ରା କରିଛନ୍ତି। ବିଶେଷ କରି ପ୍ରସିଦ୍ଧ ଆଖଣ୍ଡଳମଣୀ ଓ ପଞ୍ଚଲିଙ୍ଗେଶ୍ୱର ଶୈବ କ୍ଷେତ୍ରକୁ କାଉଡ଼ିଆ ଶ୍ରଦ୍ଧାଳୁମାନେ ଯାତ୍ରା କରିଥିବା ଜଣାପଡ଼ିଛି। ଆନିକଟକୁ ଛାଡ଼ିଦେଲେ ଦଶ୍ୱାସନି



ଘାଟ, ବଲ୍ଲବୀ ଘାଟ, ବନ୍ଦାଲୋ ଘାଟ, ଷେଣ୍ଢପୁର ଘାଟରୁ ମଧ୍ୟ କାଉଡ଼ିଆମାନେ ପାଣିଭାର ନେଇ ମହାଦେବଙ୍କୁ ଜଳାଭିଷେକ ପାଇଁ ଯାତ୍ରା ଆରମ୍ଭ କରିଛନ୍ତି। ପୁଣ୍ୟତୋୟା ବୈତରଣୀ ନଦୀ ବ୍ୟତୀତ ସାଳନ୍ଦୀ, ରେବ, କପାଳୀ ନଦୀରୁ ମଧ୍ୟ ଶ୍ରଦ୍ଧାଳୁମାନେ ପାଣିଭାର ଧରି ଯାତ୍ରା କରିଛନ୍ତି।

## ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କୁ 'ଭବ୍ୟ ନାଗରିକ ସମ୍ବର୍ଦ୍ଧନା'

ଭଦ୍ରକ, ୨୫।୭ (ସମିସ): ତ୍ୟାଗ ଓ ତିତିକ୍ଷାର ପବିତ୍ରଭୂମି ଭଦ୍ରକର ସଂସ୍କୃତି ଭବନ ପରିସରରେ ଅତ୍ୟନ୍ତ ଆବେଗପୂର୍ଣ୍ଣ ପରିବେଶ ମଧ୍ୟରେ ଲୋକପ୍ରିୟ ଜିଲ୍ଲାପାଳ



ଡ. ଦିଲୀପ ରାଉତରାଏଙ୍କୁ ଭବ୍ୟ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅନ୍ତରର ସାଂସ୍କୃତିକ ଚେତନା ଜଣେ ପ୍ରଶାସକଙ୍କୁ ସମ୍ବେଦନଶୀଳ କରାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଜଣେ ଶାସକ ନିଜର ଆତ୍ମୀୟତା, ନମ୍ରତା ଓ ସମୟୋଚିତ କାର୍ଯ୍ୟ ଦ୍ୱାରା ଜନସାଧାରଣଙ୍କ ହୃଦୟ ଜିଣିପାରନ୍ତି। ଆଜିର ଏହି ନାଗରିକ ସମ୍ବର୍ଦ୍ଧନା ତାହାର ଏକ ଜ୍ୱଳନ୍ତ ଉଦାହରଣ ସୃଷ୍ଟି କରିଥିଲା। 'ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନ'ର ସଭାପତି ଅଜୟ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ଭଦ୍ରକ ଜିଲ୍ଲାର ବୁଦ୍ଧିଜୀବୀ, ସାହିତ୍ୟିକ, ସାମ୍ବାଦିକ ଓ ନାଗରିକବୃନ୍ଦ ଯୋଗଦେଇ କର୍ମଯୋଗୀ ଜିଲ୍ଲାପାଳଙ୍କ ସେବା ମନୋଭାବର ଉଚ୍ଚପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ କାକଟପୁରର ପୂର୍ବତନ ବିଧାୟକ ସ୍ୱର୍ଗତ ବୈକୁଣ୍ଠନାଥ ସ୍ୱାଇଁଙ୍କ ସୁଯୋଗ୍ୟ କନ୍ୟା ତଥା ଜିଲ୍ଲାପାଳଙ୍କ ସହଧର୍ମିଣୀ ପ୍ରୀତିଲତା ରାଉତରାୟ ଉପସ୍ଥିତ ଥିବାବେଳେ, ଅତିଥି ବକ୍ତା ଭାବେ ବିଶିଷ୍ଟ ଆଧ୍ୟାତ୍ମିକ ପ୍ରବକ୍ତା ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ଯୋଗଦେଇ ଜିଲ୍ଲାପାଳଙ୍କ କର୍ମମୟ ଜୀବନ ଓ ନମ୍ର ବ୍ୟକ୍ତିତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଐତିହାସିକ ସମାରୋହରେ ଭଦ୍ରକ ଜିଲ୍ଲାର କୋଣ-ଅନୁକୋଣରୁ ଆସିଥିବା ମୋଟ ୫୪ଟି ସାମାଜିକ, ସାଂସ୍କୃତିକ, ସାହିତ୍ୟିକ, ସେବା ଓ ନାଗରିକ ସଂଗଠନ ଜିଲ୍ଲାପାଳ ଡ. ଦିଲ୍ଲୀପ ରାଉତରାଏଙ୍କୁ ଉତ୍ସବରେ ପୁଷ୍ପଗୁଚ୍ଛ, ଉତ୍ତରୀୟ, ମାନପତ୍ର ଓ ସ୍ମାରକୀ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ତ୍ୟାଗଭୂମି ସମ୍ପାଦକ ଅଧିବକ୍ତା ଗଦାଧର ବଳ ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିବାବେଳେ ରୂପକ ବିହାରୀ ରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଡ. ବିଶ୍ୱରଞ୍ଜନ ଦାସ, ପ୍ରାଧ୍ୟାପକ କମଳାକାନ୍ତ ସ୍ୱାଇଁ, ଇଂ. ଅଖିଳ ପାଢ଼ୀ, ଡ. ପ୍ରମୋଦ ନାୟକ, ସୁଧାକର ରାଉତ, ଅଧ୍ୟାପକ ନାସିର ବକ୍ସ, ସଂଗ୍ରାମୀ ବୈଲୋଚନ ଜେନା, ମୁସ୍ତାକ ଗହ୍ୱର, ଗୟାଧର ପଣ୍ଡା, ସାମ୍ବାଦିକ ନରେନ୍ଦ୍ର ସାମଲ, ପ୍ରଭାତ ଦାସ, ପ୍ରମୋଦ ରାୟ, କୈଳାସ ପଣ୍ଡା ପ୍ରମୁଖ ଶୁଭେଚ୍ଛା ବକ୍ତବ୍ୟ ପ୍ରଦାନ କରିଥିଲେ। ତ୍ୟାଗଭୂମିର କାର୍ଯ୍ୟକାରୀ ସଭାପତି ଇଂ. ଅମ୍ବିକା ବଲ୍ଲଭ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ସାଇବର କ୍ରାଇମ୍ ସଚେତନତା କାର୍ଯ୍ୟକ୍ରମ

ବେତାଳିଗାଁ, ୨୫।୭ (ସମିସ): ଧାମନଗର ବ୍ଲକ ଅନ୍ତର୍ଗତ ପାଳସାହିସ୍ଥିତ ବାବାମଣୀ ଡିଗ୍ରୀ ମହାବିଦ୍ୟାଳୟରେ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଧୂଷୁରୀ ଥାନା ପକ୍ଷରୁ ନୂତନ କ୍ରିମିନାଲ ଲ' ଓ ସାଇବର କ୍ରାଇମ୍ ସଚେତନତା ସମ୍ପର୍କିତ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧାମନଗର ଏସ୍‌ଡିପିଓ କୃଷ୍ଣ ଚରଣ ବାରିକ, ଧୂଷୁରୀ ଥାନା ଆଇଆଇସି ଅଜୟ ସୁଦର୍ଶନ ବାଗେ ଓ ଭଦ୍ରକ ସାଇବର ଥାନାର ଇନ୍‌ଚାର୍ଜ ସୌମ୍ୟା ରାୟ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ ନାୟକ, ପୂର୍ବତନ ଅଧ୍ୟକ୍ଷ ଡ. ନିକୁଞ୍ଜ କିଶୋର ଜେନା, ଅଧ୍ୟାପକ ତଥା ଏନ୍‌ଏସ୍‌ଏସ୍ ପ୍ରଶିକ୍ଷକ ବିଜୟ କୁମାର ଦାଶ, ଅଧ୍ୟାପକ-ଅଧ୍ୟାପିକା ଏବଂ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଆରାଧ୍ୟ ଦେବତା ଶ୍ରୀଶ୍ରୀ ବାବାମଣୀଙ୍କ ଫଟୋଚିତ୍ରରେ ପୂଜାର୍ଚ୍ଚନା କରାଯିବା ପରେ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ପରିବେଷଣ କରାଯାଇଥିଲା। ପରେ ପୂର୍ବତନ ଅଧ୍ୟକ୍ଷ ଡ. ଜେନା ସଭା ପରିଚାଳନା କରିଥିଲେ। ସମଗ୍ର କାର୍ଯ୍ୟକ୍ରମଟି ଏନ୍‌ଏସ୍‌ଏସ୍ ପ୍ରଶିକ୍ଷକ ଶ୍ରୀ ଦାଶଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ଏହି ଅବସରରେ ଭଦ୍ରକ ସାଇବର ଥାନାର ଇନ୍‌ଚାର୍ଜ ସୌମ୍ୟା ରାୟ ଛାତ୍ରଛାତ୍ରୀଙ୍କୁ ଅନ୍‌ଲାଇନ୍ ଠକେଇ, ଫିସିଂ ଲିଙ୍କ୍, ଓଟିପି ଏବଂ ବ୍ୟାଙ୍କ ସମ୍ପର୍କିତ ଗୋପନୀୟ ତଥ୍ୟ କାହାକୁ ନ ଦେବା, ସୋସିଆଲ ମିଡିଆରେ ଅଜଣା ବ୍ୟକ୍ତିଙ୍କ ସହ ସତର୍କତାର ସହ ଯୋଗାଯୋଗ କରିବା ଏବଂ କୌଣସି ସାଇବର ଠକେଇର ଶିକାର ହେଲେ ବିଳମ୍ବ ନ କରି ପୁଲିସ କିମ୍ବା ସାଇବର ହେଲ୍ପଲାଇନ୍‌ରେ ଅଭିଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଧୂଷୁରୀ ଥାନା ଆଇଆଇସି ଶ୍ରୀ ବାଗ୍ ନୂତନ କ୍ରିମିନାଲ ଆଇନ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇବା ସହ ଆଇନକୁ ସମ୍ମାନ କରିବା, ସୋସିଆଲ ମିଡିଆର ଦାୟିତ୍ୱଶୀଳ ବ୍ୟବହାର କରିବା, ଗୁଜବ ଓ ଭୁଲ୍ ତଥ୍ୟ ପ୍ରସାରଣରୁ ଦୂରେଇ ରହିବା ଏବଂ ଅପରାଧମୁକ୍ତ ସମାଜ ଗଠନରେ ଯୁବପିଢ଼ିର ଭୂମିକା ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଧାମନଗର ଏସ୍‌ଡିପିଓ ଶ୍ରୀ ବାରିକ ନିଜ ବକ୍ତବ୍ୟରେ କହିଥିଲେ ଯେ, ବର୍ତ୍ତମାନ ସମୟରେ ସାଇବର ଅପରାଧ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ତେଣୁ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ଡିଜିଟାଲ ସୁରକ୍ଷା ପ୍ରତି ସଚେତନ ହେବା ସହ ଆଇନକୁ ମାନି ଚଳିବା ଆବଶ୍ୟକ। ସଚେତନତା ଓ ସତର୍କତା ହିଁ ସାଇବର ଅପରାଧକୁ ରୋକିବାର ସବୁଠାରୁ ବଡ଼ ଅସ୍ତ୍ର ବୋଲି ସେ ମତ ପ୍ରକାଶ କରିଥିଲେ। ଶେଷରେ ଉପସ୍ଥିତ ଛାତ୍ରଛାତ୍ରୀମାନେ ଏଭଳି ସଚେତନତା କାର୍ଯ୍ୟକ୍ରମ ସେମାନଙ୍କ ମଧ୍ୟରେ ଆଇନ ସମ୍ପର୍କିତ ଜ୍ଞାନ ବୃଦ୍ଧି କରିବା ସହ ସାଇବର ଅପରାଧ ପ୍ରତି ସଚେତନତା ସୃଷ୍ଟି କରିଥିବା ପ୍ରକାଶ କରିଥିଲେ।




## ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଶାନ୍ତିପୂର୍ଣ୍ଣ କ୍ୟାଣ୍ଡେଲ ଶୋଭାଯାତ୍ରା






ଭଦ୍ରକ, ୨୫।୭ (ସମିସ)

ଦିଲ୍ଲୀ ଯନ୍ତର ମନ୍ତରଠାରେ ଛାତ୍ରଛାତ୍ରୀମାନେ ନିଜର ହକ୍ ପାଇଁ ଓ ନିଟ୍ ପେପର ଲିକ୍ ଘଟଣାକୁ ବିରୋଧ କରି ଆନ୍ଦୋଳନ କରୁଥିବାବେଳେ ସରକାର ପୁଲିସ ଲଗାଇ ସେମାନଙ୍କୁ ମାଡ଼ମାରି କ୍ଷତାକ୍ତ କରିଥିଲା। ଆନ୍ଦୋଳନକୁ ସମର୍ଥନ କରି ଘଟଣାସ୍ଥଳରେ ପହଞ୍ଚିଥିବା ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ଓ କଂଗ୍ରେସ ଦଳର ଅନ୍ୟ ନେତୃବୃନ୍ଦଙ୍କ ପ୍ରତି ପୁଲିସ ଦୁର୍ବ୍ୟବହାର ପ୍ରଦର୍ଶନ କରିଛି। ତାହାକୁ ବିରୋଧ କରି ଶନିବାର ଭଦ୍ରକ ଜିଲ୍ଲା କଂଗ୍ରେସ କମିଟି ସଭାପତି ନଳିନୀ ମହାନ୍ତିଙ୍କ ନେତୃତ୍ୱରେ ଧାମନଗର ନିର୍ବାଚନମଣ୍ଡଳୀର ଅସୁରାଳିଠାରେ ଶାନ୍ତିପୂର୍ଣ୍ଣ କ୍ୟାଣ୍ଡେଲ ଶୋଭାଯାତ୍ରା ଓ ସତ୍ୟାଗ୍ରହ ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରା ଅସୁରାଳି ବଜାର ପରିକ୍ରମା କରି ଦୁର୍ଗା ମଣ୍ଡପରେ ପହଞ୍ଚିଥିଲା। ପରେ ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ର ସମ୍ମୁଖରେ ଅନୁଷ୍ଠିତ ସତ୍ୟାଗ୍ରହରେ ଜିଲ୍ଲା ସଭାପତିଙ୍କ ସମେତ ଦଳୀୟ ନେତୃବୃନ୍ଦ ଓ କର୍ମୀମାନେ ସାମିଲ୍ ହୋଇଥିଲେ। ଆୟୋଜିତ ଶୋଭାଯାତ୍ରା ଓ ସତ୍ୟାଗ୍ରହରେ ବରିଷ୍ଠ ନେତା ଦେବେନ୍ଦ୍ର ମହାନ୍ତି, ପୀତବାସ ଧଳ, ରାଜେନ୍ଦ୍ରପ୍ରସାଦ ଜେନା, ଅଭିଷେକ ରାଉତ, ବିଜୟ ବାରିକ, ଅରବିନ୍ଦ ନାୟକ, ହୃଦାନନ୍ଦ ସେଠୀ, ବିଦ୍ୟାଧର ଜେନା, ଜାନକୀ ମଲ୍ଲିକ, ନିମାଇଁ ଚରଣ ଜେନା, ପ୍ରସନ୍ନ ଧଳ, ନରେନ୍ଦ୍ର ମଲ୍ଲିକ, ପ୍ରଦୀପ୍ତ କିଶୋର ଦାସ, ସୁଧାଂଶୁ ଶେଖର ଦାସ, ରବୀନ୍ଦ୍ର ବେହେରା, ନିରାକାର ଧଳ, ସୁଧୀର ଖୁଣ୍ଟିଆ, ଆଲୋକ ଦାସ, ଦୀନବନ୍ଧୁ ଦାସ ପ୍ରମୁଖ ଦଳୀୟ ନେତୃବୃନ୍ଦ ସରକାରଙ୍କ କ୍ରୁର ଶାସନ ବ୍ୟବସ୍ଥାକୁ ତୀବ୍ର ବିରୋଧ କରି ସ୍ଲୋଗାନ ଦେଇ ସତ୍ୟାଗ୍ରହରେ ସାମିଲ୍ ହୋଇଥିଲେ। କେନ୍ଦ୍ର ସରକାରଙ୍କ ଶିକ୍ଷା ନୀତି ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିବା ସହ ଶିକ୍ଷା କ୍ଷେତ୍ରରେ ବିଫଳତା ଓ ପରୀକ୍ଷା ପରିଚାଳନାରେ ଅନିୟମିତତା କାରଣରୁ ଲକ୍ଷ ଲକ୍ଷ ଯୁବ ଓ ଛାତ୍ରଙ୍କ ଭବିଷ୍ୟତ ଅନ୍ଧାର ମଧ୍ୟକୁ ଠେଲି ଦିଆଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ୩ଶହରୁ ଊର୍ଦ୍ଧ୍ୱ ଦଳୀୟ କର୍ମୀ ସାମିଲ୍ ହୋଇ କେନ୍ଦ୍ର ସରକାରଙ୍କ ବିରୋଧ ନାରାବାଜି କରିଥିଲେ।

### ଧାମନଗର

ନିଟ୍ ପରୀକ୍ଷାରେ ବାରମ୍ବାର ପ୍ରଶ୍ନପତ୍ର ଲିକ୍ ଘଟଣା ଏବଂ ଦିଲ୍ଲୀର ଯନ୍ତର ମନ୍ତରରେ ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ଉପରେ ପୁଲିସ ଲାଠିଚାର୍ଜ ଘଟଣାର ପ୍ରତିବାଦରେ ଧାମନଗର କଂଗ୍ରେସ ପକ୍ଷରୁ ଶନିବାର ଧାମନଗର ବଡ଼ବଜାରରୁ ଏକ ବିଶାଳ ପ୍ରତିବାଦ ଶୋଭାଯାତ୍ରା ବାହାରିଥିଲା। ରାଲିଟି ସହରର ବିଭିନ୍ନ ପ୍ରମୁଖ ରାସ୍ତା ପରିକ୍ରମା କରି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ବିଜୁ ପଟ୍ଟନାୟକ ଛକରେ ପହଞ୍ଚିଥିଲା। ସେଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସେହି ପ୍ରସଙ୍ଗରେ ଦିଲ୍ଲୀର ଯନ୍ତର ମନ୍ତରରେ ଆନ୍ଦୋଳନ କରୁଥିବା ଛାତ୍ରଛାତ୍ରୀଙ୍କ ଉପରେ ଦିଲ୍ଲୀ ପୁଲିସର ଲାଠିଚାର୍ଜ ଏବଂ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀଙ୍କୁ ଅଟକ ରଖାଯିବା ଘଟଣାକୁ କଂଗ୍ରେସ ତୀବ୍ର ନିନ୍ଦା କରିଥିଲା। କଂଗ୍ରେସ ନଗର ସଭାପତି ପ୍ରମୋଦ ସ୍ୱାଇଁଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ନିର୍ବାଚନମଣ୍ଡଳୀ ନେତା ରଞ୍ଜନ ବେହେରା, ନଗର କଂଗ୍ରେସ ସଭାପତି ପ୍ରମୋଦ ସ୍ୱାଇଁ, ମାନସ ମହାପାତ୍ର, ଜିଲ୍ଲା କଂଗ୍ରେସ ସମ୍ପାଦକ ସଞ୍ଜୟ ମିଶ୍ର, ପ୍ରଭାତ ରଞ୍ଜନ ପଣ୍ଡା, ସୂର୍ଯ୍ୟନାରାୟଣ ମହାନ୍ତି, ରଘୁନାଥ ଦାସ ପ୍ରମୁଖ ଯୋଗଦେଇ ଉକ୍ତ ଘଟଣାର ତୀବ୍ର ନିନ୍ଦା କରିଥିଲେ।

## ବିପିଏମ୍‌ଙ୍କ ବଦଳି ଆଦେଶକୁ ୪୪ ଦିନ

# ସାଂସଦଙ୍କ ସୁପାରିସକୁ ନେଇ ବଢ଼ିଲା ବିବାଦ

**ବାଲେଶ୍ୱର/ଜଳେଶ୍ୱର ବ୍ଲକ, ୨୫।୭ (ସମିସ)**

ବାଲେଶ୍ୱର ଜିଲ୍ଲାର ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ସବୁବେଳେ ରାଜ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଦଖଲ କରିଆସିଛି। କେବଳ ବାଲେଶ୍ୱର ନୁହେଁ, ପଡ଼ୋଶୀ ପଶ୍ଚିମବଙ୍ଗର ସୀମାନ୍ତ ଅଞ୍ଚଳର ହଜାର ହଜାର ଲୋକ ମଧ୍ୟ ଏହି ଜିଲ୍ଲାର ସରକାରୀ ସ୍ୱାସ୍ଥ୍ୟସେବା ଉପରେ ନିର୍ଭରଶୀଳ। ଏଭଳି ପରିସ୍ଥିତିରେ ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନଏଚଏମ) ଅଧୀନରେ କାର୍ଯ୍ୟରତ ଅଧିକାରୀଙ୍କ ବଦଳି ଆଦେଶକୁ କାର୍ଯ୍ୟକାରୀ କରିବାରେ ହେଉଥିବା ବିଳମ୍ବ ଓ ଏହାକୁ ନେଇ ଜନପ୍ରତିନିଧିଙ୍କ ଭୂମିକାକୁ ନେଇ ବର୍ତ୍ତମାନ ଜୋରଦାର ଚର୍ଚ୍ଚା ଆରମ୍ଭ ହୋଇଛି।

ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୧୨ ଜୁନ ତାରିଖରେ ଚିଠି ନମ୍ବର ୧୦୧୪୦ମାଧ୍ୟମରେ ଦୀର୍ଘଦିନ ଧରି ଗୋଟିଏ ସ୍ଥାନରେ କାର୍ଯ୍ୟରତ ଥିବା ୮ ଜଣ ବ୍ଲକ ପ୍ରୋଗ୍ରାମ ମ୍ୟାନେଜର (ବିପିଏମ)ଙ୍କ ବଦଳି ଆଦେଶ ଜାରି କରାଯାଇଥିଲା। ଏହି ବଦଳିରେ ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବିପିଏମ ସ୍ମିତା ପରମାଣିକଙ୍କୁ ଭୋଗରାଇ ବ୍ଲକର ଜଳେଶ୍ୱରପୁରକୁ ବଦଳି କରାଯାଇଥିବାବେଳେ ଜଳେଶ୍ୱରପୁରର ବିପିଏମ କବି ପ୍ରସାଦ ସାହୁଙ୍କୁ ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ବଦଳି କରାଯାଇଥିଲା।

ଅଭିଯୋଗ ଅନୁଯାୟୀ, ବଦଳି ଆଦେଶ ଜାରି ହେବାର ୪୪ ଦିନ ବିତିଯାଇଥିଲେ ମଧ୍ୟ ଶ୍ରୀ ସାହୁ ନୂତନ କର୍ମସ୍ଥଳ ହାତୀଗଡ଼ରେ ଯୋଗଦାନ କରିନାହାନ୍ତି। ସେହିପରି ନିଜ ସ୍ଥାନରେ ବଦଳି ହୋଇ ଆସିଥିବା ସ୍ମିତା ପରମାଣିକ ଯୋଗ ଦେବା ସତ୍ତ୍ୱେ ତାଙ୍କୁ ମଧ୍ୟ ଦାୟିତ୍ୱ ହସ୍ତାନ୍ତର କରାଯାଇନଥିବା ଅଭିଯୋଗ ହୋଇଛି। ଫଳରେ ସରକାରୀ ବଦଳି ଆଦେଶ କେବଳ କାଗଜକଲମରେ ସୀମିତ ରହିଥିବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏହି ଘଟଣାରେ ସବୁଠାରୁ ବଡ଼ ପ୍ରଶ୍ନ ସୃଷ୍ଟି କରିଛି ଜନପ୍ରତିନିଧିଙ୍କ ଭୂମିକା। ଅଭିଯୋଗ ହେଉଛି ଯେ, ଶ୍ରୀ ସାହୁଙ୍କ ବଦଳି ଆଦେଶ ବାତିଲ କରିବା ପାଇଁ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏବଂ ସଦର ବିଧାୟକ ମାନସ ଦତ୍ତ ଆଦି କେତେକ ବିଧାୟକ ଜିଲ୍ଲାପାଳଙ୍କୁ ସୁପାରିସ ପତ୍ର ଦେଇଥିବାର ଚର୍ଚ୍ଚା ହେଉଛି। ଜନସ୍ୱାର୍ଥ ଅପେକ୍ଷା ବ୍ୟକ୍ତିବିଶେଷଙ୍କ ସ୍ୱାର୍ଥକୁ କି ଅଧିକ ଗୁରୁତ୍ୱ ଦିଆଯାଉଛି ? ଏହି ଘଟଣାକୁ ନେଇ ଜଳେଶ୍ୱର ଅଞ୍ଚଳରେ ଅସନ୍ତୋଷ ବଢ଼ୁଥିବା ଚର୍ଚ୍ଚା ହେଉଛି। ସ୍ଥାନୀୟ ଲୋକଙ୍କ ମଧ୍ୟରେ ପ୍ରଶ୍ନ ଉଠୁଛି ଯେ, ଯଦି ହାତୀଗଡ଼ ପରି ଗୁରୁତ୍ୱପୂର୍ଣ୍ଣ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିପିଏମ ପଦବୀ ଦୀର୍ଘଦିନ ଖାଲି ରହେ, ସେଠାରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ଚାଲୁଥିବା ବିଭିନ୍ନ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ କିପରି ସଠିକ ଭାବେ ପରିଚାଳିତ ହେବ?

ଉଲ୍ଲେଖଯୋଗ୍ୟ ଯେ, ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ୧୦ଟି ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଏବଂ ପ୍ରାୟ ୫୦ଟି ଉପ-ସ୍ୱାସ୍ଥ୍ୟ କେନ୍ଦ୍ର କାର୍ଯ୍ୟକ୍ଷମ ରହିଛି। ବିପିଏମ ପଦବୀ ଦୀର୍ଘଦିନ ଧରି ଫାଙ୍କା ପଡ଼ିବା ଏବଂ କବି ପ୍ରସାଦ ସାହୁ ବଦଳି ନିର୍ଦ୍ଦେଶ ପରେ ବି କାର୍ଯ୍ୟସ୍ଥଳରେ ଯୋଗ ନଦେବା ଭଳି ସ୍ଥିତି ଏମିତି ଜାରି ରହିଲେ ଆଗାମୀ ଦିନରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ, ଟିକାକରଣ, କ୍ଷୟ ନିୟନ୍ତ୍ରଣ, ଜନସ୍ୱାସ୍ଥ୍ୟ ସଚେତନତା ସମେତ ଏନଏଚଏମର ଅନେକ କାର୍ଯ୍ୟକ୍ରମ ପ୍ରଭାବିତ ହେବାର ଆଶଙ୍କା ରହିଛି।

ସରକାରୀ ବଦଳି ଆଦେଶକୁ ୪୪ ଦିନ ଧରି ଅମାନ୍ୟ କରାଯାଉଥିବା ସତ୍ତ୍ୱେ ପ୍ରଶାସନ କାହିଁକି ନିରବ? ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ଏହି ଘଟଣାରେ କେବେ କଠୋର ପଦକ୍ଷେପ ନେବେ, ତାହା ଉପରେ ସମସ୍ତଙ୍କ ନଜର ରହିଛି। ସେପଟେ ବିପିଏମ କବିପ୍ରସାଦ ସାହୁଙ୍କ କାର୍ଯ୍ୟାଳୟ ଆଦେଶ ଅନୁଯାୟୀ ଜଳେଶ୍ୱରପୁରରୁ ହାତିଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପୁନଃ ଅବସ୍ଥାପିତ କରାଯାଇଥିଲା। ୧୮ ଜୁନ୍ ୨୦୨୬ରୁ ପୂର୍ବ କାର୍ଯ୍ୟସ୍ଥଳରୁ ଅବ୍ୟାହତି ମିଳିଥିଲେ ମଧ୍ୟ ସେ ନୂତନ କାର୍ଯ୍ୟସ୍ଥଳରେ ଯୋଗଦାନ କରିନଥିଲେ। ଏହା ପରିବର୍ତ୍ତେ ସେ ଜୁନ ୧୮, ୨୫ ଏବଂ ଜୁଲାଇ ୨ ତାରିଖରେ କ୍ରମାଗତ ଭାବେ ଛୁଟି ଆବେଦନ କରିଥିଲେ। କିନ୍ତୁ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ସମସ୍ତ ଛୁଟି ଆବେଦନକୁ ନାମଞ୍ଜୁର କରିବା ସହ ତୁରନ୍ତ ନୂତନ କାର୍ଯ୍ୟସ୍ଥଳରେ ଯୋଗଦାନ କରିବାକୁ ନିର୍ଦ୍ଦେଶ ଦେବା ସହ ଏହାକୁ ଉଲ୍ଲଂଘନ କଲେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିଡ଼ିଏମଓ ଚେତାବନୀ ଦେଇଥିବା ଜଣାପଡ଼ିଛି।

ଏ ବାବଦରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କହିଛନ୍ତି, ସ୍ଥାନୀୟ କିଛି ବ୍ୟକ୍ତିଙ୍କ ଅନୁରୋଧକ୍ରମେ କେବଳ ସୁପାରିସ ପତ୍ର ଦେଇଥିଲି। କିନ୍ତୁ ପରବର୍ତ୍ତୀ ସମୟରେ ଶ୍ରୀ ସାହୁଙ୍କ ବିରୋଧରେ ରେଡକ୍ରସ ପାଣ୍ଠିର ଖାଦ୍ୟ ଯୋଗାଣରେ ଅନିୟମିତତା ସମ୍ପର୍କିତ ଅଭିଯୋଗ ଜାଣିବା ପରେ ସେ ତୁରନ୍ତ ବଦଳି କାର୍ଯ୍ୟକାରୀ କରିବା ଓ ଅଭିଯୋଗର ତଦନ୍ତ ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛି।

ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଦିଲ୍ଲୀପ କୁମାର ଜେନା କହିଛନ୍ତି, କେଉଁ କାରଣରୁ କବି ପ୍ରସାଦ ସାହୁ ବଦଳି ପରେ ବି ପୁରୁଣା ସ୍ଥାନରୁ ଯାଇ ନୂତନ ସ୍ଥାନରେ ଯୋଗ ଦେଉନାହାନ୍ତି, ଏ ନେଇ ସ୍ପଷ୍ଟୀକରଣ ରିପୋର୍ଟ ମଗାଯିବ ଏବଂ ହାତୀଗଡ଼ରେ ବିପିଏମ ପଦବୀରେ ତୁରନ୍ତ ବ୍ୟବସ୍ଥା କରାଯିବ। ଜିଲ୍ଲା ଜାତୀୟ ସ୍ୱାସ୍ଥ୍ୟ ମିଶନର ଅଧିକାରୀ ଚକ୍ରଧର ଜେନା କହିଛନ୍ତି ପୂର୍ବତନ ବିପିଏମ କବି ପ୍ରସାଦ ସାହୁ ଜଳେଶ୍ୱରପୁରରେ ନିଯୁକ୍ତ ବିପିଏମ ସ୍ମିତା ପରମାଣିକଙ୍କୁ ଦାୟିତ୍ୱ ହସ୍ତାନ୍ତର ନ କରିବା ଆମ ଦୃଷ୍ଟିକୁ ଆସିଛି, ଏ ନେଇ ଜିଲ୍ଲାପାଳଙ୍କୁ ଅବଗତ କରାଯିବ ଏବଂ ସରକାରୀ ଆଦେଶ ଅମାନ୍ୟ କଲେ ନିୟମ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ତୃତୀୟ ଶ୍ରୀକ୍ଷେତ୍ରରେ ବାହୁଡ଼ା ଯାତ୍ରା

# ଅଧା ବାଟରେ ଅଟକିଲେ ଚତୁର୍ଦ୍ଧାମୂର୍ତ୍ତି

**ନୀଳଗିରି, ୨୫।୭ (ସମିସ):** ତୃତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ବାଲେଶ୍ୱର ଜିଲ୍ଲା ନୀଳଗିରିରେ ମହାପ୍ରଭୁଙ୍କ ପ୍ରଥମ ଦିନର ବାହୁଡ଼ା ଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନରେ ଗୁଣ୍ଡିଚା ମନ୍ଦିର ମନ୍ଦିର ସମ୍ମୁଖରେ ଥିବା ରଥକୁ ଭକ୍ତମାନେ ଜୟ ଜଗନ୍ନାଥ ଧ୍ୱନି ଦେଇ ବଡ଼ଦାଣ୍ଡରେ ଶ୍ରୀମନ୍ଦିର ଆଡ଼କୁ ଶ୍ରଦ୍ଧାଳୁ ମାନେ ଟାଣି ଟାଣି ନେଇଥିଲେ। ପ୍ରଥମ ଦିନରେ ଶ୍ରଦ୍ଧାଳୁ ଓ ଜଗନ୍ନାଥ ପ୍ରେମୀ ଗୁଣ୍ଡିଚା ମନ୍ଦିର ନିକଟରୁ ରଥଟାଣି ବଡ଼ଦାଣ୍ଡ ଅଧାରାସ୍ତା ତଥା ଶଙ୍କରା ଖୁଣ୍ଟା ପୋଖରୀ ସମ୍ମୁଖ ରେ ପହଞ୍ଚାଇ ଥିଲେ। ଝିପି ଝିପି ବର୍ଷା ସତ୍ତ୍ୱେ ବଡ଼ଦାଣ୍ଡରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ରଥ ଉପରେ ଚତୁର୍ଦ୍ଧାମୂର୍ତ୍ତି ଗୋଟିଏ ରାତି ରହିବା ପରେ ପୁଣି ରବିବାର ତଥା ଆଜି ଅପରାହ୍ନରେ ରଥଟଣା କାର୍ଯ୍ୟ ଆରମ୍ଭ ହେବ। ଏହି ବାହୁଡା ଯାତ୍ରାରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଙ୍କ ସମେତ ନୀଳଗିରିର ବିଧାୟକ ସନ୍ତୋଷ ଖଟୁଆ, ସ୍ଥାନୀୟ ଉପ-ଜିଲ୍ଲାପାଳ ଶୁଭଶ୍ରୀ ରଥ, ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପ୍ରମୋଦ ମଲିକ, ଏନ.ଏ.ସି ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡା, ଆଇ.ଆଇ.ସି ଗୋବର୍ଦ୍ଧନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବାହୁଡାଯାତ୍ରାକୁ ନୀଳଗିରି ବିଡ଼ିଓ ବିକ୍ରମ କେଶରୀ ପରିଡ଼ା ରଥ ପରିଚାଳନା ଏବଂ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ରଥର ଦିଗ ନିର୍ଦ୍ଦେଶ କରିଥିଲେ। ପ୍ରଦୀପ୍ତ ମିଶ୍ର ଧାରା ବିବରଣୀ ପ୍ରକାଶ କରିଥିଲେ। ସୂଚନା ଥାଉକି ପରମ୍ପରା ଅନୁସାରେ ନୀଳଗିରି ତୃତୀୟ ଶ୍ରୀକ୍ଷେତ୍ର ରେ ରଥଯାତ୍ରା ବହୁ ବର୍ଷ ପୂର୍ବରୁ ହୋଇଆସୁଥିବା ବେଳେ ପୁରୀ ଶ୍ରୀମନ୍ଦିର ଭଳି ନୀତିକାନ୍ତି ହେଉଥିବା ବେଳେ ପୁରୀରେ ଗୋଟିଏ ଦିନରେ ମହାପ୍ରଭୁଙ୍କ ପହଣ୍ଡି ଓ ରଥଟଣା ହୋଇ ଗୁଣ୍ଡିଚା ମନ୍ଦିର ପହଞ୍ଚିଥିବା ବେଳେ ତୃତୀୟ ଶ୍ରୀକ୍ଷେତ୍ରରେ ଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚିବା ପାଇଁ ତିନି ଦିନ ଧରି ରଥଯାତ୍ରା ପାଳନ କରାଯିବା ର ପରମ୍ପରା ରହିଛି।



# ନୀଳଗିରି କଂଗ୍ରେସର ବିକ୍ଷୋଭ ଓ କୁଶପୁତ୍ତଳିକା ଦାହ

**ନୀଳଗିରି, ୨୫।୭ (ସମିସ):** ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ଓଡିଶା ର ବିଭିନ୍ନ ବ୍ଲକ ଓ ସଦର ମହକୁମାରେ ବିଜେପିର ଛାତ୍ର ମାରଣ ନୀତି, ପ୍ରଶ୍ନପତ୍ର ଲିକ, ଆନ୍ଦୋଳନରତ ଛାତ୍ରଙ୍କ ଉପରେ ଅମାନବୀୟ ଅତ୍ୟାଚାର, କଂଗ୍ରେସ ଦଳ ର ଜନନେତା ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀଙ୍କୁ ଅଗଣତାନ୍ତ୍ରିକ ଭାବେ ଗିରଫ କରିଥିବା ପ୍ରତିବାଦ ରେ ଆଜି ନୀଳଗିରି କଂଗ୍ରେସ ତରଫରୁ ସଭାପତି ତପନ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଏକ ବିକ୍ଷୋଭ ଓ କୁଶପୁତ୍ତଳିକା ଦାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ରେ ଉପସ୍ଥିତ କଂଗ୍ରେସ ନେତା ଓ କର୍ମୀ ମାନେ ଏକ ସଭାଯାତ୍ରା ରେ ଆସି ନୀଳଗିରି ଉପଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ ସାହା, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ରାଜ୍ୟ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି କରିବା ସହିତ ସେମାନଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ନଗର ସଭାପତି ଉପେନ୍ଦ୍ର ବେହେରା, ଜିଲ୍ଲା ସାଧାରଣ ସମ୍ପାଦକ ଯଶୋଦା ନନ୍ଦନ ସିଂହ, ଜିଲ୍ଲା ସମ୍ପାଦକ ରାହାସ ବିହାରୀ ମହାପାତ୍ର, ବ୍ଲକ ଉପସଭାପତି ଜୟନ୍ତ ଦାସ, ବ୍ଲକ ଉପସଭାପତି ସୁରେନ୍ଦ୍ର ଦାସ, ବ୍ଲକ ଉପସଭାପତି ପିତାମ୍ବର ମିଶ୍ର, ଔପଦା ବ୍ଲକ ଉପସଭାପତି ବାସୁଦେବ ପାତ୍ର, ଡି.ଏନ.ପୁର ପ୍ରାକ୍ତନ ସରପଞ୍ଚ ବିଦ୍ୟାଧର ମହାନ୍ତି, ଆରବନ୍ଧ ପ୍ରାକ୍ତନ ସରପଞ୍ଚ ଧୀରେନ୍ଦ୍ର ନାୟକ, ଅନୁସୂଚିତ ଜନ ଜାତି ବ୍ଲକ ସଭାପତି ପ୍ରସନ୍ନ ପାତ୍ର, ଅଦ୍ୟୈତ ନାୟକ ରତ୍ନାକର ମାଝୀ, ବ୍ରଜମୋହନ ପୃଷ୍ଟି, ଆରବନ୍ଧ ପଂଚାୟତ ସଭାପତି ସୂର୍ଯ୍ୟ କୁମାର ବେହେରା ଓ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

# ଛାତ୍ରଛାତ୍ରୀଙ୍କ ସ୍ୱରକୁ ଦମନ ବିରୋଧରେ କଂଗ୍ରେସର ପ୍ରତିବାଦ ସଭା

**ଜଳେଶ୍ୱର, ୨୫।୭ (ସମିସ):** ସର୍ବଭାରତୀୟ କଂଗ୍ରେସ କମିଟିର ଆହ୍ୱାନ କ୍ରମେ ଏବଂ ଓଡିଶା ପ୍ରଦେଶ କଂଗ୍ରେସ କମିଟିର ନିଷ୍ପତ୍ତି ଅନୁଯାୟୀ ରାଜ୍ୟରେ ବର୍ତମାନ ସୃଷ୍ଟି ହୋଇଥିବା ଜନବିରୋଧୀ ପରିସ୍ଥିତି ତଥା ପ୍ରଧାନମନ୍ତ୍ରୀଙ୍କ ବାସ ଭବନ ସମ୍ମୁଖରେ ଧାରଣାରତ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ପ୍ରୀୟଙ୍କା ଗାନ୍ଧୀଙ୍କ ସମେତ ବରିଷ୍ଠ କଂଗ୍ରେସ ନେତାଙ୍କୁ ପୋଲିସ ଉଠାଇନେବା ପ୍ରତିବାଦରେ ଆଜି ସନ୍ଧ୍ୟାରେ ବଡବଜାର ଛକ ନିକଟରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା, ଛାତ୍ରଛାତ୍ରୀଙ୍କ ଉପରେ ଦମନଲୀଳା କରିଥିବା ପୋଲିସ ଉପରେ କାର୍ଯ୍ୟାନୁଷ୍ଠାନ, ଛାତ୍ରଛାତ୍ରୀଙ୍କୁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିବାକୁ ଏହି ପ୍ରତିବାଦ ସଭାରେ ଦାବି କରାଯାଇଥିଲା। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ସାହା, ଉଚ୍ଚ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଓଡିଶା ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏହି ପ୍ରତିବାଦ ସଭା ଜଳେଶ୍ୱର ବ୍ଲକ କଂଗ୍ରେସ କମିଟି ସଭାପତି ହେମନ୍ତ ଗିରି ଏବଂ ଜଳେଶ୍ୱର ନଗର କଂଗ୍ରେସ କମିଟି ସଭାପତି ଜଗଦୀଶ ଚନ୍ଦ୍ର ନନ୍ଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ସୁଦାମ ଚରଣ ପାତ୍ର, ଦୁର୍ଗାଚରଣ ଆଶ, ସୌଭିକ ଜେନା, ସୁଶାନ୍ତ ସେଠୀ, ପଦ୍ମଲୋଚନ ବେହେରା, ନରେନ୍ଦ୍ର ରାଉତ, ଗତିକୃଷ୍ଣ ଦଲାଇ ପ୍ରମୁଖଙ୍କ ସହିତ ବହୁ କଂଗ୍ରେସ ନେତୃତ୍ୱ ଓ କର୍ମୀ ଉପସ୍ଥିତ ଥିଲେ।



# ଲଗାଣ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ

**କାଳିପଦା, ୨୫।୭ (ସମିସ):** ଗଲା ତିନି ଦିନ ହେବ ଲଗାଣ ବର୍ଷା ଯୋଗୁଁ ବାଲିଆପାଳ ବ୍ଲକ ସମେତ ଗ୍ରାମାଞ୍ଚଳରେ ଜନ ଜୀବନ ଅସ୍ତ ବ୍ୟସ୍ତ ହୋଇପଡିଛି। ଲୋକେ ବର୍ଷା ଯୋଗୁଁ ଘରୁ ବାହାରି ପାରୁ ନାହାଁନ୍ତି। ଗୃହପାଳିତ ପଶୁ ପକ୍ଷୀଙ୍କ ଦୁର୍ଦ୍ଦଶା କହିଲେ ନ ସରେ। ରାସ୍ତା, ବଜାର ସବୁଠି କାଦ ପଚ ପଚ। ଦୈନିକ ପାରିବା ଓ ମାଛ ମାର୍କେଟ ଗୁଡିକରେ ଏତେ କାଦୁଅ ହୋଇଛି ଯେ ସଉଦା ଓ ମାଛ କିଣିବା କଷ୍ଟକର ହୋଇଛି। ଡିପ ଜମିକୁ ଛାଡିଦେଲେ ଅନ୍ୟ ସବୁ ଜମିରେ ପାଣି ବନ୍ୟା ଭ୍ରମ ସୃଷ୍ଟି କରିଛି। ଚାଷୀଙ୍କ ପାରିବା ଚାଷ ସମ୍ପୂର୍ଣ୍ଣ ଉଜୁଡି ଯାଇଛି କହିଲେ ଚଳେ। ଧାନ ତଳି ମଧ୍ୟ ବର୍ଷା ପାଣିରେ ବୁଡି ରହିଛି। ଅନେକ ସ୍ଥାନରେ ବିଦ୍ୟୁତ ସରବରାହ ବନ୍ଦ ରହିଛି। ଫଳରେ ଲୋକେ ରାତି ତମାମ ଅନ୍ଧାରରେ ରହିଛନ୍ତି। ଆଜି କେବଳ ବାଲିଆପାଳରେ ତିନି ମିଲି ମିଟର ବର୍ଷା ହୋଇ ଥିବା ରେକର୍ଡ କରାଯାଇଛି। ସୁବର୍ଣ୍ଣ ରେଖା ନଦୀରେ ଜଳସ୍ତର ସାମାନ୍ୟ ଥିବା ଜଣା ଯାଇଛି। ବଙ୍ଗୋପ ସାଗରରେ ଏବେ ଅଧିକ ଜ୍ୱାର ଥିବାରୁ ଥିବାରୁ ମତ୍ସ୍ୟଜୀବୀମାନଙ୍କୁ ଗଭୀର ସମୁଦ୍ରକୁ ଯିବାକୁ ମନା କରାଯାଇଛି। ତେବେ ନଦୀର ଉପର ମୁଣ୍ଡରେ ବର୍ଷା ଅଧିକ ହେଲେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି।

# ବିଦ୍ୟାଳୟରେ ରକ୍ତଦାନ ଶିବିର

**ବାଲେଶ୍ୱର,୨୫।୭ (ସମିସ):** ପବିତ୍ର ବାହୁଡ଼ା ଯାତ୍ରା ଅବସରରେ ବାଲେଶ୍ୱର ସହର ଉପକଣ୍ଠ ବାସନ୍ତୀ ଲତା ଏଜୁକେସନାଲ ଓ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଏକ ରକ୍ତଦାନ ଶିବିର ସମଲପୁର ହେଲୋ କିଡଜି ସାଇ କ୍ରିଷ୍ଣା ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରୋଟାରୀ କ୍ଲବ ସହଯୋଗରେ ଆୟୋଜିତ ଶିବିରକୁ ବାସନ୍ତିଲତା ଦାଶ ଉଦଘାଟନ କରିଥିଲେ। ରକ୍ତ କେନ୍ଦ୍ରର ଅଧିକାରୀ ଡାକ୍ତର ବସନ୍ତ କୁମାର ଉପାଧ୍ୟାୟ, ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ଗଣେଶ ମହାପାତ୍ର, ଜିଲ୍ଲା ରକ୍ତଦାତା ସଂଘର ସାଧାରଣ ସମ୍ପାଦକ ଇଂ ହୃଷୀକେଶ ସାହୁ, ଅଫିସ୍ ସମ୍ପାଦକ କାର୍ଯ୍ୟାଳୟ ଦେବାଶିଷ ପାଣି, ସମାଜସେବୀ ତଥା ଆଇନଜୀବୀ ସାହିରୁଲ୍ ହକ୍, ବାଲେଶ୍ୱର ବିଜେପି ଯୁବ ମୋର୍ଚ୍ଚା ସଭାପତି ନାରାୟଣ ମହନ୍ତ, କାଉନସିଲର ସତ୍ୟ ଶିବ ସୁନ୍ଦର ଦାଶ, ରାଜକିଶୋର ମିଶ୍ର, ରୋଟାରୀ କ୍ଲବ ବାଲେଶ୍ୱର ଅନ ସି ସଭାପତି ଚିରଞ୍ଜିବୀ ରାୟ , ସମ୍ପାଦକ ନିଖିଲ ଖଣ୍ଡେୱାଲ୍ ଅତିଥି ଭାବେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ବାଲେଶ୍ୱର ରକ୍ତ କେନ୍ଦ୍ରର କର୍ମଚାରୀମାନେ ଶିବିରରେ ରକ୍ତ ସଂଗ୍ରହ କରିଥିଲେ। ଟ୍ରଷ୍ଟର ଅଧ୍ୟକ୍ଷ ଇଂ ଜିତେନ୍ଦ୍ର କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରୁ ୯୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା।

# ସରକାରୀ କାର୍ଯ୍ୟାଳୟ ପାଚେରୀ ପାଲଟିଛି ଖୋଲା ଶୌଚାଳୟ

**ବାଲେଶ୍ୱର,୨୫।୭ (ସମିସ):** ପ୍ରତିଦିନ ଶହ ଶହ ଲୋକ ସେଇ ରାସ୍ତା ଦେଇ ଯାତାୟତ କରନ୍ତି। ହେଲେ ସେଇ ରାସ୍ତା ଦେଇ ଥିବାବେଳେ ନାକରେ ରୁମାଲ ନ ହେଲେ କପଡା ନଦେଲେ ଯିବା ଅସମ୍ଭବ। ସବୁଠୁ ବ୍ୟସ୍ତବହୁଳ ରାସ୍ତାର ଅବସ୍ଥା ଦୀର୍ଘ ବର୍ଷ ଧରି ରହିଛି। କାହିଁକିନା ଏଠାରେ ଲୋକେ ଖୋଲାଖୋଲି ଭାବେ ପରିସ୍ରା କରୁଛନ୍ତି। ଜିଲ୍ଲାର ସଦର ମହକୁମାରେ ସବୁଠାରୁ ବ୍ୟସ୍ତବହୁଳ ପ୍ରଶାସନିକ କେନ୍ଦ୍ର ଏବେ ଅସ୍ୱାସ୍ଥ୍ୟକର ପରିବେଶର ପରିଣତ ହୋଇଛି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ଜିଲ୍ଲା ପଞ୍ଚାୟତ ଅଫିସ (ଡିପିଓ)ଠାରୁ ଆରମ୍ଭ କରି ଜିଲ୍ଲା ମୁଖ୍ୟ ଆୟୁର୍ବେଦିକ ଅଧିକାରୀଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ। ଏହି ପାଖ ସରକାରୀ ପାଚେରୀଗୁଡ଼ିକ ଦିନ ଦ୍ୱିପ୍ରହରେ ଖୋଲା ଶୌଚାଳୟରେ ପରିଣତ ହୋଇଛି। ନୂଆବଜାର, କଚେରୀ ଏବଂ ଆଖପାଖ ଅଞ୍ଚଳରୁ ଆସୁଥିବା ଲୋକେ ଏଠାରେ ଖୋଲାରେ ପରିସ୍ରା କରୁଥିବା ଦେଖିବାକୁ ମିଳୁଛି। ଫଳରେ ଏହି ଅଞ୍ଚଳରେ ଅସହ୍ୟ ଦୁର୍ଗନ୍ଧ ସୃଷ୍ଟି ହୋଇଛି। ଅଫିସ ଆସୁଥିବା ସାଧାରଣ ଜନତା ଓ କର୍ମଚାରୀମାନେ ଚରମ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୂଚନାଯୋଗ୍ୟ, ଜିଲ୍ଲା ପଞ୍ଚାୟତ ଅଫିସ (ଡିପିଓ)ଠାରୁ ଆରମ୍ଭ କରି ଜିଲ୍ଲା ମୁଖ୍ୟ ଆୟୁର୍ବେଦିକ ଅଧିକାରୀଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏହି ପ୍ରଶାସନିକ ଅଞ୍ଚଳରେ ଜିଲ୍ଲାପାଳ ଓ ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ତହସିଲ ଅଫିସ, ଜିଲ୍ଲା ଯୋଜନା ବୋର୍ଡ, ଅବକାରୀ ବିଭାଗ, ସଦଭାବନା ଗୃହ, ସ୍ଥାନୀୟ କୋର୍ଟ ଏବଂ ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ରହିଛି। ପ୍ରତିଦିନ ହଜାର ହଜାର ମହିଳା, ବରିଷ୍ଠ ନାଗରିକ ଏବଂ ଆୟୁର୍ବେଦିକ ଚିକିତ୍ସାଳୟକୁ ଆସୁଥିବା ରୋଗୀ ଏହି ରାସ୍ତା ଦେଇ ଯାଆନ୍ତି। ମାତ୍ର କ୍ରମାଗତ ପରିସ୍ରା ଯୋଗୁଁ ସୃଷ୍ଟି ହୋଇଥିବା ଦୁର୍ଗନ୍ଧ ପାଇଁ ନାକରେ ରୁମାଲ ନ ଦେଇ ଠିଆ ହେବା ବା ଯାତାୟତ କରିବା କଷ୍ଟକର ହୋଇପଡ଼ିଛି। ବର୍ଷା ଦିନେ ସ୍ଥିତି ଆହୁରି ସଙ୍ଗୀନ ହୋଇଯାଉଛି। ଆୟୁର୍ବେଦିକ ଅଫିସ ନିକଟରେ ନାକ ନ ବନ୍ଦ କରି ଠିଆ ହେବା ମଧ୍ୟ ଅସମ୍ଭବ ବୋଲି ଜଣେ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ସମସ୍ୟାର ମୁଖ୍ୟ କାରଣ ଭାବେ ଲୋକଙ୍କ ମଧ୍ୟରେ ନାଗରିକ ଦାୟିତ୍ୱ ବୋଧର ଅଭାବ ଏବଂ ଏହି ବ୍ୟସ୍ତବହୁଳ ଅଞ୍ଚଳରେ ଗୋଟିଏ ବି ଜନସାଧାରଣ ଶୌଚାଳୟ ନଥିବା ବୋଲି କରାଯାଇଛି। ଯେଉଁ ଅଫିସଗୁଡ଼ିକ ଜିଲ୍ଲାର ଶାସନ ଓ ଜନସ୍ୱାସ୍ଥ୍ୟ ଦାୟିତ୍ୱ ନିର୍ବାହ କରନ୍ତି, ତାଙ୍କ ଆଗରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବାରୁ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହି ସମସ୍ୟାର ସମାଧାନ ପାଇଁ ସଚେତନ ନାଗରିକ ଓ କର୍ମଚାରୀମାନେ ପୌର ପ୍ରଶାସନ ଏବଂ ଜିଲ୍ଲା କର୍ତ୍ତୃପକ୍ଷଙ୍କ ନିକଟରେ ୪ ଦଫା ଦାବି ରଖିଛନ୍ତି। ସେଗୁଡ଼ିକ ହେଲା ତୁରନ୍ତ ସାର୍ବଜନୀନ ଶୌଚାଳୟ ବା ଇ-ଟଏଲେଟ୍ ନିର୍ମାଣ, ଖୋଲାରେ ପରିସ୍ରା କରୁଥିବାଙ୍କ ଉପରେ କଡ଼ା ଜରିମାନା ଓ ଆଇନଗତ କାର୍ଯ୍ୟାନୁଷ୍ଠାନ, ସରକାରୀ ପାଚେରୀର ସୌନ୍ଦର୍ଯ୍ୟକରଣ ଏବଂ ସ୍ୱଚ୍ଛତା ଅଭିଯାନକୁ କାଗଜରୁ ବାହାରକୁ ଆଣି ପ୍ରକୃତ କାର୍ଯ୍ୟାନ୍ୱୟନ କରିବା ଇତ୍ୟାଦି। ପ୍ରଶାସନ ପକ୍ଷରୁ ତୁରନ୍ତ ପଦକ୍ଷେପ ନ ନିଆଗଲେ ସହର ସ୍ୱଚ୍ଛତା କେବଳ ଫାଇଲରେ ସୀମିତ ରହିଯିବ ବୋଲି ସ୍ଥାନୀୟ ଲୋକେ ମତପ୍ରକାଶ କରିଛନ୍ତି।

# ଗାଁ ଶ୍ମଶାନ ସଫେଇ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ



**ବାଲେଶ୍ୱର,୨୫।୭ (ସମିସ) :** ସୁଏଲପୁରସ୍ଥିତ ବାରିକ ଭାଇ ସେବା ସଂଘ ପକ୍ଷରୁ ଦୀର୍ଘ ଦିନରୁ ଅପରିଷ୍କାର ହୋଇ ପଡିରହିଥିବା ଗୋପାଳଗାଁ ଶ୍ମଶାନକୁ ସଫେଇ କରିବା ସହିତ ପରିବେଶକୁ ସୁସ୍ଥ ଓ ନିରୋଗ ରଖିବା ସହ ପ୍ରଦୂଷଣ ମୁକ୍ତ କରିବାର ମହତ ଉଦ୍ଦେଶ୍ୟ ନେଇ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ରମାକାନ୍ତ ବେଜଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ସନ୍ତୋଷ ବାରିକ, କୋଷାଧ୍ୟକ୍ଷ ଯୋଗେଶ୍ୱର ବାରିକ, ଉପସଭାପତି କାଶୀନାଥ ବାରିକ, ସଦସ୍ୟ ମନୋଜ ବାରିକ, ଜୟନ୍ତ ବାରିକ, ଅନିଲ ବାରିକ, ମହେଶ୍ୱର ବେଜ, ବୁଲୁ ବାରିକ, ରଞ୍ଜିତା ବେଜ, ଜୟନ୍ତୀ ବାରିକଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ ପ୍ରଦାନ କରିଥିଲେ।

# ସାମ୍ବାଦିକ କୃପାସିନ୍ଧୁ ପଣ୍ଡାଙ୍କ ଶ୍ରଦ୍ଧାଞ୍ଜଳି ସଭା




**କାଳିପଦା, ୨୫।୭ (ସମିସ):** ବାଲିଆପାଳ ବ୍ଲକ ସୁବର୍ଣ୍ଣ ରେଖା ପ୍ରେସ କ୍ଲବର ସଭାପତି ସାମ୍ବାଦିକ କୃପାସିନ୍ଧୁ ପଣ୍ଡାଙ୍କ ଶ୍ରଦ୍ଧାଞ୍ଜଳି ସଭା ଶୁକ୍ରବାର ସିମୁଳିଆ ମାର୍କେଟ ରାଜା ରାଣୀ ଛକ ନିକଟ ଶ୍ରୀହରି ମଣ୍ଡଳଙ୍କ ଟେଷ୍ଟ ଅଫ ଓଡିଶା ହୋଟେଲ ସଭା ଗୃହରେ ଅନୁଷ୍ଠିତ ହୋଇ ଯାଇଛି। ପ୍ରେସ୍ କ୍ଲବ ଆବାହକ ଡ. ସୁକାନ୍ତ କୁମାର ଗିରିଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସଭାରେ କ୍ଲବର ମାର୍ଗ ଦର୍ଶକ ମନ୍ମଥ କୁମାର ସାହୁ, କବି କଥାକାର ବିଜୟ କୁମାର ପାତ୍ର, ଡି ଏସ ଟିଭି ଚେନାଲ ମୁଖ୍ୟ ସଦାଶିବ ସେଠୀ, ଉତ୍କଳ ସମ୍ମିଳନୀ ବାଲିଆପାଳ ଶାଖା ସମ୍ପାଦକ ସନ୍ୟାସୀ ବେହେରା, ସାମ୍ବାଦିକ ବୀର ମାଧବ ଦାସ, ଶ୍ରୀହରି ମଣ୍ଡଳ, ହରେକୃଷ୍ଣ ତ୍ରିପାଠୀ, ସାମ୍ବାଦିକା ରମିତା ବିଶ୍ୱାଳ, କ୍ଷୀତିଶ କୁମାର ଜେନା ପ୍ରମୁଖ ଯୋଗ ଦେଇ ସାମ୍ବାଦିକ ପଣ୍ଡାଙ୍କ କର୍ମମୟ ଜୀବନ ସମ୍ପର୍କରେ ଆଲୋଚନା କରିଥିଲେ। ସେ ବାଲିଆପାଳ ସୁବର୍ଣ୍ଣ ରେଖା ପ୍ରେସ କ୍ଲବର ସଭାପତି ରହିବା ସହିତ ଜିଲ୍ଲା ସ୍ତରୀୟ ସାମ୍ବାଦିକ ସଂଗଠନ ସହିତ ସମ୍ପୃକ୍ତ ଥିଲେ। ତାଙ୍କ ସରଳ ଜୀବନ ଯାପନ ଓ ଅମାୟିକ ବ୍ୟବହାର ସମସ୍ତଙ୍କୁ ଆପଣାର କରିଥିଲା ବୋଲି ମଧ୍ୟ ଆଲୋଚନା ହୋଇଥିଲା। ପ୍ରାରମ୍ଭରେ ଦିବଂଗତ ଆତ୍ମାର ସଦଗତି ପାଇଁ ଦୁଇ ମିନିଟ ନିରବ ପ୍ରାଥନା କରାଯାଇଥିଲା।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ହେନ୍ତାଳବଣ ଦିବସ ପାଳିତ

**ବାଲେଶ୍ୱର,୨୫।୭ (ସମିସ)**



ଫକୀରମୋହନ ବିଶ୍ୱବିଦ୍ୟାଳୟରେ ହେନ୍ତାଳ ବଣ ଗବେଷଣା କେନ୍ଦ୍ର ଏବଂ ସ୍ନାତକୋତ୍ତର ଉଦ୍ଭିଦ ବିଜ୍ଞାନ ବିଭାଗର ମିଳିତ ଆନୁକୂଲ୍ୟରେ ଗୁରୁବାର ବିଶ୍ୱ ହେନ୍ତାଳବଣଦିବସ ପାଳନ କରାଯାଇଥିଲା। ଏହି ଅବସରରେ ବିଶ୍ୱବିଦ୍ୟାଳୟରେ ହେନ୍ତାଳ ବଣ ଗବେଷଣା କେନ୍ଦ୍ରର ଶୁଭାରମ୍ଭ କରାଯାଇଛି। ଉପକୂଳ ଅଞ୍ଚଳର ହେନ୍ତାଳ ବଣ ସୁରକ୍ଷା, ଜୈବିବିଧତା ଦଲିଲୀକରଣ, ଅଣୁଜୀବ ସମ୍ବଳର ଅନୁସନ୍ଧାନ, ପରିବେଶ ପୁନରୁଦ୍ଧାର, ନୀଳ ଅଙ୍ଗାରକ ସଞ୍ଚୟ ପ୍ରଣାଳୀ, ଜଳବାୟୁ ପରିବର୍ତ୍ତନକୁ ସାମ୍ନା କରିବାର କ୍ଷମତା ବୃଦ୍ଧି, ଦକ୍ଷତା ବିକାଶ, ଜନସଚେତନତା ଏବଂ ଉପକୂଳ ଅଞ୍ଚଳର ସ୍ଥାୟୀ ପରିଚାଳନା ଆଦି ଦିଗରେ ଏହି କେନ୍ଦ୍ର କାର୍ଯ୍ୟ କରିବ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରି ଏହି କେନ୍ଦ୍ର ପୂର୍ବ ଭାରତରେ ହେନ୍ତାଳ ବଣ ଗବେଷଣାର ଏକ ଅଗ୍ରଣୀ ଅନୁଷ୍ଠାନ ଭାବେ ପରିଚିତ ହେବ ବୋଲି କହିଥିଲେ। ପରିବେଶ ବିଜ୍ଞାନ ବିଭାଗ ପ୍ରଫେସର ତଥା ହେନ୍ତାଳ ବଣ ଗବେଷଣା କେନ୍ଦ୍ର ସଂଯୋଜକ ପ୍ରଫେସର ରଣେନ୍ଦ୍ର କୁମାର ନାୟକ ବିଶିଷ୍ଟ ଅତିଥି ଉଦ୍ଭିଦ ବିଜ୍ଞାନ ବିଭାଗର ସହଯୋଗୀ ଅଧ୍ୟାପକ ତଥା କେନ୍ଦ୍ରର ପରାମର୍ଶଦାତା ପ୍ରଫେସର ଅନୀଲ କୁମାର ବିଶ୍ୱାଳ ଏବଂ ମୁଖ୍ୟ ବକ୍ତା ଭାବେ ଭାରତୀୟ ଉଦ୍ଭିଦ ସର୍ବେକ୍ଷଣ ସଂସ୍ଥାର ବୈଜ୍ଞାନିକ ଡ଼କ୍ଟର ସୀତାରାମ ପ୍ରସାଦ ପଣ୍ଡା ହେନ୍ତାଳ ବଣରେ ଥିବା ଉଦ୍ଭିଦର ବିବିଧତା, ପରିବେଶଗତ ଗୁରୁତ୍ୱ ଓ ସଂରକ୍ଷଣ ସମ୍ପର୍କରେ ଆଲୋଚନା କରି ବୈଜ୍ଞାନିକ ଦଲିଲୀକରଣ ଏବଂ ବାସ୍ଥଳୀର ପୁନରୁଦ୍ଧାର ଉପରେ ଗୁରୁତ୍ୱ ଦେଇଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା ସ୍ୱାଗତ ଭାଷଣ ଦେଇଥିବାବେଳେ ସ୍ନାତକୋତ୍ତର ଉଦ୍ଭିଦ ବିଜ୍ଞାନ ବିଭାଗର ସଂଯୋଜକ ତଥା ହେନ୍ତାଳ ବଣ ଗବେଷଣା କେନ୍ଦ୍ରର ମୁଖ୍ୟ ଗବେଷକ ଡ଼କ୍ଟର ମିହିର ତନୟ ଦାସ ଅତିଥି ପରିଚୟ ପ୍ରଦାନ କରି ବିଶ୍ୱ ହେନ୍ତାଳ ବଣ ଦିବସର ମହତ୍ତ୍ୱ ସମ୍ପର୍କରେ ମତ ରଖିଥିଲେ। ଏହି ଅବସରରେ ପ୍ରବନ୍ଧ ଲେଖନ ଓ ମୌଖିକ ଉପସ୍ଥାପନା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ହେନ୍ତାଳ ବଣ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ଅତିଥି ଓ ସହଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡ଼କ୍ଟର ରାଜଶ୍ରୀ ଦାସ ଓ ଡ. କରିସ୍ମା ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଡ. ବିଶ୍ୱଜିତ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବିବାହ ଉତ୍ସବରେ ଗଣ୍ଡଗୋଳ, ୩ ଆହତ

**ସିମୁଳିଆ, ୨୫।୭ (ସମିସ) :** ବିବାହ ଉତ୍ସବ ଚାଲିଥିବା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗଣ୍ଡଗୋଳ ଘଟି ତିନି ଜଣ ଆହତ ହୋଇଛନ୍ତି। ସିମୁଳିଆ ଥାନା ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଶ୍ୟାମସୁନ୍ଦରପୁର ଗ୍ରାମର ଗଣେଶ ପ୍ରସାଦ ଦାସଙ୍କ ପୁଅ ବୃନ୍ଦାବନ ଦାସ ସିମୁଳିଆ ଥାନାରେ ଅଭିଯୋଗ ଅନୁଯାୟୀ ବଡ଼ ଭାଇ ଭଗବାନ ଦାସଙ୍କ ବିବାହ ଉତ୍ସବ ଚାଲିଥିବା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସେହି ଗ୍ରାମର ନିତ୍ୟାନନ୍ଦ ଦାସଙ୍କ ପୁଅ ବନମାଳୀ ଦାସ ସେଠାକୁ ଆସି ଭଗବାନକୁ ଅତର୍କିତ ଭାବେ ଏକ ଲୁହା ରଡରେ ଆକ୍ରମଣ କରିଥିଲେ। ଭାଇକୁ ବଞ୍ଚାଇବାକୁ ଯାଇ ସାନ ଭାଇ ବୃନ୍ଦାବନ ଓ ଭଉଣୀ ଜୟନ୍ତୀ ଲତା ଦାସ ଆକ୍ରମଣର ଶିକାର ହୋଇ ଲହୁ ଲୁହାଣ ହୋଇଥିଲେ । ଆହତ ଅବସ୍ଥାରେ ତିନି ଜଣ ସିମୁଳିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଥିଲା । ଭଗବାନ ବେହେରାଙ୍କ ବେକରୁ ଦୁଇଟି ସୁନାଚେନ ଯାହାର ଆନୁମାନିକ ମୂଲ୍ୟ ତିନି ଲକ୍ଷ ଟଙ୍କା ଓ ଭଉଣୀ ଜୟନ୍ତୀ ଲତାର ସୁନା କାନ ଫୁଲ ଏକ ହଳ ଯାହାର ମୂଲ୍ୟ ୪୦ହଜାର ଟଙ୍କା ଛିଣ୍ଡାଇ ନେଇଥିଲେ। ଅଭିଯୋଗ ପାଇ ସିମୁଳିଆ ପୁଲିସ ଘଟଣାର ତଦନ୍ତ କରୁଥିବା ଜଣାଯାଇଛି।

### ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ବାହୁଡ଼ା ଯାତ୍ରା

# ସିଂହଦ୍ୱାର ଆଗରେ ନନ୍ଦିଘୋଷ, ଅଧାବାଟରେ ଦର୍ପଦଳନ

ବାରିପଦା, ୨୫।୭ (ସମିସ)

ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ଆରମ୍ଭ ହୋଇଛି। ପରମ୍ପରା ଅନୁଯାୟୀ ଶ୍ରୀକ୍ଷେତ୍ର ପୁରୀ ବାହୁଡ଼ା ଯାତ୍ରାର ପର ଦୁଇଦିନ ଧରି ବାରିପଦାରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହେଉଥିବାବେଳେ ପ୍ରଥମ ଦିନରେ ମହାପ୍ରଭୁଙ୍କ ନନ୍ଦିଘୋଷ ଶ୍ରୀମନ୍ଦିରର ସିଂହଦ୍ୱାରା ସମ୍ମୁଖରେ ପହଞ୍ଚିଛି। ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ପୂର୍ବ ବର୍ଷମାନଙ୍କ ଭଳି ଟାଉନ ଥାନା ସମ୍ମୁଖରେ ପହଞ୍ଚିଛି। ତେବେ ପରମ୍ପରା ଅନୁଯାୟୀ ଅଧାବାଟରେ ଅଟକିଥିବା ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ଆସନ୍ତାକାଲି ସିଂହଦ୍ୱାରରେ ପହଞ୍ଚିବା ପରେ ବଡ଼ଭାଇ ବଳଭଦ୍ରଙ୍କ ତାଳଧ୍ୱଜ ରଥ ଟଣାଯିବ।

ଶୁକ୍ରବାର ପହଣ୍ଡି ପରେ ଦିଅଁଙ୍କୁ ରଥାରୂଢ଼ କରାଯାଇଥିଲା। ଶନିବାର ହରି ଶୟନ ଏକାଦଶୀ ପାଇଁ ସକାଳେ ରଥାରୂଢ଼ ଦିଅଁଙ୍କ ଦର୍ଶନ ପାଇଁ ଭକ୍ତଙ୍କ ଗହଳି ଲାଗିଥିଲା। ଅପରାହ୍ଣରେ ସମସ୍ତ ନୀତି ସମ୍ପନ୍ନ ପରେ ମହାପ୍ରଭୁ ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଟଣା ଆରମ୍ଭ ହୋଇଥିଲା। ଭକ୍ତମାନେ ରଥକୁ ଟାଣି ଟାଣି ନେଇ ଶ୍ରୀମନ୍ଦିରରେ ପହଞ୍ଚାଇଥିଲେ। ଅନୁକୂଳ ପାଗ ଓ ଛୁଟିଦିନ ହେତୁ ରଥ ଟାଣିବା ପାଇଁ ବଡଦାଣ୍ଡରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ନନ୍ଦିଘୋଷ ଶ୍ରୀମନ୍ଦିର ପହଞ୍ଚିବା ପରେ ଦେବୀ ସୁଭଦ୍ରାଙ୍କ ଦେବଦଳନ ରଥ ଟାଣିଥିଲେ। ପରମ୍ପରା ଅନୁଯାୟୀ ଦେବୀ ସୁଭଦ୍ରାଙ୍କ ରଥ କେବଳ ମହିଳାଙ୍କ ଦ୍ୱାରା ଟଣାଯାଉଥିବାରୁ ରାଜ୍ୟ ବାହାରୁ ଓ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ୫୦ ହଜାରରୁ ଉର୍ଦ୍ଧ୍ୱ ମହିଳା ସୁଭଦ୍ରାଙ୍କ ରଥକୁ ଶଙ୍ଖ, ହୁଳୁହୁଳି ଓ ହରିବୋଲ ଧ୍ୱନି ଦେଇ ଟାଣି ସନ୍ଧ୍ୟାରେ ଟାଉନ ଥାନା ସମ୍ମୁଖରେ ପହଞ୍ଚାଇଥିଲେ।





## ଲକ୍ଷାଧିକ ଭକ୍ତଙ୍କ ସମାଗମ, ଆଜି ବାହୁଡ଼ିବେ ତାଳଧ୍ୱଜ

ଏହି ପ୍ରଥମ ଦିନ ବାହୁଡ଼ା ଯାତ୍ରା କାର୍ଯ୍ୟକ୍ରମରେ ଜିଲ୍ଲା ସଂସ୍କୃତି ତଥା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପୃଥକ ସ୍ଥାନରେ ଧାରା ବିବରଣୀ ପ୍ରଦାନ କରାଯାଇଥିବାବେଳେ ଜିଲ୍ଲାର ବହୁ ଆଧାତ୍ମିକ ଜ୍ଞାନୀଗୁଣି ବିବରଣୀ ପ୍ରଦାନ କରିଥିଲେ। ରଥ ଉପରୁ ଭାଗବତ ପଣ୍ଡା ଧାରା ବିବରଣୀ ପ୍ରଦାନ କରିଥିଲେ। ଭକ୍ତଙ୍କ ସମାଗମକୁ ଆଖିରେ ରଖି ଶାନ୍ତିଶୃଙ୍ଖଳା ରଖିବା ପାଇଁ ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା। ଏପରିକି ଖୋଦ ଜିଲ୍ଲାପାଳ ହେମକାନ୍ତ ସଏ, ପୁଲିସ ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ ଉପସ୍ଥିତ ରହି ରଥଟଣାକୁ ତଦାରଖ କରିଥିଲେ। ସେମାନଙ୍କ ସହିତ ଅତିରିକ୍ତ ଜିଲ୍ଲାପାଳ, ସଦର ଉପଜିଲ୍ଲାପାଳ, ୨ଜଣ ଅତିରିକ୍ତ ଏସପି, ୬ ଜଣ ଡିଏସପି, ୧୫ ଜଣ ଇନ୍ସପେକ୍ଟର, ୯୦ ଜଣ ସବଇନ୍ସପେକ୍ଟର ଓ ସହକାରୀ ସବଇନ୍ସପେକ୍ଟର ଓ ୩୦ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ଥିଲେ। ବଡ଼ଦାଣ୍ଡରେ ୨୪ଟି ସିସିଟିଭି ସୁରକ୍ଷା ପାଇଁ ଖଞ୍ଜାଯାଇଛି। ସହରର ସମସ୍ତ ପ୍ରବେଶ ଦ୍ୱାରରେ ଯାଞ୍ଚ ଶିବିରରେ ମୁତୟନ ପୁଲିସ ତଦାରଖ କରୁଛନ୍ତି। ଟ୍ରାଫିକ ସମସ୍ୟା ଏଡ଼ାଇବା ପାଇଁ ବଡ଼ଦାଣ୍ଡ ପଟେ ଯାନବାହନ ଚଳାଚଳକୁ ପରିବର୍ତ୍ତନ କରାଯାଇଛି। ରଥଟଣା ସମୟରେ ବିଭିନ୍ନ ଦଳର ରାଜନେତା ସାମିଲ ହୋଇ ରଥ ଟାଣିଥିଲେ।

ଅନ୍ୟପକ୍ଷରେ ପ୍ରଭୁ ଜଗନ୍ନାଥ ଶ୍ରୀମନ୍ଦିର ନିକଟରେ ପହଞ୍ଚିବା ପରେ ଶ୍ରୀହୀନ ହୋଇ ପଡ଼ିଥିବା ଶ୍ରୀମନ୍ଦିର ଚଳଚଞ୍ଚଳ ହୋଇପଡ଼ିଛି। ପରମ୍ପରା ମୁତାବକ ରବିବାର ପ୍ରଥମେ ମହିଳାଙ୍କ ଦ୍ୱାରା ଅଧାବାଟରେ ଥିବା ସୁଭଦ୍ରାଙ୍କ ରଥ ଟଣାଯାଇ ଶ୍ରୀମନ୍ଦିରରେ ପହଞ୍ଚାଇବା ପରେ ଆରମ୍ଭ ହେବ ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ରଥ ଟଣା। ଏହାପୂର୍ବରୁ ମହିଳାଙ୍କ ଉଦ୍ଦେଶ୍ୟରେ ଦର୍ପଦଳନରୁ ଶ୍ରଦ୍ଧା (ଗୁଡ଼) ଲଡୁ ଫିଙ୍ଗାଯିବାକୁ ଥିବାବେଳେ ରଥଟଣା ସମ୍ପନ୍ନ ପରେ ବଳଭଦ୍ରଙ୍କ ତାଳଧ୍ୱଜରୁ ସର୍ବସାଧାରଣଙ୍କୁ ଶ୍ରଦ୍ଧା (ଗୁଡ଼ ଲଡୁ) ଫିଙ୍ଗାଯିବ। ଏଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ଉଭୟ ରଥ ଶ୍ରୀମନ୍ଦିର ପହଞ୍ଚିବା ପରେ ଲକ୍ଷ୍ମୀଭେଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପରେ ଗୋଟି ପହଣ୍ଡିରେ ରତ୍ନ ସିଂହାସନକୁ ଦିଅଁମାନେ ବିଜେ କରିବେ। ସେହିପରି ସାନ ଜଗନ୍ନାଥଙ୍କ ରଥକୁ ରବିବାର ପୂର୍ବାହ୍ନରେ ପିଲାମାନେ ଟାଣି ମନ୍ଦିରରେ ପହଞ୍ଚାଇବା କାର୍ଯ୍ୟକ୍ରମ ରହିଛି।

# ଲଘୁଚାପ ପ୍ରଭାବ: ୩ ଦିନ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା

ଚନ୍ଦନେଶ୍ୱର, ୨୫।୭ (ସମିସ)



ଭାରତୀୟ ପାଣିପାଗ ବିଭାଗର ସୂଚନା ଏବଂ ମତ୍ସ୍ୟ ବିଭାଗ, ଓଡ଼ିଶାଙ୍କ ନିର୍ଦ୍ଦେଶକ୍ରମେ ଜୁଲାଇ ୨୫ରୁ ୨୭ ତାରିଖ ପର୍ଯ୍ୟନ୍ତ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପର ପ୍ରଭାବରେ ପ୍ରବଳ ବର୍ଷା, ଘଡ଼ଘଡ଼ି, ପବନ ସହ ଉଚ୍ଚ ଜୁଆର ହେବାର ସମ୍ଭାବନା ଥିବାରୁ ସମସ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ମାଛ ଧରିବା ପାଇଁ ନ ଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାକୁ ଦୃଷ୍ଟିରେ ରଖି ମତ୍ସ୍ୟ ବିଭାଗ ପକ୍ଷରୁ ସମସ୍ତ ମତ୍ସ୍ୟଜୀବୀ, ଡଙ୍ଗା ମାଲିକ, ମତ୍ସ୍ୟଜୀବୀ ସମବାୟ ସମିତିର କର୍ମକର୍ତ୍ତା ଓ ସାଧାରଣ ଲୋକଙ୍କୁ ସତର୍କ କରାଯାଇଛି। ଏହି ସମୟରେ ନିଜ ନିଜର ଡଙ୍ଗା, ଜାଲ ଓ ମାଛଧରା ଉପକରଣଗୁଡ଼ିକୁ ସୁରକ୍ଷିତ ସ୍ଥାନରେ ରଖିବା ସହ ନିଜେ ମଧ୍ୟ ସୁରକ୍ଷିତ ସ୍ଥାନରେ ରହିବାକୁ ପରାମର୍ଶ ଦିଆଯାଇଛି। ସରକାରୀ ନିର୍ଦ୍ଦେଶକୁ ଅବମାନନା କଲେ ଆଇନ ଅନୁଯାୟୀ କଠୋର ଦଣ୍ଡାତ୍ମକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଭାଗ ସତର୍କ କରିଛି। ଧନ, ଜୀବନ ଓ ଜୀବିକାର ସୁରକ୍ଷା ପାଇଁ ଏହି ନିର୍ଦ୍ଦେଶକୁ କଡ଼ାକଡ଼ି ପାଳନ କରିବା ଅତ୍ୟନ୍ତ ଜରୁରୀ ବୋଲି କୁହାଯାଇଛି। ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଭୋଗରାଇର ପ୍ରମୁଖ ମତ୍ସ୍ୟ ଅବତରଣ କେନ୍ଦ୍ର ଉଦୟପୁର, ତାଳସାରୀ, ରଣସିଂହପୁର ଓ କୀର୍ତ୍ତନିଆରେ ମତ୍ସ୍ୟ ବିଭାଗ ପକ୍ଷରୁ ମତ୍ସ୍ୟଜୀବୀଙ୍କୁ ସଚେତନ କରାଯାଇଛି। ସମୁଦ୍ରକୁ ନ ଯିବା ସହ ସମସ୍ତ ସୁରକ୍ଷା ନିର୍ଦ୍ଦେଶ ପାଳନ କରିବାକୁ ସେମାନଙ୍କୁ ପରାମର୍ଶ ଦିଆଯାଇଛି। ଅନ୍ୟପକ୍ଷରେ, ପାଗ ଅନୁକୂଳ ହେବା ପରେ ସମୁଦ୍ରକୁ ଯିବା ପୂର୍ବରୁ ପ୍ରତ୍ୟେକ ଡଙ୍ଗାରେ ନିୟମ ଅନୁଯାୟୀ କଲର୍ କୋଡ଼ିଂ, ପଞ୍ଜୀକୃତ ନାମ ଓ ନମ୍ବର ସ୍ପଷ୍ଟ ଭାବେ ଲେଖିବା, ଡଙ୍ଗା ମାଲିକଙ୍କ ନାମ ଓ ଠିକଣା ଉଲ୍ଲେଖ କରିବା, ଭାରତୀୟ ଜାତୀୟ ପତାକା ଉତ୍ତୋଳନ କରିବା, ମତ୍ସ୍ୟଜୀବୀଙ୍କ ଆଧାର କାର୍ଡ ଏବଂ ଡଙ୍ଗାର ସମସ୍ତ କାଗଜପତ୍ର ସାଙ୍ଗରେ ରଖିବାକୁ କୁହାଯାଇଛି। ଏଥିସହ ସରକାର ପ୍ରଦତ୍ତ ଡାଟ୍ ମେସିନ୍, ଲାଇଫ୍ ଜ୍ୟାକେଟ୍ ଓ ଲାଇଫ୍ ବୟ ଆଦି ସୁରକ୍ଷା ସାମଗ୍ରୀ ନେଇ ସମୁଦ୍ରକୁ ଯିବାକୁ ପରାମର୍ଶ ଦିଆଯାଇଛି। ସମୁଦ୍ରରେ ଯେକୌଣସି ସମୟରେ ଅପ୍ରତ୍ୟାଶିତ ବିପଦ ସୃଷ୍ଟି ହୋଇପାରେ। ଏପରି ପରିସ୍ଥିତିରେ ଏହି ସୁରକ୍ଷା ସାମଗ୍ରୀ ଜୀବନ ରକ୍ଷାରେ ସହାୟକ ହୋଇଥାଏ। "ପ୍ରତ୍ୟେକ ଜୀବନ ମୂଲ୍ୟବାନ' ବୋଲି ଉଲ୍ଲେଖ କରି ଭାରପ୍ରାପ୍ତ ସହକାରୀ ମତ୍ସ୍ୟ ଅଧିକାରୀ (ସାମୁଦ୍ରିକ ସମ୍ପ୍ରସାରଣ) ଅନନ୍ତ କୁମାର ଜେନା କହିଛନ୍ତି ଯେ, ଧନ ଓ ଜୀବନ-ଜୀବିକାର ସୁରକ୍ଷା ପାଇଁ ମତ୍ସ୍ୟଜୀବୀମାନେ ବିଭାଗର ସମସ୍ତ ନିର୍ଦ୍ଦେଶକୁ ନିଶ୍ଚିତ ଭାବେ ପାଳନ କରନ୍ତୁ। ନିର୍ଦ୍ଦେଶ ଅବମାନନା କଲେ କଠୋର ଦଣ୍ଡାତ୍ମକ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି।

### କେନ୍ଦୁଝରରେ ଶ୍ରୀଶ୍ରୀ ବଳଦେବଜୀଉଙ୍କ ପବିତ୍ର ସୁନାବେଶ

# ଲାଗିହେଲା ୩୨ କିଲୋ ସୁନା, ୭୦ କେଜି ରୁପା ଅଳଙ୍କାର

କେନ୍ଦୁଝର, ୨୫।୭ (ସମିସ)



ବିଶ୍ୱର ସୁଉଚ୍ଚ ରଥ ମାନ୍ୟତା ପାଇଥିବା ନନ୍ଦିଘୋଷରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ପାରମ୍ପରିକ ପବିତ୍ର ସୁନାବେଶ ଅନୁଷ୍ଠିତ ହୋଇଛି। କେନ୍ଦୁଝରର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ଶ୍ରୀ ବଳଦେବଜୀଉ, ଶ୍ରୀ ବଳଭଦ୍ର ଏବଂ ମାତା ସୁଭଦ୍ରାଙ୍କ ପବିତ୍ର ସୁନାବେଶ ରଥରେ ଶନିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ହଜାର ହଜାର ଭକ୍ତ ରଥାରୂଢ଼ ଶ୍ରୀଜୀଉମାନଙ୍କର ସୁନାବେଶ ଦର୍ଶନ କରିବାର ଦୁର୍ଲ୍ଲଭ ସୁଯୋଗ ପାଇଥିଲେ। ଏହି ସୁନାବେଶକୁ ସୁଶୃଙ୍ଖଳିତ ଭାବରେ ସମାହିତ କରିବା ପାଇଁ ଜିଲ୍ଲା ପ୍ରଶାସନ, ପୁଲିସ ପ୍ରଶାସନ ଏବଂ ମନ୍ଦିର ପ୍ରଶାସନ ତରଫରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଥିଲା। ମଧ୍ୟାହ୍ନରୁ ଟ୍ରାଫିକ ବନ୍ଦୋବସ୍ତ କରାଯାଇ ଅପରାହ୍ନ ୩ଟାରେ ସୁନାବେଶ ପାଇଁ ଭକ୍ତମାନଙ୍କର ଅପେକ୍ଷାର ଅନ୍ତ ଘଟାଇ ଦର୍ଶନ ନିମନ୍ତେ ସୁଯୋଗ ପ୍ରଦାନ କରାଯାଇଥିଲା। ରଥ ଉପରକୁ କୌଣସି ଭକ୍ତ ଯିବାର ବ୍ୟବସ୍ଥା ନଥିବାବେଳେ ରଥ ଚାରିପଟେ କର୍ଡନ କରାଯାଇ ଦର୍ଶନ ପାଇଁ ସୁଯୋଗ ଦିଆଯାଇଥିଲା। ବଡପଣ୍ଡା ରାଜକିଶୋର ପଣ୍ଡା ଏବଂ ବ୍ରହ୍ମା ଗଙ୍ଗାଧର ମିଶ୍ର, ବରିଷ୍ଠ ପୂଜକ ସୁବ୍ରତ ତ୍ରିପାଠୀ, ସୁଜିତ ଦାଶ, ପଦ୍ମନାଭ ନନ୍ଦ, ସିଦ୍ଧେଶ୍ୱର ମିଶ୍ର ଓ ଜଗନ୍ନାଥ ପତି ପ୍ରମୁଖ ଶ୍ରୀଜୀଉମାନଙ୍କର ସୁନାବେଶ କରାଇଥିଲେ। ଦର୍ଶନ ସମୟରେ କେବଳ ପୂଜାପଣ୍ଡା ଓ ମାଜିଷ୍ଟ୍ରେଟ ଉପସ୍ଥିତ ଥିଲେ। ଦୀର୍ଘ ବର୍ଷ ପରେ ୨୦୦୮ ରୁ ଏହି ସୁନାବେଶ ଆରମ୍ଭ ହୋଇଥିବାବେଳେ ବଡ ଏକାଦଶୀ ଦିନ ରଥାରୂଢ଼ ତିନି ଠାକୁରଙ୍କ ସୁନାବେଶ ଅନୁଷ୍ଠିତ ହୋଇଥାଏ। କେନ୍ଦୁଝରର ରାଜନବର୍ଗଙ୍କ ପୃଷ୍ଠପୋଷକତାରେ ସୁନାବେଶ ଶ୍ରୀଜୀଉମାନଙ୍କର ଅନୁଷ୍ଠିତ ହେଉଥିବାବେଳେ ୧୯୭୧ରେ ଶେଷ ଥର ପାଇଁ ଅନୁଷ୍ଠିତ ହୋଇଥିଲା।


୨୦୦୮ ମସିହାରୁ ପୁଣି ଆଉଥରେ ଏହି ସୁନାବେଶ ପାଇଁ ଭାରତୀୟ ଷ୍ଟେଟ ବ୍ୟାଙ୍କ କେନ୍ଦୁଝର ଶାଖାର ଲକରରୁ ୧୬କେଜି ସୁନା ଓ ଟ୍ରେଜେରୀରୁ ୧୬ କିଲୋଗ୍ରାମ ସୁନା ଓ ୭୦କେଜି ରୁପା କଡା ସୁରକ୍ଷା ମଧ୍ୟରେ ବଡ ଦାଣ୍ଡକୁ ନିଆଯାଇ ଲାଗି କରାଯାଇଥିଲା। ଠାକୁରଙ୍କର ୬୩ ପ୍ରକାରର ସୁନା ଗହଣା ଥିବାବେଳେ ୧୮ ପ୍ରକାରର ଅଳଙ୍କାରରେ ପ୍ରଭୁଙ୍କୁ ଆଭୂଷିତ କରାଯାଇଛି। ବିଶେଷ କରି ଶ୍ରୀ ବଳଭଦ୍ରଙ୍କର ୧୪ଟି ପଥର ଥାଇ ସୁନା ମୁକୁଟ, ଶ୍ରୀ ଜଗନ୍ନାଥଙ୍କର ୧୨ଟି ପଥର ଥାଇ ସୁନା ମୁକୁଟ, ଦେବୀ ସୁଭଦ୍ରାଙ୍କର ୧୨ଟି ପଥର ଥାଇ ସୁନା ମୁକୁଟ, ପାଞ୍ଚଟି କିଆପଥର ଥାଇ ସୁନା କିରିଟି, ସୁନାର ମରିଚ ହାର, ସାତଟି ସୁନାର କିରିଟ ଓ ୫ଟି ସୁନାର କିରିଟ, ୧୬ଟି ଝରା ସହିତ ଜଗନ୍ନାଥ ଓ ବଳଭଦ୍ରଙ୍କ ସୁନାପେଟି, ୧୭ଟି ଝରା ସହିତ ସୁଭଦ୍ରାଙ୍କ ସୁନାପେଟି, ଦୁଇଯୋଡା ସୁନା କୁଣ୍ଡଳ, ୫୬ଟି ମୋହର ଓ ୭୦ଟି କଣ୍ଠି ଥାଇ ଗିରିଗୋଲର ହାର, ୫୧ଟି ରୁଦ୍ରାକ୍ଷ ଥାଇ ସୁନା ରୁଦ୍ରାକ୍ଷ ମାଳ, ୫ଟି କିଆପତ୍ର, ଏକଯୋଡା କୁଣ୍ଡଳ, ଗୋଟିଏ ରୁପା ମୁକୁଟ, ଚାରିଟି ରୁପା ହାତ, ଚାରିଟି ରୁପା ଗୋଡ ଓ ଚାରିଟି ରୁପା ପୟର ଆଦି ଅଳଙ୍କାର ପ୍ରଭୁଙ୍କୁ ବେଶ ସମୟରେ ସଜ୍ଜିତ କରାଯାଇଛି। ଉପଜିଲ୍ଲାପାଳ ତଥା ଦେବୋତ୍ତର ନିର୍ବାହୀ

### ରଥଦାଣ୍ଡରେ କଡ଼ା ସୁରକ୍ଷାର ବଳୟ

ଅଧିକାରୀ ଉମାଶଙ୍କର ଦଳାଇ, ବରିଷ୍ଠ ପୁଲିସ ଅଧିକାରୀ ସୁନାବେଶ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ ବିଗତବର୍ଷ ପରି ଚଳିତବର୍ଷ ମଧ୍ୟ ବଡଦାଣ୍ଡରେ ଥିବା ଶ୍ରୀ ଶ୍ରୀ ଗୋପାଳଜୀଉ ମଠ ଆନୁକୂଲ୍ୟରେ ରଥାରୂଢ଼ ଶ୍ରୀଜୀଉମାନଙ୍କୁ ୧୦ ହାଣ୍ଡି ରସଗୋଲା ଭୋଗ ରୀତିନୀତି ଅନୁଯାୟୀ ଲାଗି ହୋଇଥିଲା। ରଥବେଞ୍ଚ ତରଫରୁ ତାଟମନୋହର କର୍ପୁରକେଳି ଭୋଗ ବିତରଣ କରାଯାଇଥିଲା। ଭକ୍ତମାନଙ୍କର ସୁଶୃଙ୍ଖଳିତ ଦର୍ଶନକୁ ଆଖି ଆଗରେ ରଖି ରଥକୁ ଦର୍ଶକମାନଙ୍କୁ ଯିବାକୁ ବାରଣ କରାଯିବା ସହ ଚାରିପଟେ ବାରିକେଡିଂ କରାଯାଇ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରାଯାଇଥିଲା। ଏହି ସୁନାବେଶ ଦେଖିବା ପାଇଁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ଉଜ୍ଜ୍ୱଳ ଆଲୋକରେ ଶ୍ରୀଜୀଉଙ୍କର ସୁନାବେଶ ଉଦ୍‌ଭାସିତ ହୋଇଥିଲା।

# ଦୁର୍ଘଟଣାଗ୍ରସ୍ତ କାର୍‌ରୁ ମିଳିଲା ୩୦ କେଜି ଗଞ୍ଜେଇ


ପାଣିକୋଇଲି, ୨୫।୭ (ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ବ୍ରଜନଗର ଠାରେ ଶୁକ୍ରବାର ରାତ୍ରିରେ ଏକ କାର୍ ଷଣ୍ଢ ସହିତ ଧକ୍କା ହୋଇ ଦୁର୍ଘଟଣାର ଶିକାର ହୋଇଥିଲା।



ଦୁର୍ଘଟଣା ପରେ ଚାଳକ ସମେତ କାରରେ ଥିବା ଅନ୍ୟ ଦୁଇ ଜଣ ଫେରାର ହୋଇଯାଇଥିଲେ। ଘଟଣାସ୍ଥଳେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିବା ବେଳେ କାରରେ ଅବକାରୀ ଦ୍ରବ୍ୟ ଥିବା ଜାଣିବାକୁ ପାଇଥିଲା। କାର (ଓଡି୦୨କୟୁ ୩୫୩୪) ଜବତ କରି ଥାନାକୁ ଆଣିବା ପରେ ଆଜି ମାଜିଷ୍ଟ୍ରେଟ ତଥା ବ୍ୟାସନଗର ଅତିରିକ୍ତ ତହସିଲଦାର ପ୍ରଶାନ୍ତ କୁମାର ପୁହାଣଙ୍କ ଉପସ୍ଥିତିରେ କାରଟି ଖୋଲାଯାଇଥିଲା। କାର୍ ମଧ୍ୟରୁ ୩୦କେଜି ଗଞ୍ଜେଇ ଜବତ କରାଯାଇଥିଲା। ପାଣିକୋଇଲି ଥାନାଧିକାରୀ ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତ, କୁଆଖିଆ ଥାନାଧିକାରୀ ସୁଶାନ୍ତ କୁମାର ସେଠୀ, ତଦନ୍ତାଧିକାରୀ ସବଇନ୍ସପେକ୍ଟର ବିଶ୍ୱରଞ୍ଜନ ଦାସ, ପ୍ରଶାନ୍ତ କୁମାର ଦାଶ ଓ ସାକ୍ଷୀମାନଙ୍କ ଉପସ୍ଥିତିରେ ଏହା ଖୋଲାଯାଇ ଓଜନ କରାଯାଇଥିଲା। ଏନେଇ ଏକ ମାମଲା ୨୮୮/୨୬ ରୁଜୁ କରାଯିବା ସହିତ କାରଟିକୁ ଜବତ କରାଯାଇ ତଦନ୍ତ ଜାରିରହିଛି।

## ମଙ୍ଗଳା ମନ୍ଦିରରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟ୍

ରାଜଘାଟ, ୨୫।୭ (ସମିସ): ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅନ୍ତର୍ଗତ ବେଣ୍ଟପୁର ଗ୍ରାମସ୍ଥିତ ମା ମଙ୍ଗଳା ମନ୍ଦିରରେ ଚୋରି ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଦୁର୍ବୃତ୍ତମାନେ ମୌସୁମୀ ବର୍ଷାର ସୁଯୋଗ ନେଇ ଗତକାଲି ରାତିରେ ମନ୍ଦିରର ତାଲା ଭାଙ୍ଗି ଭିତରକୁ ପ୍ରବେଶ କରିଥିଲେ। ଚୋରମାନେ ମା'ଙ୍କର ମୁକୁଟ, ହାର, ବଳା, ପାଦୁକା ଏବଂ ଚକ୍ଷୁ ସମେତ ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟି ନେଇଥିବା ଅଭିଯୋଗ ହୋଇଛି। ଲୁଟ ଅଳଙ୍କାରର ଆନୁମାନିକ ମୂଲ୍ୟ ୫-୭ ଲକ୍ଷ ହେବ। ଆଜି ସକାଳେ ଗ୍ରାମବାସୀମାନେ ମନ୍ଦିରର ତାଲା ଭଙ୍ଗା ଓ ଚୋରି ହୋଇଥିବା ଦେଖି ସିଂଲା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଖବର ପାଇ ସିଂଲା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଚୋରିରେ ସମ୍ପୃକ୍ତ ଦୁର୍ବୃତ୍ତମାନଙ୍କୁ ଧରିବା ପାଇଁ ପୁଲିସ ବିଭିନ୍ନ ଦିଗରୁ ତଦନ୍ତ ଚଳାଇଛି।



# କେନାଲ ଘାଇ ମରାମତି ଦାବି

ବାରିକପୁର, ୨୫।୭ (ସମିସ): ଏବେ ଖରିଫ୍ ଧାନ ଚାଷ ପାଇଁ ଚାଷୀ ଭାଇମାନେ ଜମି ବେଉଷଣ କାମ ଆରମ୍ଭ କରିଛନ୍ତି। ଏହି ସମୟରେ ଚାଷ ଜମିଗୁଡ଼ିକୁ ବର୍ଷା ପାଣି ସହିତ କେନାଲ ଜଳର ଢେର୍ ଆବଶ୍ୟକତା ରହିଛି। ଏପରିସ୍ଥଳେ ଅନେକ ସ୍ଥାନରେ ଏଯାଏଁ କେନାଲ ମରାମତି ହୋଇନାହିଁ।

ସୂଚନା ମୁତାବକ, ଭଣ୍ଡାରିପୋଖରୀ ବ୍ଲକ୍ ଆଖୁଆପଦା ଜଳସମ୍ପଦ ବିଭାଗ କାର୍ଯ୍ୟାଳୟଠାରୁ ମାତ୍ର ୧୦୦ ମିଟର ଦୂରରେ ରହିଛି ୧ ନମ୍ବର କେନାଲ। ଗତବର୍ଷ ଉକ୍ତ କେନାଲର ଅର୍ଦ୍ଧାଧିକ ଭାଗ କଂକ୍ରିଟ କାର୍ଯ୍ୟ ହୋଇଛି। ମାଟି ବନ୍ଧ ସ୍ଥାନରେ ପକ୍କା ନିର୍ମିତ କଂକ୍ରିଟ ୱାଲ୍ ନିର୍ମାଣ ହୋଇଛି। କେନାଲର ବାକି ଅଧେ ସେହିଭଳି ଗୁଳ୍ମଲତାରେ ପରିପୂର୍ଣ୍ଣ ହୋଇ ପଡ଼ିରହିଛି। ପରମାନନ୍ଦପୁର ବଜାର ପାର୍ଶ୍ୱରୁ କେନାଲ ଅଧା ଯାଏଁ ସଫା ହୋଇନାହିଁ। ଏପରିକି କେନାଲ ବନ୍ଧରେ ସୃଷ୍ଟି ହୋଇଥିବା ଛୋଟମୋଟ ଘାଇ ଏଯାଏଁ ମରାମତି ହୋଇନାହିଁ। କିଛି ହୋମ୍ ପାଇପ୍ ମଧ୍ୟ ନଷ୍ଟ ହୋଇଛି। ଏହି କେନାଲ ଉପରେ ବାଲିପୋଖରୀ ପଞ୍ଚାୟତର ଶହଶହ ଚାଷୀ ନିର୍ଭର କରି ଖରିଫ୍ ଧାନ ଚାଷ କରିଥା'ନ୍ତି। ଏଯାଏଁ କେନାଲ ମରାମତି ହୋଇ ନ ଥିବାରୁ ଚାଷ ଜମିକୁ ସଠିକ୍ ଭାବେ ପାଣି ଯିବ କି ନାହିଁ ତାହା ଏବେ ସନ୍ଦେହ ସୃଷ୍ଟି କରିଛି। ଏହାକୁ ଛାଡ଼ି ଦେଲେ ଅନ୍ୟାନ୍ୟ ସ୍ଥାନରେ ଥିବା ମୁଖ୍ୟ କେନାଲ ଓ ମାଇନର କେନାଲଗୁଡ଼ିକ ଏଯାଏଁ ସଫା ହୋଇନାହିଁ। ତେଣୁ ଏହା ଉପରେ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଚାଷୀମାନେ ଦାବି କରିଛନ୍ତି।



### ବଡ଼ଭାଇ ଭରସାରେ ଦାଣ୍ଡ ଦୁଆରେ ପଡ଼ିରହିଛି ଭିନ୍ନକ୍ଷମ

# ବାପ ମା' ଛେଉଣ୍ଡ ପୂର୍ଣ୍ଣ ଖୋଜୁଛି ବଞ୍ଚିବାର ରାହା

ଯଖପୁରା, ୨୫।୭ (ସମିସ)

ବାପା ନାହାନ୍ତି କି ମାଆ ନାହାନ୍ତି। ପୁଣି ତା' ସାଙ୍ଗକୁ ଦଇବ ଅଚଳ କରିଦେଇଛି ଶରୀରର ୩ଟି ପ୍ରମୁଖ ଅଙ୍ଗ। ତେଣୁ ସେ ଅନ୍ଧ, ମୂକ, ବଧିର। ନା ଦେଖିପାରୁଛି, ନା କହିପାରୁଛି, ନା ଶୁଣିପାରୁଛି। ଏତେ ଭିନ୍ନକ୍ଷମତା ସତ୍ତ୍ୱେ ସରକାରୀ ଖାତାରେ ନାହିଁ ତାର ନାଁ। ତେଣୁ ମିଳୁପାରୁନି ଚାଉଳ ମୁଠେ କି ଘର ଖଣ୍ଡେ। ସବୁ ଥିରୁ ବଞ୍ଚିତ ହୋଇ କେବଳ ଅସହାୟ ବଡ଼ ଭାଇ ଭରସାରେ ଦାଣ୍ଡ ବାରଣ୍ଡାରେ ପଡ଼ିରହିଛି ଭିନ୍ନକ୍ଷମ ପୂର୍ଣ୍ଣ ମୁଣ୍ଡା।

ଦାନଗଦି ବ୍ଲକ ପଙ୍କପାଳ ପଞ୍ଚାୟତ ଜଟରାପାଳ ଆଦିବାସୀ ଅଧ୍ୟୁଷିତ ଗ୍ରାମର ପିତ ମୁଣ୍ଡା। ଦୀନମଜୁରିଆ ଭାବେ କାର୍ଯ୍ୟ କରି ସ୍ତ୍ରୀ ସମେତ ନିଜର ୪ପୁଅ ଓ ୪ଝିଅଙ୍କୁ ନେଇ ବହୁ କଷ୍ଟରେ ଜୀବନ ଅତିବାହିତ କରିଆସୁଥିଲା। ଆଠ ଜଣ ପିଲାଙ୍କ ମଧ୍ୟରୁ ଗୋଟିଏ ପୁଅ ପୂର୍ଣ୍ଣ ମୁଣ୍ଡା ଅନ୍ଧ, ମୂକ, ବଧିର ହୋଇ ଜନ୍ମଲାଭ କରିଥିଲା। ପୂର୍ଣ୍ଣ ନିଜ କାମ ନିଜେ କରିପାରୁନଥିବା ବେଳେ ପିତା ମାତା ତାର ସମ୍ପୂର୍ଣ୍ଣ ଦାୟିତ୍ୱ ନେଉଥିଲେ। କିନ୍ତୁ ଗତ ୧୫ ବର୍ଷ ତଳେ ମା' ଓ ୧୦ ବର୍ଷ ତଳେ ବାପା ଚାଲିଗଲା ପରେ ପୂର୍ଣ୍ଣର ଦୁଃଖ ଶହେ ଗୁଣ ବଢ଼ିଯାଇଛି। ଜନ୍ମରୁ ଅନ୍ଧ ମୂକ ବଧିର ହୋଇଥିବାରୁ ଗୋଟିଏ ସ୍ଥାନରେ ବସିରହୁଛି। ୪ ଭଉଣୀ ବାହା ହୋଇସାରିଥିବା ବେଳେ ବଡ଼ ଭାଇ ଦେବେନ୍ଦ୍ର ସିଂଙ୍କ ପାଖରେ ରହୁଛି ପୂର୍ଣ୍ଣ। ଦେବେନ୍ଦ୍ର ଜଣେ ଦିନ ମଜୁରିଆ ଭାବରେ କାମ କରନ୍ତି। ନିଜ ପରିବାରକୁ ପୋଷିବାରେ ଅସମର୍ଥ ହେଉଥିବା ବେଳେ ତା' ଉପରେ ପୁଣି ସମ୍ପୂର୍ଣ୍ଣ ଭିନ୍ନକ୍ଷମ ଭାଇକୁ ପୋଷିବାର ବୋଝ। ନିଜର ଗୋଟିଏ ବଖରା ଘର ଥିବାରୁ ବାହାର ଦୁଆରେ ପୂର୍ଣ୍ଣକୁ ରହିବାକୁ ପଡୁଛି।

ପୂର୍ଣ୍ଣ ମୁଣ୍ଡା ସରକାରଙ୍କ ତରଫରୁ କେବଳ ମାସିକ ୧୨୦୦ ଟଙ୍କା ପାଉଥିବା ବେଳେ ଅନ୍ୟ କୌଣସି ସୁବିଧା ପାଇପାରୁନାହିଁ। ବଡ ବିଡମ୍ବନା ଯେ ଅନ୍ଧ ମୂକ ବଧିର ପୂର୍ଣ୍ଣ ମୁଣ୍ଡାକୁ ୪୦ ବର୍ଷ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ପ୍ରଶାସନ ତରଫରୁ ମୁଣ୍ଡ ଗୁଞ୍ଜିବା ପାଇଁ ଘରଟିଏ କିମ୍ବା ପେଟ ପୋଷିବା ପାଇଁ ଚାଉଳ ଗଣ୍ଡେ ଯୋଗାଇ ଦିଆଯାଉନାହିଁ। ଶରୀରର ୩ଟି ପ୍ରମୁଖ ଅଙ୍ଗ ଅଚଳ ହୋଇଥିବାରୁ କେବଳ ଭାଗ୍ୟକୁ ଆଦରି ବଡ଼ଭାଇ ଭରସାରେ ପଡ଼ିରହିଛି ସେ। ନିଜ ପରିବାରକୁ ଭଲରେ ପୋଷିବା ଅକ୍ଷମ ବଡ଼ ଭାଇ ଦେବେନ୍ଦ୍ର ପାଇଁ ଭିନ୍ନକ୍ଷମ ସାନଭାଇକୁ ପୋଷିବା ମଧ୍ୟ କାଠିକର ହୋଇପଡିଛି।

ଆଜି ପର୍ଯ୍ୟନ୍ତ ପୂର୍ଣ୍ଣର ଆଧାର କାର୍ଡ ହୋଇପାରିନାହିଁ। ଫଳରେ ସରକାରଙ୍କ ତରଫରୁ ଦିଆଯାଉଥିବା ରାସନ କାର୍ଡରେ ନାମ ନଥିବାରୁ ଆଜି ପର୍ଯ୍ୟନ୍ତ ଚାଉଳ ଗଣ୍ଡେ ପାଇପାରୁନାହିଁ। ପ୍ରଶାସନ ତରଫରୁ ପ୍ରତି ଗାଁ ଗଣ୍ଡା ବୁଲି ଆବାସ ଯୋଜନା ମାଧ୍ୟମରେ ଉପଯୁକ୍ତ ବ୍ୟକ୍ତିଙ୍କୁ ଚିହ୍ନଟ କରି ଘର ଦେବା ପାଇଁ ବ୍ୟବସ୍ଥା କରୁଥିବା ବେଳେ ଜୀବନ ସାରା ଘର ଓଳିରେ ଜୀବନ ଅତିବାହିତ କରୁଥିବା ସମ୍ପୂର୍ଣ୍ଣ ଭିନ୍ନକ୍ଷମ ଆଦିବାସୀ ପୂର୍ଣ୍ଣ ମୁଣ୍ଡାକୁ ଏ ପର୍ଯ୍ୟନ୍ତ ଘର ଖଣ୍ଡେ ମିଳିପାରିଲା ନାହିଁ। ଆଦିବାସୀ ଓ ଅପାଠୁଆ ହୋଇଥିବାରୁ ରାସନ କାର୍ଡ କରିପାରି ନଥିବାରୁ କୌଣସି ସୁବିଧା ପାଇପାରୁନାହିଁ ସେ। ସବୁଥିରୁ ବଞ୍ଚିତ ରହୁଥିବା ଓ ଦୁଃଖର ଚରମ ସୀମାରେ ଥିବା ଅସହାୟ, ବାପ ମା' ଛେଉଣ୍ଡ ଓ ଅନ୍ଧ ମୂକ ବଧିର ଆଦିବାସୀ ପୂର୍ଣ୍ଣକୁ ବ୍ଲକ ପ୍ରଶାସନ ତରଫରୁ ସହାୟତା ଯୋଗାଇ ଦେବା ପାଇଁ ଆଦିବାସୀ ଜଟରାପାଳ ଗ୍ରାମ ସମେତ ପଞ୍ଚାୟତବାସୀ ଅନୁରୋଧ କରିଛନ୍ତି।



# ଏକ ଭିନ୍ନ ପ୍ରେମ କାହାଣୀ 'ଏତିକି ଥିଲା'

ଓଡ଼ିଆ ସିନେମା ଜଗତରେ ବିଗତ କିଛି ବର୍ଷ ଧରି ଉଚ୍ଚମାନର ଚଳଚ୍ଚିତ୍ର ଦର୍ଶକଙ୍କୁ ଭେଟି ଦେଉଥିବା ଓଲିଉଡ୍‌ର ପ୍ରସିଦ୍ଧ ପ୍ରଯୋଜନା ସଂସ୍ଥା 'ଅମୀୟ ପଟ୍ଟନାୟକ ପ୍ରଡକସନ୍ସ' ଏବେ ନିଜର ଏକ ନୂଆ ଚଳଚ୍ଚିତ୍ରର ଘୋଷଣା କରି ଦର୍ଶକଙ୍କ ମଧ୍ୟରେ ଉତ୍କଣ୍ଠା ବୃଦ୍ଧି କରିଛି । ପବିତ୍ର ବାହୁଡ଼ା ଯାତ୍ରା ଅବସରରେ ଏହି ପ୍ରଯୋଜନା ସଂସ୍ଥାର ଆଗାମୀ ଓଡ଼ିଆ ଚଳଚ୍ଚିତ୍ର 'ଏତିକି ଥିଲା'ର ସ୍କ୍ରିପ୍ଟ ପୂଜା ଅନୁଷ୍ଠିତ ହୋଇଯାଇଛି । ସଂସ୍ଥାର ପୁରୁଣା ପରମ୍ପରାକୁ ବଜାୟ ରଖି ଭୁବନେଶ୍ୱରର ନୂଆପଲ୍ଲୀ ସ୍ଥିତ ଆରାଧ୍ୟ ଦେବତା ସଙ୍କଟ ମୋଚନ ହନୁମାନ ମନ୍ଦିରରେ ଏହି ପୂଜା ସମ୍ପନ୍ନ ହୋଇଛି । ଏହି ପବିତ୍ର କାର୍ଯ୍ୟକ୍ରମରେ ପ୍ରଯୋଜନା ସଂସ୍ଥାର ସମସ୍ତ ସଦସ୍ୟ ଏକତ୍ରିତ ହୋଇ ସିନେମାର ଆଗାମୀ ଯାତ୍ରାର ସଫଳତା କାମନା କରିଥିଲେ । ଆଧୁନିକ ଓଡ଼ିଆ ଦର୍ଶକ ସର୍ବଦା ନୂଆ କାହାଣୀ ଖୋଜୁଛନ୍ତି । ତାହାକୁ ଦୃଷ୍ଟିରେ ରଖି ନିର୍ମାଣ ହେବାକୁ ଯାଉଥିବା 'ଏତିକି ଥିଲା' ହେଉଛି ଏକ ଆବେଗପୂର୍ଣ୍ଣ ଏବଂ ଜଟିଳ ପ୍ରେମ କାହାଣୀ । ଏହି ସିନେମାରେ ମୁଖ୍ୟ ଭୂମିକାରେ ବର୍ଷା ପଟ୍ଟନାୟକ, ଅଭିନେତା ଦୀପନ୍ୱିତ ଦାଶମହାପାତ୍ର ଏବଂ ଅଭିଷେକ ପଣ୍ଡା ପ୍ରମୁଖ ଅଭିନୟ କରିବେ । ନିର୍ଦ୍ଦେଶକ ଅର୍ଜୁନ ସାମନ୍ତରାୟ ଏହାର ନିର୍ଦ୍ଦେଶନା ଦାୟିତ୍ୱ ନେଇଥିବା ବେଳେ ପ୍ରଯୋଜକ ଅନୁପମ ପଟ୍ଟନାୟକ ଏବଂ ବର୍ଷା ପଟ୍ଟନାୟକ ଏହାର ନିର୍ମାଣ କରୁଛନ୍ତି । ସେହିପରି ସଙ୍ଗୀତ ନିର୍ଦ୍ଦେଶକ ସନ୍ଦୀପ ପଣ୍ଡା ସଙ୍ଗୀତ ସଜାଇ ଥିବା ବେଳେ ବିଷ୍ଣୁ ସାହୁ ସିନେମାଟୋଗ୍ରାଫି ଭାର ସମ୍ଭାଳିବେ । ଉନ୍ନତମାନର କାହାଣୀ ଓ ଚିତ୍ରନାଟ୍ୟ ମାଧ୍ୟମରେ 'ଏତିକି ଥିଲା' ନିଶ୍ଚିତ ରୂପେ ଓଡ଼ିଆ ସିନେପ୍ରେମୀଙ୍କ ହୃଦୟ ଜିଣିବାରେ ସଫଳ ହେବ ବୋଲି ପ୍ରଯୋଜନ ସଂସ୍ଥା କହିଛି । ଅନ୍ୟପଟେ ସେପ୍ଟେମ୍ବର ୧୧ ତାରିଖ ଅର୍ଥାତ୍ ଗଣେଶ ପୂଜା ଅବସରରେ ଏହି ବ୍ୟାନରର ବହୁ ପ୍ରତୀକ୍ଷିତ ହରର୍-ଥ୍ରିଲର୍ ସିନେମା 'ଦହନ- ଦି ଇଭିଲ୍ ୱିଦିନ୍' ମଧ୍ୟ ପରଦାକୁ ଆସିବାକୁ ପ୍ରସ୍ତୁତ ହେଉଛି ।



# ଜୁଲାଇ ୨୭ରୁ 'ଶ୍ରାବଣୀ'

ଜୀ ସାର୍ଥକରେ ଜୁଲାଇ ୨୭ ତାରିଖ ସନ୍ଧ୍ୟା ୭ଟା ୩୦ ମିନିଟରେ ପ୍ରସାରିତ ହେବାକୁ ଯାଉଛି ବହୁ ପ୍ରତୀକ୍ଷିତ ନୂଆ ମେଗା ଧାରାବାହିକ 'ଶ୍ରାବଣୀ' । ଏହା ଏପରି ଦୁଇଜଣ ମହିଳାଙ୍କ ଜୀବନ କାହାଣୀ ଉପରେ ଆଧାରିତ, ଯେଉଁମାନଙ୍କ ଚିନ୍ତାଧାରା ଓ ପୃଷ୍ଠଭୂମି ସମ୍ପୂର୍ଣ୍ଣ ଅଲଗା । ଏହି କାହାଣୀର ମୁଖ୍ୟ ଆକର୍ଷଣ ହେଉଛନ୍ତି ଗୋଟିଏ ସାଧାରଣ ପରିବାରରୁ ଆସିଥିବା ସ୍ନେହୀ ତଥା ସାହସୀ ଝିଅ 'ଶ୍ରାବଣୀ' ଏବଂ କ୍ଷମତାଶାଳୀ, କଠୋର ନିୟମରେ ଓ ଅନୁଶାସନରେ ବନ୍ଧା ତ୍ରିପାଠୀ ପରିବାରର ମୁଖ୍ୟ 'ରାଜେଶ୍ୱରୀ ଦେବୀ' । ଯେତେବେଳେ ଶ୍ରାବଣୀ ତ୍ରିପାଠୀ ପରିବାରରେ ପାଦ ରଖେ, ତା'ର ସରଳତା ଓ ମାନବିକତା ରାଜେଶ୍ୱରୀ ଦେବୀଙ୍କ କଠୋର ଆଭିମୁଖ୍ୟକୁ କ'ଣ ବଦଳାଇ ପାରିବ? ଏହି ଦୁଇ ମହିଳାଙ୍କ ମଧ୍ୟରେ ଏକ ସେତୁ ସାଜିଛନ୍ତି 'ସାଗର', ଯିଏ ନିଜ ମା'ଙ୍କ ପ୍ରତି ଅତୁଟ ବିଶ୍ୱାସ ରଖିବା ସହ ଶ୍ରାବଣୀର ନିଷ୍କପଟତା ପ୍ରତି ଆକୃଷ୍ଟ ହୁଅନ୍ତି । ପାରିବାରିକ ରାଜନୀତି ଏବଂ ଏକ ନିଆରା ପ୍ରେମ କାହାଣୀ ଭିତରେ, ଶ୍ରାବଣୀ ପ୍ରମାଣ କରିବ ଯେ ପ୍ରକୃତ ଶକ୍ତି ଅହଂକାର ବା କ୍ଷମତାରେ ନୁହେଁ, ବରଂ ନିଃସ୍ୱାର୍ଥପର ଭଲପାଇବା ଓ ମାନବିକତାରେ ଥାଏ । ସିରିଏଲ୍‌ର ମୁଖ୍ୟ ଭୂମିକା ଅର୍ଥାତ୍ ଶ୍ରାବଣୀ ଚରିତ୍ରରେ ସୋନାଲି ଚୌଧୁରୀ, ସାଗର ଭୂମିକାରେ ଜ୍ୟୋତି ରଞ୍ଜନ ଏବଂ ରାଜେଶ୍ୱରୀ ଦେବୀ ଚରିତ୍ରରେ ନୀତୁ ସିଂହ ଅଭିନୟ କରିଛନ୍ତି ।



# ନୂଆ ସିନେମା ପାଇଁ ସ୍କ୍ରିପ୍ଟ ପୂଜା

ରାଜ ବଜାରରେ 'ଶିକାର' ସିନେମାର ଅପୂର୍ବ ସଫଳତା ପରେ ଲେଖକ ପ୍ରିୟବ୍ରତ ପଣ୍ଡା, ନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ସାହୁ ଓ ସଙ୍ଗୀତ ନିର୍ଦ୍ଦେଶକ ବୈଦ୍ୟନାଥ ଦାସ ପୁଣି ଥରେ ଏକାଠି ହୋଇଛନ୍ତି । ସେମାନେ ଏକ ନୂଆ କାହାଣୀ ସହ ପୂଜା ବଜାରରେ ଆସିବା ପାଇଁ ଅଣ୍ଟା ଭିଡ଼ିଛନ୍ତି । ପବିତ୍ର ବାହୁଡ଼ା ଅବସରରେ ସିନେମାର ସ୍କ୍ରିପ୍ଟ ପୂଜା କରାଯାଇଛି । ଖୁବ୍ ଶୀଘ୍ର ସିନେମାର କାଷ୍ଟ ଘୋଷଣା କରାଯିବ ବୋଲି ଟିମ୍ ପକ୍ଷରୁ କୁହାଯାଇଛି । ସେହିପରି ପୂଜାରେ ମଧ୍ୟ ଦର୍ଶକ ସିନେମାକୁ ଭରପୂର ଭଲପାଇବା ଦେବେ ବୋଲି ଏହି ଟିମ୍ ଆଶା ରଖିଛି ।

# ଆଦିତ୍ୟଙ୍କ ନୂଆ ସିନେମା

ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଆଦିତ୍ୟ ରୟ କପୁରଙ୍କ ଖୁବ୍‌ଶୀଘ୍ର ଏକ ନୂଆ ସିନେମା ଆସୁଛି । ସିନେମାର ଶୀର୍ଷକ ସ୍ଥିର ହୋଇ ନାହିଁ । ମିଲାପ ଜାଭେରୀଙ୍କ ନିର୍ଦ୍ଦେଶିତ ଏହି ସିନେମାଟି ଆକ୍ସନରେ ଭରପୂର ଏକ ପ୍ରେମ କାହାଣୀ ବୋଲି କୁହାଯାଉଛି । ସେହିପରି ଉକ୍ତ ସିନେମାର ନିର୍ମାଣ ଭୂଷଣ କୁମାର କରୁଛନ୍ତି । ସେହିପରି ସିନେମାରେ ଆଦିତ୍ୟ ଭାବୁକ ଏବଂ ଜଟିଳ ଚରିତ୍ରରେ ନଜର ଆସିବା କୁହାଯାଉଛି । 'ଆଶିକି-୨ ସିନେମାରେ ପ୍ରେମ ଓ ଯନ୍ତ୍ରଣାରେ ଦର୍ଶକଙ୍କୁ ଗଭୀର ଭାବେ ଯୋଡ଼ି ପାରିଛନ୍ତି । ତେଣୁ ଏହି ଚରିତ୍ର ଲାଗି ଆଦିତ୍ୟ ଉପଯୁକ୍ତ ବୋଲି କୁହାଯାଉଛି । ତେବେ ଏହି ସିନେମାରେ ରୋମାନ୍ସ, ରୋମାଞ୍ଚକ ଆକ୍ସନ ଦୃଶ୍ୟ ଏବଂ ହୃଦୟସ୍ପର୍ଶୀ ସଂଗୀତ ମଧ୍ୟ ରହିବ । ସିନେମାଟିର ସୁଟିଂ ଏହି ବର୍ଷ ଶେଷ ସୁଦ୍ଧା ଆରମ୍ଭ ହେବ । ୨୦୨୭ ମସିହାରେ ରିଲିଜ୍ ହେବା ଯୋଜନା ଅଛି ।





## ସାକ୍ଷାତକାର

ଟିକ୍‌ଟକ୍‌ରେ ସେ ଭିଡିଓ ତିଆରି କରୁଥିଲେ । ସେଥିରେ ତାଙ୍କର ପ୍ରଶଂସକଙ୍କ ସଂଖ୍ୟା ଅଧିକ ଥିଲା । ଟିକ୍‌ଟକ୍ ଯୋଗୁଁ ତାଙ୍କୁ ମ୍ୟୁଜିକ୍ ଭିଡ଼ିଓରେ କାମ କରିବାକୁ ସୁଯୋଗ ମିଳିଥିଲା । ସେ ପାଖାପାଖି ୧୫ରୁ ଊର୍ଦ୍ଧ୍ୱ ମ୍ୟୁଜିକ୍ ଭିଡିଓରେ ଅଭିନୟ କରିଛନ୍ତି । ସେହିପରି 'ଅଳ୍ପଦିନର ଗଳ୍ପ' ଟେଲି ଫିଲ୍ମରେ ଚମତ୍କାର ଅଭିନୟ କରି ସେ ଦର୍ଶକଙ୍କ ମନ ଜିଣି ଥିଲେ । ଏହାପରେ ସେ ଟାଣି ହୋଇ ଆସିଲେ ଧାରାବାହିକକୁ । 'ବଡ଼ବୋହୂ' ତାଙ୍କର ପ୍ରଥମ ଧାରାବାହିକ । ଏବେ ନୂତନ ମେଗାଧାରାବାହିକ 'ଶ୍ରାବଣୀ'ରେ ଦର୍ଶକ ତାଙ୍କ ଅଭିନୟର ଯାଦୁ ଦେଖିବାକୁ ପାଇବେ । ଏହି ଉଦୀୟମାନ ଅଭିନେତା ଜଣକ ହେଉଛନ୍ତି ଭଦ୍ରକର ଜ୍ୟୋତିରଞ୍ଜନ ପଣ୍ଡା । ଅଭିନୟଯାତ୍ରା ତାଙ୍କର କିପରି ଆରମ୍ଭ ହୋଇଥିଲା ଜାଣିବା ଜ୍ୟୋତିଙ୍କ ମୁହଁରୁ ।

# 'ଦର୍ଶକଙ୍କ ପ୍ରଶଂସା କ୍ୟାରିୟରରେ ଆଗକୁ ନେଇଛି'

**ଜ୍ୟୋତିରଞ୍ଜନ ପଣ୍ଡା, ଅଭିନେତା**

**ଅଭିନେତା ହେବାକୁ କାହିଁକି ଭାବିଲେ?**

- ଛୋଟ ବେଳୁ ଅଭିନେତା ହେବି ବୋଲି ଭାବି ନ ଥିଲି । ହେଲେ ଦଶମ ପରେ ବାବୁଶାନଙ୍କୁ ଦେଖି ତାଙ୍କ ରୋଲ ପ୍ଲେ କରିବା ପାଇଁ ଟିକ୍‌ଟକ୍‌ରେ ଭିଡିଓ ତିଆରି ଆରମ୍ଭ କରିଲି । ମୋ ଭିଡିଓ ଅନେକଙ୍କୁ ପସନ୍ଦ ଆସିଲା । ଏହା ପରେ ମୋତେ ମ୍ୟୁଜିକ୍ ଆଲବମ୍ କରିବାକୁ ସୁଯୋଗ ମିଳିଲା । ପ୍ରାୟ ୧୫ରୁ ଊର୍ଦ୍ଧ୍ୱ ମ୍ୟୁଜିକ୍ ଭିଡିଓ ମଧ୍ୟରୁ 'ତମ ହୃଦୟ ଦେବ କି', 'ପ୍ରେମରେ ଦୟାମାୟା ନାହିଁ' ଆଦି ମ୍ୟୁଜିକ୍ ଭିଡିଓ ହିଟ୍ ହୋଇଛି । ଏହା ପରେ ଜୀ ସାର୍ଥକରେ ଅଶୋକ ପତି ସାର୍‌ଙ୍କ ନିର୍ଦ୍ଦେଶନାରେ ଟେଲି ଫିଲ୍ମ 'ଅଳ୍ପଦିନର ଗଳ୍ପ'ରେ ମୁଖ୍ୟ ଚରିତ୍ରରେ ଅଭିନୟ କରିଥିଲି । ପରେ ତରଙ୍ଗର 'ବଡ଼ବୋହୂ' ଧାରାବାହିକରେ କାମ କରିବାକୁ ସୁଯୋଗ ମିଳିଥିଲା । ସେଥିରେ ସାନପୁଅ ଆଶିଷ ଭୂମିକାରେ ଅଭିନୟ କରିଥିଲି । ଉଭୟ ଚରିତ୍ରକୁ ଦର୍ଶକଙ୍କ ଭଲପାଇବା ମିଳିଥିଲା । ଦର୍ଶକଙ୍କ ପ୍ରଶଂସା ମୋତେ କ୍ୟାରିୟରରେ ଆଗକୁ ନେଇଛି ।

**ସୁଟିଂ ସେଟ୍‌ରେ ପ୍ରଥମ ଦିନ ଭୟ ଲାଗିଥିଲା କି?**

- କ୍ୟାମେରା ସାମ୍ନାରେ ମୁଁ କେବେ ଭୟ କରେନି ବରଂ ମୋତେ କାମ କରିବାକୁ ଭଲ ଲାଗେ ।

**ପ୍ରଥମ ପାରିଶ୍ରମିକରେ କ'ଣ କରିଥିଲେ?**

- ୨୦୧୯ ମସିହା କଥା, ସେତେବେଳେ ମ୍ୟୁଜିକ୍ ଭିଡିଓରୁ ପାଞ୍ଚ ହଜାର ଟଙ୍କା ମିଳୁଥିଲା । ସେଥିରେ ଆଉ କ'ଣ କରିହେବ?

**ନୂତନ ମେଗାଧାରାବାହିକ 'ଶ୍ରାବଣୀ'ରେ ଆପଣ ମୁଖ୍ୟ ଚରିତ୍ରରେ ଅଭିନୟ କରୁଛନ୍ତି ଏନେଇ କ'ଣ କହିବେ?**

- 'ଶ୍ରାବଣୀ' ରେ ମୁଁ ମୁଖ୍ୟ ଚରିତ୍ରରେ ଅଭିନୟ କରୁଛି । ଏଥିରେ ମୋର ଚରିତ୍ର ସାଗର ତ୍ରିପାଠୀ ହୋଇଛି । ମୁଁ ମୋ ମା'ଙ୍କ କଥାରେ ଚାଲେ । ମା'ଙ୍କ ନିଷ୍ପତ୍ତି ଯାହା ମୋର ନିଷ୍ପତ୍ତି ମଧ୍ୟ ସେଇଆ । ହେଲେ ଶ୍ରାବଣୀ ହେଉଛି ଜଣେ ଗାଉଁଲି ଝିଅ । ସେ ସ୍ନେହୀ ଓ ସାହସୀ ଝିଅ । ସେ ସବୁବେଳେ ମୋ ମା'ଙ୍କୁ ଭଲ ଲାଗିବା ପରି କାମ କରନ୍ତି । ହେଲେ ଦୁର୍ଭାଗ୍ୟବଶତଃ ଏହା ମା'ଙ୍କ ଆଖିରେ ନେଗେଟିଭ୍ ହୋଇଯାଏ । ବାକି କାହାଣୀ ଦର୍ଶକ ଧାରାବାହିକରେ ଦେଖିବାକୁ ପାଇବେ । ଆଶା ଅଛି 'ଶ୍ରାବଣୀ' ଦର୍ଶକଙ୍କ ହୃଦୟକୁ ଛୁଇଁବ । କାରଣ ଏହି ଧାରାବାହିକରେ ଚିରାଚରିତ ପ୍ରେମ କାହାଣୀ କି ଶାଶୁବୋହୂ କାହାଣୀ ଦେଖିବାକୁ ମିଳିବନି । ଏଥିରେ କିଛି ନୂଆ କଥା ଦେଖିବାକୁ ମିଳିବ ।

**ଫିଟ୍‌ର ରାଜ୍?**

- ଧାରାବାହିକ ସୁଟିଂରେ ବ୍ୟସ୍ତ ରହୁଥିବାରୁ ଜିମ୍ ଯିବାକୁ ସମୟ ମିଳେନି । ସନ୍ତୁଳିତ ଖାଦ୍ୟପେୟକୁ ଗୁରୁତ୍ୱ ଦିଏ ।

**ଅଭିନୟକୁ ବାଦ୍ ଦେଲେ କ'ଣ କରିବାକୁ ଭଲ ଲାଗେ?**

- ଗୀଟାର ବଜାଏ । ଗୀତ ଗାଏ ।

**ଅଭିନୟକୁ ଜୀବନ୍ତ କରିବାକୁ କ'ଣ କରନ୍ତି?**

- ବାବୁସାନ୍ ଭାଇଙ୍କ ମୁଁ ବହୁତ ବଡ଼ ପ୍ରଶଂସକ । ଯାହା ବି ଶିଖିଛି ତାଙ୍କଠୁ ଶିଖିଛି । ତାଙ୍କୁ ଦେଖି ଦେଖି ଗୀତ ଆଉ ଅଭିନୟ ଶିଖିଛି ।

**ବଡ଼ ପରଦାରେ କାମ କରିବାକୁ ଆଗ୍ରହ ରହିଛି କି? ଆପଣଙ୍କ ଡ୍ରିମ୍ ରୋଲ?**

- ପ୍ରତ୍ୟେକ କଳାକାରଙ୍କ ପରି ମୁଁ ମଧ୍ୟ ବଡ଼ ପରଦାରେ ନିଜକୁ ଦେଖିବାକୁ ଲକ୍ଷ୍ୟ ରଖିଛି । ମୋତେ ଯାହା ବି ଚରିତ୍ର ମିଳିବ ସେ ସବୁଥିରେ ଭଲ କରିବି । ତେବେ ମୁଁ ଏମିତି ଏକ ଚରିତ୍ରରେ ଅଭିନୟ କରିବି ଯେଉଁଥିରେ ଗୋଟିଏ ସମୟରେ ମୁଁ ଦର୍ଶକଙ୍କୁ ହସାଉଥିବି, କନ୍ଦାଇ ପାରୁଥିବି ।

**ଯେଉଁମାନେ ଅଭିନୟ ଜଗତକୁ ଆସୁଛନ୍ତି ସେମାନଙ୍କୁ କ'ଣ କହିବେ?**

- ରାତାରାତି ପ୍ରସିଦ୍ଧ ହେବା ନାଁରେ ନ ଆସି ଅଭିନୟକୁ ପ୍ରକୃତରେ ଭଲ ପାଇ ଆସିବା ଉଚିତ । କାରଣ ନିଷ୍ଠାର ସହିତ ଆସି କାର୍ଯ୍ୟ କଲେ ସଫଳତା ପାଇ ପାରିବେ ।



# ବାଦ୍ୟଯନ୍ତ୍ର ବଦଳରେ ସ୍ୟାଣ୍ଡପେପର୍‌ରୁ ଗୀତର ଧୂନ୍

ପରଦା ପଛର କାହାଣୀ

ରାଜେଶ ଖାନ୍ନା ଅଭିନୟ ଜୀବନରେ ଅନେକ ରୋମାଣ୍ଟିକ୍ ଗୀତ ଦର୍ଶକଙ୍କୁ ଭେଟି ଦେଇଛନ୍ତି । ଆଜକୁ ପ୍ରାୟ ୫୨ ବର୍ଷ ପୂର୍ବେ ତାଙ୍କର ଏକ ଆଇକନିକ୍ ଗୀତ ମୁକ୍ତି ଲାଭ କରିଥିଲା । ଯାହାକୁ ଦର୍ଶକେ ଅଦ୍ୟାବଧି ବେଶ୍ ପସନ୍ଦ କରନ୍ତି । ଏହି ଗୀତଟି ୧୯୭୪ ମସିହାରେ ମୁକ୍ତିଲାଭ କରିଥିବା ସୁପରହିଟ୍ ଫିଲ୍ମ 'ଅଜ୍‌ନବୀ' ଥିଲା । ଏହି ଫିଲ୍ମର "ହମ୍ ଦୋନୋ ଦୋ ପ୍ରେମୀ ଦୁନିୟା ଛୋଡ୍ ଚଲେ..." ଗୀତର ଧୂନ୍‌କୁ ପ୍ରସ୍ତୁତ କରିବା ପାଇଁ ସଙ୍ଗୀତକର ଆର୍. ଡି. ବର୍ମନଙ୍କୁ ବହୁତ ପରିଶ୍ରମ କରିବାକୁ ପଡ଼ିଥିଲା । ଏହି ଗୀତରେ ପାରମ୍ପରିକ ବାଦ୍ୟଯନ୍ତ୍ର ପରିବର୍ତ୍ତେ, ସ୍ୟାଣ୍ଡପେପର୍ ସାହାଯ୍ୟରେ ଧୂନ୍ ତିଆରି ହୋଇଥିଲା । ଏଥିରେ ରାଜେଶ ଖାନ୍ନାଙ୍କ ବିପକ୍ଷରେ ଜୀନତ୍ ଅମାନ୍ ଅଭିନୟ କରିଥିଲେ । ଚଳନ୍ତା ମାଲଗାଡ଼ି ଉପରେ ନିର୍ମିତ ଏକ ଗୀତ ମୁକ୍ତିଲାଭ କରିବା ପରେ ଚାର୍ଟବଷ୍ଟର୍ ସାବ୍ୟସ୍ତ ହୋଇଥିଲା । ଏହାକୁ କିଶୋର କୁମାର ଏବଂ ଲତା ମଙ୍ଗେସ୍କର୍ ଗାଇଥିଲେ । ଆର୍. ଡି. ବର୍ମନ୍ ଏହାର ସଙ୍ଗୀତ କମ୍ପୋଜ କରିଥିଲେ । ଅନ୍ୟପଟେ ଏହି ଗୀତ ସୁଟିଂ ସମୟରେ ବାଦ୍ୟକାରମାନେ ନୂତନ ଚୁକ୍ତିନାମା, ଦରମା ବୃଦ୍ଧି ଆଦି ବିଭିନ୍ନ ପ୍ରସଙ୍ଗ ଦାବି କରି ଧର୍ମଘଟ କରିଥିଲେ । ଏପରି ସ୍ଥଳେ ଅର୍କେଷ୍ଟ୍ରା ଏବଂ ପ୍ରଚ୍ଛଦପଟ ବାଦ୍ୟଯନ୍ତ୍ର ବିନା ଗୀତ ରେକର୍ଡ କରିବା ପଞ୍ଚମ ଦା'ଙ୍କ ପାଇଁ ବଡ଼ ଆହ୍ୱାନ ପାଲଟିଥିଲା । ଗୀତଟି ମାଲବାହୀ ଟ୍ରେନ୍‌ରେ ସୁଟିଂ ହେଉଥିବାରୁ, ପଞ୍ଚମ ଦା ଏଥିରେ ଟ୍ରେନ୍‌ର ପ୍ରାକୃତିକ ଛୁକ୍, ଛକ୍ ଧୂନ୍ ତିଆରି ଚାହୁଁଥିଲେ । ଏଥିପାଇଁ ସେ ଦୁଇଟି ସାଣ୍ଡପେପର୍ ଟୁକୁଡ଼ାକୁ ପରସ୍ପର ମଧ୍ୟରେ ଘଷିଥିଲେ । ଏଥିରୁ ଟ୍ରେନ୍ ଗତି ପରି ଶବ୍ଦ ବା ଧୂନ୍ ସୃଷ୍ଟି ହୋଇଥିଲା । ଏଥିସହ ପାଟିର ଶବ୍ଦ ଏବଂ କରତାଳିର ତାଳମେଳ ବ୍ୟବହାର କରି ଗୀତର ସମ୍ପୂର୍ଣ୍ଣ ପୃଷ୍ଠଭୂମି ରଚନା କରିଥିଲେ । ବର୍ମନଙ୍କ ଏହି ଚିନ୍ତାଧାରା ଗୀତକୁ ହିନ୍ଦୀ ସିନେମାର ସବୁଠୁ ଅନନ୍ୟ ଏବଂ ସ୍ମରଣୀୟ ଗୀତରେ ପରିଣତ କରିଥିଲା ।



# ୱାର୍ଲ୍ଡ ଜୁନିଅର ସ୍କ୍ୱାଶ୍ ଫାଇନାଲରେ ଅନାହତ



**୨୧ ବର୍ଷ ପରେ ପ୍ରଥମ ଭାରତୀୟ**

ଓଣ୍ଟାରିଓ,୨୫।୭ (ଏଜେନ୍ସି): ଭାରତର ଅନାହତ ସିଂ କାନାଡାରେ ଚାଲିଥିବା ୱାର୍ଲ୍ଡ ଜୁନିଅର ସ୍କ୍ୱାଶ ଚାମ୍ପିଅନସିପର ବାଳିକା ବିଭାଗ ଫାଇନାଲରେ ପ୍ରବେଶ କରିଛନ୍ତି। ଫଳରେ ୨୧ ବର୍ଷ ପରେ ପ୍ରଥମ ଭାରତୀୟ ଭାବେ ଅନାହତ ଏହି ସମ୍ମାନଜନକ ପ୍ରତିଯୋଗିତାର ଫାଇନାଲରେ ପ୍ରବେଶ କରିଛନ୍ତି। ଏଥିପୂର୍ବରୁ ଜ୍ୟୋତ୍ସ୍ନା ଚିନାପ୍ପା ୨୦୦୫ରେ ଶେଷ ଭାରତୀୟ ଭାବେ ଫାଇନାଲ ଖେଳିଥିଲେ। ଗତକାଲି ଖେଳାଯାଇଥିବା ସେମିଫାଇନାଲରେ ଅନାହତ ୧୧-୩, ୮-୧୧, ୧୧-୪ ଓ ୧୧-୬ରେ ଇଜିପ୍ଟର ବାର୍ବ ସାମେଙ୍କୁ ପରାସ୍ତ କରିଥିଲେ। ଫାଇନାଲ୍‌ରେ ସେ ଆଉ ଜଣେ ଇଜିପ୍ଟର ଖେଳାଳି ଦ୍ୱିତୀୟ ସିଡ୍ ରୁକାୟା ସାଲେମଙ୍କୁ ଭେଟିବେ। ଏହି ମୁକାବିଲାରେ ଯଦି ସେ ବିଜୟୀ ହୁଅନ୍ତି, ତେବେ ଅନାହତ ୱାର୍ଲ୍ଡ ଜୁନିଅର ସ୍କ୍ୱାଶ୍ ଚାମ୍ପିଅନ ହେବାରେ ପ୍ରଥମ ଖେଳାଳି ହେବେ।

## ଏସୀୟ ୫-ଏ ସାଇଡ୍ ହକି | ପାକିସ୍ତାନକୁ ହରାଇଲା ଭାରତ

ମସ୍କାଟ,୨୫।୭ (ଏଜେନ୍ସି): ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୭-୩ ଓ ଓମାନକୁ ୧୦-୧ ଗୋଲରେ ପରାସ୍ତ କରି ଭାରତର ଏସୀୟ ସବ୍‌ଜୁନିଅର ୫-ଏ ସାଇଡ୍ ବାଳକ ହକି ଫାଇନାଲରେ ପ୍ରବେଶ କରିଛି। ଫାଇନାଲରେ ପାକିସ୍ତାନ ସହ ମଧ୍ୟ ଭାରତର ମୁକାବିଲା ହେବ। ଭାରତ ପକ୍ଷରୁ ପ୍ରହଲ୍ଲାଦ ରାଜଭର ୪ଟି, ଶାହରୁଖ ଅଲୀ, ଅଧିନାୟକ କେତନ ଖୁସ୍‌ୱା ୩ଟି ଲେଖାଏଁ, କରଣ ଗୌତମ ୨ଟି ଲେଖାଏଁ ଗୋଲ ସ୍କୋର କରିଛନ୍ତି। ସେହିପରି ଚୀନ୍‌ଠାରୁ ୩-୬ ଗୋଲରେ ପରାଜିତ ହେବା ପରେ ଓମାନକୁ ୧୦-୦ ଗୋଲରେ ପରାସ୍ତ କରି ଭାରତ ବାଳିକା ଦଳ ଦ୍ୱିତୀୟ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଭାରତ ପକ୍ଷରୁ ଏହି ଦୁଇଟି ମୁକାବିଲାରେ କିରଣ ଏକ୍କା ଓ ସନ୍ଦୀପା ସିଂ ୩ଟି ଲେଖାଏଁ ଗୋଲ ସ୍କୋର କରିଛନ୍ତି। ସେମିଫାଇନାଲରେ କାଜାକସ୍ତାନ ସହ ଭାରତର ମୁକାବିଲା ହେବ। ଆଜି ସମସ୍ତ ମ୍ୟାଚ୍ ଶେଷ ହେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ଚାମ୍ପିଅନ ହୋଇଥିବା ଦଳ ଏଫ୍ଆଇଏଚ୍ ୟୁଥ୍ ୫-ଏ ସାଇଡ୍ ଫର୍ମାଟର ପ୍ରଥମ ୱାର୍ଲ୍ଡ କପ୍ ଖେଳିବା ଲାଗି ସିଧାସଳଖ ଯୋଗ୍ୟତା ଅର୍ଜନ କରିବ।



ଶନିବାର କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଥିବା ସର୍ବଭାରତୀୟ ଜୁନିଅର ବ୍ୟାଡମିଣ୍ଟନ ଚାମ୍ପିଅନସିପ୍

## ବୋମେଲ ବେଲ୍‌ଜିୟମର ନୂଆ ଫୁଟବଲ କୋଚ୍

ବ୍ରସେଲ୍ସ,୨୫।୭ (ଏଜେନ୍ସି): ନେଦରଲ୍ୟାଣ୍ଡସର ପୂର୍ବତନ ଖେଳାଳି ମାର୍କ ଭାନ୍ ବୋମେଲ ବେଲଜିୟମ୍ ଫୁଟବଲ ଦଳର ନୂଆ ମୁଖ୍ୟ କୋଚ୍ ହେବେ। ସେ ରୁଡି ଗାର୍ସିଆଙ୍କ ସ୍ଥାନରେ ୟୁଏଫା ୨୦୨୮ ଯାଏ ଦାୟିତ୍ୱ ସମ୍ଭାଳିବେ। ଗାର୍ସିଆଙ୍କ ତତ୍ତ୍ୱାବଧାନରେ ବେଲଜିୟମ ଚଳିତବର୍ଷ ଫିଫା ବିଶ୍ୱକପ୍ କ୍ୱାର୍ଟର ଫାଇନାଲ ଖେଳିଥିଲା। ଏହି ମୁକାବିଲାରେ ଚଳିତବର୍ଷର ଚାମ୍ପିଅନ ସ୍ପେନ୍ ନିକଟରୁ ହାରିଯାଇଥିଲା।

FOR RENT
Warehouse/Shed Available for Rent. A 9,000 sq. ft. shed built on a 20,000 sq.ft. plot is available for rent on the Panikoili National Highway. Ideal for a Warehouse, Industrial Unit, Logistics Operations, Showroom or other Commercial purposes. Interested parties may contact:
8249526803

ସକାଳ
THE SAKALA
www.thesakala.in
The Sakala require the following post for Head Office urgently.
ADVERTISEMENT EXECUTIVE
Qualification: MBA with 5 yrs. experience.
Send your CV by 31.07.2026 to
Asst. Manager HR
Email: hr@thesakala.com
Mob.: 8249526803
THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

# ଝାଣ୍ଟୁଙ୍କ ସଫଳତା | ପରିବା ବିକାଳିରୁ ପଦକ ବିଜେତା

ଗ୍ଲାସ୍‌ଗୋ,୨୫।୭ (ଏଜେନ୍ସି):

ଚଳିତ ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତ ପାଇଁ ପ୍ରଥମ ପଦକ ବିଜୟୀ ହୋଇଛନ୍ତି ପାରା ଶକ୍ତିଉତ୍ତୋଳକ ଝାଣ୍ଟୁ କୁମାର। ପୁରୁଷ ହେଭିୱେଟ ପାରା ଶକ୍ତିଉତ୍ତୋଳନରେ ଭାଗନେଇଥିବା ଝାଣ୍ଟୁ କାଂସ୍ୟ ପଦକ ଜିତିଛନ୍ତି। ଶୁକ୍ରବାର ରାତିରେ ଅନୁଷ୍ଠିତ ଏହି ଇଭେଣ୍ଟରେ ଏକ ଟେକ୍ନିକାଲ ଫାଉଲ ଲାଗି ଝାଣ୍ଟୁ ସ୍ୱର୍ଣ୍ଣପଦକରୁ ବଞ୍ଚିତ ହୋଇଥିଲେ। ଏଥିରେ କିନ୍ତୁ ଦୁଃଖ କିମ୍ବା ଅନୁଶୋଚନା କରି ନ ଥିଲେ ଝାଣ୍ଟୁ। ତାଙ୍କର ଲକ୍ଷ୍ୟ ଥିଲା ଭାରତ ଲାଗି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ପଦକ ବିଜୟ ଧାରା ଜାରି ରଖିବା। ସେଥିରେ ସେ ସଫଳ ହୋଇଥିଲେ। ଏହା ସହ ସେ ମଧ୍ୟ ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତର ପ୍ରଥମ ପଦକ ବିଜେତା ହୋଇଥିଲେ।

ଝାଣ୍ଟୁଙ୍କ ଜୀବନ ଆରମ୍ଭ ହୋଇଥିଲା ଜଣେ ପରିବା ବିକାଳିରୁ। ଛୋଟବେଳେ ପୋଲିଓ ହୋଇଥିବାରୁ ଦେହର ନିମ୍ନଭାଗ ବା ଗୋଡ ଦୁଇଟି ଅଚଳ ହୋଇପଡ଼ିଥିଲା। ବିହାରରେ ପାଠ ପଢ଼ିବା ବା ଖେଳିବା ଭାଗ୍ୟରେ ଥିଲେ ମିଳିଥାଏ। ଏଭଳି ସମୟରେ ସେ ପିତାଙ୍କ ପରିବା ବ୍ୟବସାୟରେ ମନୋନିବେଶ କଲେ। ସେଥିରୁ ଯାହା ରୋଜଗାର ହେଉଥିଲା ପରିବାର ପୋଷଣ ହୋଇଯାଉଥିଲା। ଦିନେ ସଲମାନ ଖାନ୍‌ଙ୍କ ବଡ଼ି ଦେଖିବା ପରେ ନିଜକୁ ସେଭଳି କରିବାକୁ ସେ ଜିମ୍ ଯାଇଥିଲେ। ସେହିଠାରୁ ଆରମ୍ଭ ହୋଇଥିଲା ତାଙ୍କ ଖେଳ ଜୀବନ। ବିନା ପ୍ରଶିକ୍ଷଣରେ ବିହାର ପକ୍ଷରୁ ପ୍ରତିନିଧିତ୍ୱ କରି ପ୍ରଥମ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହାପରେ ଗାନ୍ଧି ନଗରଠାରେ ତାଙ୍କୁ ପେସାଦାର ପ୍ରଶିକ୍ଷଣ ଶିବିର ଲାଗି ସୁଯୋଗ ମିଳିଥିଲା। ଏଠାରେ କେବଳ ଉନ୍ନତ ପ୍ରଶିକ୍ଷଣ ମିଳି ନ ଥିଲା, ବରଂ ଭଲ ଖାଇବାକୁ ମିଳିଥିଲା। ଏହା ପରଠାରୁ ସେ ଆଉ ପଛକୁ ଫେରି ଚାହିଁନାହାନ୍ତି। ଯେଉଁଠାରେ ପରିବା ବେପାର କରୁଥିଲେ, ସରକାର ସେଠାରେ ଏକ ବିଶାଳକାୟ କୋଠା ନିର୍ମାଣ କରିବା ପରେ ଝାଣ୍ଟୁ ବେରୋଜଗାର ହୋଇ ପଡ଼ିଥିଲେ। ଗାନ୍ଧିନଗରର ପ୍ରଶିକ୍ଷଣ ଶିବିର ତାଙ୍କୁ ଖେଳରେ ସଫଳତା ଦେଇପାରିବ ବୋଲି ଆତ୍ମବିଶ୍ୱାସ ଦେଇଥିଲା। ୨୦୨୫ରେ ସେ ୨୦୫ କେଜି ଓଜନ ଉଠାଇ ଜାତୀୟ ରେକର୍ଡ ଭାଙ୍ଗିଦେଇଥିଲେ। ଖେଲୋ ଇଣ୍ଡିଆ ଗେମ୍ସରେ ୨୦୬ କେଜି ଓଜନ ଉଠାଇଥିଲେ। ଏହି ବର୍ଷ ବେଜିଂରେ ଅନୁଷ୍ଠିତ ୱାର୍ଲ୍ଡ ପାରା ପାୱାର ଲିଫ୍ଟିଙ୍ଗ୍‌ରେ କାଂସ୍ୟ ଓ ଏସିଆ ଓସେନିଆ ଚାମ୍ପିଅନସିପ୍‌ରେ ଆଉ ଏକ କାଂସ୍ୟ ପଦକ ଜିତି ନିଜକୁ ଭାରତର ଜଣେ ଅଗ୍ରଣୀ ପାୱାର ଲିଫ୍ଟର ଭାବେ ପ୍ରତିଷ୍ଠା କରିସାରିଥିଲେ। ଏବେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ତାଙ୍କର ସଫଳ ଜୀବନରେ ଆଉ ଏକ ଅଧ୍ୟାୟ ଯୋଡି ଦେଇଛି।



ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା

## ପୁରୁଷ ବକ୍ସିଂ; ପ୍ରି-କ୍ୱାର୍ଟରରେ ସଚିନ

ରାଜ୍ୟଗୋଷ୍ଠୀ ପୁରୁଷ ବକ୍ସିଂରେ ଭାରତର ସଚିନ ସିୱାଚ ପ୍ରି-କ୍ୱାଟର ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଅନୁଷ୍ଠିତ ପୁରୁଷ ୬୦ କିଲୋଗ୍ରାମ୍ ଶ୍ରେଣୀ ରାଉଣ୍ଡ-୩୨ ମୁକାବିଲାରେ ସେ କାନାଡାର କୋଏମା ଅଲ-ଅହମାଦିଏଙ୍କୁ ପରାସ୍ତ କରିଥିଲେ। ଏହାପରେ ଇଂଲଣ୍ଡର ୱିଲିୟମ ହେୱିଙ୍ଗଙ୍କର କ୍ୱାର୍ଟର ଫାଇନାଲରେ ସ୍ଥାନ ହାସଲ କରିବା ଲାଗି ସଚିନ ମୁକାବିଲା କରିବେ।

## ରୂପା ରାଣୀ-ପିଙ୍କିଙ୍କ ହ୍ୟାଟ୍ରିକ ବିଜୟ

ଲନ୍ ବାଉଲ୍ସ ପେୟାର ଇଭେଣ୍ଟରେ ଭାରତର ରୂପା ରାଣୀ ତିର୍କୀ ଓ ପିଙ୍କି କ୍ରମାଗତ ତୃତୀୟ ବିଜୟ ହାସଲ କରିଛନ୍ତି। ଏହି ଯୋଡି ଟୋଙ୍ଗାର ପ୍ୟାରିସ୍ ବେକର ଓ ମିଳିକା ନାଥନଙ୍କ ଯୋଡିଙ୍କୁ ଟାଇ ବ୍ରେକରରେ ହରାଇ ହ୍ୟାଟ୍ରିକ ଅର୍ଜନ କରିଥିଲେ। ପୂର୍ବରୁ ରୂପା ଓ ପିଙ୍କି ଯୋଡ଼ି ମାଲଟା ଓ ଦକ୍ଷିଣ ଆଫ୍ରିକାକୁ ହରାଇଥିଲା। ଏହି ଭାରତୀୟ ଯୋଡି ଆଉ ଏକ ବିଜୟ ହାସଲ କରିପାରିଲେ ଇଭେଣ୍ଟରେ ଦେଶକୁ ଆଉ ଏକ ପଦକ ମିଳିବା ନିଶ୍ଚିତ ହେବ।

## ନିରାଶ କଲେ ବାସ୍କେଟବଲ, ସୁଇମିଂ ଖେଳାଳି

ଶନିବାର ଖେଳାଯାଇଥିବା ୩ ଗୁଣା ୩ ହ୍ୱିଲଚେୟାର ବାସ୍କେଟବଲ ଓ ସୁଇମିଂ ଇଭେଣ୍ଟରେ ଭାରତକୁ ନିରାଶ ହେବାକୁ ପଡ଼ିଛି। ୩ ଗୁଣା ୩ ବାସ୍କେଟବଲ ଗ୍ରୁପ୍-ବି'ର ଏକ ମୁକାବିଲାରେ ୱେଲ୍ସ ୧୬-୧ ପଏଣ୍ଟରେ ଭାରତକୁ ହରାଇ ଏକ ବିଶାଳ ବିଜୟ ହାସଲ କରିଛି। ପୁରୁଷ ୪୦୦ ମିଟର ଫ୍ରିଷ୍ଟାଇଲ୍ ସନ୍ତରଣରେ ଭାରତରୁ ୨ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କିନ୍ତୁ ଜଣେ ହେଲେ ଫାଇନାଲ ରାଉଣ୍ଡକୁ ଯୋଗ୍ୟତା ଅର୍ଜନ କରିପାରି ନ ଥିଲେ। ଭାଗ ନେଇଥିବା ପ୍ରତିଯୋଗୀଙ୍କ ମଧ୍ୟରେ ଦକ୍ଷେଶ ଶଶିକୁମାର ୧୫ତମ ଓ ଆର୍ଯ୍ୟନ ନେହେରା ୧୬ତମ ସ୍ଥାନ ଅଧିକାର କରିଥିଲେ।

# ଆଗୁଆ ଟି-୨୦ ସିରିଜ କବ୍‌ଜା କଲା ଭାରତ

ହରାରେ, ୨୫।୭ (ଏଜେନ୍ସି): ଘରୋଇ ଜିମ୍ବାୱେ ବିପକ୍ଷରେ ଶନିବାର ଏଠାରେ ଅନୁଷ୍ଠିତ ଦ୍ୱିତୀୟ ଟି-୨୦ ମ୍ୟାଚରେ ଭାରତ ୯୦ ରନର ବୃହତ୍ ବ୍ୟବଧାନରେ ବିଜୟୀ ହୋଇଛି। ପୂର୍ବରୁ ସିରିଜର ପ୍ରଥମ ମ୍ୟାଚକୁ ମଧ୍ୟ ଭାରତ ୭ ୱିକେଟରେ ଜିତିଥିଲା। ଫଳରେ ଗୋଟିଏ ମ୍ୟାଚ୍ ବାକିଥାଇ ଶ୍ରେୟସ ଆୟରଙ୍କ ଦଳ ଟି-୨୦ ସିରିଜକୁ ଆଗୁଆ କବ୍‌ଜା କରିନେଇଛି। ତୃତୀୟ ମ୍ୟାଚଟି ରବିବାର ଏଠାରେ ଖେଳାଯିବ।



**ଆଜି ତୃତୀୟ ଟି-୨୦** | ଖେଳ ଆରମ୍ଭ- ଅପରାହ୍ଣ ୪ଟା ୩୦ | ପ୍ରସାରଣ- ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ

### ଇଶାନ-ତିଳକଙ୍କ ବିସ୍ଫୋରକ

ଶନିବାର ଅନୁଷ୍ଠିତ ଦ୍ୱିତୀୟ ମୁକାବିଲାରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭ୍ରମଣକାରୀ ଭାରତ ୫ ୱିକେଟରେ ୨୧୯ ରନର ବିଶାଳ ସ୍କୋର କରିଥିଲା। ଦଳ ପକ୍ଷରୁ ଇଶାନ କିଶାନ ଓ ତିଲକ ବର୍ମାଙ୍କ ବିସ୍ଫୋରକ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଇଶାନ ୪୪ଟି ବଲରେ ସର୍ବାଧିକ ୮୧ ରନ କରିଥିଲେ। ଯେଉଁଥିରେ ୯ଟି ଚୌକା ଓ ୨ଟି ଛକା ସାମିଲ ଥିଲା। ସେହିଭଳି ୫ଟି ଚୌକା ଓ ୩ଟି ଛକା ବଳରେ ତିଲକ ୨୯ ବଲରେ ୬୦ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୁଇ ଓପନର୍ ବୈଭବ ସୂର୍ଯ୍ୟବଂଶୀ ୨୦, ଅଭିଷେକ ଶର୍ମା ୮, ଅଧିନାୟକ ଶ୍ରେୟସ ଆୟର ୨୫, ରିଙ୍କୁ ସିଂ ୧୨ ଓ ଶିବମ ଦୁବେ ୬* ରନ କରିଥିଲେ।

ଜବାବରେ ଘରୋଇ ଦଳ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୭.୫ ଓଭରରେ ୧୨୯ ରନରେ ସମସ୍ତ ୱିକେଟ ହରାଇ ପରାଜୟବରଣ କରିଥିଲା। ବ୍ୟାଟିଂରେ ବିଫଳ ହୋଇଥିବା ଅଭିଷେକ ବୋଲିଂରେ ୩ଟି ଏବଂ ୟଶ ଠାକୁର ଓ ପ୍ରିନ୍ସ ଯାଦବ ୨ଟି ଲେଖାଏ ୱିକେଟ ନେଇଥିଲେ। ଇଶାନ ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ।

# ବିଶ୍ୱରେକର୍ଡ ୧୯ତମ ପଦକ ଜିତିଲେ ଚାର୍ଡ ଲି



ଗ୍ଲାସଗୋ, ୨୫।୭ (ଏଜେନ୍ସି): ରାଜ୍ୟଗୋଷ୍ଠୀ କ୍ରୀଡ଼ା ଇତିହାସରେ ଦକ୍ଷିଣ ଆଫ୍ରିକା ସନ୍ତରଣକାରୀ ଚାଡ ଲି କ୍ଲୋସ ସବୁଠୁ ଅଧିକ ପଦକ ଜିତି ସଫଳତମ ପୁରୁଷ କ୍ରୀଡ଼ାବିତ୍ ହୋଇଛନ୍ତି। ଚଳିତ ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଶନିବାର ପୁରୁଷ ୪ ଗୁଣା ୧୦୦ ମିଟର ଫ୍ରିଷ୍ଟାଇଲ ରିଲେରେ କାଂସ୍ୟ ପଦକ ବିଜୟୀ ଦକ୍ଷିଣ ଆଫ୍ରିକା ଦଳରେ କ୍ଲୋଜ ପ୍ରମୁଖ ସଦସ୍ୟ ରହିଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡ଼ା ଇତିହାସରେ ୩୪ ବର୍ଷୀୟ କ୍ଲୋଜଙ୍କ ଏହା ୧୯ତମ ପଦକ ଥିଲା। ଯେଉଁଥିରେ ୭ଟି ସ୍ୱର୍ଣ୍ଣ, ୪ଟି ରୌପ୍ୟ ଓ ୮ଟି କାଂସ୍ୟ ପଦକ ସାମିଲ ରହିଛି। ୧୮ ବର୍ଷ ବୟସରେ ଚାଡ୍ ୨୦୧୦ ଦିଲ୍ଲୀ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାଗନେଇ ଏହି ମେଗା ପ୍ରତିଯୋଗିତାରେ ପ୍ରଥମଥର ପାଦ ଥାପିଥିଲେ। ସେହି ସଂସ୍କରଣରେ ସେ ୨ଟି ସ୍ୱର୍ଣ୍ଣ ସହ ମୋଟ୍ ପାଞ୍ଚଟି ପଦକ ବିଜୟୀ ହୋଇଥିଲେ। ଏହାପରେ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ୨୦୧୪ ସଂସ୍କରଣରେ ୭, ୨୦୧୮ରେ ୫ ଓ ୨୦୨୩ରେ ମାତ୍ର ଗୋଟିଏ ପଦକ ବିଜୟୀ ହୋଇଥିଲେ। ଏବେ ସେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଇତିହାସରେ ସବୁଠୁ ସଫଳ ପୁରୁଷ କ୍ରୀଡ଼ାବିତ୍ ହୋଇଛନ୍ତି। ଏହିକ୍ରମରେ ସେ ଅଷ୍ଟ୍ରେଲୀୟ ସୁଟର ଫିଲ୍ ଆଦାମ୍ସ ଓ ଇଂଲଣ୍ଡର ମିକ୍ ଗୌଲ୍ଡଙ୍କୁ ପଛରେ ପକାଇଛନ୍ତି। ଉଭୟ ଆଦାମ୍ସ ଓ ଗୌଲ୍ଡ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ମୋଟ୍ ୧୮ଟି ଲେଖାଏ ପଦକ ଜିତିଥିଲେ। ମହିଳାରେ ଅଷ୍ଟ୍ରେଲିଆ ସନ୍ତରଣକାରୀ ଇମା ମ୍ୟାକକେନ ୨୦ ପଦକ ଜିତି ସର୍ବକାଳୀନ ଶ୍ରେଷ୍ଠ କ୍ରୀଡ଼ାବିତ୍ ରହିଛନ୍ତି।

# ଗଞ୍ଜାମ, ଭୁବନେଶ୍ୱରର ପ୍ରାଧାନ୍ୟ





**ରାଜ୍ୟ ଜୁନିଅର ଭାରୋତ୍ତୋଳନ**

ଭୁବନେଶ୍ୱର, ୨୫।୭ (ସମିସ): କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ରାଜ୍ୟ ୧୨ ଓ ୧୪ ବର୍ଷରୁ କମ୍ ଭାରୋତ୍ତୋଳନ ପ୍ରତିଯୋଗିତାରେ ଗଞ୍ଜାମ ଓ ଭୁବନେଶ୍ୱରର ପ୍ରତିଯୋଗୀମାନେ ପ୍ରାଧାନ୍ୟ ବିସ୍ତାର କରିଛନ୍ତି। ଦ୍ୱିତୀୟ ଦିନରେ ଶନିବାର ୧୨ ବର୍ଷରୁ କମ୍ ବାଳିକା ବିଭାଗରେ ପାପାଲି ଜେନା, ପୂଜା ସେଠୀ, ସନ୍ଧ୍ୟା ଶର୍ମା, କବିତା ମହନ୍ତ, ୧୨ ବର୍ଷରୁ କମ୍ ବାଳକରେ ସୂର୍ଯ୍ୟକାନ୍ତ ଖରା, ରାଜବୀର ଦଳାଇ, ୧୪ ବର୍ଷରୁ କମ ବାଳକରେ ଶିବା ରାଓ, ତପନ ମାଝୀ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଅତିଥି ରାଜ୍ୟ ଭାରୋତ୍ତୋଳନ ସଂଘ ଉପସଭାପତି ପରେଶ ମହନ୍ତ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସୋମବାର ପ୍ରତିଯୋଗିତା ଉଦ୍‌ଯାପିତ ହେବ ବୋଲି ରାଜ୍ୟ ସଂଘ ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ ଜଣାଇଛନ୍ତି।

# ରାଜ୍ୟ ସିନିଅର ଚେସ୍ ଉଦ୍‌ଘାଟିତ

ଭୁବନେଶ୍ୱର,୨୫।୭ (ସମିସ): କିଟ୍ ଡିମ୍‌ଡ ୟୁନିଭର୍ସିଟି ପରିସରରେ ରାଜ୍ୟ ୬୭ତମ ରାଜ୍ୟ ସିନିଅର ଫିଡେ ରେଟିଂ ଚେସ୍ ଚାମ୍ପିଅନସିପ୍‌କୁ ଅଲିମ୍ପିଆନ୍ ଅନୁରାଧା ବିଶ୍ୱାଳ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଅଲ୍ ଓଡ଼ିଶା ଚେସ ସଂଘ (ଏଓସିଏ), ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ କିଟ୍ ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ଏହା ଜୁଲାଇ ୨୯ ତାରିଖ ଯାଏ ଖେଳାଯିବ। ଏଥିରେ ୨୨ଟି ଜିଲାରୁ ୨୦ଜଣ ମହିଳା ଓ ୭୬ ଜଣ ଅନ୍ତର୍ଜାତୀୟ ରେଟେଡ ଖେଳାଳିଙ୍କ ସମେତ ମୋଟ ୧୪୫ ଜଣ ଖେଳାଳି ଅଂଶଗ୍ରହଣ କରୁଛନ୍ତି। ଶନିବାର ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ଟପ୍ ସିଡ୍ ଆଶୀର୍ବାଦ ସ୍ୱାଇଁଙ୍କ ସମେତ ୩୦ଜଣ ଖେଳାଳି ମିଳିତଭାବେ ପୂରା ପଏଣ୍ଟ ହାସଲ କରିଛନ୍ତି। ଏଓସିଏ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଚାର୍ଟାର୍ଡ ଆକାଉଟାଣ୍ଟ ରାଜନାରାୟଣ ତ୍ରିପାଠୀ, ପ୍ରିୟବ୍ରତ ପଣ୍ଡା ଅତିଥିଭାବେ ଯୋଗ ଦେଇଥିଲେ। ଏଓସିଏ ଯୁଗ୍ମ ସମ୍ପାଦକ ଭବେଶ ମହାନ୍ତି ପ୍ରାରମ୍ଭିକ ଦେଇଥିଲାବେଳେ ଖୋର୍ଦ୍ଧା ଜିଲ୍ଲା ସମ୍ପାଦକ ଶୁଭାଶିଷ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଆର୍ବିଟର ନିହାରରଞ୍ଜନ ସାସ୍‌ମଲ ଓ ପିଙ୍କି ପ୍ରଧାନଙ୍କ ନେତୃତ୍ୱରେ ଏହି ପ୍ରତିଯୋଗିତା ପରିଚାଳିତ ହେବ।



ନନ୍ଦିଘୋଷ
NANDIGHOSHA TV
RECRUITMENT
Nandighosha TV, one of Odisha's leading media organizations, invites applications from qualified and experienced media professionals to join our Digital Team.
POSITION OPEN
1 COPY EDITOR
Educational Qualification:
Master's Degree / P.G. Diploma in Journalism
Experience:
Minimum 3 years of experience in Digital Media
Key Requirement:
• Basic understanding of Digital platform.
2 MULTIMEDIA PRODUCER
Educational Qualification:
Master's Degree / P.G. Diploma in Journalism
Experience:
Minimum 5 years of experience in Digital Media
Key Requirements:
• Experience in Video Production for social media platforms.
• Basic understanding of Digital algorithm.
HOW TO APPLY
Interested candidates may send their updated resume to: hr@nandighoshatv.com by 31st July 2026
Note: Only shortlisted candidates will be contacted for the selection process.
Contact No. 9437016499 HR Dept.

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS